# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୩/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, June 3/2019 | ★★★★

୪୫ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କାଟ୍ରିନାଙ୍କ ଆଖିକୁ ନିଦ ନାହିଁ**

ଜୁନ୍ ୫ରେ ରିଲିଜ୍ ହେବାକୁ ଯାଉଛି କାଟ୍ରିନା କୈଫ୍ ଅଭିନୀତ ଓଲିଉଡ୍ ଚଳଚ୍ଚିତ୍ର 'ଭାରତ'। ଏଥିଲାଗି ତାଙ୍କ ଆଖିରେ ନିଦ ନ ଥିବା କାଟ୍ରିନା କହିଛନ୍ତି।

୦୫

୧୫

**ରୁଇଜଙ୍କୁ ବିଶ୍ୱ ହେଭିୱେଟ୍ ଟାଇଟଲ**

ବ୍ରିଟେନର ଆନ୍ଥୋନୀ ଜୋଶୁଆଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଆଣ୍ଡି ରୁଇଜ୍ ଜୁନିୟର ବିଶ୍ୱ ହେଭିୱେଟ୍ ଟାଇଟଲ ଜିତିଛନ୍ତି।



# କମିଲାନି ବିଦ୍ୟୁତ୍ ଯାତନା

**ବାତ୍ୟା ଫନୀକୁ ରବିବାର ମାସେ ପୂରିଛି। ହେଲେ ତା' ତାଣ୍ଡବର ଚିହ୍ନ ଏବେ ବି ବାରି ହୋଇପଡୁଛି ପୁରୀ ଜିଲାରେ। ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଥିବାବେଳେ ଏଯାଏ ଦୂର ହୋଇପାରିଲାନି ବିଦ୍ୟୁତ୍ ବିଚ୍ଛିନ୍ନଜନିତ ଯାତନା। ଫଳରେ ଜିଲାର ପ୍ରାୟ ୪୦% ଅଞ୍ଚଳ ଅନ୍ଧକାର ରହିଛି। ସେପଟେ ପର୍ଯ୍ୟଟନ ଶିଳ୍ପ ଠିଆ ହେବା ପାଇଁ ଅଣ୍ଟା ଭିଡୁଛି।**

**ଫନୀକୁ ମାସେ**
- ବିନା ବିଦ୍ୟୁତ୍‌ରେ ପୁରୀ ଜିଲାର ପ୍ରାୟ ୪୦% ଅଞ୍ଚଳ
- ଶତାଧିକ ଗ୍ରାମର ବାସିନ୍ଦା ହନ୍ତସନ୍ତ



ପୁରୀ ଅଫିସ/ନିମାପଡ଼ା,୨।୬(ଡି.ଏନ.ଏ.)

୨୦୧୯ ମେ ୩ ତାରିଖ ଥିଲା ଉପକୂଳବର୍ତ୍ତୀ ପୁରୀ ଜିଲା ପାଇଁ ଅଭିଶପ୍ତ ଦିନ। ସେହିଦିନ ପୂର୍ବାହ୍ନରେ ତାଣ୍ଡବ ରଚାଇଥିଲା ବାତ୍ୟା ଫନୀ। ପବନର ଘୁ ଘୁ ଗର୍ଜନ ଆଉ ବର୍ଷାମାଡ଼ରେ ଭାଙ୍ଗିଯାଇଥିଲା ଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଆଉ ଟେଲି ଟାୱାର। କଚାଘର ମାଟି କାମୁଡ଼ିଥିଲା। ବେସାହାରା ହୋଇଥିଲେ ଲକ୍ଷ ଲକ୍ଷ ଲୋକ। ବାତ୍ୟା ପୂର୍ବରୁ ସରକାରଙ୍କ ସତର୍କତା ସତ୍ତ୍ୱେ ଚାଲିଯାଇଥିଲା ୩୦ରୁ ଊର୍ଦ୍ଧ୍ୱ ଜୀବନ। ବାତ୍ୟା ଚାଲିଯିବା ପରେ ସବୁଆଡେ ଦେଖିବାକୁ ମିଳିଥିଲା ବିଭୀଷିକାର ଚିତ୍ର। ପେଟକୁ ଦାନା ଏବଂ ମୁଣ୍ଡଗୁଞ୍ଜିବା ପାଇଁ ଆରମ୍ଭ ହୋଇଯାଇଥିଲା ସଂଘର୍ଷ। ଇତିମଧ୍ୟରେ ମାସେ ଅତିକ୍ରାନ୍ତ ହୋଇଯାଇଛି। ବାସହରା ହୋଇପଡ଼ିଥିବା ଲୋକେ ନିଜ ଘରକୁ ସଜାଡ଼ିବା ଆରମ୍ଭ କରି ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରିଲିଫ୍ ପ୍ରାୟ ବନ୍ଦ ହୋଇ ଆସିଲାଣି। ବିଭିନ୍ନ ପ୍ରକାର କ୍ଷୟକ୍ଷତିର ଆକଳନ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଳଯୋଗାଣ ସ୍ୱାଭାବିକ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ପୁରୀ ଜିଲାବାସୀଙ୍କୁ ମିଳିପାରୁନି ବିଦ୍ୟୁତ୍। ଫଳରେ ଲୋକେ ଦିନରେ ଅସହ୍ୟ ତାତି, ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଥିବାବେଳେ ରାତିରେ ଅନ୍ଧକାରରେ ରହିବାକୁ ବାଧ୍ୟ ହେଉଛନ୍ତି।

ପୁରୀ ଜିଲାରେ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ରାଜ୍ୟ ସରକାର। ମେ ୧୨ରେ ପୁରୀକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ବିଭାଗ ତା' କଥା ରଖିପାରି ନ ଥିଲା। ୧୫ ତାରିଖରେ ପୁରୀକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହୋଇଥିଲା। ପ୍ରଥମେ ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିରକୁ ସଂଯୋଗ ଦିଆଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସେବା ଦିଆଯାଉଛି। ହେଲେ ଏ ପର୍ଯ୍ୟନ୍ତ ପୁରୀ ସହର ଏବଂ ଏହାର ଉପକଣ୍ଠକୁ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏବେ ବି ଲୋକେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଜାରି ରଖିଛନ୍ତି।

ସେସୁ ପୁରୀ ଡିଭିଜନ ଅନ୍ତର୍ଗତ ପୁରୀ ସହର ଏବଂ ଉପକଣ୍ଠ ଅଞ୍ଚଳରେ ପ୍ରାୟ ୬୪,୦୦୦ ଉପଭୋକ୍ତା ରହିଛନ୍ତି। ରବିବାର ସୁଦ୍ଧା ୬୨ ହଜାର ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ କହିଛନ୍ତି। ସେହିପରି ଜିଲାକୁ ☞ପୃଷ୍ଠା-୪

## ୧୮ରୁ ମୌସୁମୀ ଅଧିବେଶନ



ଭୁବନେଶ୍ୱର,୨।୬(ବ୍ୟୁରୋ)

୧୬ଶ ବିଧାନସଭାର ମୌସୁମୀ ଅଧିବେଶନ ଚଳିତ ମାସ ୧୮ରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ବିଭକ୍ତ ହୋଇ ଅଗଷ୍ଟ ୩ ଯାଏ ☞ପୃଷ୍ଠା-୪

# ପଞ୍ଚଭୂତରେ ବିଲୀନ କଳ୍ପନା

ଢେଙ୍କାନାଳ ଅଫିସ୍, ୨।୬

- ଜନ୍ମମାଟି ସାରିଆପଡ଼ାରୁ ଅଶ୍ରୁଳ ବିଦାୟ
- ଜୟ ଧ୍ୱନିରେ କମ୍ପିଲା ପରିବେଶ

ପଞ୍ଚଭୂତରେ ବିଲୀନ ହୋଇଛି ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ପାର୍ଥିବ ଶରୀର। ସାହସୀ ଝିଅକୁ ଜନ୍ମମାଟିରୁ ଅଶ୍ରୁଳ ବିଦାୟ ଦେଇଛନ୍ତି ଢେଙ୍କାନାଳ ଜିଲାବାସୀ। 'ପାହାଡ଼ରାଣୀ ଅମର ରହେ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇପଡ଼ିଥିବାବେଳେ ଏହାକୁ ନେଇ ଗାଁରୁ ସହରଯାଏ ସୃଷ୍ଟି ହୋଇଥିଲା ଭାବବିହ୍ୱଳ ପରିବେଶ।

କଳ୍ପନାଙ୍କ ମରଶରୀରକୁ ଦୀର୍ଘ ୧୧ଦିନ ଧରି ଚାହିଁ ବସିଥିଲେ ଢେଙ୍କାନାଳବାସୀ। ରବିବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ମୃତଦେହ କଲେଜ ବାଇପାସ୍‌ରେ ପହଞ୍ଚିଥିଲା। ଶବାଧାରରେ ବିଧାୟକ ସୁଧୀର କୁମାର ସାମଲ, ଭାଇ ପ୍ରଦୀପ ଦାଶ ଆସିଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମୃତଦେହକୁ ମିନି ଷ୍ଟାଡିୟମକୁ ଅଣାଯାଇଥିଲା। ୧୨ଟା ୫୨ରେ ଶୋଭାଯାତ୍ରା ଷ୍ଟାଡିୟମରେ ପହଞ୍ଚିଥିଲା। ଏମ୍‌ପି ମହେଶ ସାହୁ, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ଓକିଲ ସଂଘ, କ୍ରୀଡ଼ା ସଙ୍ଗଠନ, ଜିଲା କ୍ରୀଡ଼ା ସଂସଦ, ସାଂସ୍କୃତିକ ଅନୁଷ୍ଠାନ, ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ, ଜିଲା ସାମ୍ବାଦିକ ସଂଘ, ପ୍ରେସ୍ କ୍ଲବର କର୍ମକର୍ତ୍ତାମାନେ କଳ୍ପନାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଏହାପରେ ଶୋଭାଯାତ୍ରା ଚିନ୍ମୟ ମିଶନ ଏବଂ ଜନ୍ମମାଟି ସାରିଆପଡ଼ାକୁ ନିଆଯାଇଥିଲା। ଅପରାହ୍ନ ୨ଟା ୪୫ରେ ସାରିଆପଡ଼ାରେ ମୃତଦେହ ପହଞ୍ଚିବାପରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ହଜାର ହଜାର ଅଞ୍ଚଳବାସୀ ଅଶ୍ରୁଳ ନୟନରେ କଳ୍ପନାଙ୍କୁ ଶେଷଦର୍ଶନ କରିବା ସହ ବିଦାୟ ଜଣାଇଥିଲେ। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ କଳ୍ପନା ପଢୁଥିବା ବଳରାମପୁରସ୍ଥିତ ବିଦ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଛାତ୍ରୀଛାତ୍ରମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ଅପରାହ୍ନ ୪ଟା ୫୫ରେ ଢେଙ୍କାନାଳ କାଞ୍ଚନବଜାରସ୍ଥିତ କଳ୍ପନା ରହୁଥିବା ବାସଭବନରେ ମୃତଦେହ ପହଞ୍ଚିବାପରେ ପରିବାର ସଦସ୍ୟ ଶୋକାଭିଭୂତ ହୋଇପଡ଼ିଥିଲେ। ମା' ଶୈଳବାଳା ଦାଶ, ଭାଇ ପ୍ରଦୀପ ଦାଶ, ପୁତୁରା ଗୌରୀଶଙ୍କର ଦାଶଙ୍କ ସମେତ ଆତ୍ମୀୟସ୍ୱଜନଙ୍କ ବୁକୁଫଟା ଚିତ୍କାର ଦୁଃଖଦ ପରିବେଶ ସୃଷ୍ଟି କରିଥିଲା। କଳ୍ପନାଙ୍କ ମୃତ୍ୟୁକୁ ୧୧ଦିନ ବିତିଛି। ସ୍ୱର୍ଗଦ୍ୱାରରେ କ୍ରିୟାକର୍ମ କରିବାକୁ ପରିବାର ସଦସ୍ୟ ଏକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ହିନ୍ଦୀକୁ ବିରୋଧ

**ଆଜିର ମନ୍ତବ୍ୟ**

“ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଂଶ ଶତାବ୍ଦୀର ଜଣେ ବିପଜ୍ଜନକ ଫାସିବାଦୀ।

-ସାଦିକ୍ ଖାନ୍, ଲଣ୍ଡନ ମେୟର

**କିଛି ତଥ୍ୟ**

ରାଷ୍ଟ୍ରାୟତ୍ତ କୋଲ ଇଣ୍ଡିଆ ଲିମିଟେଡର ଉତ୍ପାଦନରେ ୧.୧% ହ୍ରାସ ଘଟି ୪୬.୫୯ ନିୟୁତ ଟନ ରହିଛି। ଗତ ବର୍ଷ ସମାନ ସମୟରେ ଉତ୍ପାଦନ ୫୭.୧୨ ନିୟୁତ ଟନ୍ ଥିଲା।

-କୋଇଲା ମନ୍ତ୍ରଣାଳୟ







NECC NATIONAL EGG CO-ORDINATION COMMITTEE | 02.06.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 94 | 150 | 160 |
| BDK | 95 | 152 | 162 |
| BLS | 95 | 152 | 162 |
| ANG | 94 | 150 | 160 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ବିଜେପୁର ଛାଡ଼ିଲେ ମୁଖ୍ୟମନ୍ତ୍ରୀ

- ବାଚସ୍ପତିଙ୍କୁ ଦେଲେ ଇସ୍ତଫାପତ୍ର
- ହିଞ୍ଜିଳିକୁ ରଖିଲେ
- ଉପନିର୍ବାଚନ ସମ୍ଭାବନା
- ନିକଟରେ ଘୋଷଣା କରିଥିଲେ ପ୍ୟାକେଜ୍

ଭୁବନେଶ୍ୱର,୨।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ବିଧାନସଭା ଆସନରୁ ରବିବାର ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବିଜେପୁର ବିଧାୟକ ଭାବେ ନିଜ ଇସ୍ତଫାପତ୍ର ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ପଠାଇଛନ୍ତି। ବାଚସ୍ପତି ଏହାକୁ ଗ୍ରହଣ କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ପୂର୍ବପରି ଗଞ୍ଜାମ ଜିଲାର ହିଞ୍ଜିଳି ଆସନକୁ ରଖିଛନ୍ତି। ତେଣୁ ମାତ୍ର ବର୍ଷକରୁ ସାମାନ୍ୟ ଅଧିକ ସମୟ ବ୍ୟବଧାନରେ ବିଜେପୁରରେ ଆଉ ଏକ ନିର୍ବାଚନ ହେବ ବୋଲି ସ୍ପଷ୍ଟ ହୋଇଛି। ବିଜେପୁରବାସୀ ନିର୍ବାଚନରେ ତାଙ୍କୁ ବିପୁଳ ଭୋଟରେ ବିଜୟୀ କରାଇଥିବାରୁ ନବୀନ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ରହିଆସିଥିବା ନବୀନ ପଟ୍ଟନାୟକ ହିଞ୍ଜିଳିରୁ ପ୍ରତିଦ୍ୱନ୍ଦ୍ୱିତା କରି ଜିତିଆସୁଥିଲେ। ପ୍ରଥମଥର ପାଇଁ ☞ପୃଷ୍ଠା-୪

## ପିନାକୀ ବିଜେଡି ଲୋକ ସଭା ଦଳ ନେତା

- ଅଚ୍ୟୁତ ମୁଖ୍ୟ ସଚେତକ



ପିନାକୀ ମିଶ୍ର

ଭୁବନେଶ୍ୱର,୨।୬(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କୁ ଲୋକ ସଭାର ସଂସଦୀୟ ଦଳ ନେତା ଭାବେ ମନୋନୀତ କରାଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଦଳର ମୁଖ୍ୟ ସଚେତକ ଦାୟିତ୍ୱ ଦିଆଯାଇଛି। ସେହିଭଳି କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ନିମ୍ନ ସଦନରେ ଉପ ମୁଖ୍ୟ ସଚେତକ ଭାବେ ☞ପୃଷ୍ଠା-୪




# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ସହାୟତା

**ବଲାଙ୍ଗୀର ଅଫିସ,୨।୬**

ସାମୁଦ୍ରିକ ଝଡ 'ଫନୀ' ଦ୍ୱାରା କ୍ଷତିଗ୍ରସ୍ତ ଉପକୂଳ ଓଡିଶାର ଜନସାଧାରଣଙ୍କୁ ସହାୟତା ନିମନ୍ତେ ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ଜରିଆରେ ବଲାଙ୍ଗୀରରୁ ସଂଗୃହୀତ ୧ ଲକ୍ଷ ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ସମାଜିକ କର୍ମୀ ତଥା ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ଏକ ଟିମ୍ ଭୁବନେଶ୍ୱରସ୍ଥିତ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧ ଲକ୍ଷ ଟଙ୍କର ଚେକ୍ ପ୍ରଦାନ କରିଛନ୍ତି।






# ଜଳୁଛି ପଶ୍ଚିମ, ଉପକୂଳ ଓଡ଼ିଶାକୁ ଆଶ୍ୱସ୍ତି

- ୧୦ ସହରରେ ୪୦ ଡିଗ୍ରୀ ଟପିଲା ପାରଦ
- ଆଜି ୧୦ ଜିଲାରେ କାଳବୈଶାଖୀ ସମ୍ଭାବନା

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ଉପକୂଳ ଓଡ଼ିଶାରେ ତାପମାତ୍ରା ହ୍ରାସ ପାଉଥିବାବେଳେ ଗରମରେ ଛଟପଟ ହେଉଛି ପଶ୍ଚିମ ଓଡ଼ିଶା। ଅତ୍ୟଧିକ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ସାଧାରଣ ଜନଜୀବନ ଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ରବିବାର ୧୦ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୩ ସହରରେ ପାରଦ ୪୩ ଡିଗ୍ରୀ ଛୁଇଁଥିଲା। ଟିଟିଲାଗଡ଼ ୪୩.୮ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଭବାନୀପାଟଣା ଓ ବଲାଙ୍ଗୀର ୪୩, ସମ୍ବଲପୁର ୪୨.୯, ତାଳଚେର ୪୨.୪, ମାଲକାନଗିରି ୪୨.୪, ହୀରାକୁଦ ୪୨.୧, ଅନୁଗୋଳ ୪୧.୧, ସୋନପୁର ୪୧, ଝାରସୁଗୁଡ଼ା ୪୦.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା।

ଏପଟେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରବିବାର ବର୍ଷା ମଧ୍ୟ ହୋଇଛି। କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କୋରାପୁଟ, କନ୍ଧମାଳ ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ଯାଜପୁର, କେନ୍ଦୁଝର, ଭଦ୍ରକ ଓ ଢେଙ୍କାନାଳରେ ଅଧିକ ବର୍ଷା ରେକର୍ଡ କରାଯାଇଛି। ସୋମବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼ ଜିଲାରେ ପବନ ବହିବା ସହିତ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, କନ୍ଧମାଳ ଓ ଗଞ୍ଜାମ ଆଦି ୧୦ଜିଲାରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହିସବୁ ଜିଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏହି ସମୟରେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

# ଡାକବଙ୍ଗଳା ଫାଟକରେ ମାଓବାଦୀ ପୋଷ୍ଟର

**ଫୁଲବାଣୀ ଅଫିସ/ ବାଲିଗୁଡା,୨।୬(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରେ କିଛିଦିନ ହେଲା ମାଓବାଦୀମାନେ ହିଂସାକାଣ୍ଡ ଘଟାଇବା ସହ ବିଭିନ୍ନ ସ୍ଥାନରେ ଧମକପୂର୍ଣ୍ଣ ପୋଷ୍ଟର ମାରି ସ୍ଥିତି ଜାହିର କରୁଛନ୍ତି। ଏପରିକି ସରକାରୀ କର୍ମଚାରୀଙ୍କୁ ମଧ୍ୟ ଧମକ ଦେଇ ପୋଷ୍ଟର ମାରୁଥିବା ଦେଖିବାକୁ ମିଳୁଛି। ଏଭଳି ଏକ ପୋଷ୍ଟର ରବିବାର ବାଲିଗୁଡା ଥାନାଠାରୁ ମାତ୍ର ୨ଶହ ମିଟର ଦୂର ପୂର୍ତ୍ତବିଭାଗ ଡାକବଙ୍ଗଳା ଫାଟକରେ ମରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ପୂର୍ତ୍ତବିଭାଗର ଏସ୍‌ଡିଓ ଭାବେ କାର୍ଯ୍ୟରତ ଭାସ୍କର ଚନ୍ଦ୍ର ସାମନ୍ତରା ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରି ଦୀର୍ଘ ୧୪ବର୍ଷ ହେଲା ବାଲିଗୁଡାରେ ରହି ଦୁର୍ନୀତି କରୁଛନ୍ତି।



ମାଓବାଦୀମାନେ ମାରିଥିବା ପୋଷ୍ଟର।

୪ ମାସ ହେଲା ତାଙ୍କର ବଦଳି ଚିଠି ଆସିଥିଲେ ମଧ୍ୟ ସେ ବାଲିଗୁଡା ଛାଡୁ ନାହାନ୍ତି କାହିଁକି ବୋଲି ଉଲ୍ଲେଖ ରହିଛି। ତୁରନ୍ତ ବଦଳି ହୋଇ ନ ଗଲେ ତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଚେତାବନୀ ଦିଆଯାଇଛି। ପୋଷ୍ଟର ତଳେ କୁତ୍ରା ମାଝୀ, ସମ୍ପାଦକ ବଂଶଧାରା ଡିଭିଜନ, ଖମନଖୋଲ ବୋଲି ଲେଖା ରହିଛି।

ଏନେଇ ଏସ୍‌ଡିଓ ସାମନ୍ତରାଙ୍କ ସହ ଯୋଗଯୋଗ କରିବାରୁ ମୁଁ ଏଠାରେ ୧୦ ବର୍ଷ ହେଲା ଅଛି। କିଏ ଏହି ପୋଷ୍ଟର ମାରିଛି ମୁଁ ସେ ବିଷୟରେ ଜାଣିନାହିଁ। ଟଙ୍କା ହଡପ ଘଟଣା ମିଥ୍ୟା, ମୋର ବଦଳି ହୋଇଛି ମୁଁ ଖୁବ୍‌ଶୀଘ୍ର ବଦଳି ସ୍ଥାନକୁ ଚାଲିଯିବି ବୋଲି କହିଥିଲେ।

# ଯୁବକଙ୍କୁ ଟାଣିନେଲା କୁମ୍ଭୀର

- ବ୍ରାହ୍ମଣୀ ନଦୀରେ ଗାଧୋଉଥିଲେ

**ପଟ୍ଟାମୁଣ୍ଡାଇ,୨।୬(ସ୍ୱ.ପ୍ର)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମଣ୍ଡପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ(୪୭) ରବିବାର ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିନାହିଁ।

ପ୍ରକାଶ ଯେ, ସଞ୍ଜୟ ତାଙ୍କର ଜଣେ ସାଙ୍ଗ ସହିତ ସକାଳ ୯ଟା ବେଳେ ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ନଦୀରେ ଗାଧୋଇବା ବେଳେ ସଞ୍ଜୟ ହଠାତ୍ ପାଣି ଭିତରେ କେଉଁଆଡେ ନିଖୋଜ ହୋଇ ଯାଇଥିଲେ । ତାଙ୍କ ସାଙ୍ଗରେ ଯାଇଥିବା ଯୁବକ ଜଣକ ପାଟି କରି ଡାକିଥିଲେ ହେଁ କୌଣସି ଉତ୍ତର ପାଇ ନ ଥିଲେ। ଫଳରେ ତାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରି



ସଞ୍ଜୟ କୁମାର ପ୍ରଧାନ

ଏ ନେଇ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଏହା ପ୍ରଚାରିତ ହୋଇଯିବା ପରେ ନଦୀ କୂଳ ଲୋକାରଣ୍ୟ ହୋଇପଡିଥିଲା। ଖବର ପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ନଦୀ ଭିତରେ ସଞ୍ଜୟଙ୍କୁ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ସାଢେ ୬ଟା ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ । ରାତି ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଏହି ନଦୀରେ ୪ ଟି କୁମ୍ଭୀର ଚଳପ୍ରଚଳ କରୁଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ସଞ୍ଜୟଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରାଯାଉଛି । ମଣ୍ଡପଡା ଗ୍ରାମର ସ୍ୱର୍ଗତ କୃପାସିନ୍ଧୁ ପ୍ରଧାନଙ୍କ ସାନପୁଅ ସଞ୍ଜୟ । ସେ ସୁଦୂର ଦୁବାଇରେ ପାଣି ପାଇପ ମିସ୍ତ୍ରି ଭାବେ କାମ କରନ୍ତି । ଗତ କିଛି ଦିନ ତଳେ ସେ ଗ୍ରାମକୁ ଆସିଥିଲେ । ଘରେ ତାଙ୍କର ୩ ଭାଇ, ପତ୍ନୀ ଓ ୨ଟି ପୁଅ ଅଛନ୍ତି । ସଞ୍ଜୟ ନିଖୋଜ ହେବା ପରେ ତାଙ୍କ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ଅପରାହ୍ନରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବାଛରା ସରପଞ୍ଚ ସମୀର କୁମାର ପ୍ରଧାନ ନିଖୋଜ ଯୁବକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।






# ବକ୍ସି ଜଗବନ୍ଧୁଙ୍କ ଆତ୍ମସମର୍ପଣ

ଐତିହ୍ୟର ଓଡ଼ିଶା

**ନେତୃସ୍ଥାନୀୟ ପାଇକ ବୀରମାନଙ୍କ ପାଇଁ ଅର୍ଥ ପ୍ରଲୋଭନ ଘୋଷଣା**



ବକ୍ସି ଜଗବନ୍ଧୁଙ୍କ କଚେରିଘର ଯିବା ରାସ୍ତା ଦ୍ୱାର ଉପରେ ଥିବା ତୋରଣ।



ବକ୍ସି ଜଗବନ୍ଧୁଙ୍କ କଚେରିଘର ଫଟୋ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ଡ. ସୁରେନ୍ଦ୍ର କୁମାର ମିଶ୍ର**

୧୮୧୮ନଭେମ୍ବର ୫ ଓ ୬ ତାରିଖରେ ଇଂରେଜମାନଙ୍କୁ ଖୁବ୍ ସଫଳତା ମିଳିଥିଲା। ସେମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ଭାଟପଡ଼ାର ଦୀନବନ୍ଧୁ ସାମନ୍ତରାୟ ନଭେମ୍ବର ୫ ତାରିଖରେ ଆତ୍ମସମର୍ପଣ ଘୋଷଣା କରିବାର କିଛି ସମୟ ପରେ ଅରାଙ୍ଗ ଦଳବେହେରା ବି ଆତ୍ମସମର୍ପଣ ଘୋଷଣା କରିଥିଲେ, ତଥାପି ଭାଟପଡ଼ା ଓ ଅରାଙ୍ଗଗଡ଼ ଶାନ୍ତ ହେବାର ସମ୍ଭାବନା ନ ଥିଲା। ଦୁଇ ଗଡ଼ର ବୀରମାନେ ଲୁଚିଛପି ଯୁଦ୍ଧର ଘନଘଟାକୁ ବଞ୍ଚାଇ ରଖିଥିଲେ। ପାଇକ ସର୍ଦ୍ଦାର ଅଚ୍ୟୁତ ସାମନ୍ତରାୟ ନଭେମ୍ବର ୬ତାରିଖ ଦିନ ଆତ୍ମସମର୍ପଣ କରିବା ପରେ ଇଂରେଜ ଅଧିକାରୀମାନେ ଖୁସି ହୋଇଯାଇଥିଲେ ସତ, କିନ୍ତୁ ସେ ଖୁସି ସ୍ଥାୟୀ ନ ଥିଲା। ଇତିହାସର ଆଲୋଚନାରୁ ସମ୍ଭାବନା ଦେଖାଯାଏ ପାଇକମାନେ ତାଙ୍କ ସର୍ଦ୍ଦାରଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ନ ଥିଲେ। ଇଂରେଜ ଅଧିକାରୀ ଖୁସି ହୋଇଯାଇଥିଲେ, ଏକଥା ଲେଖାଯିବାର ଉଦ୍ଦେଶ୍ୟ ପାଇକ ସର୍ଦ୍ଦାରଙ୍କ ଆତ୍ମସମର୍ପଣ ପରେ ପରେ ଗଭର୍ନର ଜେନେରାଲ ଇନ୍-କାଉନ୍‌ସିଲ ସମସ୍ତ ଆତ୍ମସମର୍ପଣକାରୀଙ୍କୁ ବିନା ସର୍ତ୍ତରେ କ୍ଷମା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣାରେ ପୁରସ୍କାରର ପ୍ରଲୋଭନ ରାଶି ମଧ୍ୟ ଘୋଷଣା କରାଯାଇଥିଲା।

ବିନା ସର୍ତ୍ତରେ ଆତ୍ମସମର୍ପଣ ଘୋଷଣା ପରେ ଭେଦୁଆଙ୍କ ଚକ୍ରାନ୍ତର ଶିକାର ହୋଇ ଅନ୍ତର୍ଯ୍ୟାମୀ ପାହାଡ଼ସିଂହ, ରାମଚନ୍ଦ୍ର ସାମନ୍ତରା, ଶ୍ରୀହରି ମାନସିଂହ ଓ ବିଶ୍ୱନାଥ ହରିଚନ୍ଦନ ଆତ୍ମସମର୍ପଣ କରିଥିଲେ ବୋଲି ଇତିହାସରୁ ଜଣାଯାଏ। ଭଗବାନ୍ ସିଂହ ଆତ୍ମସମର୍ପଣ ନ କରି ଶହୀଦ ହୋଇଥିଲେ। ତାଙ୍କୁ ମାରି ଦିଆଯାଇଥିଲା କି ବିଦ୍ରୋହ କରି ଶହୀଦ ହୋଇଥିଲେ ତାହା ଅନୁସନ୍ଧାନକୁ ଅପେକ୍ଷା ରଖିଛି।

ଦାମ ସୁବୁଦ୍ଧି ଓ କରୁଣାକର ପରମଗୁରୁ ଆତ୍ମସମର୍ପଣ ନ କରିବାରୁ ଶେଷରେ ଇଂରେଜ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ବିପ୍ଳବୀଙ୍କ ସଂଖ୍ୟା ଏତିକିରେ ସୀମିତ ନ ଥିଲା। ଅନେକ ଯୋଦ୍ଧା ଇତିହାସର ଆଢୁଆଳରେ ରହିଯାଇଛନ୍ତି। ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିବ, ତାହା ସହଜରେ ଅନୁମାନ କରିପାରିବା। କାହାକୁ କେଉଁଠି ଗିରଫ କଲେ, କେଉଁଠି ନେଇ ରଖିଲେ, କାହାକୁ ହତ୍ୟା କଲେ, ତା'ର ହିସାବ ରଖିବାକୁ ସମୟ ନ ଥିଲା କି ସୁବିଧା ସୁଯୋଗ ବି ନ ଥିଲା। ଭୟର ବାତାବରଣ ସୃଷ୍ଟି କରି ଫିରିଙ୍ଗି ଶାସନ ଦମନଲୀଳା ଚଳାଇଥିଲେ।

ଇତିହାସରୁ ଜଣାଯାଏ ଅର୍ଥର ପ୍ରଲୋଭନ ଦେଖାଇ ନେତୃତ୍ୱ ନେଉଥିବା ବୀରମାନଙ୍କୁ କରାୟତ୍ତ କରିବାକୁ ଜାଲ ବିଛାଇଥିଲେ। ଜେଲ ଭାଙ୍ଗି ଚାଲି ଯାଇଥିବାରୁ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଧରାଇଦେଲେ ପୁରସ୍କାର ବାବଦରେ ହଜାରେ ଟଙ୍କା ଘୋଷଣା ହୋଇଥିଲା। ସେହିପରି ଗୋପାଳ ଛୋଟରାୟ, ପଦ୍ମନାଭ ଛୋଟରାୟ, ଧରମୁ ହରିଚନ୍ଦନ, ଲୋକନାଥ ବଳିୟାରସିଂହ, ଆଦିକନ୍ଦ ବିଦ୍ୟାଧର, ଉପେନ୍ଦ୍ର ଜଗଦ୍ଦେବ, ଦୀନବନ୍ଧୁ ସାମନ୍ତରାୟ ଓ ପୁରୁଷୋତ୍ତମ ମାନସିଂହଙ୍କୁ ଧରାଇ ଦେବା ପାଇଁ ହଜାରେ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଦେବାନ୍ କୃଷ୍ଣଚନ୍ଦ୍ରଙ୍କ ପାଇଁ ଦୁଇ ହଜାର ଓ ବକ୍ସି ଜଗବନ୍ଧୁଙ୍କ ପାଇଁ ୫ହଜାର ଟଙ୍କା ଘୋଷଣା କରାଯାଇଥିଲା। କିଭଳି ମାନସିକତାରେ ଏମାନେ ଓ ଲୋକଲୋଚନକୁ ଆସି ନ ଥିବା ବୀରପୁରୁଷମାନେ ଲୁଚିଛପି ଦେଶ ଲାଗି ଦୁଃଖକଷ୍ଟ ଆପଣେଇ ନେଇଥିବେ, ତାହା ଏବେ ବି ସଠିକ୍ ଶୈଳୀରେ ଜାତୀୟ ସ୍ତରରେ ଉପସ୍ଥାପନ କରିନାହୁଁ। ଏମାନଙ୍କ ପରିବାରର ଅବସ୍ଥା କେତେ କରୁଣ ହୋଇଥିବ ସେତେବେଳେ! ସେ ଗାଁ, ସେ ଘର ଆମ ଐତିହ୍ୟର ମୂକସାକ୍ଷୀ। ୨୧୩ ବର୍ଷ ସ୍ଥାନରେ ୨୦୦ବର୍ଷ ପୂର୍ତ୍ତି ପାଳିଲେ, ହଉ ହେଲା, କିନ୍ତୁ ପାଳନ ଅବସରରେ ଐତିହ୍ୟଗୁଡ଼ିକୁ ସାଉଁଟିବା ଆମେ ଭୁଲିଯାଇନେ ତ!!

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିବା ଯୁଦ୍ଧ ପରଠାରୁ ଯୁଦ୍ଧର ନିଆଁ ବ୍ୟାପିଥିଲା ସିନା, କମି ନ ଥିଲା। ୧୮୧୭ ମସିହାରେ ଏହା ବିସ୍ଫୋରକ ରୂପ ଧାରଣ କରିବା ପରେ ସହଜରେ ଶାନ୍ତ ବି ହୋଇ ନ ଥିଲା। ଯୁଦ୍ଧର ନିଆଁ ଲିଭୁ ନଥିଲା ବୋଲି ତ ଆତ୍ମସମର୍ପଣ ପାଇଁ ଘୋଷଣା, ଭେଦୁଆଙ୍କଦ୍ୱାରା କରାୟତ୍ତ କରିବାର ଅଭିସନ୍ଧି ଚାଲୁ ରଖିଥିଲେ କମ୍ପାନୀ ସରକାର! ପୁରସ୍କାର ଘୋଷଣା ପରେ ବି ସ୍ୱାଭିମାନୀ ଓଡ଼ିଆ ବୀରମାନେ ସହଜରେ ଶାନ୍ତ ହୋଇ ନ ଥିଲେ। ୧୮୦୪ ମସିହା ଯୁଦ୍ଧରେ ସାମିଲ ଥିବା ଯୁବକମାନେ ୧୮୧୭ ମସିହାରେ ମଧ୍ୟ ସକ୍ରିୟ ଥିଲେ। ୧୮୧୭ ମସିହା ଯୁଦ୍ଧରେ ସାମିଲ ଥିବା ବୀର ଯୁବକମାନେ ତାପଙ୍ଗ ଦଳବେହେରାଙ୍କ ସହିତ ମଧ୍ୟ ମିଳିତ ହୋଇ ଯାଇଥିଲେ। ପ୍ରସ୍ତୁତି ଧାରାବାହିକ ଭାବରେ ଚାଲୁ ରହିଥିଲା। ହଠାତ୍ ୧୮୨୫ ମସିହାରେ ସବୁ ଓଲଟ ପାଲଟ ହୋଇଗଲା। ବକ୍ସି ଜଗବନ୍ଧୁ କଟକଠାରେ ଆତ୍ମସମର୍ପଣ କଲେ ମେ ୨୭ ତାରିଖରେ। ତା' ପରବର୍ଷ ଜାନୁୟାରୀ ୨ ତାରିଖରେ ଦେୱାନ କୃଷ୍ଣଚନ୍ଦ୍ର ଖୋର୍ଦ୍ଧାରେ ଆତ୍ମସମର୍ପଣ କରି ଦେଇଥିଲେ।




## ସଂକ୍ଷେପରେ

### ଆଜି ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ

ଭୁବନେଶ୍ୱର, ୨୧୬(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନରେ ପରୀକ୍ଷା ଫଳ ପ୍ରକାଶ କରାଯିବ। ଏହି ସମୟଠାରୁ ପରୀକ୍ଷାର୍ଥୀମାନେ www.chseodisha.nic.in ଓ www.orissaresults.nic.in ୱେବ୍‌ସାଇଟ୍‌ରେ ରେଜଲ୍ଟ ଦେଖିପାରିବେ। ଛାତ୍ରୀଛାତ୍ରମାନେ ନିଜର ରୋଲ୍ ନମ୍ବର ଓ ରେଜିଷ୍ଟ୍ରେଶନ ନମ୍ବର ଦେଇ ନିଜ ପରୀକ୍ଷା ଫଳ ପାଇପାରିବେ ବୋଲି ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଏଥର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହୋଇଥିଲା। ଚଳିତବର୍ଷ ୯୯ ହଜାର ୧୮ଜଣ ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଦେଇଛନ୍ତି।

### ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ

ସଇଁତଲା,୨୧୬ (ଡି.ଏନ.ଏ.): ସଇଁତଲା ଥାନା ଅନ୍ତଗତ ଗୋଳାବାରୁଦ କାରଖାନାସ୍ଥିତ ଡାକ୍ତରଖାନା ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିଯୋଗୁ କାରଖାନାରେ ଡ୍ରାଇଭର ଭାବରେ କାର୍ଯ୍ୟରତ ଗଙ୍ଗାଧର ନାଏକ(୪୬)ଙ୍କ ମୃତ୍ୟୁ ଘଟିଛି। ଶନିବାର ରାତି ପ୍ରାୟ ୧୦ଟାରେ ଗଙ୍ଗାଧର ଅନ୍ୟଜଣେ ଡ୍ରାଇଭରଙ୍କୁ ଟାଇପ-୨ କ୍ୱାର୍ଟର ଅଞ୍ଚଳକୁ ବାଇକ ଯୋଗେ ଛାଡ଼ିବାକୁ ଆସିଥିଲେ। ବନ୍ଧୁଙ୍କୁ ଛାଡ଼ି ନିଜ ସରକାରୀ ବାସଭବନକୁ ସେ ଫେରୁଥିବାବେଳେ ଡାକ୍ତରଖାନା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଡାଇଗ୍ନୋଷ୍ଟିକ ନାମରେ ଚାଲିଛି ଗର୍ଭପାତ

ନୟାଗଡ଼ ଅଫିସ,୨୧୬

୧୧ବର୍ଷ ତଳେ କନ୍ୟାଭ୍ରୂଣ ହତ୍ୟାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ନୟାଗଡ଼ ଏବେ ପୁଣି ଚର୍ଚ୍ଚାରେ। ସହରର ଏକ ହାଡଭଙ୍ଗା ଚିକିତ୍ସାଳୟରେ ଡାଇଗ୍ନୋଷ୍ଟିକ ନାମରେ ବେଆଇନ ଗର୍ଭପାତ ଚାଲିଥିବା ସାମ୍ନାକୁ ଆସିଛି। ଶନିବାର ରାତିରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ଏହାକୁ ରୋକାଯାଇଛି। ସେଠାରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ କ୍ୱାକ୍‌ଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ନୟାଗଡ଼ ବ୍ଲକ ସରପଡ଼ା ଗ୍ରାମର ଶ୍ରୀଧର ପ୍ରଧାନ। ଏହି ଲଜ୍ଜାକର ଘଟଣା ପଦାକୁ ଆସିବା ପରେ ୨୦୦୮ କନ୍ୟାଭ୍ରୂଣ ହତ୍ୟା ମାମଲାର ସ୍ମୃତି ପୁଣିଥରେ ଉଜ୍ଜୀବିତ ହୋଇଛି।

ଶନିବାର ରାତି ୧୦ଟା ୩୦ରେ ଏଡିଏମ୍‌ଓ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ମୁଖ୍ୟ ଚିକିତ୍ସାଳୟ ପଛପଟେ ଥିବା ଏକ ହାଡଭଙ୍ଗା ଚିକିତ୍ସାଳୟରେ ବେଆଇନ ଗର୍ଭପାତ ହେଉଥିବା ଖବର ମିଳିଥିଲା। ପରେ ସେ ଏ ନେଇ ଜିଲା ପ୍ରଶାସନକୁ ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତି ୧୧ଟା ୩୦ରେ ସେମାନେ ପହଞ୍ଚି ଜାଣିବାକୁ ପାଇଲେ ଯେ, କଟକ ଜିଲା ନରସିଂହପୁର ଥାନା ଖଳିସାହି ଅଞ୍ଚଳର ଏକ ଦମ୍ପତି ଗର୍ଭପାତ କରିବାକୁ ଏଠାକୁ ଆସିଥିଲେ। ଦମ୍ପତିଙ୍କ ୪ବର୍ଷର ଯାଆଁଳା ଶିଶୁ କନ୍ୟା ରହିଛି। ମହିଳା ଜଣକ ୩ ମାସର ଗର୍ଭବତୀ ହୋଇଥିବା ବେଳେ ତାଙ୍କ ପେଟରେ କନ୍ୟା ଥିବା ଜାଣିବାକୁ ପାଇଥିଲେ। ତେଣୁ ସେ ନରସିଂହପୁର ଅଞ୍ଚଳର ଏକ ନର୍ସିଂ ହୋମ୍‌ରେ ପରାମର୍ଶ କରିଥିଲେ। ସେଠାରେ ଥିବା ଜଣେ ନର୍ସ ନୟାଗଡ଼ରେ ଗର୍ଭପାତ ହେଉଥିବା ସୂଚନା ଦେଇଥିଲେ। ଫଳରେ ଦମ୍ପତି ଶନିବାର ନୟାଗଡ଼ ଆସିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନର୍ସଙ୍କୁ ଫୋନ୍ କରିବା ପରେ ଦୁଇଜଣ ବ୍ୟକ୍ତି ଆସି ସେମାନଙ୍କୁ ଉକ୍ତ ସ୍ଥାନକୁ ନେଇଥିଲେ। ପରେ ମହିଳାଙ୍କୁ ଶ୍ରୀଧର ମେଡ଼ିସିନ୍ ଓ ଇଞ୍ଜେକସନ୍ ଦେଇ ସାରିଥିବାବେଳେ ସକାଳୁ ଗର୍ଭପାତ ହେବାର ଥିଲା। ଏପରି ସମୟରେ ପ୍ରଶାସନର ଟିମ୍ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଉକ୍ତ ଚିକିତ୍ସାଳୟର ନାମ କାଗଜପତ୍ରରେ ନୟାଗଡ଼ ଡାଇଗ୍ନୋଷ୍ଟିକ୍ ଲେଖାଯାଇଛି। ସେଠାରେ ହାଡ଼ଭଙ୍ଗା ସେକ ଦେବା ପାଇଁ ବିଭିନ୍ନ ଯନ୍ତ୍ରପାତି ଓ ଔଷଧ ଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଅଟକ ରହିଥିବା ଜଣେ ଯୁବକ ସେଠାରେ ବର୍ଷେ ହେଲା ବେଆଇନ ଗର୍ଭପାତ କରାଯାଉଥିବା ସ୍ୱୀକାର କରିଥିଲେ। ତହସିଲଦାର ମନୋରଞ୍ଜନ ସାହୁ କହନ୍ତି, ଖବର ମିଳିବା ପରେ ଆମେ ଉକ୍ତ ଚିକିତ୍ସାଳୟରେ ଚଢ଼ାଉ କରି ସିଲ୍ କରିଥିଲୁ। ଏହାର ତଦନ୍ତ କରାଯାଉଥିବା ସେ ପ୍ରକାଶ କରିଥିଲେ। ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କହନ୍ତି, ଏ ନେଇ ଥାନାରେ ୭୨/୧୯ରେ ମାମଲା ରୁଜୁ କରାଯାଇ ଶ୍ରୀଧରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଚିକିତ୍ସାଳୟଟି ଏକ ଭଡ଼ାଘରେ ଚାଲୁଥିବା ବେଳେ ଏହାର ମାଲିକ କଟକରେ ରହୁଥିବା ଜଣାପଡ଼ିଛି। ମହିଳା ଜଣକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ମୃତ ଶିଶୁକନ୍ୟା ପ୍ରସବ କରିଥିବା ବେଳେ ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଏହି ଘଟଣା ପରେ ଜିଲାରେ ଏବେ ବି ଗର୍ଭପାତ ଚାଲୁଥିବା ସ୍ପଷ୍ଟ ହୋଇଛି।


ପ୍ରଶାସନ ଓ ପୋଲିସ ପକ୍ଷରୁ ରାତିରେ ଚଢ଼ାଉ କରାଯାଉଛି।

**ନୟାଗଡ଼ରେ ଲଜ୍ଜା**
- ହାଡ଼ଭଙ୍ଗା ଚିକିତ୍ସାଳୟରେ ଚଢ଼ାଉ
- ବେଆଇନ ଗର୍ଭପାତ ରୋକିଲା ପ୍ରଶାସନ
- ମହିଳା ଉଦ୍ଧାର, କ୍ୱାକ୍ ଗିରଫ

# ଟ୍ରେନ୍‌ରେ ଡକାୟତି ଯୋଜନା: ଗ୍ୟାଙ୍ଗର ୬ ଗିରଫ

ବ୍ରହ୍ମପୁର ଅଫିସ,୨୧୬

ବ୍ରହ୍ମପୁର ରେଳବାଇ ପୋଲିସ ଶନିବାର ବିଳମ୍ବିତ ରାତିରେ ୪ ନମ୍ବର ପ୍ଲାଟଫର୍ମରୁ କୋଣାର୍କ ଏକ୍ସପ୍ରେସରେ ଡକାୟତି ଯୋଜନା କରୁଥିବା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସମେତ ୬ ଜଣଙ୍କୁ କାବୁ କରିଛି । ସେମାନଙ୍କ ମଧ୍ୟରେ ୫ ଜଣ ବିହାର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ଖୋର୍ଦ୍ଧାର ବୋଲି ରେଳବାଇ ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ମୁଙ୍ଗେର ଜିଲାର ରାହୁଲ ମଣ୍ଡଳ (୨୫), ଛୋଟୁ ସାହା (୨୭), ମୁକେଶ ସାହା (୪୪), ଟିଷ୍ଟୁ କୁମାର (୨୨), ରବନ କୁମାର (୨୦) ଓ ଖୋର୍ଦ୍ଧାର ଅନାଥ ବେହେରା (୩୧) । ସେମାନଙ୍କଠାରୁ ୩ଟି ଛୁରି, ଗୋଟିଏ ଭୁଜାଲି, ୩୦ ହଜାର ୩୫୦ ଟଙ୍କା, ବ୍ରହ୍ମପୁରରୁ ଭୁବନେଶ୍ୱର ଯିବା ପାଇଁ ୬ ଟି ଟ୍ରେନ ଟିକେଟ ଓ ଲଙ୍କା ଗୁଣ୍ଡ ପୋଲିସ ଜବତ କରିଛି ।

ପ୍ରକାଶ ଯେ, ଶନିବାର ରାତି ପ୍ରାୟ ଗୋଟାଏ ବେଳେ ବ୍ରହ୍ମପୁର ରେଳ ଷ୍ଟେଶନ ୪ ନଂ. ପ୍ଲାଟଫର୍ମରେ କେତେକ ଦୁର୍ବୃତ୍ତ ଏକତ୍ରିତ ହୋଇଥିବା ପୋଲିସ ଖବର ପାଇଥିଲା । ଥାନାଧିକାରୀ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଉପରୋକ୍ତ ଡକାୟତ ଗ୍ୟାଙ୍ଗକୁ ଧରିଥିଲା । କୋଣାର୍କ ଏକ୍ସପ୍ରେସରେ ଡକାୟତି ପାଇଁ ସେମାନେ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି । ମାମଲା ନଂ. ୩୯/୧୯ ଅନୁସାରେ ମାଷ୍ଟରମାଇଣ୍ଡ ରାହୁଲଙ୍କ ସମେତ ୬ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।



ଗିରଫ ହୋଇଥିବା ୬ ଡକାୟତ।

# ଚମ୍ପୁଆକୁ ପଶିଲେ ୪ ଝାଡ଼ଖଣ୍ଡ ହାତୀ

ଚମ୍ପୁଆ,୨୧୬(ଡି.ଏନ.ଏ)

ଦୀର୍ଘଦିନ ବ୍ୟବଧାନ ପରେ କେନ୍ଦୁଝର ଜିଲା ଚମ୍ପୁଆ ସେକ୍ସନକୁ ଝାଡ଼ଖଣ୍ଡ ହାତୀପଲ ଚାଲି ଆସିଛନ୍ତି। ଉକ୍ତ ପଲରେ ଦୁଇ ମାଈ ଓ ୨ ଅଣ୍ଡିରା ହାତୀ ଅଛନ୍ତି। ଝାଡଖଣ୍ଡରୁ ଆସିଥିବା ହାତୀପଲ ବୈତରଣୀ ପାର ହୋଇ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲକୁ ପଶିଛନ୍ତି। ଶନିବାର ରାତି ପ୍ରାୟ ୧୦ଟା ସମୟରେ ସେମାନେ କଙ୍କଡାପାଟ, ଅଡଙ୍ଗାପାଳ, ମଙ୍ଗଳପୁର ଓ ଜଡିପଦା ଦେଇ ମଥୁରାପୁର ଜଙ୍ଗଲ ରାସ୍ତା ଦେଇ କାଳିକାପ୍ରସାଦ ଜଙ୍ଗଲରେ ପହଞ୍ଚିଥିଲେ। ରବିବାର ଏହି ହାତୀପଲ ରଜିଆ ଜଙ୍ଗଲରେ ରହିଛନ୍ତି। ଚଲା ବାଟରେ ହାତୀପଲ ବହୁ ଖରାଟିଆ ଡାଲୁଅ ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ଏ ସମ୍ପର୍କରେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ଝାଡ଼ଖଣ୍ଡ ହାତୀପଲର ଗତିବିଧି ଉପରେ ବାଲିବନ୍ଧ, ଉଖୁଣ୍ଡା ଓ ଚମ୍ପୁଆ ସେକ୍ସନର ସ୍କ୍ୱାଡ ନଜର ରଖିଥିବା ସେ କହିଛନ୍ତି। ଯେଉଁମାନଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।


ଜଙ୍ଗଲରେ ଥିବା ହାତୀପଲ ।




# ଚଢ଼େଇ ରୂପରେ ଆସିଥିଲା ମୃତ୍ୟୁ ଦୂତ

ଖଇରପୁଟ/ଗୋବିନ୍ଦପାଲ୍ଲି, ୨୧୬ (ଡି.ଏନ୍.ଏ.)

- ଚଢ଼େଇ ଧରିବାକୁ ଟ୍ରାନ୍ସଫର୍ମରରେ ଚଢ଼ିଥିଲେ ୭ ବର୍ଷର ବଣ୍ଡା ବାଳକ
- ବିଦ୍ୟୁତ୍ ଆଘାତରେ ଚାଲିଗଲା ଜୀବନ

ଚଢେଇ ରୂପରେ ଆସିଥିଲା ମୃତ୍ୟୁଦୂତ। ସେଇ ଚଢେଇ ଧରିବା ପାଇଁ ତା ପଛରେ ଗୋଡାଇ ଥିଲେ ୭ବର୍ଷର ବଣ୍ଡା ବାଳକ। ଚଢେଇ ଯାଇ ଟ୍ରାନ୍ସଫର୍ମର ଉପରେ ବସିଥିଲା। ବାଳକ ଜଣଙ୍କ ଟ୍ରାନ୍ସଫର୍ମର ଉପରେ ଚଢ଼ିବା କ୍ଷଣି ବିଦ୍ୟୁତ୍ ଆଘାତରେ ଲିଭିଗଲା ନିରୀହ ବାଳକର ଜୀବନ ଦୀପ। କାଳର ଏଭଳି ଆକସ୍ମିକ ଖେଳ ମାଲକାନଗିରି ଜିଲା ଖଇରପୁଟରେ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ ଖଇରପୁଟ ବ୍ଲକ କଦମଗୁଡା ପଞ୍ଚାୟତ ପାକନାଗୁଡ଼ା ଗାଁର ରାମଚନ୍ଦ୍ର ଶିଶାଙ୍କ ପୁଅ ରାଜେନ୍ଦ୍ର(୭) ସାଙ୍ଗମାନଙ୍କ ସହ ରବିବାର ସକାଳେ ଖେଳୁଥିବାବେଳେ ଏକ ଚଢେଇ ଦେଖି ତା ପଛରେ ଗୋଡାଇଥିଲେ। ଚଢେଇଟି ଉଡିଯାଇ ଗାଁରେ ଥିବା ଟ୍ରାନ୍ସଫର୍ମର ଉପରେ ବସିଯାଇଥିଲା। ଚଢେଇକୁ ଧରିବାକୁ ରାଜେନ୍ଦ୍ର ଟ୍ରାନ୍ସଫର୍ମର ଉପରେ ଚଢିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କରେଣ୍ଟ ନ ଥିବାବେଳେ ରାଜେନ୍ଦ୍ର ଟାନ୍ସଫର୍ମର ଉପରେ ଚଢିଥିଲେ। କିନ୍ତୁ ହଠାତ୍ କରେଣ୍ଟ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ମୁଦୁଲିପଡା ପୋଲିସ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀ ମୃତଦେହକୁ ଟାନ୍ସଫର୍ମର ତଳକୁ ଆଣିଥିଲେ। ଶୋକସନ୍ତପ୍ତ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ପରେ ଏକ ଶୋକାକୁଳ ପରିବେଶରେ ରାଜେନ୍ଦ୍ରଙ୍କ ମୃତଦେହର ସତ୍କାର କରାଯାଇଥିଲା।

# ଭାଜପାକୁ ବୁଦ୍ଧି ଶିଖାଇଲେ ନୀତୀଶ

## ■ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସହଯୋଗୀ ଦଳକୁ ନେଲେନି

ପାଟନା,୨୧୬(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ଏହି ସମ୍ପ୍ରସାରଣରେ ସଂଯୁକ୍ତ ଜନତା ଦଳର ୮ ବିଧାୟକଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଥିବାବେଳେ ସହଯୋଗୀ ଦଳ ଭାଜପାରୁ ଜଣେ ହେଲେ ସ୍ଥାନ ପାଇନାହାନ୍ତି। ଫଳରେ ଏନ୍‌ଡିଏରେ ଫାଟ ସୃଷ୍ଟି ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ନୀତୀଶ ଏହାକୁ ଖଣ୍ଡନ କରିଛନ୍ତି। ଭାଜପାକୁ ଗୋଟିଏ ମନ୍ତ୍ରୀପଦ ଯଚାଯାଇଥିଲେ ମଧ୍ୟ ଏହା ଗ୍ରହଣ କରିବାକୁ ଗୈରିକ ଦଳ ରାଜି ହେଲାନାହିଁ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦୁଇଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ସରକାରରେ ଜେଡିୟୁକୁ ଗୋଟିଏ ମନ୍ତ୍ରୀପଦ ଯଚାଯିବାରୁ ତାହାକୁ ନୀତୀଶ ଅଗ୍ରାହ୍ୟ କରି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ତାଙ୍କ ଦଳ ସାମିଲ ହେବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ସେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଭାଜପାକୁ ବୁଦ୍ଧି ଶିଖାଇଥିବା କୁହାଯାଉଛି। 'ଯେସାକୁ ତେସା' ନୀତିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସହଯୋଗୀ ଭାଜପାକୁ ସେ ସ୍ଥାନ ଦେଇନାହାନ୍ତି। ଏହି ସମ୍ପ୍ରସାରଣ ଫଳରେ ନୀତୀଶଙ୍କ କ୍ୟାବିନେଟରେ ମନ୍ତ୍ରୀ ସଂଖ୍ୟା ୨୫ରୁ ୩୩କୁ ବୃଦ୍ଧିପାଇଛି। ନୂଆ ନିଯୁକ୍ତି ପାଇଥିବା ମନ୍ତ୍ରୀମାନେ ହେଲେ ଅଶୋକ ଚୌଧୁରୀ, ଶ୍ୟାମ ରଜକ, ନରେନ୍ଦ୍ର ନାରାୟଣ ଯାଦବ, ସଞ୍ଜୟ ଝା, ରାମସେବକ ସିଂ, ଲକ୍ଷ୍ମେଶ୍ୱର ରାୟ, ନୀରଜ କୁମାର ଏବଂ ଭୀମା ଭାରତୀ। ରାଜଭବନରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

ବିହାରରେ ଜେଡିୟୁ ୧୭ ଲୋକ ସଭା ଆସନରେ ନିର୍ବାଚନ ଲଢ଼ି ୧୬ଟିରେ ଜିତିଥିଲା। ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଜେଡିୟୁକୁ ମାତ୍ର ଗୋଟିଏ ଆସନ ଯଚାଯିବାରୁ ଏଥିରେ ନୀତୀଶ ଅସନ୍ତୁଷ୍ଟ ଥିଲେ ବୋଲି କେତେକ ଦଳୀୟ ନେତା କହିଛନ୍ତି। ଅନ୍ୟପକ୍ଷରେ କ୍ୟାବିନେଟ ସମ୍ପ୍ରସାରଣକୁ ନେଇ କୌଣସି ବିବାଦ ନାହିଁ ବୋଲି ବରିଷ୍ଠ ଭାଜପା ନେତା ତଥା ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି କହିଛନ୍ତି। ସୂଚନାଯୋଗ୍ୟ ଲୋକ ସଭା ନିର୍ବାଚନ ପରେ ବିହାର ବିଧାନସଭାରୁ ୫ ଓ ବିଧାନ ପରିଷଦରୁ ୨ ଆସନ ଖାଲିପଡିଥିଲା। ଏହି ବିଧାନସଭା ଓ ବିଧାନ ପରିଷଦ ସଦସ୍ୟ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଜେଡିୟୁର ଥିଲେ। ଜେଡିୟୁର ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂ, ଦିନେଶ ଚନ୍ଦ୍ର ଯାଦବ ଏବଂ ଏଲ୍‌ଜେପିରୁ ପଶୁପତି କୁମାର ପାରସ ରାଜ୍ୟ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଥିଲେ।





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଉମାକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବିଜେପୁର...

ଗତ ନିର୍ବାଚନରେ ହିଞ୍ଜିଳି ସମେତ ବିଜେପୁର ଆସନରେ ଲଢ଼ିଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ପ୍ରାର୍ଥୀ ହେଲେ ପଶ୍ଚିମ ଓଡ଼ିଶାରେ ଭଲ ପ୍ରଭାବ ପଡ଼ିବ ବୋଲି ଦଳ ପକ୍ଷରୁ ଆଶା କରାଯାଇଥିଲା। ହେଲେ ବିଜେପୁର ଅନ୍ତର୍ଗତ ବରଗଡ଼ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ପରାସ୍ତ ହେଲେ। ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ନିଜ ପାରମ୍ପରିକ ସମ୍ବଲପୁର ଆସନ ବଦଳରେ ବରଗଡରୁ ଲଢି ବିଜୟୀ ହୋଇପାରିଲେ। କେବଳ ତାହା ନୁହେଁ, ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର ଏବଂ କଳାହାଣ୍ଡି ଲୋକ ସଭା ସିଟ୍‌ରେ ମଧ୍ୟ ବିଜେଡି ହାରିଲା। ୨୦୧୪ରେ ସୁନ୍ଦରଗଡ଼ ଆସନ ଲାଗି କମ୍ ବ୍ୟବଧାନରେ ଜିତିଥିବା ଜୁଏଲ ଚଳିତଥର ଅଧିକ ବ୍ୟବଧାନରେ ବିଜୟୀ ହୋଇପାରିଲେ। ତେଣୁ ଉତ୍ସାହିତ ଭାଜପାର ପଶ୍ଚିମ ଓଡ଼ିଶାରେ ଶକ୍ତି ବୃଦ୍ଧି ବିଜେପୁର ଉପନିର୍ବାଚନର ଗୁରୁତ୍ୱ ବଢ଼ାଇଦେଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ନିର୍ବାଚନ ଫଳାଫଳ ପ୍ରକାଶ ପରେ ମୁଖ୍ୟମନ୍ତ୍ରୀ କେଉଁ ଆସନ ଛାଡ଼ିବେ, ସେନେଇ ଚର୍ଚ୍ଚା ଲାଗି ରହିଥିଲା। ନିଜର ପଞ୍ଚମ ପାଳି ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣର ଦିନକ ପରେ ମୁଖ୍ୟମନ୍ତ୍ରୀ ବିଜେପୁର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିଲେ। ଏହି ଘୋଷଣାରୁ ହିଁ ସେ ସମୟରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇପାରନ୍ତି ବୋଲି ଆଭାସ ମିଳିଥିଲା। ଘୋଷଣା ମଧ୍ୟରେ ବିଜେପୁର ବିଧାନସଭା କ୍ଷେତ୍ରରେ ୩୪,୦୦୦ ପକ୍କାଘର ନିର୍ମାଣ, ଜିଲାରେ ୧୧୨୦ କୋଟି ବ୍ୟୟରେ ୨ଟି ମେଗା ପାଇପ୍ ଜଳଯୋଗାଣ ଯୋଜନା, ଗାଇସିଲଟ୍ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମପଞ୍ଚାୟତରେ ଏକ ନୂତନ ବହୁମୁଖୀ ଉଠା ଜଳସେଚନ ପ୍ରକଳ୍ପ ଆଦି ରହିଛି। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପରେ ସେହିସବୁ ଘୋଷଣା ଉପନିର୍ବାଚନକୁ ଲକ୍ଷ୍ୟ କରି କରାଯାଇଥିବା ସ୍ପଷ୍ଟ ହୋଇଛି ବୋଲି ସମୀକ୍ଷକମାନେ କହିଛନ୍ତି।

୨୦୧୭ ଅଗଷ୍ଟ ୨୨ରେ ତତ୍କାଳୀନ ବିଜେପୁର ବିଧାୟକ ସୁବଳ ସାହୁଙ୍କ ଅକାଳ ବିୟୋଗ ହୋଇଥିଲା। ତେଣୁ ସେଠାରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ବିଜେଡି ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳକୁ ଆଣି ପ୍ରାର୍ଥୀ କରିଥିଲା। ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ଏବଂ କଂଗ୍ରେସ ପ୍ରଣୟ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଲଗାତର ୩ଥର ଜିତିଥିବା କଂଗ୍ରେସ ଉପନିର୍ବାଚନରେ ମୁଖ୍ୟ ଲଢ଼େଇରୁ ବାଦ୍ ପଡିଥିଲା। ବିଜେଡି ଭାଜପା ମଧ୍ୟରେ ହୋଇଥିବା ସିଧାସଳଖ ଲଢ଼େଇରେ ବିଜେଡି ପ୍ରାର୍ଥିନୀ ରୀତା ଭାଜପାର ଅଶୋକଙ୍କୁ ୪୧,୯୩୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସନାତନ ଗଡ଼ତିଆଙ୍କୁ ୫୭,୧୨୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ।

## ବିଜେପୁରବାସୀଙ୍କ ଭଲପାଇବା ଋଣୀ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୬(ବ୍ୟୁରୋ)- ବିଜେପୁର ବିଧାନସଭା ଆସନ ଛାଡ଼ିବା ପରେ ସମଗ୍ର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୮ ଉପନିର୍ବାଚନରେ ବିଜେପୁରବାସୀଙ୍କ ଭଲ ପାଇବା ଅଭିଭୂତ କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ମହଲରୁ ଅନୁରୋଧ ଆସିଥିଲା। ତେଣୁ ବିଜେପୁର ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ନିଷ୍ପତ୍ତି ନେଇ ଭୋଟରଙ୍କ ଆଶୀର୍ବାଦ ପାଇଥିବା ନବୀନ କହିଛନ୍ତି। ସେହିଭଳି ବିଜେପୁରବାସୀଙ୍କ ସ୍ନେହ, ମମତା ଓ ଭଲ ପାଇବା ତାଙ୍କୁ ଋଣୀ କରିବ। ସେମାନଙ୍କୁ ଦେଇଥିବା କଥା ସବୁବେଳେ ପାଳନ କରିଛି। ବିଜେପୁରର ବିକାଶ ତାଙ୍କ ଦାୟିତ୍ୱ, ଏଥିପାଇଁ ସେ କାମ କରିବେ। ସେ ସବୁବେଳେ ବିଜେପୁରବାସୀଙ୍କ ସହ ରହିଛନ୍ତି ଏବଂ ଆଗକୁ ମଧ୍ୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ନୂଆ ଓଡ଼ିଶା ଓ ସମୃଦ୍ଧ ବିଜେପୁର ପାଇଁ ନବୀନ ପଟ୍ଟନାୟକ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ପିନାକୀ...

ମନୋନୀତ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରବିବାର ଏହି ନିଯୁକ୍ତି କରାଯାଇଛି। ପୂର୍ବ ଲୋକ ସଭାର ବିଜେଡି ସଂସଦୀୟ ଦଳ ନେତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଷ୍ଟାଣ୍ଡିଂ କମିଟି(ଯାହା ଦଳକୁ ଆବଣ୍ଟନ କରାଯିବ)ର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସୂଚନା ଥାଉକି, ଲୋକ ସଭାରେ ଦଳଗୁଡିକର ସଂଖ୍ୟାକୁ ଆଧାର କରି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ପଦବୀ ମିଳିଥାଏ। ଷୋଡ଼ଶ ଲୋକ ସଭାରେ ବିଜେଡିର ୨୦ ଜଣ ସଦସ୍ୟ ଥିଲେ। ତେଣୁ ସଂଖ୍ୟାକୁ ଆଧାର କରି ପିନାକୀ ମିଶ୍ର ସହରାଞ୍ଚଳ ବିକାଶ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ହୋଇପାରିଥିଲେ। ଏବେ ଲୋକ ସଭାରେ ବିଜେଡିର ସଦସ୍ୟ ସଂଖ୍ୟା ହ୍ରାସ ପାଇ ୧୨ ହୋଇଥିବାରୁ ଅର୍ଥ, ସ୍ୱରାଷ୍ଟ୍ର, ବହିର୍ବ୍ୟାପାର, ପ୍ରତିରକ୍ଷା, କୃଷି, ବାଣିଜ୍ୟ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ପଦ ମିଳିବା ସମ୍ଭବ ମନେ ହେଉନାହିଁ। ତେଣୁ ନିମ୍ନ ସଦନକୁ ୬ ଥର ନିର୍ବାଚିତ ହୋଇଥିବା ଭର୍ତ୍ତୃହରି ମହତାବଙ୍କୁ ନଗଣ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିଳିପାରେ ବୋଲି କୁହାଯାଉଛି।

# ବିଦ୍ୟୁତ୍ ତାର ଲାଗି ସ୍ତ୍ରୀ, ସ୍ୱାମୀ ମୃତ

**କଣାସ, ୨।୬(ଡି.ଏନ୍.ଏ.)**

ଫନୀକୁ ୧ମାସ ବିତିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପୁରୀ ଜିଲାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନାହିଁ। ବିଦ୍ୟୁତ୍ କର୍ମଚାରୀମାନେ ଦିନରାତି ପରିଶ୍ରମ କରି କାର୍ଯ୍ୟକୁ ଆଗେଇ ନେଉଥିବାବେଳେ ବିଭାଗର ଦାୟିତ୍ୱହୀନତା ଯୋଗୁ ଅକାରଣରେ ଜୀବନହାନି ଘଟୁଛି। ରବିବାର କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସ୍ତ୍ରୀ ଓ ସ୍ୱାମୀଙ୍କ ମୃତ୍ୟୁ ଘଟିଛି।

କଣାସ ଗ୍ରାମର ଗୋକୁଳ ସେଠୀ(୬୫)ଙ୍କ ସ୍ତ୍ରୀ ନିଶାମଣି (୬୦) ସବୁଦିନ ଭଳି ସକାଳ ୬ଟା ୩୦ରେ ବାଡିପଟକୁ ଫୁଲ ତୋଳିବାକୁ ଯାଇଥିଲେ। ବାତ୍ୟା ପରଠାରୁ ଛିଣ୍ଡି ପଡ଼ିଥିବା ତାରରେ ବିଦ୍ୟୁତ୍ ସଂଯୋଗ ଥିବା ନ ଜାଣି ନିଶାମଣି ଏହାକୁ ସ୍ପର୍ଶ କରି ଯିବା ବେଳେ ତାଙ୍କୁ କରେଣ୍ଟ ଲାଗିଥିଲା। ସେଠାରେ ସେ ପାଟି କରିବାରୁ ସ୍ୱାମୀ ଗୋକୁଳ ଦଉଡିଆସି ତାଙ୍କୁ ଧରି ପକାଇଥିଲେ। ଘଟଣାସ୍ଥଳରେ ଦୁହେଁ ପଡ଼ିଯାଇଥିଲେ। ପରେ ପରିବାର ଲୋକେ ଦୁଇଜଣଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଡାକ୍ତର ୧୦୮ ଯୋଗେ ଦୁହିଁଙ୍କୁ ଭୁବନେଶ୍ୱର ୬ନଂ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ଦୁହିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଗାଁକୁ

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଅଣାଯାଉଥିବାବେଳେ ଗ୍ରାମବାସୀ ଥାନା ଛକରେ ଗାଡ଼ିକୁ ଅଟକାଇଥିଲେ। ଫିଡ୍‌କୋ କର୍ମଚାରୀଙ୍କ ବେପରୁଆ ମନୋଭାବକୁ ନେଇ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କଣାସ ବିଡିଓ ପ୍ରତିମା ସାହୁ, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଥାନାଧିକାରୀ ସୁଶାନ୍ତ ବେହେରା ଏବଂ ଫିଡ୍‌କୋ ଏସ୍‌ଡିଓ ଓ ଜେଇ ପହଞ୍ଚିଥିଲେ। କ୍ଷତିପୂରଣ ବାବଦରେ ରେଡ୍‌କ୍ରସ ତରଫରୁ ଉଭୟଙ୍କୁ ୧୦ ହଜାର ଲେଖାଏଁ ଓ ଫିଡ୍‌କୋ ପକ୍ଷରୁ ୬୦ ହଜାର ଲେଖାଏଁ ପ୍ରଦାନ କରାଯିବାକୁ ଘୋଷଣା କରିବାରୁ ରାସ୍ତାରୋକୋ ହଟିଥିଲା।

**ପ୍ରଥମ ପୃଷ୍ଠାରୁ...**

## କମିଲାନି...

ଦେଖିଲେ ପ୍ରାୟ ୪୦ ପ୍ରତିଶତ ଅଞ୍ଚଳ ଅନ୍ଧକାର ରହିଛି। କାକଟପୁର ବିଦ୍ୟୁତ୍ ଉପଖଣ୍ଡରେ ୪୦ ପ୍ରତିଶତ ଏବଂ ନିମାପଡ଼ା ଡିଭିଜନରେ ପ୍ରାୟ ୪୦ରୁ ୫୦ ପ୍ରତିଶତ ପରିବାରକୁ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। ଗ୍ରାମାଞ୍ଚଳ ଲୋକେ ଏବେ ବି ଗୁଳୁଗୁଳିରେ ଉହଳବିକଳ ହେଉଛନ୍ତି। ବିଶେଷକରି ନିମାପଡ଼ା ବ୍ଲକର ବାହାରେଣା, ତୁଳସୀପୁର, କଳାପାଞ୍ଚଣ, ତମ୍ପାଲୋ, ଛଣିଜଙ୍ଗ, ବାମନାଳ, ବଡ଼ସିରୁଲା, ଅରିଷଣ୍ଡ, ସଲଙ୍ଗ, ଅନ୍ଧୁଆର ଆଦି ପଞ୍ଚାୟତର ଶତାଧିକ ଗ୍ରାମକୁ ଏବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଅଳ୍ପ କେତେକ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ଲକ୍ଷାଧିକ ବିପନ୍ନ ବିଦ୍ୟୁତ୍ ନ ପାଇ ଅତ୍ୟନ୍ତ ଦୁର୍ବିଷହ ଜୀବନ ଜିଉଛନ୍ତି। ଏ ସମ୍ପର୍କରେ ଛଣିଜଙ୍ଗ ପଞ୍ଚାୟତର ସୁଶାନ୍ତ ନାୟକ, ଅରିଷଣ୍ଡ ପଞ୍ଚାୟତ ଦୁଷ୍ମନ୍ତ ବେହେରା, ତମ୍ପାଲୋ ପଞ୍ଚାୟତର ଦୁଃଶାସନ ସାହୁ, ରଟିଲୋ ପଞ୍ଚାୟତ ରାମଚନ୍ଦ୍ର ସାହୁ କୁହନ୍ତି, ସେମାନଙ୍କ ଗ୍ରାମକୁ ଏବେ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସେମାନେ ଅତିଷ୍ଠ ହୋଇପଡ଼ିଲେଣି। ରାତିରେ ଗରମରେ ସେମାନେ ଶୋଇ ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ଗାଁ ସାରା ଅନ୍ଧାର ଯୋଗୁ ରାତିରେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ସନ୍ଧ୍ୟା ପରେ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର କୁହନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁଥିବାବେଳେ ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଯାଇଛି। ବାକି ଥିବା ଅଞ୍ଚଳକୁ ୧୦/୧୫ଦିନ ମଧ୍ୟରେ ସଂଯୋଗ ଦିଆଯିବ।

ଅନ୍ୟପକ୍ଷରେ ପର୍ଯ୍ୟଟନ ସହର ପୁରୀରେ ଏ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିନି। ସହରର ପ୍ରାୟ ଅଧା ହୋଟେଲ ଖୋଲି ଗଲାଣି। କେତେଜଣ ପର୍ଯ୍ୟଟକ ଆସିଲେଣି। ତେବେ ଆଗକୁ ରଥଯାତ୍ରା ଆସୁଛି। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ। ତେଣୁ ପର୍ଯ୍ୟଟକମାନେ ଯେପରି ସବୁ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ତାହା ଉପରେ ବିଭାଗ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେଉଛି। ପୁରୀକୁ ପର୍ଯ୍ୟଟକ ଆସିବା ଆରମ୍ଭ କଲେଣି। ପର୍ଯ୍ୟଟକମାନେ ଯେପରି ରହିବା, ଖାଇବାରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ଧ୍ୟାନଦେବାକୁ ହୋଟେଲଗୁଡ଼ିକୁ କୁହାଯାଇଛି।

## ପଞ୍ଚଭୂତରେ...

ଭ୍ୟାନ୍‌ରେ ଅପରାହ୍ନ ୫ଟା ୨୦ରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। କଳ୍ପନାଙ୍କ ମରଶରୀର ନୂଆଦିଲ୍ଲୀରୁ ବିମାନ ଯୋଗେ ଆସି ପୂର୍ବାହ୍ନ ସାଢ଼େ ୯ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲା। ସେଠାରୁ ପୂର୍ବାହ୍ନ ୧୦ଟାରେ କଳିଙ୍ଗ ଷ୍ଟାଡିୟମକୁ ନିଆଯାଇଥିଲା।



କଳ୍ପନାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି।

ଶେଷ ଦର୍ଶନ ପାଇଁ ଜନସମୁଦ୍ରରେ ପରିଣତ ହୋଇଥିଲା ଷ୍ଟାଡିୟମ୍। ଏ ନେଇ ସମସ୍ତ ବନ୍ଦୋବସ୍ତ କରିଥିଲା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ। କଳ୍ପନାଙ୍କ ଶବ ଦେଖିବା ପରେ ମା' ଶୈଳବାଳା କାନ୍ଦି କାନ୍ଦି ବେହୋସ ହୋଇଯାଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ଓ ଯୁବବିଭାଗ ନିର୍ଦ୍ଦେଶକ ଆର୍. ଭିନିଲ କ୍ରିଷ୍ଣା, ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ସମେତ କ୍ରୀଡ଼ା, ରାଜନୀତି, ଚଳଚ୍ଚିତ୍ର ଜଗତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କଳ୍ପନାଙ୍କୁ ମାଲ୍ୟାର୍ପଣ କରିଥିଲେ। କଳ୍ପନାଙ୍କ ମୃତଦେହ ଉଦ୍ଧାର କରିବାକୁ ରାଜ୍ୟ ସରକାର କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ସହଯୋଗରେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ। ଏଥିପାଇଁ କଳ୍ପନାଙ୍କ ଭାଇ ପ୍ରଦୀପ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପର୍ବତାରୋହୀ କଳ୍ପନା ଦାଶ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ମୃତ୍ୟୁ ପରେ ବି ସେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇରହିବେ। କଳ୍ପନାଙ୍କ ମୃତଦେହ ଉଦ୍ଧାର କାର୍ଯ୍ୟ କଷ୍ଟକର ଥିଲା। କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ, ରାଜ୍ୟ ସରକାର, ଉଦ୍ଧାରକାରୀ ଦଳଙ୍କ ମିଳିତ ସହଯୋଗରେ ତାଙ୍କ ପାର୍ଥିବ ଶରୀର ଠାବ କରାଯାଇପାରିଥିଲା। ଏହି କାର୍ଯ୍ୟରେ ସାମିଲ ପ୍ରତି କର୍ମଚାରୀ ପ୍ରଶଂସାର ଯୋଗ୍ୟ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

## ୧୮ରୁ ମୌସୁମୀ...

ଚାଲିବ। ଜୁନ୍ ୧୮ରୁ ୩୦ ପର୍ଯ୍ୟନ୍ତ ପ୍ରଥମ ଅଧିବେଶନ ବୈଠକ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ପର୍ଯ୍ୟାୟରେ ବଜେଟ୍ ଉପସ୍ଥାପନ କରାଯିବ। ଜୁଲାଇ ୧ରୁ ୧୧ ଯାଏ ଅଧିବେଶନ ବନ୍ଦ ରହିବ। ସେହିଭଳି ମୌସୁମୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୧୨ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶିରେ ଶୁକ୍ର ଓ ଦ୍ୱିତୀୟରେ ଚନ୍ଦ୍ର ହେତୁ ମାନସିକ ସ୍ଥିତି ବହୁତ ଭଲ ରହିବ। ଆଜି ଆପଣ ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହୋଇପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ।

**ବୃଷ** ଆପଣଙ୍କର ମନ ଯେମିତି ଉଚ୍ଚ କାମ ମଧ୍ୟ ତଦନୁରୂପ ହେବା କାରଣରୁ ଦିନଟି ହସଖୁସିରେ ଅତିବାହିତ ହେବ। ପ୍ରତ୍ୟେକ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ କରିପାରିବେ। ବ୍ୟବସାୟ, ପରିବହନ, ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା,ଏଜେନ୍‌ସିପ୍‌ରୁ ପ୍ରଶଂସିତ ହେବେ।

**ମିଥୁନ** ପାପଗ୍ରହ ପ୍ରଭାବରେ ମନ ଓ କାମ ସମସ୍ୟା ବହୁଳ ରହିଲେ ମଧ୍ୟ କୌଣସି କ୍ଷେତ୍ରରେ ପଳାୟନପନ୍ଥୀ ହେବେ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ବିବଦମାନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ । ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** ଏକାଦଶ ସ୍ଥାନରେ ରବି ଓ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ଆଜି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ୍ ଦୂର ହେବ। ବ୍ୟବସାୟ, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ। ଚେଷ୍ଟା କରୁଥିବା କାମରୁ ସୁଫଳ ପାଇବେ ଓ ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି।

**ସିଂହ** ଆଜି ଯାହା କଲେ ମଧ୍ୟ ଅଳ୍ପଖର୍ଚ୍ଚରେ ତାହା କରିପାରିବେ ନାହିଁ। ଆକସ୍ମିକ ଭାବରେ ବାହାରକୁ ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ମନ ବିଚଳିତ ରହିବା କାରଣରୁ କେତେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଅସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**କନ୍ୟା** କର୍ମାଧିପ ପାପଗ୍ରହଯୁକ୍ତ ହେତୁ ସମସ୍ୟା ମଧ୍ୟରେ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ବହୁତ ଦିନରୁ ଲାଗି ରହିଥିବା ଘରୋଇ ସମାସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ତୁଳା** ଶୁକ୍ରଙ୍କ ଶୁଭଦୃଷ୍ଟି ଆଜି ଆପଣଙ୍କ ସୁଖ, ସନ୍ତୋଷର ପୃଷ୍ଠଭୂମି ପାଲଟିଯିବ। କିନ୍ତୁ ବିଶାଖା ନକ୍ଷତ୍ରର କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛି ନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଯୁକ୍ତିତର୍କ ଜନିତ ପାରିବାରିକ କ୍ଷେତ୍ରରେ ନିଜର ନିଷ୍ପତ୍ତିକୁ ହଠାତ୍ ବଦଳାଇ ଦେଇ ପାରନ୍ତି।

**ବିଛା** ଅସଫଳତା କାରଣରୁ ମନରେ ଅଶାନ୍ତି ରହିଥିଲେ ମଧ୍ୟ ସାଧାରଣ କଥାରେ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ପ୍ରତ୍ୟେକ ସ୍ତରରେ ସହମତି ଭିତ୍ତିରେ କାମ କଲେ ଉପକୃତ ହେବେ। ସଙ୍ଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ଦୈହିକ ଓ ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ କିଛିଟା ସାନ୍ତ୍ୱନା ମିଳିପାରେ। ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ହାତକୁ ନେଇଥିବା କାମଟିକୁ ସମ୍ପନ୍ନ କରି ପାରିବେ ନାହିଁ।

**ମକର** ଆଜିର ଗ୍ରହସ୍ଥିତି କାରଣରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବ। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବାର ସମ୍ଭାବନା ରହିଛି। କାହା ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ** ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ନିଜର ପତିଆରା ବୃଦ୍ଧି ପାଇବାର ଆଶା ରହିଛି। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରିବା ଭଲ ହେବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ।

**ମୀନ** ଆଜିର ପୂଜାପାର୍ବଣ, ଆନୁଷ୍ଠାନିକ କାମ କିମ୍ବା ସଭାସମିତିରେ ବନ୍ଧୁମାନଙ୍କ ଦ୍ୱାରା ଆଦରଣୀୟ ରହିବେ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ି ହୋଇଯିବ। ଜମିଜମା କାରବାର, କଳକାରଖାନା, ହୋଟେଲ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ। ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

ଆଜି ସାବିତ୍ରୀ ବ୍ରତ, ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା, ଜୁନ୍ ୩ ତାରିଖ, ସୋମବାର, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ସକାଳ ଘ୬।୪୯ମି. ମଧ୍ୟେ, ଘ୪।୪୨ମି. ଗତେ ଘ୬।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୪ମି.ଗତେ ଘ୧୦।୦୧ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୬।୨୮ମି. ଗତେ ଘ୮।୨୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଗୁଡ଼ିଆପୋଖରୀ ଛକ ନିକଟରେ ଇଲେକ୍ଟ୍ରି, ପାଚେରି, 30 ଫୁଟ ରୋଡ଼ ଥାଇ ପ୍ଲଟ ବିକ୍ରିହେବ। 9437039133, 8917527308. D-66480

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାକୁଲେଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

4BHK duplex with gated community at Balianta (land-1400 construction-2200 @ 55lakh) and 2600 @ 65lakh). Contact Mplanets: 9938219397, 9861022055. D-12703

Gharabari Yellowzone plot near Khandagiri square Amri Hospita and Duplex/ Simplex at Atala near Hanspalsquare, Gharabari plot at Bhingarpur, Balianta- 9438419823, 9337086655. D-66481

Prime property at Khandagiri (land and building) 2 storied with under ground cost Rs.1.50 crore (negotiable) contact: 9338579645. D-64971

Prime land on Puri Konark marine drive on N.H 2800 sqft. cost 35lakhs. Contact: 9338579645. D-64972

2BHK flat Goutam Nagar, Bhubaneswar near BMC office Mausima Temple prime location fully furnished price Rs.65 lakhs (negotiable). Contact: 9338579645. D-64973

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

4600 sqft highly commercial building, canalroad. Ready for sale. Present rent: 1,10,000/- land-2700sqft. 6371449544. D-12783




Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674-2597822. D-66535

Herbal full body massage by smart/expert therapist. Contact: 8338067247. D-66541

Newly opening ayurvedic body massage smart therapist, Shree herbal. 7750020754. D-66542

Full body massage with refreshment, expert therapist. 7381239385, 0674-2540855. D-66534

Summer special mesmerizing offer expert therapeutic refreshing massage appointment. 9668374480. D-66549




Get electronics & grocery product of 40% discount. Call: 07478268108. D-12792

**AFFIDAVIT**

By virtue of affidavit dated 29.11.2018 sworn before the Notary Public/ Executive Magistrate, Rayagada, I Mandeep Poonia, S/o Ram Singh, Qtr no: C-26/2, JK Paper Colony, P.S. Chandili, Rayagada to state that my actual name is Mandeep Poonia. That in all my educational certificates, Aadhar card, PAN card, Passport, etc. my name is mentioned as Mandeep instead of Mandeep Poonia. That my Surname is Poonia which is not mentioned in my relevant documents. This affidavit to be produced before the concerned authorities for adding my surname and be written as Mandeep Poonia for all future purposes. D-12797

I Altaf Ishak (old name) Son of Ishak Khan resident of Vill/Po- Talbarkot, Teh-Dhenkanal, Dist-Dhenkanal, State- Odisha (address) have changed my name from Altaf Ishak to Altab Khan vide affidavit dt. 01.06.2019 before Dhenkanal (Odisha). D-12791

I Nusrat Jahara (old name) spouse of Ishak Khan resident of Vill/Po- Talbarkot, Teh-Dhenkanal, Dist-Dhenkanal, State-Odisha(address) have changed my name from Nusrat Jahara to Nusrat Zahaara vide affidavit dt. 01.06.2019 before Dhenkanal(odisha). D-12790

**୨୧ତମ ଜନ୍ମଦିନ ଶୁଭେଚ୍ଛା**



(ପପୁ)

**ଉମାକାନ୍ତ ନାଥ**
**ଚନ୍ଦକା, ଖୋର୍ଦ୍ଧା**

ଆଜି ତୁମର ୨୧ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସଦାସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

**ଶୁଭେଚ୍ଛା ସହ:**
ବାବା, ମା, ସମସ୍ତ ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।

ଧ-୧୨୭୯୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସୋମବାର, ୩ ଜୁନ୍ , ୨୦୧୯



"ଆମେରିକା ସହ ଚାଇନାର ଯୁଦ୍ଧ ହେଲେ ବିଶ୍ୱ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବ ।
-ୱେଇ ଫେଙ୍ଗହେ, ଚାଇନା ପ୍ରତିରକ୍ଷା ମନ୍ତ୍ରୀ



## ସଂକ୍ଷେପରେ

### ପରାଜୟ ପରେ କାର୍ଯ୍ୟକର୍ତ୍ତାଙ୍କୁ ବିଦା କଲେ ମାୟାବତୀ



**ଲକ୍ଷ୍ନୌ, ୨।୬(ଆଇଏଏନ୍ଏସ୍):** ଲୋକ ସଭା ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ବିଏସ୍ପି ସୁପ୍ରିମୋ ମାୟାବତୀ ୬ ରାଜ୍ୟର ନିର୍ବାଚନ ସଂଯୋଜକ ଏବଂ ଦୁଇ ରାଜ୍ୟର ବିଏସ୍ପି ସଭାପତିଙ୍କୁ ବିଦା କରିଛନ୍ତି। ଉତ୍ତରାଖଣ୍ଡ, ବିହାର, ଝାଡଖଣ୍ଡ, ରାଜସ୍ଥାନ, ଗୁଜରାଟ ଏବଂ ଓଡିଶାର ବିଏସ୍ପି ସଂଯୋଜକଙ୍କୁ ବହିଷ୍କାର କରାଯାଇଛି। ସେହିପରି ଦିଲ୍ଲୀ ଓ ମଧ୍ୟପ୍ରଦେଶର ରାଜ୍ୟ ବିଏସ୍ପି ସଭାପତିଙ୍କୁ ବିଦା କରାଯାଇଛି। ଏହି ଦୁଇ ରାଜ୍ୟରେ ବିଏସ୍ପି ଗୋଟିଏ ହେଲେ ଆସନ ଜିତିନାହିଁ। ନିର୍ବାଚନ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ମାୟାବତୀ ସୋମବାର ବିଭିନ୍ନ ରାଜ୍ୟର ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ବୈଠକ ଡାକିଛନ୍ତି।

### ଏନ୍କାଉଣ୍ଟରରେ ୪ ମାଓବାଦୀ ନିହତ

**ଦୁମ୍କା, ୨।୬:** ଝାଡ଼ଖଣ୍ଡର ଦୁମ୍କା ଜିଲାରେ ମାଓବାଦୀଙ୍କ ସହ ଏନ୍କାଉଣ୍ଟରରେ ଜଣେ ଯବାନ୍ ସହିଦ୍ ହୋଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ୪ ମାଓବାଦୀ ନିହତ ହୋଇଥିବା ଦୁମ୍କା ଏସ୍ପି ୱାଇ.ଏସ୍. ରମେଶ ପ୍ରକାଶ କରିଛନ୍ତି। ଆହତ ଯବାନ୍ଙ୍କୁ ହେଲିକପ୍ଟରରେ ରାଞ୍ଚି ନିଆଯାଇ ଚିକିତ୍ସା କରାଯାଉଛି। ରାଣେଶ୍ୱର ପୋଲିସ ଷ୍ଟେଶନ ଅଧୀନ କଠାଲିଆ ଗ୍ରାମରେ ଏହି ଏନ୍କାଉଣ୍ଟର ହୋଇଥିଲା। ଏସ୍ଏସ୍ବି ଯବାନ୍ ନୀରଜ୍ ଛତ୍ରୀ ଏନ୍କାଉଣ୍ଟରରେ ପ୍ରାଣ ହରାଇଥିଲେ।

### ଆଜି ରାଜନାଥଙ୍କ ସିଆଚେନ୍ ଗସ୍ତ

**ନୂଆଦିଲ୍ଲୀ, ୨।୬(ଆଇଏଏନ୍ଏସ୍):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ସିଆଚେନ୍ ଗସ୍ତ କରିବେ। ସିଆଚେନ୍ ବେସ୍ କ୍ୟାମ୍ପରେ ରାଜନାଥ ଯବାନଙ୍କ ସହ ଆଲୋଚନା କରି ସୀମା ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ରାଜନାଥଙ୍କ ସହ ସେନା ମୁଖ୍ୟ ଜେନେରାଲ ବିପିନ୍ ରାୱତ୍, ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ରହିବେ। ୧୯୮୪ ପରଠାରୁ ସିଆଚେନ୍ ଗ୍ଲାସିୟର୍କୁ ସେନା ନିୟନ୍ତ୍ରଣରେ ରଖାଯାଇଛି।

### ଇତିହାସର ଆଇନାରେ
### ଜୁନ୍ ୩ର ପ୍ରମୁଖ ଘଟଣା

୧୯୨୪ ଜୁନ୍ ୩ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ଜନ୍ମ। ସେ ଦ୍ରାବିଡ ମୁନେତ୍ରା କାଝାଗମ୍ (ଡିଏମ୍କେ)ର ମୁଖ୍ୟ ଏବଂ ୫ ଥର ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜନୀତିରେ ପ୍ରବେଶ ପୂର୍ବରୁ ସେ ଜଣେ ଲେଖକ ଏବଂ ଔପନ୍ୟାସିକ ଭାବେ ପରିଚିତ ଥିଲେ।

୨୦୧୨ ଜୁନ୍ ୩ରେ ନାଇଜେରିଆର ଲାଗୋସ୍ଠାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୩ ଜଣଙ୍କର ମୃତ୍ୟୁ ହୋଇଥିଲା।

## ■ ତାମିଲନାଡୁ ପରେ ପଶ୍ଚିମବଙ୍ଗ
# ବାଧ୍ୟତାମୂଳକ ହିନ୍ଦୀ ଶିକ୍ଷାକୁ ବିରୋଧ

**କୋଲକାତା, ୨।୬(ଆଇଏଏନ୍ଏସ୍)**

ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀକୁ ବାଧ୍ୟତାମୂଳକ ଭାବେ ଶିକ୍ଷା ଦେବା ପାଇଁ ସୁପାରିସ କରାଯାଇଥିବାବେଳେ ଏହାକୁ ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟରେ ବିରୋଧ ଆରମ୍ଭ ହୋଇଯାଇଛି। ରବିବାର ପଶ୍ଚିମବଙ୍ଗର ଶିକ୍ଷାବିତ୍ ଓ ସାହିତ୍ୟିକମାନେ କେନ୍ଦ୍ରର ଏଭଳି ଉଦ୍ୟମକୁ ବିରୋଧ କରିଛନ୍ତି। କୌଣସି ଭାଷାକୁ ଜୋରଜବରଦସ୍ତ ଲଦିଦେବା ଲାଗି ଉଦ୍ୟମକୁ ସବୁଦିଗରୁ ବିରୋଧ କରାଯିବ ବୋଲି ସେମାନେ କହିଛନ୍ତି।

ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଭାଷାବିତ୍ ପବିତ୍ର ସର୍କାର କହିଛନ୍ତି, ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରିବା ଲାଗି କେ. କସ୍ତୁରିରଙ୍ଗନ୍ କମିଟିର ପ୍ରସ୍ତାବ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ପକାଇବ। ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ହିନ୍ଦୀ ଶିକ୍ଷା ଦିଆଯାଇପାରେ। କିନ୍ତୁ ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ ଏହି ଭାଷାକୁ ବାଧ୍ୟତାମୂଳକ କରାଯିବା ଠିକ୍ ନୁହେଁ। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କ ପାଇଁ ବୋଝ ହୋଇଥିବାବେଳେ ଏହାକୁ ଆହୁରି ବଢ଼ାଇବାକୁ ଦିଆ ନ ଯାଉ ବୋଲି





"ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରିବା ପ୍ରସ୍ତାବ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ପକାଇବ।
-ପବିତ୍ର ସର୍କାର, ଭାଷାବିତ୍

"ଜଣେ କେଉଁ ଭାଷା ପଢ଼ିବ, ସେ ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ହେବା ଉଚିତ।
-ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ, ବଙ୍ଗଳା ଲେଖକ

ସେ କହିଛନ୍ତି। ଏଭଳି ପ୍ରସ୍ତାବକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଜୋରଦାର ବିରୋଧ କରାଗଲାଣି। ଅନ୍ୟପକ୍ଷରେ ଅଣହିନ୍ଦୀଭାଷୀ ରାଜ୍ୟରେ ବସବାସ କରୁଥିବା ହିନ୍ଦୀଭାଷୀ ଲୋକମାନେ ସେଠାର ମୁଖ୍ୟ ଆଞ୍ଚଳିକ ଭାଷା ଶିକ୍ଷା କରିବା ଉଚିତ ବୋଲି ସର୍କାର କହିଛନ୍ତି। ଉଦାହରଣ ସ୍ୱରୂପ ପଶ୍ଚିମବଙ୍ଗରେ ରହୁଥିବା ହିନ୍ଦୀଭାଷୀ ଲୋକେ ବଙ୍ଗଳା ଶିଖନ୍ତୁ। ଆଞ୍ଚଳିକ ଭାଷାର ପ୍ରସାରରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି।

ଖ୍ୟାତନାମା ବଙ୍ଗଳା ଲେଖକ ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ କହିଛନ୍ତି ଦକ୍ଷିଣ ଭାରତରେ କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିକୁ ବିରୋଧ କରାଗଲାଣି। ପଶ୍ଚିମବଙ୍ଗରେ ଏହାକୁ ବିରୋଧ କରାଯିବା ନେଇ ସେ ଆଶାବାଦୀ ବୋଲି କହିଛନ୍ତି। କୌଣସି ଜିନିଷ ଲଦିଦିଆଯିବା ଠିକ୍ ନୁହେଁ। ଜଣେ କେଉଁ ଭାଷା ପଢ଼ିବେ, ସେ ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ହେବା ଉଚିତ ବୋଲି ଶୀର୍ଷେନ୍ଦୁ କହିଛନ୍ତି। ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବ ଶିକ୍ଷାର ଗୈରିକୀକରଣ ଲାଗି କେନ୍ଦ୍ର ପ୍ରୟାସର ଅଂଶବିଶେଷ କି ପ୍ରଶ୍ନ ଉପରେ ସେ କୌଣସି ଉତ୍ତର ନ ଦେଇ ଏଡାଇ ଯାଇଛନ୍ତି। ଯଦି ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବ ତେବେ ବଙ୍ଗଳାକୁ କାହିଁକି ନୁହେଁ ବୋଲି ଖ୍ୟାତନାମା କବି ତଥା ଶିକ୍ଷାବିତ୍ ସୁବୋଧ ସର୍କାର ପ୍ରଶ୍ନ କରିଛନ୍ତି। ଭାରତରେ ଅନେକ ଭାଷା ପ୍ରଚଳିତ ଥିବାବେଳେ ହିନ୍ଦୀକୁ ବାଧ୍ୟତାମୂଳକ କରାଯିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

କସ୍ତୁରିରଙ୍ଗନ୍ କମିଟିର ଜାତୀୟ ଶିକ୍ଷାନୀତି ପ୍ରସ୍ତାବରେ ତ୍ରିଭାଷୀ ସୂତ୍ର ସମ୍ପର୍କରେ ଜଣାପଡିବା ପରେ ତାମିଲନାଡୁରେ ଏହାକୁ ଜୋରଦାର ବିରୋଧ କରାଯାଇଛି। ଏଭଳି ଶିକ୍ଷା ବ୍ୟବସ୍ଥା ଦେଶକୁ ବିଭାଜିତ କରିଦେବ ବୋଲି ଡିଏମ୍କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ଶନିବାର କହିବା ସହ ଏହା କାର୍ଯ୍ୟକାରୀ ହେଲେ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ଚେତାବନୀ ଦେଇଥିଲେ। ତ୍ରିଭାଷୀ ନୀତିକୁ ଡିଏମ୍କେ ପକ୍ଷରୁ ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ବିରୋଧ କରାଯିବ ବୋଲି ଦଳୀୟ ଏମ୍ପି କାନିମୋଝି କହିଥିଲେ। ଦକ୍ଷିଣ ଭାରତୀୟ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ଏଭଳି ଶିକ୍ଷାନୀତି ପ୍ରସ୍ତାବକୁ ବିରୋଧ କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ଜାତୀୟ ପୋଲିସ ସ୍ମାରକୀରେ ନବନିଯୁକ୍ତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରବିବାର ଫୁଲମାଳ ଚଢ଼ାଉଛନ୍ତି।

## ଲୋକ ସଭା ଅଧିବେଶନ ଲାଗି ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ଜୋଷୀ

**ବେଙ୍ଗାଲୁରୁ, ୨।୬(ପି.ଟି.)**

ଲୋକ ସଭା ଅଧିବେଶନ ସୁରୁଖୁରୁରେ ଚଳାଇବା ଲାଗି ନବନିଯୁକ୍ତ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବିରୋଧୀ ଦଳଗୁଡିକର ସହଯୋଗ ଲୋଡିଛନ୍ତି। ସମସ୍ତ ପ୍ରସଙ୍ଗରେ ଆଲୋଚନା ଲାଗି ସରକାର ପ୍ରସ୍ତୁତ ବୋଲି ସେ କହିଛନ୍ତି। ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ଜୁନ ୧୭ରୁ ଆରମ୍ଭ ହୋଇ ଜୁଲାଇ ୨୬ ପର୍ଯ୍ୟନ୍ତ ଚାଲିବ। ଜୁଲାଇ ୫ରେ ବଜେଟ ଉପସ୍ଥାପନ କରାଯିବ। ମନ୍ତ୍ରୀ ଭାବେ ଦାୟିତ୍ୱଗ୍ରହଣ ପରେ



ବେଙ୍ଗାଲୁରୁ ଗସ୍ତରେ ଯାଇଥିବା ଜୋଷୀ କହିଛନ୍ତି ଲୋକ ସଭାରେ ବିତର୍କ ଓ ଆଲୋଚନା ହେବା ଉଚିତ। ପ୍ରତିରୋଧ କରାଯିବା ଉଚିତ ନୁହେଁ। ଜନାଦେଶ ପରେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କାମ କରିବା ଲାଗି ସେ ଅନୁରୋଧ କରିଛନ୍ତି।



ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲା ନନ୍ଦାଦେବୀ ଶୃଙ୍ଗରେ ନିଖୋଜ ୮ ବିଦେଶୀ ପର୍ବତାରୋହୀଙ୍କୁ ଆଇଟିବିପି ଓ ଏସ୍ଡିଆର୍ଏଫ୍ ଯବାନମାନେ ଖୋଜୁଛନ୍ତି।

## ୫ ମାସରେ ୧୦୧ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨।୬(ପି.ଟି.)**

### ୩ ମାସରେ ସାମିଲ ହୋଇଛନ୍ତି ୫୦ ଯୁବକ

ଚଳିତ ବର୍ଷର ପ୍ରଥମ ୫ ମାସରେ ଜମ୍ମୁ-କଶ୍ମୀରରେ ୧୦୧ ଜଣ ଆତଙ୍କବାଦୀ ସୁରକ୍ଷା ବଳ ଏନ୍କାଉଣ୍ଟରରେ ନିହତ ହୋଇଛନ୍ତି। ଏହା ସତ୍ତ୍ୱେ ଗତ ୩ ମାସରେ ଉକ୍ତ ଅଞ୍ଚଳରୁ ୫୦ ଯୁବକ ବିଭିନ୍ନ ଆତଙ୍କବାଦୀ ସଂଗଠନରେ ନିଯୁକ୍ତି ପାଇଥିବାରୁ ଏହା ସୁରକ୍ଷା ବଳ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ନିଯୁକ୍ତି ରୋକିବା ଲାଗି ଆତଙ୍କବାଦୀଙ୍କ ଯୋଗାଣ ଶୃଙ୍ଖଳକୁ ବିଚ୍ଛିନ୍ନ କରିବା ସହ ଉଗ୍ରପନ୍ଥୀ ହେବାର ପରିଣାମ ସମ୍ପର୍କରେ ପରିବାରଗୁଡିକୁ ସଚେତନ କରାଇବା ପାଇଁ ସରକାର ବିଚାର କରୁଛନ୍ତି।

ଚଳିତ ବର୍ଷ ମେ ୩୧ ସୁଦ୍ଧା ନିହତ ୧୦୧ ଆତଙ୍କବାଦୀଙ୍କ ମଧ୍ୟରୁ ୨୩ ବିଦେଶୀ ହୋଇଥିବାବେଳେ ୭୮ ଜଣ ସ୍ଥାନୀୟ ଯୁବକ। ସେମାନଙ୍କ ମଧ୍ୟରେ ଅଲ୍-କାଏଦାର ସହଯୋଗୀ ସଂଗଠନ ଅନ୍ସାର-ଗଜୱତ-ଉଲ୍-ହିନ୍ଦ୍ର ମୁଖ୍ୟ ତଥା ଶୀର୍ଷ କମାଣ୍ଡର ଜାକିର ମୁସା ରହିଛନ୍ତି। ଶୋପିଆନରେ ସର୍ବାଧିକ ୨୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହା ପଛକୁ ପୁଲୱାମାରେ ୧୫, ଅୱନ୍ତିପୋରାରେ ୧୪ ଓ କୁଲଗାମ୍ରେ ୧୨ ଆତଙ୍କବାଦୀ ବିଭିନ୍ନ ସମୟରେ ଏନ୍କାଉଣ୍ଟରରେ ପ୍ରାଣ ହରାଇଛନ୍ତି। ତେବେ ଏହିସବୁ ଅଞ୍ଚଳରୁ ଅଧିକ ସଂଖ୍ୟାରେ ଯୁବକ ଆତଙ୍କବାଦୀ ସଂଗଠନରେ ସାମିଲ ହେଉଥିବା ଜଣାପଡିଛି। ଜମ୍ମୁର ପୁଞ୍ଚ୍ ଓ ରାଜୌରି ଜିଲାରେ ସର୍ବାଧିକ ଆତଙ୍କବାଦୀ ଅନୁପ୍ରବେଶ କରୁଛନ୍ତି। ଦୁଇମାସ ବ୍ୟାପୀ ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଯାଉଥିବାବେଳେ ଏହା ସୁରକ୍ଷା ବାହିନୀ ପାଇଁ ଚିନ୍ତାଜନକ ହୋଇପଡିଛି। ୨୦୧୪ ପରଠାରୁ ଆତଙ୍କବାଦୀ ସଂଗଠନରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ଯଥେଷ୍ଟ ବୃଦ୍ଧିପାଇଛି।

## ■ ପରାଜୟ ପରେ ଏସ୍ପିର ଚେତା ପଶିଲା
# ବରିଷ୍ଠ ନେତାଙ୍କୁ ଫେରାଇ ଆଣିବାକୁ ଉଦ୍ୟମ

**ଲକ୍ଷ୍ନୌ, ୨।୬(ଆଇଏଏନ୍ଏସ୍)**

ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସ୍ପି)ର ପରାଜୟ ପରେ ଦଳ ଶିକ୍ଷାଲାଭ କରିଛି। ଏବେ ଭାଇ ଶିବପାଲ୍ ଯାଦବଙ୍କ ସମେତ ବରିଷ୍ଠ ନେତାମାନଙ୍କୁ ଦଳକୁ ଫେରାଇ ଆଣିବା ସହ ଅଣଯାଦବ ନେତାମାନଙ୍କୁ ଦଳରେ ନେବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିବା ପରେ ଏସ୍ପି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବ ଏବେ ସ୍ଥିତି ସମୀକ୍ଷା କରୁଥିବା ଜଣାପଡିଛି। ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିବାବେଳେ ୨୦୧୪ ଲୋକ ସଭା ନିର୍ବାଚନରେ ଏସ୍ପିକୁ ମାତ୍ର ୫ଟି



ମୁଲାୟମ ସିଂ ଯାଦବ

ଆସନ ମିଳିଥିଲା। ୨୦୧୭ରେ ସେ ଦଳ ଅଧ୍ୟକ୍ଷ ହେବା ପରେ ୪୦୩ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କ ଦଳ ୪୭ ଆସନକୁ ଖସିଆସିଥିଲା। ୨୦୧୯ ନିର୍ବାଚନରେ ବିଏସ୍ପି ସହ ମେଣ୍ଟ ସତ୍ତ୍ୱେ ଏହି ଦଳ ୫ଟି ଆସନରେ ସୀମିତ ରହିଛି। ପରାଜୟ ପରେ ଦଳକୁ ସଜାଡିବା ଲାଗି ଅଖିଳେଶ ଏବେ ମୁଲାୟମଙ୍କ ପରାମର୍ଶ ଲୋଡିଛନ୍ତି। ଏସ୍ପି ଯାଦବମାନଙ୍କର ଦଳ ବୋଲି ଯେଉଁ ଧାରଣା ରହିଛି ତାହାକୁ ବଦଳାଇବାକୁ ହେଲେ ଦଳରେ ଅଣଯାଦବ ନେତାମାନଙ୍କୁ ସାମିଲ କରିବା ଲାଗି ମୁଲାୟମ ପରାମର୍ଶ ଦେଇଛନ୍ତି। ବରିଷ୍ଠ ନେତା ରେଓତି ରମଣ ସିଂ, ଭଗୱତି ସିଂ, ଓମ୍ପ୍ରକାଶ ସିଂ, ମନୋଜ ପାଣ୍ଡେ, ଅରବିନ୍ଦ ସିଂ ଗୋପେ, ନାରଦ ରାୟ ଏବଂ ରାଧେଶ୍ୟାମ ସିଂ ପ୍ରମୁଖ ବରିଷ୍ଠ ନେତାଙ୍କୁ ଫେରାଇ ଆଣିବାକୁ ଆଲୋଚନା ପାଇଁ ଡକାଯାଇଛି। ଗତ ଦୁଇ ବର୍ଷରେ ଯେଉଁମାନେ ଦଳ ଛାଡିଛନ୍ତି ସେମାନଙ୍କୁ ଫେରାଇ ଆଣିବା ଲାଗି ମୁଲାୟମ ଅଖିଳେଶଙ୍କୁ ପରାମର୍ଶ ଦେଇଛନ୍ତି।

## ସିରିଆ ଉପରେ ଇସ୍ରାଏଲ୍ର ଆକ୍ରମଣ: ୧୦ ନିହତ

**ବେରୁଟ୍, ୨।୬**

ସିରିଆ ଉପରେ ଇସ୍ରାଏଲ୍ ପକ୍ଷରୁ ରକେଟ୍ ମାଡ଼ କରାଯାଇଛି। ଏଥିରେ ୧୦ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ସିରିଆ ସେନା ପକ୍ଷରୁ ଇସ୍ରାଏଲ୍ ଅଧିକୃତ ମାଉଣ୍ଟ ହର୍ମନରେ ଶନିବାର ଦୁଇଟି ରକେଟ୍ ମାଡ଼ କରାଯିବା ପରେ ଇସ୍ରାଏଲ୍ ପକ୍ଷରୁ ଏଭଳି ପାଲ୍ଟା ଆକ୍ରମଣ କରାଯାଇଛି। ମୃତକଙ୍କ ମଧ୍ୟରେ ୩ ସିରିଆ ସେନା ଓ ୭ ବିଦେଶୀ ଯୋଦ୍ଧା ଥିବା ପ୍ରକାଶ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏଭଳି ଆକ୍ରମଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ନିଜ ଦେଶ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ଅମରନାଥ ଯାତ୍ରା: ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ନାମ ପଞ୍ଜୀକୃତ

**ଜମ୍ମୁ, ୨।୬**

ବାର୍ଷିକ ଅମରନାଥ ଯାତ୍ରା ଲାଗି ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ନାମ ପଞ୍ଜୀକୃତ କରାଯାଇଛି। ଜୁଲାଇ ପହିଲାରୁ ଏହି ପବିତ୍ର ଯାତ୍ରା ଆରମ୍ଭ ହେବ। ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟ ପାଲ୍ ମଲ୍ଲିକ ଗତ ସପ୍ତାହରେ ଅନ୍ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ବାଲ୍ଟା ଓ ଚନ୍ଦନୱାଡ଼ି ରୁଟ୍ରେ ଏପ୍ରିଲ ୨ ତାରିଖରୁ ଏହି ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଦୀର୍ଘ ୪୬ ଦିନର ଯାତ୍ରା ଅଗଷ୍ଟ ୧୫ ତାରିଖରେ ଶେଷ ହେବ। ୧୩ ବର୍ଷ ବୟସରୁ କମ୍ ପିଲା, ୭୫ ବର୍ଷରୁ ଅଧିକ ବୟସର ଲୋକ, ୬ ସପ୍ତାହରୁ ଅଧିକ ଗର୍ଭବତୀ ଥିବା ମହିଳା ଯାତ୍ରା ଲାଗି ନାମ ପଞ୍ଜୀକରଣ କରିପାରିବେ ନାହିଁ। ହେଲିକପ୍ଟରରେ ଯାତ୍ରା କରିବା ଲାଗି ଯୋଜନା କରିଥିବା ବ୍ୟକ୍ତି ଆଗୁଆ ନାମ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ।

## ■ ଭାରତୀୟ ଉଚ୍ଚାୟୁକ୍ତଙ୍କ ଇଫ୍ତାର ପାର୍ଟି
# ଅତିଥିଙ୍କୁ ହଇରାଣ କଲା ପାକିସ୍ତାନ

**ଇସ୍ଲାମାବାଦ୍, ୨।୬:**

ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିଶାରିଆଙ୍କ ଦ୍ୱାରା ଇସ୍ଲାମାବାଦ୍ର 'ସେରେନା' ହୋଟେଲ୍ରେ ଆୟୋଜିତ ଇଫ୍ତାର ପାର୍ଟିକୁ ବହୁ ବିଶିଷ୍ଟ ଅତିଥିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପାକିସ୍ତାନ ନିମନ୍ତ୍ରିତ ଅତିଥିମାନଙ୍କୁ ହଇରାଣ କରିଥିବା ଜଣାପଡ଼ିଛି। ଶନିବାର ପାକିସ୍ତାନ ସୁରକ୍ଷା କର୍ମୀମାନେ ଅତିଥିମାନଙ୍କୁ ବାରମ୍ବାର ଅଟକାଇବା, ସେମାନଙ୍କୁ ଚେକିଂ କରିବା, ହୋଟେଲ ଭିତରକୁ ନ ଛାଡ଼ିବା, ହୋଟେଲରେ ପାର୍ଟି ରଦ୍ଦ ହୋଇଥିବା କହି ହଇରାଣ କରିବା ଲୋକଲୋଚନକୁ ଆସିଛି। ଇଫ୍ତାର ପାର୍ଟିକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍, ରାଷ୍ଟ୍ରପତି ଆରିଫ୍ ଅଲ୍ୱିଙ୍କ ସହ ଅନ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ



### ଭାରତର ତୀବ୍ର ପ୍ରତିକ୍ରିୟା

କରାଯାଇଥିଲା। ହେଲେ ଇମ୍ରାନ୍ ଓ ଅଲ୍ୱି ଏଥିରେ ଯୋଗଦେଇ ନ ଥିଲେ। ପାକିସ୍ତାନ ପିପୁଲ୍ସ ପାର୍ଟି ନେତା ଫର୍ହତୁଲ୍ଲା ବାବର ଟୁଇଟ୍ କରି କହିଛନ୍ତି ଯେ, ସେରେନା ହୋଟେଲ୍କୁ ବାରିକେଡ୍ ଦେଇ ସେ ଯାଉଥିବାବେଳେ ଇଫ୍ତାର ପାର୍ଟି ରଦ୍ଦ ହୋଇଯାଇଥିବା ଶୁଣିବାକୁ ପାଇଥିଲେ। ତା'ପରେ ତାଙ୍କୁ ଅନ୍ୟ ଗେଟ୍ ଦେଇ ଯିବାକୁ କୁହାଯାଇଥିବାବେଳେ ତାହା ବି ବନ୍ଦ ଥିଲା। ତା'ପରେ ସାମ୍ନା ଗେଟ୍ଦେଇ ଚାଲିଯିବାକୁ କୁହାଯାଇଥିଲା। ପାକିସ୍ତାନ ସୁରକ୍ଷା କର୍ମୀଙ୍କ ଏତାଦୃଶ ବ୍ୟବହାରକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏଭଳି ଶତାଧିକ ଅତିଥିଙ୍କୁ ହଇରାଣ କରାଯାଇ ବିଦା କରାଯାଇଥିବା ଜଣାପଡ଼ିଛି। ଏନେଇ ବିଶାରିଆ ଦୁଃଖ ପ୍ରକାଶ କରିବା ସହ ଅତିଥିମାନଙ୍କୁ କ୍ଷମାପ୍ରାର୍ଥନା କରିଛନ୍ତି। ଏଭଳି ବ୍ୟବହାର ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବାରେ ପ୍ରତିବନ୍ଧକ ସାଜିବ ବୋଲି ବିଶାରିଆ କହିଛନ୍ତି। ଭାରତ ପକ୍ଷରୁ ମଧ୍ୟ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପାକିସ୍ତାନକୁ ଅବଗତ କରାଯାଇଛି।

# କାଟ୍ରିନାଙ୍କ ଆଖିକୁ ନିଦ ନାହିଁ

**ମୁମ୍ବାଇ:** ଜୁନ୍ ୫ରେ ରିଲିଜ୍ ହେବାକୁ ଯାଉଛି କାଟ୍ରିନା କୈଫ୍ ଅଭିନୀତ ବଲିଉଡ୍ ଚଳଚ୍ଚିତ୍ର 'ଭାରତ'। ଏଥିଲାଗି ତାଙ୍କ ଆଖିରେ ନିଦ ନ ଥିବା କାଟ୍ରିନା କହିଛନ୍ତି। ରାତି ତମାମ୍ ଉଜାଗର ରହି ଚଳଚ୍ଚିତ୍ରରେ ତାଙ୍କ ଅଭିନୟକୁ ଦର୍ଶକ କିପରି ଗ୍ରହଣ କରିବେ, ସେ କଥା ଭାବୁଥିବା ସେ କହିଛନ୍ତି। ସଲମାନ୍ଙ୍କ ସହ ଅଭିନୟକୁ ଲୋକମାନେ କେମିତି ନେବେ ଓ ତାଙ୍କ ଅଭିନୟର ଯାଦୁ ଦର୍ଶକଙ୍କ ମନକୁ ଛୁଇଁବ କି ନାହିଁ, ତାକୁନେଇ କାଟ୍ରିନା ଏବେ ପୂରା ଚିନ୍ତାରେ ଅଛନ୍ତି। ଏହି ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ



ଅଛନ୍ତି ତବୁ, ଦିଶା ପଟାନି ଓ ଜ୍ୟାକି ଶ୍ରଫ୍। ବକ୍ସ ଅଫିସ୍ରେ 'ଭାରତ' ସଫଳ ହେବ ବୋଲି କୁହାଯାଉଥିବାବେଳେ ସବୁକିଛି ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କାଟ୍ରିନା କହିଛନ୍ତି। ପ୍ରତିଟି ଶଟ୍ ନିଖୁଣ ରହିଛି ଓ ଏହି ଚଳଚ୍ଚିତ୍ର ହିଟ୍ ହେବ ବୋଲି ଆଶା ରଖିଥିବା ସେ ପ୍ରକାଶ କରିଛନ୍ତି। ଅଲୀ ଅବ୍ବାସ ଜାଫର୍ ନିର୍ଦ୍ଦେଶିତ ଓ ଅଲଭିରା ଖାନ୍ ଅଗ୍ନିହୋତ୍ରୀ ପ୍ରଯୋଜିତ 'ଭାରତ' ଭଲ ଫଳ ଆଣିଦେବ ବୋଲି ଆଶା କରାଯାଉଛି। ପ୍ରକାଶଥାଉ କି, କାଟ୍ରିନା ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ରେ ଅକ୍ଷୟ କୁମାରଙ୍କ ସହ ଆସୁଛନ୍ତି।

# ଡି କମ୍ପାନୀ ବିଛାଇଛି ଜାଲ୍‌ନୋଟ ଜାଲ

**ନୂଆଦିଲ୍ଲୀ, ୨।୬(ଆଇଏଏନ୍ଏସ୍)**

କିଛିଦିନର ବ୍ୟବଧାନ ପରେ ଭାରତକୁ ପୁଣି ଆସିବାରେ ଲାଗିଛି ଉଚ୍ଚ ମୂଲ୍ୟର ଭାରତୀୟ ଜାଲ ନୋଟ। ଦେଶର ପୂର୍ବାଞ୍ଚଳ ସୀମାରେ ଏହା ଛପାଯାଉଛି। ପାକିସ୍ତାନରେ ଆତ୍ମଗୋପନ କରିଥିବା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ଙ୍କ ଡି କମ୍ପାନୀ ଚଳାଇଥିବା ଏହି ର୍ୟାକେଟ୍କୁ ସେଠାକାର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ସହଯୋଗ କରୁଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ପକ୍ଷରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି, ପାକିସ୍ତାନର ଆଇଏସ୍ଆଇ ଏବଂ ଡି କମ୍ପାନୀ ପୁଣିଥରେ ଭାରତୀୟ ଅର୍ଥନୀତିକୁ ଦୋହଲାଇଦେବା ଭଳି ଷଡ଼ଯନ୍ତ୍ର ରଚିଛନ୍ତି। ଡି କମ୍ପାନୀର




ଏଫ୍ଆଇସିଏନ୍ ନେଟୱର୍କ ବଡ଼ ବଡ଼ ନୋଟ ଛାପି ଭାରତକୁ ପଠାଉଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକର ଗୁପ୍ତ ସୂଚନାନୁସାରେ ନେପାଳରେ ଏହାର କିଙ୍ଗପିନ୍ ୟୁନୁସ୍ ଅନ୍ସାରୀ ଗିରଫ ହେବାପରେ ଏହି ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଅନ୍ସାରୀ ହେଉଛନ୍ତି ଆଇଏସ୍ଆଇ ଏବଂ ଦାଉଦ୍ଙ୍କ ମଧ୍ୟରେ ଏହି ବେଆଇନ କାରବାର ପାଇଁ ସମ୍ପର୍କର ସୂତ୍ରଧର। ତାଙ୍କ ସହ ଅନ୍ୟ ୩ ପାକିସ୍ତାନୀ ମହମ୍ମଦ ଅଖ୍ତାର, ନାଦିଆ ଅନ୍ୱର ଓ ନାସିରୁଦ୍ଦିନ୍ ମଧ୍ୟ ଗିରଫ ହୋଇଛନ୍ତି। ଏହି ର୍ୟାକେଟଠାରୁ ୭ କୋଟି ଟଙ୍କାର ଜାଲ୍ ନୋଟ ଜବତ ହୋଇଛି। ବାଂଲାଦେଶ ସୀମା ଦେଇ ଏଭଳି ନୋଟ୍ ଭାରତକୁ ପଠାଯାଉଛି। ଗତ ଜାନୁୟାରୀରେ ଜଣେ ବ୍ୟକ୍ତି ପଡ଼ୋଶୀ ଦେଶରୁ ପଶ୍ଚିମବଙ୍ଗ ଦେଇ ଭାରତକୁ ୧୦ ଲକ୍ଷ ଟଙ୍କା ଆଣୁଥିବାବେଳେ ଧରାପଡ଼ିଥିଲେ। ସେଗୁଡ଼ିକୁ ବାଂଲାଦେଶରେ ପ୍ରିଣ୍ଟ କରି ଆଣିବା ପରେ ନୂଆଦିଲ୍ଲୀର ବ୍ୟସ୍ତବହୁଳ ବଜାରଗୁଡ଼ିକରେ ପ୍ରସାର କରାଯାଉଥିବା ନେଇ ଅଭିଯୁକ୍ତ ଜଣକ ସ୍ୱୀକାର କରିଥିଲେ।

### ଏନ୍ଆଇଏର ପ୍ରଘଟ
- ■ଭାରତରେ ଏଫ୍ଆଇସିଏନ୍ ର୍ୟାକେଟ ସକ୍ରିୟ
- ■ଦାଉଦ୍ଙ୍କୁ ସାହାଯ୍ୟ କରୁଛି ଆଇଏସ୍ଆଇ
- ■ବାଂଲାଦେଶ ସୀମା ପାଲଟିଛି ପ୍ରବେଶ ପଥ

# ହିନ୍ଦୀକୁ ବିରୋଧ

ଭାରତର ବିବିଧତା ଉପରେ ପୁନର୍ବାର ଆକ୍ରମଣ ହୋଇଗଲା। ବିବିଧତାରେ ଯେଉଁ ସୌନ୍ଦର୍ଯ୍ୟ ରହିଛି, ତା'ର ମୂଳ ସ୍ରୋତ ଭିନ୍ନ ଭାଷା, ଖାଦ୍ୟ ଓ ବେଶପୋଷାକର ରୁଚିରୁ ଜଣାପଡ଼ିଥାଏ। ବିଶେଷକରି ଭାଷାକୁ ମାରିଦେଲେ ସଂସ୍କୃତି ଏବଂ ଚରିତ୍ର ଧ୍ୱଂସ ପାଇଯାଏ। ଏବେ ଅଣ-ହିନ୍ଦୀ ଭାଷୀ ରାଜ୍ୟ ଉପରେ ତ୍ରିଭାଷୀ ଫର୍ମୁଲା ପ୍ରୟୋଗ କରିବା ଲାଗି କେ. କସ୍ତୁରିରଙ୍ଗନ କମିଟିର ଅନୁମୋଦନକୁ ନେଇ ତାମିଲନାଡୁରୁ ଭାଷା ବିରୋଧୀ ସ୍ୱର ଉଠିଛି। ବିଦ୍ୟାଳୟ ସ୍ତରରେ ଇଂଲିଶ୍ ଓ ଗୋଟିଏ ଆଞ୍ଚଳିକ ଭାଷା ସହ ହିନ୍ଦୀକୁ ବାଧ୍ୟତାମୂଳକ କରିବା ଲାଗି ଉକ୍ତ କମିଟି କେନ୍ଦ୍ର ସରକାରଙ୍କୁ ଚିଠା ପ୍ରସ୍ତାବ ଦେଇଛି। ସାଧାରଣ ନିର୍ବାଚନରେ ଭାଜପା ନିରଙ୍କୁଶ କ୍ଷମତା ପାଇ ସରକାର ଗଢ଼ିବା ପରେ ଦଳୀୟ ଚିନ୍ତାଧାରାକୁ ଜବରଦସ୍ତ ଅଣ-ହିନ୍ଦୀଭାଷୀ ଅଞ୍ଚଳରେ ଲାଗୁ କରିବାକୁ ମସୁଧା କରାଯିବା ପରେ ତାମିଲନାଡୁରେ ପୁଣି ଥରେ ହିନ୍ଦୀ ବିତର୍କର ବଳୟକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ହିନ୍ଦୀ ବିରୋଧୀ ବିକ୍ଷୋଭ ପ୍ରାକ୍-ସ୍ୱାଧୀନତା ସମୟରେ ଆରମ୍ଭ ହୋଇଥିଲା। ୧୯୩୭ରୁ ୧୯୪୦ ମଧ୍ୟରେ ଦକ୍ଷିଣାଞ୍ଚଳରେ ପ୍ରଥମ ହିନ୍ଦୀ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ଏହାକୁ ନେଇ ଜାତୀୟ ବିତର୍କ ସୃଷ୍ଟି ହୋଇଥିଲା। ହିନ୍ଦୀଭାଷୀମାନେ ଦାବିକରି ବସିଲେ ଯେ ଦେଶର ସର୍ବାଧିକ ଲୋକ ହିନ୍ଦୀ କହୁଥିବାରୁ ଏହାକୁ ରାଷ୍ଟ୍ରଭାଷା କରାଯାଉ। ଅନ୍ୟପକ୍ଷରେ ତାମିଲନାଡୁର ପ୍ରଥମ ମୁଖ୍ୟମନ୍ତ୍ରୀ ସି.ଏନ୍. ଆନ୍ନାଦୁରାଇ ଯୁକ୍ତି ବାଢ଼ିଥିଲେ, ଭାରତର ଅଧିକାଂଶ ଲୋକ ହିନ୍ଦୀ କହୁଥିବାରୁ ଯଦି ଏହାକୁ ରାଷ୍ଟ୍ରଭାଷା କରାଯିବ, ତା'ହେଲେ ଏ ଦେଶରେ ଅଧିକ କାଉ ଦେଖାଯାଉଥିବାରୁ ତାହାକୁ ଜାତୀୟ ପକ୍ଷୀ ଆଖ୍ୟା ଦିଆଯାଉ। ହିନ୍ଦୀ ବିରୋଧୀ ଚିନ୍ତାଧାରା ଉଗ୍ରରୂପ ଧାରଣ କରିବାରୁ ୧୯୬୫ରେ ୭୦ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହା ଦେଖି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଘୋଷଣା କରିଥିଲେ ଯେ ହିନ୍ଦୀକୁ ଅଣ-ହିନ୍ଦୀଭାଷୀ ଅଞ୍ଚଳରେ ଲଦି ଦିଆଯିବ ନାହିଁ। ଏବେ ଭାଜପା ସରକାର ସଂଖ୍ୟାଗରିଷ୍ଠ ଦଳ ଭାବେ କ୍ଷମତାକୁ ଫେରିବା ପରେ "କଟା ଘା'ରେ ଚୂନ" ଲଗାଇବା ଭଳି ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ଅଣ-ହିନ୍ଦୀଭାଷୀ ରାଜ୍ୟ ଯଥା କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଭାଜପା ବିପର୍ଯ୍ୟୟ ଚାଖିଥିଲା। ଏହିସବୁ ରାଜ୍ୟରେ ଅନେକ ଲୋକ ହିନ୍ଦୀ ଜାଣିଥିଲେ ମଧ୍ୟ ସାଧାରଣ ଗ୍ରାମବାସୀଙ୍କ ପାଇଁ ତାହା ଏକ ସହଜ ଭାଷା ନୁହେଁ। ଏଭଳି ପରିପ୍ରେକ୍ଷୀରେ କେନ୍ଦ୍ରର ଚିଠା ପ୍ରସ୍ତାବ ଦେଶକୁ ବିପଦମୁଖୀ କରିଦେଉଛି। ଭାଜପାର କାର୍ଯ୍ୟ କରିବାର ପ୍ରଣାଳୀ ଦେଖିଲେ ପ୍ରଥମେ ଚିଠା ପ୍ରସ୍ତାବ ଅଣାଯାଇ ତାହା ଜନସାଧାରଣଙ୍କୁ ଏକ ନିରାମିଷ ପ୍ରସ୍ତାବ ଭାବେ ବାଢ଼ି ଦିଆଯାଏ। ସବୁ ପ୍ରକାରର ପ୍ରତିକ୍ରିୟା ଘଟିସାରିବା ପରେ ତାହାହିଁ କାର୍ଯ୍ୟକାରୀ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ଅଣ-ହିନ୍ଦୀଭାଷୀ ରାଜ୍ୟ ତରଫରୁ ଏହି କସ୍ତୁରିରଙ୍ଗନ କମିଟିର ସୁପାରିସକୁ ବିରୋଧ କରା ନ ଗଲେ ତାହା ଖୁବ୍‌ଶୀଘ୍ର ନୀତି ପାଲଟିଯିବ। ପରବର୍ତ୍ତୀ ସମୟରେ ତାହାକୁ ବଦଳାଇବା ଅସମ୍ଭବ ହୋଇଯିବ। ତାମିଲନାଡୁରେ ୧ ଜୁନ୍ ୨୦୧୯ରେ ହିନ୍ଦୀକୁ ବିରୋଧ କରାଯାଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇ କୁହାଯାଉଛି ଯେ ଉକ୍ତ କମିଟି କରିଥିବା ସୁପାରିସକୁ ତର୍ଜମା କରାଯାଉଛି। ଏହାକୁ ନେଇ ବିଶୃଙ୍ଖଳା ସୃଷ୍ଟି କରାଯିବା ଉଚିତ ନୁହେଁ।

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଆଡ଼କୁ ଏଆଇଏଡିଏମ୍‌କେ ଢଳିବା ପରେ ଏହାର ସୁଯୋଗ ନେଇ କେନ୍ଦ୍ର ସରକାର ତା'ର ବହୁ ଆକାଂକ୍ଷିତ ହିନ୍ଦୀ ଭାଷା ପ୍ରେମ ଅନ୍ୟ ଉପରେ ଅଜାଡ଼ି ଦେବାକୁ ପ୍ରୟାସ କରିଛି। ଏହି ବିଷୟ ପ୍ରଘଟ ହେବା ପରେ ତାମିଲନାଡୁର ବିରୋଧୀ ଏକଜୁଟ ହୋଇ ଏଆଇଏଡିଏମ୍‌କେ ସରକାରକୁ କଟୁ ସମାଲୋଚନା କରିଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ନିକଟରେ ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ଆତ୍ମସମର୍ପଣ କରିଥିବାରୁ କେନ୍ଦ୍ରର ଏଭଳି ଅବାଞ୍ଛିତ ନୀତିକୁ ତାମିଲନାଡୁ ସରକାର ଆପଣାଇ ନେବାକୁ ଚେଷ୍ଟା କରୁଛି ବୋଲି ଡିଏମ୍‌କେ ଅଧ୍ୟକ୍ଷ ଏମ୍. କେ. ଷ୍ଟାଲିନ୍ ଅଭିଯୋଗ କରିଛନ୍ତି। ପାଲାନିସାମୀ ଯଦି ତୁରନ୍ତ କେନ୍ଦ୍ର ସରକାରଙ୍କ ଚିଠା ନୀତିକୁ ଅଗ୍ରାହ୍ୟ ନ କରନ୍ତି, ତାହା ହେଲେ ଏଆଇଏଡିଏମ୍‌କେରେ ଯୋଡ଼ାଯାଇଥିବା 'ଆନ୍ନା' ଓ 'ଦ୍ରାବିଡ' ଶବ୍ଦ ହଟାଇ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, 'ଆନ୍ନା' ଶବ୍ଦର ଅର୍ଥ ହେଉଛି ଭାଇ। ଅନ୍ୟପକ୍ଷରେ ଶିକ୍ଷା ଚିଠା ନୀତିକୁ ବିରୋଧ ହେବା ପରେ ପୂର୍ବତନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ତଥା ଏବର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କୌଣସି ଭାଷାକୁ କାହା ଉପରେ ଲଦି ଦେବାର ଯୋଜନା ନାହିଁ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଯଦି ହିନ୍ଦୀକୁ ଅଣ-ହିନ୍ଦୀଭାଷୀ ରାଜ୍ୟ ଉପରେ ଲଦି ଦିଆଯିବାକୁ ଯୋଜନା ନ ଥିଲା, ତେବେ କେନ୍ଦ୍ର ସରକାର ନୂଆ ଶିକ୍ଷା ଚିଠା ନୀତିରେ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପଛରେ ରହସ୍ୟ କ'ଣ ଥିଲା।

ମନେପଡ଼େ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ସରକାର ସମୟରେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ଆଣିଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ କେତୋଟି କେନ୍ଦ୍ରୀୟ ସେବାରେ ନିଯୁକ୍ତି ପାଇବା ପାଇଁ କେବଳ ଇଂଲିଶ୍ ନୁହେଁ, ଉତ୍ତର ଭାରତୀୟଙ୍କ ପାଇଁ ହିନ୍ଦୀରେ ମଧ୍ୟ ସବୁ ପ୍ରକାର ଉତ୍ତର ଲେଖିବାର ସୁଯୋଗ ମିଳୁ। ବିଶେଷକରି ସର୍ବଭାରତୀୟ ସେବା ଯଥା ଆଇଏଏସ୍, ଆଇପିଏସ୍‌ରେ ଏଭଳି ଦୁଷ୍ଟ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାର ଉଦ୍ୟମ ଆରମ୍ଭ ହୋଇଥିଲା। ସେତେବେଳେ ଏଆଇଏଡିଏମ୍‌କେ ନେତୃତ୍ୱରେ ପାର୍ଲାମେଣ୍ଟରେ ବିରୋଧ ସୃଷ୍ଟି ହେବା ପରେ ମୋଦିଙ୍କ ସରକାର ନୀରବ ପଡ଼ିଥିଲା। ଏବେ ପୁନର୍ବାର ହାତ ବଙ୍କେଇ ନୂଆ ଢଙ୍ଗରେ ହିନ୍ଦୀକୁ ଲଦିବାର ପ୍ରୟାସ ଆରମ୍ଭ ହୋଇଛି।

ନିକଟରେ ଚେନ୍ନାଇରେ ଏକ ଗୁରୁତର ଟ୍ରେନ୍ ଦୁର୍ଘଟଣାକୁ ଅଳ୍ପକେ ଏଡ଼ାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ତାମିଲ ଷ୍ଟେଶନ ମାଷ୍ଟରଙ୍କୁ ହିନ୍ଦୀରେ ନିର୍ଦ୍ଦେଶ ଦିଆଯାଇଥିବାରୁ ଭାଷାଗତ ପାର୍ଥକ୍ୟ ଦେଖାଦେଇଥିଲା। ଏଥିପାଇଁ ଦକ୍ଷିଣ ରେଲୱେ ଉଚ୍ଚ କର୍ମକର୍ତ୍ତାଙ୍କୁ ଲିଖିତ ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିଲା ଯେ ସମସ୍ତେ ଇଂଲିଶ୍‌ରେ ବାର୍ତ୍ତାଳାପ କରିବେ। ଏହିଭଳି ଅନେକ ଘଟଣା ଏବଂ ଦୁର୍ଘଟଣା ବିଶ୍ୱବ୍ୟାପୀ ଭାଷାର ପାର୍ଥକ୍ୟ ଯୋଗୁ ଘଟିବାର ଉଦାହରଣ ରହିଛି। ସେଥିପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ବ୍ୟବସ୍ଥାରେ କେବଳ ଇଂଲିଶ୍‌କୁ ବ୍ୟବହାର କରାଯାଇଥାଏ।

ଏହି ପରିପ୍ରେକ୍ଷୀରେ ୨୦୧୪ରେ ଏନ୍‌ଡିଏ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ବିଭିନ୍ନ ଦିଗରେ ଦେଖାଦେଇଥିବା ଅରାଜକତାକୁ ମନେ ପକାଇ ଦିଆଯାଇପାରେ। ତନ୍ମଧ୍ୟରୁ ଭାଷା କଥା ବିଚାର କରାଯାଉ। ସେତେବେଳେ ହିନ୍ଦୀ ଭାଷା କହିଲେ ହିଁ ଜଣେ ହିନ୍ଦୁ ଓ ହିନ୍ଦୁସ୍ତାନୀ ହୋଇପାରିବ ବୋଲି କୁହାଯାଇଥିଲା। ଅର୍ଥାତ୍ ଅଣ-ହିନ୍ଦୀଭାଷୀ ନାଗରିକଙ୍କୁ ନିଜ ଦେଶରେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବ୍ୟବହାର କରାଯିବାର ଚେଷ୍ଟା କରାଯାଉଛି। ଆଜି କେତେକ ତଥାକଥିତ ଆଧୁନିକ ଓଡ଼ିଆ ହିନ୍ଦୀ ସପକ୍ଷବାଦୀ ହୋଇଯାଇଛନ୍ତି। ଏପରିକି ରାଜ୍ୟର ମୁଖ୍ୟଙ୍କ ଉଦାହରଣ ଦେଇ ଏହି ହିନ୍ଦୀ ଯୋଦ୍ଧାମାନେ ଓଡ଼ିଆ ଭାଷାକୁ ନ୍ୟୂନ କରିଦେବା ପାଇଁ ଚେଷ୍ଟା କରୁଛନ୍ତି। ସେମାନେ ମନେରଖିବା ଦରକାର ଯେ, ଯେତେ ଭଲ ହିନ୍ଦୀ କହିଲେ ମଧ୍ୟ ତାଙ୍କର ଉଚ୍ଚାରଣ ଶୈଳୀରୁ ସ୍ପଷ୍ଟ ବାରି ହୋଇପଡ଼ନ୍ତି ଓଡ଼ିଆ। ଯେତେ ହିନ୍ଦୀ ଭାଷୀ ଅଫିସର ଓଡ଼ିଆ କହିବାକୁ ଯାଇ ବିଭିନ୍ନ କାର୍ଯ୍ୟ 'କେରିବା' କହିବା ମାତ୍ରକେ ତାଙ୍କ ଅଣ-ଓଡ଼ିଆ ଉଚ୍ଚାରଣ ସ୍ପଷ୍ଟ ବୁଝାପଡ଼େ। ଯେଉଁ ମଣିଷ ନିଜ ଭାଷାକୁ ହତାଦର କରେ, ସେ ତା' ନିଜ ପିତାଙ୍କୁ ଚିହ୍ନିପାରେ ନାହିଁ।

# ପ୍ରେମର ଦିବ୍ୟତା ଓ ଶ୍ରୀଅରବିନ୍ଦଙ୍କ ସାବିତ୍ରୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ମୁକ୍ତିର ମାନ୍ତ୍ରିକ ମହାଯୋଗୀ ଶ୍ରୀଅରବିନ୍ଦ। ଜଣେ ମହାନ୍ ଦାର୍ଶନିକ, ମହାକବି ତଥା ଅଧିବିଦ୍ୟା ବିଶାରଦ। ତାଙ୍କ ମତରେ ମଣିଷ ଏକ ବୁଦ୍ଧିମାନ ପ୍ରାଣୀ ଏବଂ ତା' ଭିତରେ ରହିଛି ଏକ ବିକାଶଶୀଳ ଅଭୀପ୍ସାପରାୟଣ ଅନ୍ତଃସତ୍ତା ବା ଚୈତ୍ୟପୁରୁଷ। ଯିଏ ମଣିଷର ଜାଣତରେ ବା ଅଜାଣତରେ ତାକୁ ସର୍ବଦା ଆଗକୁ ଠେଲୁଥାଏ 'ଚରୈବେତି ଚରୈବେତି' କହି। ଅନ୍ୟ ପକ୍ଷରେ ମଣିଷର ଗତି ଆଗରେ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଛି ତା'ର ମୃତ୍ୟୁ ଚେତନା। ମୃତ୍ୟୁ କହିଲେ କେବଳ ଦୈହିକ ମୃତ୍ୟୁ ନୁହେଁ, ବରଂ ଏହା ଏକ ନୈରାଶ୍ୟକର ନାସ୍ତିତ୍ୱ। ମଣିଷ ହେତୁ ପାଇବା ମାତ୍ରେ ତାକୁ ଏଠି ବୁଝେଇ ଦିଆଯାଏ ଜୀବନ ଅନିତ୍ୟ, ସଂସାର ଅଳିକ ଏବଂ ସମ୍ପର୍କ ସବୁ ଅସତ୍ୟ, ଛାୟାବାଜି ଓ ଭେଳିକି। ଏମିତି ଏକ ଅସତ୍ୟବୋଧକୁ ଆପଣେଇ ଘୋର ସଂଶୟ , ନୈରାଶ୍ୟ ଓ ଦୁଃଖରେ ନିତ୍ୟ ଘାରିହୁଏ ମଣିଷ। ଏହି ଅସତ୍ୟ ଓ ନୈରାଶ୍ୟବୋଧକୁ ଶ୍ରୀଅରବିନ୍ଦ କହନ୍ତି ମୃତ୍ୟୁ। ଏହା ଏକ ପାରଂପରିକ ଅଭ୍ୟାସ ଏବଂ ଶକ୍ତିଶାଳୀ ପ୍ରବୃତ୍ତି ଭାବରେ ଆଜି ପର୍ଯ୍ୟନ୍ତ ମଣିଷକୁ ଦେଖେଇ ଆସିଛି ତା'ର ପରାକ୍ରମ। ମୃତ୍ୟୁବୋଧ ଆତ୍ମାରେ ନୁହେଁ, ଥାଏ କେବଳ ଦେହ, ମନ ଓ ପ୍ରାଣରେ। ବିଡ଼ମ୍ବନାର ବିଷୟ ମଣିଷ ଏଯାଏ ଆତ୍ମାରେ ନ ବଞ୍ଚି, କେବଳ ବଞ୍ଚିଛି ଦେହ, ମନ ଓ ପ୍ରାଣକୁ ନେଇ। ମଣିଷର ଦେହ, ମନ ଓ ପ୍ରାଣ ଯେଉଁ ଦିନ ଆତ୍ମାଠାରୁ ବିଚ୍ଛିନ୍ନ ନ ହୋଇ ତା' ସହିତ ଏକୀଭୂତ ହେବ, ସେଦିନ ସେ ମୁକୁଳି ଆସିପାରିବ ମିଥ୍ୟାବୋଧ ବା ମୃତ୍ୟୁରୁ।

ଶ୍ରୀଅରବିନ୍ଦ କେବଳ ଜଣେ ମହାଯୋଗୀ ବା ମହାକବି ନୁହନ୍ତି, ସେ ଥିଲେ ଏହି ସୁଖଦୁଃଖଭରା ପୃଥିବୀର ଜଣେ ଉଦାରବାଦୀ ପ୍ରେମିକ। ତାଙ୍କ ମତରେ ମୃତ୍ୟୁ ଭଳି ଏକ ସର୍ବଶ୍ରେଷ୍ଠ ବଳୀୟାନ୍ ଶତ୍ରୁ ସହିତ ଲଢ଼ି ତାକୁ ପରାସ୍ତ କରିବା ପାଇଁ ଏକମାତ୍ର ପ୍ରତିପକ୍ଷ ହେଉଛି ପ୍ରେମ। ପୃଥିବୀରେ ଏବେ ଏ ଦୁଇଟି ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ଏବଂ ଏ ଯାବତ୍ ପୃଥିବୀକୁ କବଳିତ କରିରଖିଛି ମୃତ୍ୟୁ। ପ୍ରେମ ହାତରୁ ତା'ର ପାତ୍ରୀପାତ୍ରକୁ ସେ ଛଡ଼ାଇ ନେଇ ପାରୁଛି ଆପଣା ପରାକ୍ରମ ବଳରେ। ମାତ୍ର ଆଶ୍ୱାସନାର ବିଷୟ, ସ୍ୱୟଂ ପ୍ରେମ କେବେ କବଳିତ ହୋଇନି ମୃତ୍ୟୁ ହାତରେ। ମଣିଷର ଏହି ପ୍ରେମ ଯେଉଁଦିନ ଦିବ୍ୟପ୍ରେମର ଶକ୍ତି, ସାମର୍ଥ୍ୟ, ଉଦାରତା ଓ ଶୁଦ୍ଧତା ଅର୍ଜନ କରିବ, ସେଦିନ ମୃତ୍ୟୁ ଉପରେ ବିଜୟଲାଭ କରିବ ପ୍ରେମ। ବିଶ୍ୱ ମାନବକୁ ଏହି ଦିବ୍ୟ ସନ୍ଦେଶ ଦେବାପାଇଁ ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟର ପରିକଳ୍ପନା।

ଶାସ୍ତ୍ର କହେ 'ଜାତସ୍ୟ ହିଁ ଧ୍ରୁବୋ ମୃତ୍ୟୁଃ'। ଏହା ସଂସାରର ଏକ ଅଲଘଂନୀୟ ବିଧାନ। ମାତ୍ର ପ୍ରେମର ଦିବ୍ୟତା ବଳରେ ଏହି ବିଧାନକୁ ଯେ ଅତିକ୍ରମ କରାଯାଇ ପାରେ, ତା'ର ଏକ ପଟାନ୍ତରହୀନ ଦୃଷ୍ଟାନ୍ତ ହେଉଛି ବ୍ୟାସକୃତ ମହାଭାରତର ବନପର୍ବରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ। ବନପର୍ବ ଅନ୍ତର୍ଗତ ଆଖ୍ୟାନ ଅନୁସାରେ ମଦ୍ରଦେଶର ରାଜା ଅଶ୍ୱପତିଙ୍କର ଏକମାତ୍ର ତେଜସ୍ୱିନୀ ଓ ମନସ୍ୱିନୀ କନ୍ୟା ସାବିତ୍ରୀ। ସ୍ନେହ , ପ୍ରେମ, ସେବା, ତ୍ୟାଗ, ଧୈର୍ଯ୍ୟ ଓ କରୁଣାର ଏକ ସମନ୍ୱିତ ରୂପ। ବାଲ୍ୟକାଳରୁ ରାଜକୀୟ ଭୋଗବିଳାସ ପ୍ରତି ଉଦାସୀନ ଥିଲେ ବି ତାଙ୍କ ଭିତରେ ଚମକୁଥିଲା ଏକ ଉଚ୍ଚାଙ୍ଗ ଆଦର୍ଶବୋଧର ଭବ୍ୟ ଭାବନା। ସେଥିପାଇଁ ଯୌବନରେ ପତି ଚୟନ ବେଳେ ତାଙ୍କୁ ଆଦୌ ଆକୃଷ୍ଟ କରିପାରିନଥିଲା ରାଜପୁତ୍ରମାନଙ୍କର ପରାକ୍ରମ ବା ସେମାନଙ୍କର ବିଶାଳ ସାମ୍ରାଜ୍ୟ। ବହୁ ଅନ୍ୱେଷଣ ପରେ ଯେତେବେଳେ ସତ୍ୟବାନଙ୍କ ସହ ତାଙ୍କର ସାକ୍ଷାତ ହେଲା ସେତେବେଳେ ତାଙ୍କ ବିଶାଳ ଓ ପରିଶୁଦ୍ଧ ହୃଦୟରେ କଲ୍ଲୋଳିତ ହେଉଥିଲା ବିଶ୍ୱପ୍ରତି କରୁଣାର ଅସୀମ ସାଗର। ସେଥିପାଇଁ ତାଙ୍କୁ ଆକର୍ଷିତ କରିଥିଲା ସାଲ୍ୱ ଦେଶର ରାଜପୁତ୍ର ଉଦାରଚେତା ସତ୍ୟବାନଙ୍କର ଶୌର୍ଯ୍ୟ, ତେଜ, ସରଳତା ଓ ମର୍ଯ୍ୟାଦାବୋଧ। ଶତ୍ରୁମାନଙ୍କଦ୍ୱାରା ଗାଦିଚ୍ୟୁତ ହୋଇ ଅରଣ୍ୟରେ ତପସ୍ୟା କରୁଥିବା ଦୃଷ୍ଟିହୀନ ରାଜା ଦ୍ୟୁମତ୍‌ସେନଙ୍କ ସୁପୁତ୍ର ସତ୍ୟବାନ ସନ୍ନ୍ୟାସୀ ପରି ପର୍ଣ୍ଣକୁଟୀରରେ ଅବସ୍ଥାନ କରି ଅଭିନିବିଷ୍ଟ ଥିଲେ ପିତାମାତାଙ୍କ ସେବାରେ। ଧୀମାନ ସତ୍ୟବାନଙ୍କ ଅସାଧାରଣ ପିତୃମାତୃ ଭକ୍ତିରେ ପ୍ରଭାବିତ ହୋଇ ତାଙ୍କୁ ପତିରୂପେ ବରଣ କରିବାକୁ ସଂକଳ୍ପ ନେଲେ ସାବିତ୍ରୀ।

କନ୍ୟାର ନିଷ୍ପତ୍ତି ରାଜା ଅଶ୍ୱପତି ଓ ରାଣୀ ମାଳବୀଙ୍କୁ ଆଶ୍ୱସ୍ତ କରିବାର ପରମୂହୁର୍ତ୍ତରେ ତାଙ୍କୁ ହତଭମ୍ବ କରିଦେଇଥିଲା ଦେବର୍ଷି ନାରଦଙ୍କ ଭବିଷ୍ୟବାଣୀ। ତ୍ରିକାଳଦର୍ଶୀ ନାରଦଙ୍କ ଅଭ୍ରାନ୍ତ ଉକ୍ତି ଅନୁସାରେ ଆଉ ମାତ୍ର ବର୍ଷକ ପରେ ମୃତ୍ୟୁ ଦ୍ୱାରା କବଳିତ ହେବେ ସତ୍ୟବାନ। ମାତ୍ର ଭାବୀ ପତିଙ୍କ ଅଳ୍ପାୟୁଷ କଥା ଜାଣିବା ପରେ ବି ସାବିତ୍ରୀ ଆଦୌ ବିଚଳିତ ହୋଇ ନ ଥିଲେ କି ପିତାମାତାଙ୍କ ପରାମର୍ଶ ମାନି ବଦଳେଇ ନ ଥିଲେ ନିଷ୍ପତ୍ତି। ବରଂ ନମ୍ରତାର ସହିତ ସମସ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଜଣକୁ ସର୍ବାନ୍ତଃକରଣରେ ପତିରୂପେ ବରଣ କରିସାରିବା ପରେ ଯେକୌଣସି ପରିସ୍ଥିତିରେ ସିଦ୍ଧାନ୍ତରୁ ଓହରିଯିବା ଅର୍ଥ ସତୀଧର୍ମର ଘୋର ଅବମାନନା। ସାବିତ୍ରୀଙ୍କର ଏହି ଅଙ୍ଗୀକାରବଦ୍ଧତା ପ୍ରତି ନିରବ ସମ୍ମତି ଜଣେଇଥିଲେ ପିତାମାତା। ଉଭୟପକ୍ଷ ପିତାମାତାଙ୍କ ଅନୁମୋଦନକ୍ରମେ ଯଥାରୀତି ଅନୁଷ୍ଠିତ ହେଲା ସାବିତ୍ରୀ-ସତ୍ୟବାନଙ୍କ ବିବାହ।

ଶ୍ୱଶୁରାଳୟର ତପୋବନ କୁଟୀରରେ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ସେବାରେ ମନପ୍ରାଣ ଢାଳି ଦେଇଥିବା ସାବିତ୍ରୀ ସମ୍ଭାବ୍ୟ ଦୁର୍ଭାଗ୍ୟକୁ ଏଡ଼େଇବା ପାଇଁ ଆଦରି ନେଇଥିଲେ ଜଣେ ବ୍ରତଚାରିଣୀର କଠୋର ଜୀବନ। ମୁହୂର୍ତ୍ତକ ପାଇଁ ବି ଭୁଲୁ ନ ଥିଲେ ଦେବର୍ଷି ନାରଦଙ୍କ ଭବିଷ୍ୟବାଣୀ। ଦିନ ପରେ ଦିନ ଗଡ଼ି ଚାଲିଲା ଓ ଶେଷରେ ଉପସ୍ଥିତ ହେଲା ସତ୍ୟବାନଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁର ସେହି ନିର୍ଦ୍ଧାରିତ ଦିବସ। ଏଭଳି ଏକ ଶ୍ୱାସରୋଧୀ ଦୁଃସ୍ଥିତିକୁ ସାମ୍ନା କରିବାର ସଙ୍କଳ୍ପ ନେଇ ସ୍ୱାମୀଙ୍କ ପାଖେ ପାଖେ ଜଗି ରହିଲେ ସାବିତ୍ରୀ। ମାତ୍ର ସବୁ ସଜାଗ ଓ ସତର୍କତା ସତ୍ତ୍ୱେ ଅକସ୍ମାତ୍ ଅସୁସ୍ଥତା ଅନୁଭବ କରିବା ସହିତ ସଂଜ୍ଞାହୀନ ହୋଇପଡ଼ିଲେ ସତ୍ୟବାନ। ଅବିଳମ୍ବେ ସାବିତ୍ରୀଙ୍କ ଅନ୍ତର୍ଚକ୍ଷୁ ସମ୍ମୁଖରେ ଉଭାହେଲେ ଜଣେ ତେଜସ୍ୱୀ ପୁରୁଷ। ସତ୍ୟବାନଙ୍କ ଶରୀରରୁ ବଳପୂର୍ବକ ପ୍ରାଣସତ୍ତାକୁ କାଢ଼ିନେଇ ଆଗେଇ ଚାଲିଲେ ପ୍ରତ୍ୟାବର୍ତ୍ତନ ପଥରେ। ସ୍ୱାମୀଙ୍କର ଅପହୃତ ଆତ୍ମାକୁ ଅନୁସରଣ କରି ସାବିତ୍ରୀ ମଧ୍ୟ ଚାଲିଲେ ନିଶ୍ଚଳ ଚିତ୍ତରେ। ଅନୁଧାବନ କରୁଥିବା ଜଣେ ଦିବ୍ୟ ବ୍ରତଚାରିଣୀର ଅନ୍ତଃଚେତନ ଶକ୍ତିକୁ ଏଡ଼େଇଦେଇ ପାରିଲେ ନାହିଁ ମୃତ୍ୟୁଦେବ। ଆରମ୍ଭ ହୋଇଗଲା ପ୍ରାଣପୋଷକ ପ୍ରେମର ପ୍ରତୀକ ସାବିତ୍ରୀ ଓ ପ୍ରାଣନାଶକ ମୃତ୍ୟୁ ଦେବତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ। ବିଶ୍ୱମୟ ଚେତାନାସ୍ନିଗ୍ଧ କୋମଳ ସ୍ୱରକୁ ଚାପିଦେଇ ପାରିଲାନି ନାସ୍ତିବାଦ ଓ ନୈରାଶ୍ୟଜର୍ଜ୍ଜରିତ ମୃତ୍ୟୁର କର୍କଶ ନିର୍ଦ୍ଦେଶ। ବ୍ରତସିଦ୍ଧାର ପାତିବ୍ରତ୍ୟ ଆଗରେ ବିବଶ ହେଲେ ମୃତ୍ୟୁଦେବ। ତାଙ୍କ ଅନୁଗ୍ରହରୁ ପୂର୍ଣ୍ଣ ହେଲା କୂଳବଧୂ ଓ ଦୁହିତା ସାବିତ୍ରୀଙ୍କର ଏକାଧିକ ମନସ୍କାମନା ଏବଂ ଶେଷରେ ମୃତ୍ୟୁର ବ୍ୟାଦିତ ମୁଖରୁ ସ୍ୱାମୀ ସତ୍ୟବାନଙ୍କୁ ଫେରାଇ ଆଣିଲେ, ଯାହାଥିଲା ଜନ୍ମମୃତ୍ୟୁର ବିଧାନ ଉପରେ ଏକ ପ୍ରଚଣ୍ଡ ପ୍ରହାର।

ଏକନିଷ୍ଠ ସାଧିକା ସାବିତ୍ରୀଙ୍କର ଏହି ବିରଳ ସଫଳତା ତାଙ୍କ ସାମର୍ଥ୍ୟର ଏକ ପରିପୂର୍ଣ୍ଣ ଅବସ୍ଥା। ନାରୀସତ୍ତାର ଏକ ଉତ୍ତୀର୍ଣ୍ଣତମ ରୂପ। ଅନେକ ପାର୍ଥିବ ସୁଖର ସମାଧି ଉପରେ ଗଢ଼ିଉଠିଥିବା ସତୀତ୍ୱର ଏହି ଶାଶ୍ୱତ ସ୍ତମ୍ଭକୁ ଆଧାର କରି ଆତ୍ମପ୍ରକାଶ କରିଛି ଶ୍ରୀଅରବିନ୍ଦଙ୍କ କାଳଜୟୀ କାବ୍ୟ 'ସାବିତ୍ରୀ'। ମହାଭାରତରେ ମାତ୍ର ୭ଶହ ଧାଡ଼ିରେ ବର୍ଣ୍ଣିତ ହୋଇଥିବା ଏହି ପ୍ରସଙ୍ଗକୁ କାବ୍ୟାନ୍ତର କରିବାକୁ ଯାଇ ଶ୍ରୀଅରବିନ୍ଦ ରଚନା କରିଛନ୍ତି ୨୪ହଜାର ପଦ। କେବଳ କଳେବର ଦୃଷ୍ଟିରୁ ନୁହେଁ, ଏକ ଜୀବନ୍ତ ପ୍ରତୀକ ହୋଇ ବିଶ୍ୱ ମାନବକୁ ଆଲୋକ ଦେଖେଇଥିବା 'ସାବିତ୍ରୀ'ର ପ୍ରତିଟି ସ୍ତରରେ ଉଦ୍‌ଭାସିତ ହୋଇଛି ଏକ ଊର୍ଦ୍ଧ୍ୱଲୋକର ଜ୍ୟୋତି। ଏଥିରେ ଠୁଳୀଭୂତ ହୋଇଛି ମାନବଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପ୍ରଜ୍ଞା। ସେଥିପାଇଁ କୁହାଯାଏ ମାନବଜାତି ପାଇଁ 'ସାବିତ୍ରୀ' ହେଉଛି ଏକ ଭବିଷ୍ୟତର ମହାକାବ୍ୟ।

ମୋ-୯୪୩୮୮୫୫୦୮୮

# କକ୍‌ଟେଲିଙ୍ଗ:ଖାଦ୍ୟପେୟରୁ ଭାଷାସଂସ୍କୃତି



ଡ. ଚିନ୍ତାମଣି ପଣ୍ଡା

ସେଦିନ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ଦେଖିଲି ଜଣେ ଯାତ୍ରୀ ଦୁଇ ତିନୋଟି ବିଭିନ୍ନ ଛାପର ଗୁଟ୍‌ଖା ଜରିକୁ ଖୋଲି ଏକାଠି ଫେଣ୍ଟିବା ପରେ ସେବନ କଲେ। ଘଟଣାଟି ମୋତେ ଆଶ୍ଚର୍ଯ୍ୟ ଲାଗିଲା। ଆବେଗ ସମ୍ବରଣ କରି ନ ପାରି ତାଙ୍କୁ ଏହାର କାରଣ ପଚାରନ୍ତେ ମୋ କୌତୂହଳକୁ ହାଲ୍‌କା କରି ସେ ବ୍ୟଙ୍ଗାତ୍ମକ ଉତ୍ତରଟିଏ ରଖିଲେ ଆଜ୍ଞା, ଏ ଯୁଗ ପରା କକ୍‌ଟେଲିଙ୍ଗର। ଆପଣ ଦେଖୁନାହାନ୍ତି କି, ଏବେ କିପରି ମଦ୍ୟପାନ ବେଳେ ବିଭିନ୍ନ କମ୍ପାନୀର ଉତ୍ପାଦକୁ ଫେଣ୍ଟାଫେଣ୍ଟି କରି ପାନ କରାଯାଉଛି। ଆଗରୁ ମୁଁ ବିଭିନ୍ନ ପ୍ରକାରର ସାରକୁ ମିଶାଇ ଫସଲରେ ପ୍ରୟୋଗ କରିବାର ଦେଖିଥିଲି। କିନ୍ତୁ ବିଭିନ୍ନ କମ୍ପାନୀର ଗୁଟ୍‌ଖାରେ ଏମିତି କି ପ୍ରଭେଦ ଅଛି ଯେ ତାକୁ ଲୋକେ ମିଶାଇ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ନା ଏଇଟା ଏ ଯୁଗର ଗୋଟେ ଫେଶନ।

ମୋ ଭାବନାରେ ଯବନିକା ଟାଣି ସେ ବୁଝାଇବା ଢଙ୍ଗରେ ବଖାଣିଲେ ଯେ, ଭିନ୍ନ ଭିନ୍ନ ପ୍ରକାରର ପାନୀୟକୁ ଭିନ୍ନ ଭିନ୍ନ ଅନୁପାତରେ ମିଶାଇଲେ ଆପଣଙ୍କ ପସନ୍ଦ ମୁତାବକ ସ୍ୱାଦ ଓ ଆମୋଦ ପାଇପାରିବେ, ଯାହା ଗୋଟିଏ ପ୍ରକାରରୁ ମିଳିବା ଅସମ୍ଭବ, ଯେମିତି ପ୍ରଜାପତିଟିଏ ଭିନ୍ନ ଭିନ୍ନ ଫୁଲରୁ ମହୁ ସଂଗ୍ରହ କରିଥାଏ। ସେ ମୃଦୁପାନୀୟ ହେଉ କିମ୍ବା କଡ଼ା ପାନୀୟ ସବୁ କ୍ଷେତ୍ରରେ ଏ ନିୟମ ଲାଗୁ। କାରଣ ବିବାହ, ବ୍ରତ ପରି ସାମାଜିକ ଅନୁଷ୍ଠାନରେ ପିଲାଠୁ ବୁଢ଼ା ସଭିଏଁ ପାନୀୟ ଷ୍ଟଲ୍ ପାଖରେ ବିଭିନ୍ନ ପାନୀୟକୁ ଫେଣ୍ଟିକରି ଆକଣ୍ଠ ପାନ କରୁଥିବାର ଦୃଶ୍ୟ ଆଜିକାଲି ଅତି ମାମୁଲି କଥା। ଯେମିତି ବିଭିନ୍ନ ପ୍ରକାରର ଅନ୍ନବ୍ୟଞ୍ଜନ ଓ ବିଭିନ୍ନ କିସମର ଆମିଷକୁ ନିଜ ଇଚ୍ଛାନୁସାରେ ମିଶାଇ ଖାଇବାରେ ଆପଣ ଅପାର ଆନନ୍ଦ ଅନୁଭବ କରନ୍ତି। ଅତଏବ ଏହା ଦୋକ୍ତା କି ଗୁଟ୍‌ଖା ସେବନରେ ପ୍ରତିଫଳିତ ହେଲେ କ୍ଷତି କ'ଣ ? ବିଭିନ୍ନ ପ୍ରକାର ଫଳକୁ ମିଶାଇ ସାଲାଡ କଲାପରି ଆମେ ବିଭିନ୍ନ ପ୍ରକାର ପରିବାକୁ ମିଶେଇ ଯେଉଁ ନବରତ୍ନ ଘାଣ୍ଟ ତରକାରି କରୁ ତାହା ତ ଆମର ପରମ୍ପରାଗତ। କିନ୍ତୁ ଏ ପ୍ରକାରର ଅଦ୍‌ଭୁତ ମାନସିକତା ଯେ ଆମର ପରିକଳ୍ପନାର ବାହାରେ। ଛୋଟବେଳେ ଦେଖିଛି ଭିକାରିଟିଏ ବାରଦ୍ୱାର ବୁଲି ସଂଗ୍ରହ କରିଥିବା ଚାଉଳକୁ ଏକତ୍ର କଲାପରେ କିମ୍ବା ସେବାୟତଟିଏ ପର୍ବପର୍ବାଣିମାନଙ୍କରେ ଖାଉନ୍ଦମାନଙ୍କ ଘରୁ ସଂଗ୍ରହ କରିଥିବା ପିଠାପଣାର କିଛି ଜାତି ନ ଥାଏ ଏବଂ ଏହି ବିଚିତ୍ର ମିଶ୍ରଣକୁ ଆମେ ପଞ୍ଚୁକୁଳିଆ ଆଖ୍ୟା ଦେଇଥାଉ। ଏବେ ଇଂଲିଶ୍ ଭାଷାରେ ତାକୁ କକ୍‌ଟେଲିଙ୍ଗ ବୋଲି କହି ଆମେ ଆମ ଚଳଣିରେ ଏକ ପ୍ରକାରର ସାମିଲ କରିଦେଲୁଣି।

ଯେମିତି ଆମକୁ କିଏ କୁକୁର କହିଲେ ରାଗିଯାଉ ସିନା କିନ୍ତୁ ୱାଚ୍ ଡଗ୍ କି ସ୍ଲମ୍ ଡଗ୍ କହିଲେ ଖୁସି ହେଉ। ସେଥିପାଇଁ ଆମର କଥିତ ଭାଷାକୁ ମଧ୍ୟ ଶୁଦ୍ଧ ଉଚ୍ଚାରଣ କରିବାକୁ ଆମେ କୁଣ୍ଠିତ। ଅଣଓଡ଼ିଆଙ୍କ ପରି ବଙ୍କେଇ ତେଢ଼େଇ ହିନ୍ଦୀ, ଇଂଲିଶ ମିଶାଇ କହିଲେ ଲୋକେ ଆମକୁ ଶିକ୍ଷିତ ଓ ଆଧୁନିକ ବୋଲି କହିବେ। କିନ୍ତୁ ଆମର ଏହି ପ୍ରଶସ୍ତ ମାନସିକତାର ପ୍ରଭାବ ଯେ ସୁଦୂରପ୍ରସାରି ତାହା କିଏ ଭାବୁଛି। ଅନ୍ୟ ଭାଷାର ଅନୁକରଣରେ ନୂତନ ଶବ୍ଦପୁଞ୍ଜମାନ ସୃଷ୍ଟିକରି ଆମେ ଆମ ଅଭିଧାନକୁ ପୁଷ୍ଟ କରି ଚାଲିଥିବା ବେଳେ ସେପଟେ ଆମର ଭାଷା ଯେ ତା'ର ମୌଳିକତାକୁ ବୁଡ଼େଇବାକୁ ବସିଲାଣି। ଆଜି ଆପଣ ଗୀତଟିଏ ଶୁଣିବାକୁ ଚାହିଁବେ ତ ଇଂରାଜୀ ଛନ୍ଦରେ ଓଡ଼ିଆ ଗୀତ କି ହିନ୍ଦୀ ତାଳରେ ବା ତେଲୁଗୁ ସ୍ୱରରେ ସମ୍ବଲପୁରୀ ଗୀତର ବିକୃତ କଣ୍ଠସ୍ୱର ଆପଣଙ୍କୁ ଶ୍ରୁତିକଟୁ ମନେହେବ। ଦେଶୀୟ ସଙ୍ଗୀତର ମୌଳିକତା ତଥା ମଧୁର ମୂର୍ଚ୍ଛନାକୁ ପଛରେ ପକାଇ ଆମେ ଯେଉଁ ଅପମିଶ୍ରଣ ସଂସ୍କୃତି ଆଡ଼କୁ ଧାଉଁଛେ, ତାହାର ପରିଣାମ କ'ଣ ହେବ ? କହିବା ବାହୁଲ୍ୟ ଯେ, ନାମ ସଂକୀର୍ତ୍ତନ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ବଜାରରେ ଲୋକପ୍ରିୟ ଚଳଚ୍ଚିତ୍ର ଗୀତର ଧୁନ୍‌ରେ ଆମେ ହରିନାମ ମହାମନ୍ତ୍ରକୁ ଗାଉଛୁ। ତାହା ପୁଣି ଭଗବାନଙ୍କ ସମ୍ମୁଖରେ। କଳାକ୍ଷେତ୍ର ମଧ୍ୟ ଏ ପ୍ରକାର ଅପମିଶ୍ରଣରୁ ବାଦ୍ ପଡ଼ିନାହିଁ। ଓଡ଼ିଶୀ ନୃତ୍ୟରେ ହିପ୍‌ହପ୍ ନୃତ୍ୟକୁ କେତେବେଳେ ପଞ୍ଚ୍ କଲୁଣି ତ ପୁଣି କେତେବେଳେ ଲୋକନୃତ୍ୟରେ କାବେରା। ଅନେକ ଗୀତରୁ ପଦୁଟିଏ ଲେଖାଏ ମିଶାଇ ଯେଉଁ ଅଦ୍ଭୁତ ନୃତ୍ୟସଙ୍ଗୀତର ପରିବେଷଣ କରୁଛୁ, ତାହା ଆଜିର ଦର୍ଶକମାନଙ୍କର ଉପଭୋଗ୍ୟ ହୋଇପାରୁଛି ଏବଂ ମାହୋଲକୁ ମସ୍‌ଗୁଲ ରଖୁଛି। ଭିନ୍ନ ଭାଷାଭାଷୀ ନାଟକର ସମ୍ମିଶ୍ରଣ, ଯାତ୍ରା ପରିବେଷଣରେ ଫ୍ୟୁଜନ୍, ନୃତ୍ୟ ସଙ୍ଗୀତରେ ବିଚିତ୍ରା ଏସବୁ ଏ ଯୁଗର ସୃଷ୍ଟି। କାରଣ ଏ ପ୍ରଣାଳୀଟି ସହଜସାଧ୍ୟ। ବିଭିନ୍ନ ସ୍ରଷ୍ଟାଙ୍କ ରଚନାକୁ କାଟିଯୋଡ଼ି ଯେଉଁ ନୂତନ ରୂପ ଦିଆଯାଉଛି, ତାହା କିମ୍ଭୂତକିମାକାର ହେଲେ ମଧ୍ୟ ସ୍ୱତନ୍ତ୍ର, ଅନନ୍ୟ ଆମ ମତରେ।

ଆଧ୍ୟାତ୍ମିକ ପରିବେଶରେ ମଧ୍ୟ ଏ ଯୁଗର ଆକବରମାନେ ଦିନ୍-ଇ-ଲାହୀର ଅନୁସରଣରେ ନୂତନ ଧର୍ମୀୟ ପରମ୍ପରା ସୃଷ୍ଟି କରିସାରିଲେଣି। କ ଧର୍ମର ରଥଯାତ୍ରାକୁ ଖ ଧର୍ମାବଲମ୍ବୀମାନେ ଏକ ଭିନ୍ନ ରୂପ ଦେଇ ପାଳନ କଲାବେଳକୁ ଖ ଧର୍ମର ମହମବତି ଯାତ୍ରାକୁ କ ଧର୍ମୀମାନେ ଅନୁକରଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମନ୍ଦିରରେ ଜାନୁୟାରୀ ପହିଲାକୁ ନବବର୍ଷ ଭାବେ ପାଳନ କରିବାର ପ୍ରଚେଷ୍ଟା କିଛି କମ୍ କଥା ନୁହେଁ। ଆଜି ଆମେ ପାରମ୍ପରିକ ରଜ ପୋଡ଼ପିଠାକୁ କଣ୍ଟା ଚାମଚରେ ପିଜା ପରି କାଟି ଖାଇବାକୁ ପସନ୍ଦ କରୁଛେ। ହୋଲିରେ ପରସ୍ପର ସହିତ ରଙ୍ଗ ଖେଳିବା ବାହାନାରେ ଏକତ୍ରିତ ହୋଇ କେକ୍ କାଟୁଛେ ଆଉ ତାକୁ ନିଜ ନିଜ ଭିତରେ ବୋଲାବୋଲି ହେଉଛେ। ଦୀପାବଳିରେ ଦୀପ ପରିବର୍ତ୍ତେ ମହମବତି ଜାଳୁଛେ। ଧୋତି ପରିବର୍ତ୍ତେ ପ୍ୟାଣ୍ଟ ଶାର୍ଟ ପିନ୍ଧି ପୂଜା କରୁଛେ। ସକାଳୁ ନମସ୍କାର କିମ୍ବା ପ୍ରଣାମ ନ କରି ଗୁଡ୍‌ମର୍ଣ୍ଣିଂ କହି ଅଭିବାଦନ କରୁଛେ, ଯାହାକି ଆମ ଉଗ୍ର ଆଧୁନିକତାର ପରିଚୟକୁ ଜାହିର କରୁଛି। କିନ୍ତୁ ଅନ୍ୟପକ୍ଷରେ ଆମ ସ୍ୱତନ୍ତ୍ରତା ଓ ମୌଳିକତାକୁ ପ୍ରତି ମୁହୂର୍ତ୍ତରେ ତିଳ ତିଳ କରି ଯେ ହରାଇ ଚାଲିଛେ, ସେଥିପ୍ରତି ଆମର ନିଘା ନାହିଁ। ଏପରି ଅପମିଶ୍ରଣ କରି କରି ଚାଲିଲେ ଦିନେ ଆମେ ଏକ ସ୍ୱତନ୍ତ୍ର ସଭ୍ୟତା କିମ୍ବା ସଂସ୍କୃତିର ଦାୟାଦ ଥିଲେ ବୋଲି କେବଳ ଇତିହାସ ହିଁ ପ୍ରମାଣ ଦେବ।

କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର,
ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ଈଶ୍ୱରଙ୍କ ନିକଟତର ହେବା ପାଇଁ କିଏ କେତେ ପ୍ରକାର ସାଧନା କରନ୍ତି। କିନ୍ତୁ ଜଣେ ବୃଦ୍ଧ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଜୀବନ୍ତ ସମାଧି ନେବାକୁ ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆନ୍ଧ୍ରପ୍ରଦେଶରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଘଟଣା। ଗୁଣ୍ଟୁର ଜିଲା ଗନ୍ନାବରମ ଗାଁର ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଥାତିରେଡ୍ଡୀ ଲାଚି ରେଡ୍ଡୀ ନାମକ ଏହି ବ୍ୟକ୍ତି ଭଗବାନଙ୍କ ନିକଟତର ହେବାକୁ ଏଭଳି ଅଭିନବ ପନ୍ଥା ଆପଣାଇଥିଲେ। ନିଜ କ୍ଷେତରେ ଏକ ସମାଧି ଖୋଳି ଜୀବନ୍ତ ସମାଧି ନେବାକୁ ଉଦ୍ୟମ କରିଥିଲେ। ସେ ଈଶ୍ୱରଙ୍କୁ ଆରାଧନା କରି ସମାଧିସ୍ଥ ହେବାକୁ ଚାହୁଁଥିଲେ। ହେଲେ ଘଟଣା ସମ୍ପର୍କରେ ପୋଲିସ ଜାଣିବା ପରେ ବୃଦ୍ଧଙ୍କୁ ଏପରି କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ଆଗେଇ ଆସିଥିଲେ। ସେ ଜିଲାପାଳଙ୍କ ନିକଟକୁ ଏକ ପତ୍ରଲେଖି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ। ହେଲେ ଏପରି କାର୍ଯ୍ୟ କରିବା ପୂର୍ବରୁ ପୋଲିସ ଏଥିରେ ହସ୍ତକ୍ଷେପ କରିଥିଲା ଏବଂ ବୃଦ୍ଧ ଜଣକ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ।

## ଚିରନ୍ତନୀ

ମରଣର ପଥ ଚାହିଁ ବସି ରହେ ଯେତେ ଅସହାୟ
ଉଠୁ ସେ ସାହସଭରେ ପାଇବାକୁ ଫେରି ନିଜ ନ୍ୟାୟ
ଶ୍ରେଷ୍ଠତମ ମର୍ଯ୍ୟାଦା ହେ ଭାରତର ଗର୍ବ ଅଭିମାନ
ସକଳ ସମସ୍ୟା ଲାଗି ଦିଅ ଆଣି ନବ ସମାଧାନ।

(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୯୪

- ଆନ୍ତର୍ଜାତିକ ସ୍ତରରେ ସନ୍ତ୍ରାସବାଦର ମୁକାବିଲା ପାଇଁ ଏକ ରାଜିନାମା ସମେତ ଭାରତ ଓ ରୋମାନିଆ ଆଜି ୪ଟି ରାଜିନାମା ସ୍ୱାକ୍ଷର କରିଛନ୍ତି।
- ଚାଇନାର ଦକ୍ଷିଣାଞ୍ଚଳରେ ଥିବା ଚୋଲିଙ୍ଗ ସହରରେ ବିଭିନ୍ନ ହତ୍ୟାକାଣ୍ଡ, ବଳାତ୍କାର ଓ ଡକାୟତି ଘଟଣାରେ ଅଭିଯୁକ୍ତ ଥିବା ୩୫ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି।

## ସାପ୍ତାହିକ ପଞ୍ଜିକା

୨୬- ଜଣେ ବିଧବାଙ୍କୁ ଭରଣପୋଷଣ ଦେବା ଲାଗି ତାଙ୍କ ସ୍ୱାମୀଙ୍କ ଭାଇଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।
୨୭- ସିକିମ ମୁଖ୍ୟମନ୍ତ୍ରୀ ଭାବେ ପ୍ରେମ ସିଂ ତମାଙ୍ଗ ଓରଫ ପି.ଏସ୍. ଗୋଲେଙ୍କ ଶପଥ ଗ୍ରହଣ।
୨୮- ଉତ୍ତରପ୍ରଦେଶର ବାରାବାଙ୍କି ଜିଲାରେ ବିଷାକ୍ତ ମଦ ପିଇ ୧୩ ଜଣଙ୍କର ମୃତ୍ୟୁ ଓ ୪୦ ଅସୁସ୍ଥ।
୨୯- ପଞ୍ଚମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କ ଶପଥ ଗ୍ରହଣ।
* ବରିଷ୍ଠ ଭାଜପା ନେତା ଜେ.ପି. ନଡ୍ଡା ଅମିତ ଶାହଙ୍କ ପରେ ଭାଜପାର ନୂତନ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି।
୩୦- ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ। ତାଙ୍କ ସହ ୨୪ କ୍ୟାବିନେଟ୍, ୯ ସ୍ୱାଧୀନ ଓ ୨୪ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଛନ୍ତି।
୩୧ କୃଷକ ଓ ବ୍ୟବସାୟୀଙ୍କୁ ପେନସନ ଦେବା ପାଇଁ ମୋଦି-୨ କ୍ୟାବିନେଟର ପ୍ରଥମ ନିଷ୍ପତ୍ତି।

## ଆମ ସମସ୍ୟା

### ଫ୍ଲାଇଓଭର ନିର୍ମାଣର କଚ୍ଛପ ଗତି

ମହାଶୟ,

କଟକ ସଦର ଅନ୍ତର୍ଗତ କନ୍ଦରପୁରଠାରେ ପ୍ରସ୍ତାବିତ ରେଳ ଫ୍ଲାଇଓଭର ନିର୍ମାଣକୁ ତ୍ୱରାନ୍ୱିତ କରାଯାଉ। ଦୀର୍ଘଦିନରୁ ପାଇଲିଂ ସରିଥିଲେ ମଧ୍ୟ ଏଯାଏ ପିଲର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚାରିଚକିଆ, ତିନିଚକିଆ, ଦୁଇଚକିଆ ଯାତ୍ରୀମାନଙ୍କୁ ବହୁ ସମୟ ଫାଟକ ବନ୍ଦ ବେଳେ ଅପେକ୍ଷା କରିବାକୁ ପଡୁଛି। ଏଥିପ୍ରତି ତୁରନ୍ତ ରେଳ ବିଭାଗ ଗୁରୁତ୍ୱ ଦେଉ। ଏକ ସଙ୍ଗେ ଉଭୟ ପଟୁ ଗାଡି ସଙ୍କେତ ଆସିଲେ ଅଧିକ ସମୟ ଅପେକ୍ଷାରେ ରହିବାକୁ ପଡୁଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଷନନଗର, କଟକ

### ଭାର୍ଗବୀ ନଦୀବନ୍ଧ ପଥର ପ୍ୟାକିଂରେ ଅବହେଳା

ଭାର୍ଗବୀ ନଦୀବନ୍ଧ ବାମପାର୍ଶ୍ୱ ଗବକୁଣ୍ଡଠାରୁ ପାର୍ବତୀପୁର, ବଳଙ୍ଗା ପର୍ଯ୍ୟନ୍ତ କଣ୍ଠିଆ ନ ଥିବା ନଦୀ ପେଟ ସ୍ଥାନରେ ପଥର ପ୍ୟାକିଂ ଦାବିର ପ୍ରତିକାର ସ୍ୱରୂପ କାର୍ଯ୍ୟ ହୋଇଛି। ମାତ୍ର ସୁଆଣ୍ଡୋ-ମା' ଜାଗେଶ୍ୱରୀ ଠାକୁରାଣୀଙ୍କଠାରୁ ବିଦ୍ୟାଧରପୁର-ଗୁଆଳିଗୋରଡାର ବିପଦସଙ୍କୁଳ ବନ୍ଧରେ ପଥର ପ୍ୟାକିଂ ହୋଇନାହିଁ। ଏଣୁ ଏହି ଅଞ୍ଚଳର ବିଦ୍ୟାଧରପୁର, ପାରକେଣା, କଅଁଳପଡା, ମହୁରା, କେତକୀପାଟଣା ପ୍ରଭୃତିର ଗ୍ରାମବାସୀ ମା' ଜାଗେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ପାଖରୁ ଦୁର୍ବଳ ବନ୍ଧରେ ପଥର ପ୍ୟାକିଂ କରାଯିବାକୁ ଜଳସମ୍ପଦ ବିଭାଗକୁ ପ୍ରାର୍ଥନା କରିଛନ୍ତି।

ରଣଜିତ ମହାପାତ୍ର, ଶ୍ରୀରାମଚନ୍ଦ୍ର ଦାଶ, ଦୁଃଶାସନ ପ୍ରଧାନ,
କୈଳାସ ଚନ୍ଦ୍ର ପରିଡା, ବିଦ୍ୟାଧରପୁର, ଗୁଆଳିଗୋରଡା, ବଳଙ୍ଗା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗା ଯୁଆଡ଼େ ଚାହେଁ**
**ସାଗର ଶୁଖେ ଛାଏଁ ଛାଏଁ ।**

କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ କେବେହେଲେ ଆଗକୁ ବଢ଼ିପାରେ ନାହିଁ। ଭାଗ୍ୟ ଯେତେବେଳେ ସାଥ୍ ନ ଦିଏ ସେତେବେଳେ ହାତରେ ଧରିଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ । ଭାଗ୍ୟହୀନ ଲୋକର ସ୍ଥିତି ସବୁବେଳେ ସବୁଠି ବିପର୍ଯ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି**
**ଝୁଣ୍ଟିଆ ଶବଦ କମ୍ପାଇ ଦେଲା ଲୋ**
**ଏଇ ବାଟେ ଗଲା ଗୋରୀ ।**

ଗହଣା ପିନ୍ଧି ସଜେଇ ହେବା ନାରୀଙ୍କର ଏକ ସଉକ। ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ନିଜ ରୂପଗୁଣକୁ ନେଇ ପ୍ରଶଂସା କରିବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଝୁଣ୍ଟିଆ ପରି ସାମାନ୍ୟ ଅଳଙ୍କାର ପରିହିତା ମହିଳା ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆଜି ସାବିତ୍ରୀ ବ୍ରତ: ଫଳ ଓ ଶାଢ଼ି ଦୋକାନରେ ଭିଡ଼

**ମାର୍ଶାଘାଇ,୨।୬ (ଡିଏନଏ)**

ରାତି ପାହିଲେ ସାବିତ୍ରୀ ବ୍ରତ । ଏଥିପାଇଁ ମହିଳାମାନଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ବ୍ରତରେ ଭୋଗ ପାଇଁ ପାଚିଲା ଫଳ ନିହାତି ଦରକାର ଥିବାରୁ ମାର୍ଶାଘାଇର ବିଭିନ୍ନ ଫଳ ଦେକାନରେ ଭିଡ ଲାଗି ରହିଛି। ସେହିପରି ମାର୍ଶାଘାଇ, ଅଙ୍ଗୁଳାଇ, ବଡପାଳ, ପିକରାଳୀ, ଅନ୍ତେଇ, କରିଲୋପାଟଣା ପ୍ରଭୃତି ବଜାରରେ ଥିବା ଶାଢୀ ଦୋକାନରେ ଶାଢି କିଣିବା ପାଇଁ ମହିଳାଙ୍କ ଲମ୍ବା ଧାଡି ଲାଗିଛି। ମାର୍ଶାଘାଇ ବଜାରରେ ଥିବା ୩ଟି ନିୟମିତ ଫଳ ଦୋକାନ ସହିତ ୧୦ରୁ ଅଧିକ ଅସ୍ଥାୟୀ ଫଳ ଦୋକାନ ଖୋଲିଥିବା ଦେଖିବାକୁ ମିଳୁଛି। ଶିଳିପୁର, କେନାଲବ୍ରିଜ, ବଡପାଳ ବଜାର, ଅଙ୍ଗୁଳାଇ, ନେମ୍ପରା ଛକ, ଅନ୍ତେଇ, ହଳଦିଆଗଡା, ବନ୍ଧକଟା, ଆଖୁଆ, କରିଲୋପାଟଣା, ଯମପଡା ପ୍ରଭୃତି ବଜାରରେ ଥିବା ଫଳ ଦୋକାନ ଗୁଡିକରୁ ଫଳ କିଣିବା ପାଇଁ ସନ୍ଧ୍ୟା ବେଳେ ପ୍ରବଳ ଗହଳି ହୋଇଥିଲା । ସାବିତ୍ରୀ ନିଜର ସ୍ୱାମୀ ସତ୍ୟବାନଙ୍କୁ ଯମରାଜଙ୍କ କବଳରୁ ଉଦ୍ଧାର କରିବା ନେଇ ପୁରାଣରେ ବର୍ଣ୍ଣିତ ରହିଛି। ଏଣୁ ସଧବା ନାରୀମାନେ ନିଜ ସ୍ୱାମୀର ମଙ୍ଗଳ ମନାସି ସାବିତ୍ରୀ ଅମାବାସ୍ୟା ଦିନ ଉପବାସ ରହି ନୂଆ ଶାଢୀ.ଶଂଖା,ସିନ୍ଦୁର ଆଦି ପରିଧାନ କରି ପୂଜାର୍ଚ୍ଚନା କରିଥାନ୍ତି। ପୂଜାରେ ମୁଖ୍ୟତଃ ପାଚିଲା ଆମ୍ବ,ପଣସ,କଦଳୀ,ସେଓ,ଅଙ୍ଗୁର,ବେଦନା,କମଳା,ଖଜୁରୀ,ଲିଚି,ତାଳସଜ, କାକୁଡି, ନଡିଆ ପ୍ରଭୃତି ଭୋଗ ହୋଇଥାଏ । ନୂଆ ସୂତା ତିଆରି ବ୍ରତ ପୂଜା କରି ଡାହାଣ ହାତରେ ବ୍ରତଧାରୀମାନେ ବାନ୍ଧି ସ୍ୱାମୀଙ୍କ ଶୁଭ ମନାସବା ସହ ଦୀର୍ଘ ଜୀବନ କାମନା କରିଥାନ୍ତି ।

# ଗଣକବି ଗୋପାଳ ଦାଶଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା ଅଫିସ, ୨।୬:** ଜିଲା ସଂସ୍କୃତି ପରିଷଦ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ପଳସିଂହାଠାରେ ଗଣକବି ଗୋପାଳ ଦାଶଙ୍କ ୧୪୪ତମ ଜୟନ୍ତୀ ଇତିମଧ୍ୟରେ ପାଳିତ ହୋଇଯାଇଛି। ସଭାପତି ନିତ୍ୟାନନ୍ଦ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂଗୀତକାର ବିମଳ କିଶୋର ପରିଡ଼ା, ଜଗଦାନନ୍ଦ ଜେନା, ସରପଞ୍ଚ କାଦମ୍ବିନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ଗଣକବି ଗୋପାଳ ଦାଶଙ୍କ କଳା ନୈପୁଣତା କେବଳ କେନ୍ଦ୍ରାପଡ଼ା ନୁହେଁ ବଙ୍ଗ, ବିହାର ଓ ସାରା ଓଡ଼ିଶାରେ ବ୍ୟାପିଛି। ପ୍ରାୟ ୭୦ଟି ଗୀତାଭିନୟ ଓ ସୁଆଙ୍ଗ ରଚନା କରି ସେ ନିଜ କବିତ୍ୱର ପରାକାଷ୍ଠା ପ୍ରତିପାଦନ କରିଯାଇଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବକୁ ପଣ୍ଡିତ ପଦ୍ମନାଭ ଦାଶ, ଅଜିତ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିବା ବେଳେ ବହୁ କଳାକାର ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ନୂତନ ବିଧାୟକଙ୍କୁ ସମ୍ବର୍ଦ୍ଧନା, ଦୁଇଟି ପ୍ରକଳ୍ପର ଶିଳାନ୍ୟାସ

**ରାଜନଗର,୨।୬(ଡିଏନଏ) :** ରାଜନଗର ବିଧାନସଭା ଆସନର ନବନିର୍ବାଚିତ ବିଧାୟକ ଧ୍ରୁବଚରଣ ସାହୁ ଶନିବାର ରାଜନଗର ଗସ୍ତ କରିଛନ୍ତି । ସେ ରାଜନଗର ହଂସୁଆ ସେତୁ ନିକଟରେ ପହଞ୍ଚିବା ପରେ ବିଜୁ ଜନତା ଦଳର ବ୍ଲକ ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ରାଜନଗରବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ନୂତନ ବିଧାୟକଙ୍କୁ କର୍ମୀମାନେ କୁରୁଣ୍ଟି ପଞ୍ଚାୟତ ଯାଏଁ ପାଛୋଟି ନେଇଥିଲେ । ଏହି ଅବସରରେ ବିଧାୟକ ସାହୁ କୁରୁଣ୍ଟି ଗ୍ରାମପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ ଗୃହ ଓ କୁରୁଣ୍ଟି ଗ୍ରାମର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁରୁଣ୍ଟି ସରପଞ୍ଚ ଜୁମର କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସବିତା ସେଠୀ ଯୋଗ ଦେଇଥିବା ବେଳେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସୋରେନ ନାଥ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ସର୍ବେଶ୍ୱର ସାହୁ , ନିମାଇଁ ରାଉତ, କୁରୁଣ୍ଟି ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପ୍ରଧାନ, ଯୁବନେତା ଅମର କୁମାର ସ୍ୱାଇଁ, ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତ, ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୨ ବାଇକ୍ ମୁହାଁମୁହିଁ, ବୃଦ୍ଧ ମୃତ

**ଡେରାବିଶ, ୨।୬ (ସ୍ୱ.ପ୍ର.)**

ଚାନ୍ଦୋଳ ଫାଣ୍ଡି ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଗଣେଶପୁର ଛକଠାରେ ରବିବାର ମଧ୍ୟାହ୍ନରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସ୍ଥାନୀୟ ଭଣଗାଁ (କାକଟିଆ) ଗ୍ରାମର ରାମଚନ୍ଦ୍ର ରଥ (୭୫)।

ଘଟଣା ମୁତାବକ, ଏକ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବା ନିମନ୍ତେ ରାମଚନ୍ଦ୍ର କଟିକଟାରୁ ମିଷ୍ଟାନ୍ନ କିଣି ଯାଉଥିଲେ। ଏହି ସମୟରେ ଗଣେଶପୁର ଛକରେ ଅପରପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ରାମଚନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମଗୋଡ଼ ଭାଙ୍ଗି ଯାଇଥିଲା । ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାମଚନ୍ଦ୍ରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ସୂଚନାଯୋଗ୍ୟ, ରାମଚନ୍ଦ୍ରଙ୍କ ବାଇକ୍ ସହ ଧକ୍କା ହୋଇଥିବା ଅନ୍ୟ ବାଇକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ମୁଗଚାଷୀଙ୍କ କ୍ଷୟକ୍ଷତି ଆକଳନ ଦାବି

**କେନ୍ଦ୍ରାପଡା ଅଫିସ, ୨।୬**

ବାତ୍ୟା ଫନୀ ଯୋଗୁ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଭରତପୁର ମୌଜାରେ ମୁଗଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚାଷୀମାନେ ସମବାୟ ସମିତି ଓ ବିଭିନ୍ନ ବ୍ୟାଙ୍କରୁ ଋଣ କରି ଚାଷ କରିଥିବା ବେଳେ ଋଣ ଶୁଝିବା ଏବେ ସମସ୍ୟା ସୃଷ୍ଟି କରିଛି। ଏ ନେଇ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ଅଦ୍ୟାବଧି ସରକାରୀ ଆକଳନ ହୋଇପାରିନାହିଁ। ଏପରି ଅଭିଯୋଗ ଆଣିବା ସହ ତୁରନ୍ତ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମର ଆକୁଳାନନ୍ଦ ବେହେରା, ଶ୍ରୀଧର ମହାନ୍ତି, ଗୋପାଳ ଚରଣ ଦାସ, ବିରଜା ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ବାଇଧର ବେହେରା, ଚୈତନ୍ୟ ଦଳାଇ ପ୍ରମୁଖ ଦାବି କରିଛନ୍ତି। ଜିଲାପାଳଙ୍କୁ ଏ ସମ୍ପର୍କରେ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି।

■ ଭଏସ୍ ଅଫ୍ କେନ୍ଦ୍ରାପଡ଼ା ପକ୍ଷରୁ ଆଲୋଚନାଚକ୍ର

# ଜିଲା ସ୍ୱାର୍ଥ ପାଇଁ ସଭିଏଁ ଏକାଠି ହେବା ଜରୁରୀ

**କେନ୍ଦ୍ରାପଡା ଅଫିସ୍, ୨।୬**

କେନ୍ଦ୍ରାପଡାର ଅର୍ଥନୈତିକ ଅଭିବୃଦ୍ଧି ହେଉନାହିଁ। ମୌଳିକ ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକ ହେବା ଜରୁରୀ ହୋଇ ପଡିଛି ବୋଲି ଭଏସ୍ ଅଫ କେନ୍ଦ୍ରପଡ଼ା ପକ୍ଷରୁ ଶନିବାର ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି। ସହରର ତିନିମୁହାଣିସ୍ଥିତ ଏକ କଲ୍ୟାଣ ମଣ୍ଡପରେ 'ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସ୍ୱପ୍ନର କେନ୍ଦ୍ରାପଡା' ଶୀର୍ଷକ ଆଲୋଚନା ଚକ୍ରରେ ଅନୁଷ୍ଠାନର ସଭାପତି ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଭାଜପା ରାଜ୍ୟ ଉପସଭାପତି ଭୁବନମୋହନ ଜେନା ଯୋଗଦେଇ ଜିଲାରେ ଦାଦନ ସମସ୍ୟାକୁ ଗୁରୁତ୍ୱ ଦେଇଥିଲେ। ସେ ପ୍ରକାଶ କରିଥିଲେ ଯେ, ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ଅଛି। ତେବେ ଯୁବଦ୍ୟୋଗୀଙ୍କୁ ପ୍ରୋତ୍ସାହିତ ପାଇଁ ଲୋକ ପ୍ରତିନିଧିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାବ୍ୟତିତ ସାଧାରଣ ଉଦ୍ୟୋଗରୁ କିପରି ଆର୍ଥିକ ବିକାଶ ହୋଇପାରିବ ସେନେଇ ସେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା କୃଷି ଓ କୃଷକର ବିକାଶ ପାଇଁ ଲୋକ ପ୍ରତିନିଧିମାନେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ଲୋକପ୍ରତିନିଧିଙ୍କ ସାମୁହିକ ସ୍ୱର ଏହାର ପରିବର୍ତ୍ତନ କରିପାରିବ ବୋଲି ମତ ଦେଇଥିଲେ। ବିଜଡି ଯୁବ ନେତା ରାଜେଶ ଦାସ ପ୍ରକାଶ କରିଥିଲେ, ଜିଲାର ବିକାଶ ପାଇଁ ଲୋକ ପ୍ରତିନିଧି ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ। ସାମାଜିକ କର୍ମୀ ଶୋଭନ କୁମାର ଆଚାର୍ଯ୍ୟ, ମନୋଜ କୁମାର ନାୟକ ଓ ଆଶିଷ କୁମାର ଦାସ ଆଲୋଚନାରେ ଅଂଶଗ୍ରହଣ କରି ଜିଲାରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରଭୃତିର ବିକାଶ ପାଇଁ ଦୀର୍ଘମିଆଦି ଯୋଜନା ହେବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସାମାଜିକ କର୍ମୀ ରଞ୍ଜନ କୁମାର ମହାନ୍ତି ଏହି ଆଲୋଚନା ସମ୍ପର୍କରେ ପ୍ରାରମ୍ଭରେ ସମ୍ୟକ ସୂଚନା ଦେଇଥିଲେ। ଶକ୍ତିଶ୍ରୀ ଲେଙ୍କା, ବୀରେନ୍ଦ୍ର ଦାସ, ମଳୟ କୁମାର ସାହୁ, ଗୌତମ ସାହୁ, ଶକ୍ତିକାନ୍ତ ପାତ୍ର, ଧୃତି ରଞ୍ଜନ ବାରିକ, ବାବୁଲାଲ ପଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଦୀପ୍ତିମୟୀ ପ୍ରିୟଦର୍ଶିନୀ**
ଅମଲାପଡ଼ା, ଢେଙ୍କାନାଳ
ଆବିର୍ଭାବ: ୧୪।୦୯।୧୯୯୮
ତିରୋଧାନ: ୦୩।୦୬।୨୦୧୦
୯ବର୍ଷ ବିତିଗଲା। ତୋର ଅନାବିଳ ସ୍ନେହ ଓ ପ୍ରତିଟି ମୁହୂର୍ତ୍ତକୁ ପାଥେୟ କରି ଜୀବନ ବିତାଉଛୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋତେ ଯେଉଁଠାରେ ରଖିଛନ୍ତି ଶାନ୍ତିରେ ରଖିଥାନ୍ତୁ।
**ଶୋକସନ୍ତପ୍ତ:**
ତୋର ହତଭାଗା ବାବା, ମାମା
ଧ-୧୨୭୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣ୍ଡୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୫୮୦୮୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସସ୍ମିତା ପାଢୀ**
ଆବିର୍ଭାବ: ୨୫।୧୧।୧୯୬୫
ତିରୋଧାନ: ୨୪।୦୫।୨୦୧୯
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ହେଁ ମରଇ
ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସେବା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା ସର୍ବଦା ତୁମକୁ ଦିପ୍ତିମନ୍ତ କରି ରଖିଥିବ। ତୁମର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ହତଭାଗ୍ୟ ପ୍ରତାପ (ସ୍ୱାମୀ), ରାଜା, ରାଜୁ(ପୁଅ), ତ୍ରିପାଠୀ ଓ ପାଢୀ ପରିବାର ବର୍ଗ ଓ ବନ୍ଧୁ ପରିଜନ, ସୁନ୍ଦରଗଡ଼।
ଧ-୧୨୮୦୨

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଚନ୍ଦ୍ରମଣୀ ନାୟକ**
ଅଟିରା, ବରୀ
ଆବିର୍ଭାବ: ୨୦।୦୫।୧୯୨୧
ତିରୋଧାନ: ୨୪।୦୫।୨୦୧୯
ପରମପୂଜ୍ୟା ମାତୃଦେବୀ ସ୍ୱର୍ଗତା ଚନ୍ଦ୍ରମଣୀ ନାୟକ ତୁମ୍ଭେ ଆମକୁ ୧୦ଦିନ ହେଲା ଛାଡ଼ି ଚାଲିଯାଇଛ। ତୁମର ଭଲ ପାଇବା, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଆଶୀର୍ବାଦ, ଆମକୁ ଉଜ୍ଜୀବିତ କରି ରଖିଛି। ପ୍ରତିମୁହୂର୍ତ୍ତରେ ତୁମେ ଆମ ମନରେ ଉଙ୍କି ମାରୁଛ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ହତଭାଗ୍ୟ ପୁତ୍ର: ସଦାଶିବ ନାୟକ, ନଟବର ନାୟକ, ବଟକୃଷ୍ଣ ନାୟକ, ନାତି:ଘନଶ୍ୟାମ, ଅନିରୁଦ୍ଧ, ରଙ୍କୁ, ଦେବୁ, ହିତେଶ୍ୱର ଓ ବନ୍ଧୁ ପରିବାରବର୍ଗ।
ଧ-୧୨୮୦୩

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

OFFICE SPACE FOR RENT
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT: 9958003695
Email: mishrab1962@gmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ତେବେ ତାଙ୍କୁ ଦାବ ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
7564962303
9354145347

ହିନ୍ଦୁସ୍ତାନ ଫାଇନାନ୍ସ (ପଞ୍ଜୀକୃତ କମ୍ପାନୀ)
ମାର୍କେଟିଂ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
2% ସୁଧ - 40% ରିହାତି
9548438832, 7055960410

ରଣ ଧମାକା - ରଣ ଧମାକା
KUMAR FINANCE Regd. Co.
ମାର୍କେଟିଂ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
2% ସୁଧ - 40% ରିହାତି
7084824686
7347856284
H. No. 2, Ram Nagar, Narnol, Haryana

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
LOAN 1% ସୁଧରେ ମିଳେ
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

FINANCE
MAHENDRA FINANCE COMPANY
Email. Id - document.mfc@gmail.com
07404715486
09485827609

ବ୍ୟବସାୟ (ସରକାରୀ ଅନୁମୋଦିତ)
ଇଣ୍ଡସ୍ ଟାୱାର
18001205460
H. No. # 412, Subhash Nagar, Jind, Haryana

BUSINESS
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା
9499321846

FINANCE

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

CAPITAL FINANCE LTD.
(Registration No. - U65191TN198PLC008555)
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ଗଣପତି ଫାଇନାନ୍ସ
2% - ସୁଧ - 40% ରିହାତି
8395864708, 8929606415

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୩ ଜୁନ୍, ୨୦୧୯



## ସଂକ୍ଷେପରେ

### ଘରଭଙ୍ଗା ସର୍ଭେରେ ବ୍ୟାପକ ଅନିୟମିତତା
### ରାଜସ୍ୱ ଅଧିକାରୀଙ୍କ ଉପରେ ଦୋଷ ଲଦିଲେ ଜନପ୍ରତିନିଧି

**ବିରିଡି,୨।୬(ଡି.ଏନ୍.ଏ.):** ଚଳିତ ବାତ୍ୟାରେ ଜଗତ୍‌ସିଂହପୁର ଜିଲାର ବିରିଡି ବ୍ଲକ ସବୁଠାରୁ ବେଶୀ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ବିରିଡି ତହସିଲ ପକ୍ଷରୁ ସର୍ଭେ କରାଯାଇଥିଲା। ତେବେ ଏହି ଘର ଭଙ୍ଗା ସର୍ଭେରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗୁଲି ଓ ବଡିସିରା ଗ୍ରାମ ପଞ୍ଚାୟତର ସରପଞ୍ଚଦ୍ୱୟ ସିଧାସଳଖ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଉପରେ ଦୋଷ ଲଦିଛନ୍ତି। କ୍ଷତ୍ରୀୟ ରାଜସ୍ୱ କର୍ମଚାରୀମାନେ ବିପନ୍ନ ପରିବାରକୁ ବାଦ୍ ଦେଇ ଧନୀ ଓ କୋଠାଘର ଥିବା ପରିବାରକୁ ଅଗ୍ରାଧିକାର ଭିତ୍ତିରେ ସାମିଲ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯାହାଫଳରେ ଏହି ସବୁ ପରିବାର ପ୍ରଥମାବସ୍ଥାରେ ପଲିଥିନ ନେଇ ଗୁହାଳ ଘସିଭାଡ଼ି, ଚାଳ ଉପରେ ପକାଇଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଏହି ତାଲିକାକୁ ରଦ୍ଦ କରି ନୂଆ ଢଙ୍ଗରେ ସର୍ଭେ କରିବା ପାଇଁ ମଙ୍ଗୁଲି ସରପଞ୍ଚ ତୁଷ୍ଟି ମଞ୍ଜରୀ ପରିଜା ଓ ବଡିସିରା ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ଦାବି କରିଛନ୍ତି। ଏହି ତହସିଲରେ ପୂର୍ଣ୍ଣାଙ୍ଗ ଘରଭଙ୍ଗା ସର୍ଭେ କରାଯାଇ ନ ଥିବାରୁ ବହୁ ଗରିବ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ଶଙ୍ଖାରିସାହି, ପାର୍ବତୀପୁର, ମଂଗୁଲି, ପାରିସଂଖାରୀ, ବଡିସିରା ଓ ହଳଦିଆପଡ଼ା ଗ୍ରାମରେ ଆଉ ଥରେ ସର୍ଭେ କରାଯିବା ଲାଗି ଦାବି ହୋଇଛି। ଅଭିଯୋଗ ସଂକ୍ରାନ୍ତରେ ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ଜଗତ୍‌ସିଂହପୁର ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ସର୍ଭେ କରାଯାଇଛି ବୋଲି କହିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ

**ବାଲିକୁଦା,୨।୬(ସ୍ୱ. ପ୍ର):** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମାସିକ ବୈଠକ ଅଳକା ପଞ୍ଚବଟି ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଳ ସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିଲେ। ସଂଘର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ମନ୍ତ୍ରୀ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା। ସଂଘ ସଭାପତି ବଂଶୀଧର ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପଣ୍ଡିତ ହୃଷୀକେଶ ସାହୁ ମଙ୍ଗଳାଚରଣ ପାଠ କରିଥିଲେ। ପ୍ରଥମେ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦେହାନ୍ତରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ଡ. ବିଷ୍ଣୁ ଚରଣ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ନିତ୍ୟାନନ୍ଦ ପରିଡା ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ସହଯୋଗରେ ବୈଠକ ଆୟୋଜନ କରାଯାଇଥିଲା। ଅନ୍ୟତମ ସଦସ୍ୟ ଧର୍ମାନନ୍ଦ ରାଉତ ସଂଘର କାର୍ଯ୍ୟାଧାରାକୁ ପ୍ରସଂଶା କରିବା ସହିତ ସଂଘକୁ ବଳିଷ୍ଠ କରିବା ପାଇଁ ପରାମର୍ଶ ଦେଇଥିଲେ। ସବୁ ସଦସ୍ୟଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ସଂଘର ବରିଷ୍ଠ ସଦସ୍ୟ ଭଗବାନ ଲେଙ୍କା ଓ ଜଗତପ୍ରସାଦ ମହାନ୍ତି ମତ ପୋଷଣ କରିଥିଲେ। ହରିଶ୍ଚନ୍ଦ୍ର ସାହୁ, ଭିମସେନ ମହାରଣା, ବଂଶୀଧର ବିଶ୍ୱାଳ, ଅନାଦି ବେହେରା, ବିଭୂତି ସ୍ୱାଇଁ, ବଂଶୀଧର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

### ଆଲମାରି ଭାଙ୍ଗି ଚୋରି

**ନରସିଂହପୁର,୨।୬(ଡି.ଏନ୍.ଏ.):** କାନପୁର ଥାନା ଅନ୍ତର୍ଗତ ରଙ୍ଗଡାବ ଗ୍ରାମର ସଦାନନ୍ଦ ଦାଶ ଘରେ ନ ଥିବାବେଳେ ଶନିବାର ବିଳମ୍ବିତ ରାତିରେ ଚୋରି ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ତାଙ୍କ ଆଲମାରି ଭାଙ୍ଗି ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଚୋରି କରିଥିବା ନେଇ ସଦାନନ୍ଦ କାନପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ, ବିଳମ୍ବିତ ରାତିରେ ସେ ଘରେ ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ତାଙ୍କ ଆଲମାରି ଭାଙ୍ଗି ୬୪ ହଜାର ଟଙ୍କା, ୮ଭରି ସୁନା ଓ ୨୦ ଭରି ରୁପା ଅଳଙ୍କାର ଚୋରି କରିଛନ୍ତି। ପୋଲିସ କେସ୍ ନଂ ୪୯/୧୯ରେ ତଦନ୍ତ ଜାରି ରଖିଛି।

## ନାଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ମରାମତି କାର୍ଯ୍ୟ ନିମ୍ନମାନର
# ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ

**ନାଉଗାଁ,୨।୬(ସ୍ୱ.ପ୍ର.)**

- ଛୁଟି ଦିନରେ ଚାଲିଛି କାର୍ଯ୍ୟ
- ଉପସ୍ଥିତ ରହୁ ନାହାନ୍ତି ବିଭାଗୀୟ ଯନ୍ତ୍ରୀ

ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନାଉଗାଁ ବ୍ଲକରେ ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କେଉଁଠି ଛୁଟି ଦିନରେ କାମ ଚାଲିଛି ତ କେଉଁଠି ଭାଗ ମାପ ଠିକ ନ ଦିଆଯାଇ କାର୍ଯ୍ୟ ହେଉଛି। ଏହିପରି କାର୍ଯ୍ୟ ଏବେ ଦେଖିବାକୁ ମିଳିଛି ବ୍ଲକର ନାଉଗାଁ ପଞ୍ଚାୟତରେ। ଏହି ପଞ୍ଚାୟତଟି ବ୍ଲକ ହେଡ୍ କ୍ୱାର୍ଟରରେ ଅବସ୍ଥିତ ହୋଇଥିବାବେଳେ କରାଯାଉଥିବା ଅନେକ କାର୍ଯ୍ୟ ନିମ୍ନମାନର ହେଉଛି। ବର୍ତ୍ତମାନ ପଞ୍ଚାୟତର କାର୍ଯ୍ୟାଳୟ ମରାମତି କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟ ପାଇଁ ୨ଟି ପର୍ଯ୍ୟାୟରେ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମେ ୨ ଲକ୍ଷ ଟଙ୍କା ବ୍ୟୟରେ ପାଇଖାନା, ଗାଧୁଆଘର, ବାରଣ୍ଡା ଓ ୨ୟ ପର୍ଯ୍ୟାୟରେ ଛାତ ସିଲିଂ ବାବଦରେ ୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯିବ। ଏହି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶନାମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରପ୍ରସାଦ ମଲିକଙ୍କ ନାମରେ ରହିଛି। କାର୍ଯ୍ୟକୁ ପଞ୍ଚାୟତ ସରପଞ୍ଚ ବୁଝାବୁଝି କରୁଥିବା ଜଣାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ମାଣ କିମ୍ବା ମରାମତି କାର୍ଯ୍ୟ ଚାଲିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଯନ୍ତ୍ରୀ ରହୁ ନ ଥିବାରୁ ମନ ଇଚ୍ଛା କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଛି। ଏପରି କି ଅଧିକାଂଶ କାର୍ଯ୍ୟ ଛୁଟିଦିନ ଓ ରବିବାର କରାଯାଉଛି। ବାଲି ସିମେଣ୍ଟର ଭାଗ ମାପ ଠିକ ରହୁ ନ ଥିବାରୁ ମରାମତି ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମରାମତି ନାମରେ ବିଭାଗୀୟ କର୍ମଚାରୀ ବିଲ ପଇଠ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଠିକ ଭାବେ କାର୍ଯ୍ୟ ନହେବା ଓ କାର୍ଯ୍ୟ ନିକଟରେ କୌଣସି ଅଧିକାରୀ ନ ରହିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯନ୍ତ୍ରୀଙ୍କ ଉପସ୍ଥିତି ଓ ଠିକ୍‌ରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶସାନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରାମକୃଷ୍ଣ ଷଡ଼ଙ୍ଗୀ କହିଛନ୍ତି, ସବୁ କାର୍ଯ୍ୟରେ ଜେଇ ଉପସ୍ଥିତ ରହି ପାରିବେ ନାହିଁ। ତା ଛଡା ଛୁଟି ଦିନେ କାର୍ଯ୍ୟ ହେଲେ ଅସୁବିଧା ନାହିଁ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମର ପ୍ରସାଦ ମଲିକ କାର୍ଯ୍ୟ ଠିକ ହେଉଥିବା କହିଛନ୍ତି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତହେଲେ ପ୍ରକୃତ ସତ୍ୟ ଜଣାପଡ଼ନ୍ତା ବୋଲି କୁହାଯାଉଛି।




ନାଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ମରାମତି କରାଯାଉଛି।



ରଜ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ରଜ ମହୋତ୍ସବ ଉଦ୍‌ଘାଟିତ
# 'ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳ ବିଚାର ନାହିଁ'

**ଏରସମା,୨।୬(ସ୍ୱ.ପ୍ର.)**

ଏରସମା ବ୍ଲକ ସଦରମହକୁମାସ୍ଥିତ ଦେବୀ ପଡ଼ିଆରେ ଶନିବାର ରାତିରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ରଜ ହେଉଛି ଓଡ଼ିଆ ଘରର ପରିଚିତ ପର୍ବ। ରଜଠାରୁ ମାଟି ଓ ବର୍ଷାକୁ ନେଇ ଧାନ ଚାଷ ପ୍ରଭାବିତ ହୋଇଥାଏ। ଓଡିଆମାନେ ନିଜକୁ ସଜାଇ ପୋଡପିଠା ଖାଇ ପର୍ବ ପାଳନ କରନ୍ତି। ରଜ ମଉଜ ପାଇଁ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କର୍ଯ୍ୟକ୍ରମରେ ଦଳ ବିଚାର କରାଯାଏ ନାହିଁ। ଏଠି ଭାଇ ଭାଇ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟକମରେ ସାମିଲ ହେବା ଉଚିତ। ନୃସିଂହ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଳାକାର ଅଶ୍ରୁ ମୋଚନ ମହାନ୍ତି ଯୋଗଦେଇ ଗାଁର ପରିବେଶ ଓ ରଜ ମହୋତ୍ସବର ଆୟୋଜନ ଜନ ଜୀବନକୁ ସୁସ୍ଥ ରଖିବ ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ଗୀତାରାଣୀ ସ୍ୱାଇଁ, ଇଂ ଚିରଞ୍ଜୀବ ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ମହୋତ୍ସବ କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସମ୍ପାଦକ ନିରାକାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟମାନେ।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ପାରାଦୀପ,୨।୬(ସ୍ୱ.ପ୍ର.)**

ପାରାଦୀପର ଅନ୍ୟତମ ବୃହତ ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବିଗତ ବର୍ଷର କମକର୍ତ୍ତା ଥିବା ୬ ଜଣିଆ କର୍ମକର୍ତ୍ତାଙ୍କୁ ଆଗାମୀ ୧ ବର୍ଷ ପାଇଁ ଦାୟିତ୍ୱ ନେବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଯାହାକୁ ସଂଘର ସମସ୍ତ ସଦସ୍ୟ ସମର୍ଥନ କରିଥିଲେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କର୍ମକର୍ତ୍ତା ହେଲେ ସଭାପତି ଛଇଳ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ମିଶ୍ର, ଉପସଭାପତି ପ୍ରକାଶ କୁମାର ଜେନା, ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସହସମ୍ପାଦକ ସୁଧୀର କୁମାର ଜେନା ଓ କୋଷାଧକ୍ଷ ସୁନାକର ମହାନ୍ତି। ଉକ୍ତ କର୍ମକର୍ତ୍ତା ଗତ ବର୍ଷ ନିର୍ବାଚନରେ ଜିତିଥିଲେ। ଚଳିତ ବର୍ଷ ସଂଘ ପାଇଁ ଭଲ କାମ କରିଥିବାରୁ ସେହିମାନଙ୍କୁ ପୁନଃ ମନୋନୀତ କରାଯାଇଛି।

## ୬୨୦ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ ୨।୬**

ଜଗତ୍‌ସିଂହପୁର ପୋଲିସ ଶନିବାର ୬୨୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ସ୍ଥାନୀୟ ମାର୍କଣ୍ଡପୁରର ଦୀପୁନା ଦାସ(୩୦)ଙ୍କୁ ଗିରଫ କରିଛି। ମାର୍କଣ୍ଡପୁର ଅଞ୍ଚଳରେ ବ୍ରାଉନ ସୁଗାର କାରାବାର ହେଉଥିବା ସୂଚନା ପାଇ ଥାନା ଏସ୍‌ଆଇ ରବିନାରାୟଣ ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ମନ୍ତ୍ରୀଙ୍କୁ ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ କୃତଜ୍ଞତା

**ବାଲିକୁଦା,୨।୬(ସ୍ୱ. ପ୍ର.):** ଖବରଦାତାଙ୍କ ସମସ୍ୟାକୁ ଗୁରୁତ୍ୱ ସହ ନେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ। ତାଙ୍କ ପ୍ରଥମ କାର୍ଯ୍ୟ ଭାବେ ଏହାକୁ ସେ ଗ୍ରହଣ କରି ଖବରଦାତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ଉପରେ ମୋହର ମାରିଛନ୍ତି। ଖବରଦାତାଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ପାଇଁ ଏହି ଯୋଜନା ଗତବର୍ଷ କାର୍ଯ୍ୟକାରୀ ହୋଇଥିଲା। ମନ୍ତ୍ରୀ ଏହାର ନବୀକରଣ କରିବା ପରେ ରାଜ୍ୟର ୬ ହଜାରରୁ ଅଧିକୁ ଖବରଦାତା ଏହା ଦ୍ୱାରା ଉପକୃତ ହେବେ ବୋଲି ଜଣାପଡିଛି। ମନ୍ତ୍ରୀଙ୍କ ଏବାଦୃଶ୍ୟ ପଦକ୍ଷପ ପାଇଁ ବାଲିକୁଦା ପ୍ରେସ କ୍ଲବ ସଭାପତି ମନୋଜ ଦାସ, ସମ୍ପାଦକ ତାପସ କୁମାର ସ୍ୱାଇଁ, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦାସ, ଜଗତ୍‌ସିଂହପୁର ଜିଲା ସାମ୍ବାଦିକ ସଂଘ ସଭାପତି ରାଧାକାନ୍ତ ମିଶ୍ର, ବାଲିକୁଦା ପ୍ରେସ୍ କ୍ଲବ ସଦସ୍ୟ ପରେଶ୍ ଦାସ, ବିଧାନ ରାଉଳ ଓ ଅଜୟ ରାଉତ ପ୍ରମୁଖ ମନ୍ତ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଗାମୀ ଓଡ଼ିଶା ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ରଘୁନାଥପୁର, ୨।୬ (ଡି.ଏନ.ଏ.)**

ଶୃଙ୍ଖଳିତ ଛାତ୍ରୀଛାତ୍ର ଶିକ୍ଷା ପ୍ରତି ଅନୁରକ୍ତ ହୋଇଥାନ୍ତି। ଜୀବନର ଲକ୍ଷ୍ୟପଥରେ ପହଞ୍ଚିବାକୁ ହେଲେ ଚେଷ୍ଟା ଜାରି ରଖିବାକୁ ହୁଏ। କଠିନ ଅଧ୍ୟବସାୟ ଓ ପ୍ରଗାଢ଼ ନିଷ୍ଠା ବିଦ୍ୟାର୍ଥୀଙ୍କୁ ଶୀର୍ଷରେ ପହଞ୍ଚାଇଥାଏ। ଜାତୀୟ ଭାଷା ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶା ଓ ଟହଲି ସ୍ୱାଇଁ ସ୍ମୃତି କମିଟି ପକ୍ଷରୁ ରଘୁନାଥପୁର ନିକଟସ୍ଥ କଲରାବାଙ୍କଠାରେ ନୀଳିମାରାଣୀ ସଭାଗୃହରେ ଆୟୋଜିତ ରାଜ୍ୟସ୍ତରୀୟ ମାଟ୍ରିକ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ଏଥିରେ ଲୋକ ସଭା ଏମ୍‌ପି ତଥା କିଟ୍, କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉଦ୍‌ଘାଟକ ରୂପେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଆଗାମୀ ଓଡ଼ିଶାର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଡ. ଜାହାନ ଆରା ବେଗମ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ମାଟ୍ରିକ ଏ ୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାମଶିଷ ହାଜରା, ଅଧ୍ୟାପକ ଶରତ କୁମାର ରାଉତରାୟ, ଘନଶ୍ୟାମ ସ୍ୱାଇଁ, ଏଚଏସସି ପୂର୍ବତନ ଡେପୁଟି ସେକ୍ରେଟାରୀ ରବୀନ୍ଦ୍ରନାଥ ମହାପାତ୍ର, ଆଇନଜୀବୀ ଏମ୍‌ଏନ ହର୍ଷବର୍ଦ୍ଧନ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଓ ବାବାଜୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ରଖିଥିଲେ। ଏହି ଅବସରରେ ଯୋଗଦେଇଥିବା ୫୪ ଜଣ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସିଲଡ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ମାଟ୍ରିକ ଏ ୧ ଛାତ୍ରୀଛାତ୍ର ନିଜ ସଫଳତା ପଛର ରହସ୍ୟ ସମ୍ପର୍କରେ ଅନୁଭୂତି ରଖିଥିଲେ। ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ, ସିଆରସିସି କୁଶ ମଲ୍ଲିକ, ରମେଶ କୁମାର ନାୟକ, ପ୍ୟାରୀମୋହନ ପଟ୍ଟନାୟକ, ପ୍ରଦୀପ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧକ୍ଷ ଅଜୟ କୁମାର ଦାସ, ସାମାଜିକ କର୍ମୀ, ଗୋବିନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତି ଅତିଥି ପରିଚୟ ସହ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ।



ଅତିଥି ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ରାଜଧାନୀରେ ଯୁବକଙ୍କୁ ଛୁରି ଭୁସି ହତ୍ୟା

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

- ଅଖା, କାର୍ଟୁନ୍‌ରେ ବାନ୍ଧି ଛାତ ଉପରୁ ଫିଙ୍ଗି ଦେଇଥିଲେ
- ଅଟାକଳର ଅଭିଯୁକ୍ତ ସହକର୍ମୀ ଗିରଫ
- ସାବିତ୍ରୀ ବ୍ରତ ପାଇଁ ସ୍ତ୍ରୀଙ୍କ ନିକଟକୁ ପଠାଇଥାନ୍ତେ ଶାଢ଼ି, ଚୁଡ଼ି

ନୟାପଲ୍ଲୀ ଥାନାଞ୍ଚଳରେ ଘଟିଛି ଏକ ହତ୍ୟାକାଣ୍ଡ। ମଦ ପିଇବାକୁ ଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ ସହକର୍ମୀ ଛୁରିଭୁସି ହତ୍ୟା କରିଛନ୍ତି। ରବିବାର ରେଣ୍ଟାଲ କଲୋନୀସ୍ଥିତ ହଟି କଲ୍‌ଚର (ଉଦ୍ୟାନ) ବିଭାଗ ଅଫିସ ପରିସର ବଣୁଆ ସ୍ଥାନରୁ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତଦେହକୁ ଅଖାରେ ଭର୍ତ୍ତି କରାଯିବା ପରେ କାର୍ଟୁନରେ ବାନ୍ଧି ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ଜଣକ ହେଲେ ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ଦିଲୀପ ସାହୁ (୪୨)। ପୋଲିସ ଏନେଇ ୨୬୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ନାଉଗାଁର ପ୍ରକାଶ ଜେନା ଓରଫ ଚିଣ୍ଟୁଙ୍କୁ ଗିରଫ କରିଛି। ସୋମବାର ପରିବାର ଲୋକେ ପହଞ୍ଚିବା ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ମଦ ପିଇବାକୁ ଟଙ୍କା ନ ଦେବାରୁ ଜୀବନ ଗଲା

ଦିଲୀପ ଓ ଅଭିଯୁକ୍ତ ଚିଣ୍ଟୁ ରେଣ୍ଟାଲ କଲୋନୀରେ ଥିବା ବିଷ୍ଣୁପ୍ରସାଦ ସୁବୁଦ୍ଧିଙ୍କ ଅଟାକଳରେ କାମ କରନ୍ତି। ଅଟାକଳ ପଛରେ ଥିବା ଏକ ଘରେ ଉଭୟେ ରୁହନ୍ତି। ସୋମବାର ସାବିତ୍ରୀ ଥିବାରୁ ଘରକୁ ଶାଢ଼ୀ, ଚୁଡ଼ି ଓ ଅନ୍ୟ ସାମଗ୍ରୀ ପଠାଇବା ପାଇଁ ଦିଲୀପ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ହେଲେ ତାଙ୍କ ନିକଟରେ ଟଙ୍କା ନ ଥିବାରୁ ସେ ମାଲିକଙ୍କୁ କହି ଶନିବାର ୧୦ ହଜାର ଟଙ୍କା ଆଡ୍‌ଭାନ୍ସ ଆକାରରେ ଆଣିଥିଲେ। ରାତି ପ୍ରାୟ ୧୦ଟାରେ ଅଟାକଳ ବନ୍ଦ କରି ଦୁହେଁ ରୁମ୍‌କୁ ଯାଇଥିଲେ। ଦିଲୀପଙ୍କୁ ପ୍ରବଳ ଭୋକ ହେଉଥିବାରୁ ସେ ଖାଇବାକୁ ପଖାଳ, ଶିଆ ଆଳୁ ଓ ଲଙ୍କା ଆଣି ଖାଇବାକୁ ବସିଥିଲେ। ହେଲେ ଚିଣ୍ଟୁର ନଜର ଥିଲା ଦିଲୀପ ମାଲିକଙ୍କଠାରୁ ଆଣିଥିବା ଟଙ୍କା ଉପରେ। ସେ ମଦ ପିଇବା ପାଇଁ ଦିଲୀପଙ୍କୁ ସେହି ଟଙ୍କାରୁ କିଛି ଦେବାକୁ ମାଗିଥିଲେ। ସବୁଦିନ ମୋଠାରୁ ପିଉଛୁ, ଆଜି ଟଙ୍କା ଦେ' ମଦ ଆଣି ପିଇବା ପୋଲି ଚିଣ୍ଟୁ କହିଥିଲେ। ହେଲେ ସ୍ତ୍ରୀଙ୍କ ପାଇଁ ସାବିତ୍ରୀ ସାମଗ୍ରୀ କିଣି ଘରକୁ ପଠାଇବେ ବୋଲି କହି ଟଙ୍କା ଦେବାକୁ ମନାକରିଥିଲେ ଦିଲୀପ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଦିଲୀପ ଆଉ ପଖାଳ ନ ଖାଇ ଘୋଡ଼ାଇ ଥୋଇ ଦେଇଥିଲେ। ପାଟିତୁଣ୍ଡ ଭିତରେ ରାତି ପ୍ରାୟ ୧୨ଟା ହୋଇଯାଇଥିଲା। ଏଥିରେ ଚିଣ୍ଟୁ ଉତ୍କ୍ଷିପ୍ତ ହୋଇ ରୁମ୍‌ରେ ଥିବା ଏକ ଧାରୁଆ ଛୁରିକୁ ଦିଲୀପଙ୍କ ବେକରେ ଭୁଶି ଦେଇଥିଲେ। ଦିଲୀପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବାବେଳେ ଚିଣ୍ଟୁ ତାଙ୍କ ପାଟିକୁ ବନ୍ଦ କରି ମୁଣ୍ଡପଟୁ ଏକ ଜରି ଅଖାରେ ପୂରାଇ ବାନ୍ଧିଥିଲେ। କିଛି ସମୟ ଛଟପଟ ହେବା ପରେ ଦିଲୀପଙ୍କ ଶରୀର ନିସ୍ତେଜ ହୋଇଯାଇଥିଲା। ହେଲେ ରକ୍ତ ଝରୁଥିବାରୁ ଆଉ ଏକ ଜରି ଅଖା ପୂରାଇ ବାନ୍ଧି ଦେଇଥିଲେ। ଦିଲୀପଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ମୃତଦେହକୁ କାର୍ଟୁନରେ ଗୁଡାଇ ବେଲ୍ଟ ଓ ପ୍ଲାଷ୍ଟିକ ସୂତାରେ ବାନ୍ଧି ଦେଇଥିଲେ। ପରେ ରୁମ୍‌ରୁ ମୃତଦେହକୁ ଘୋଷାରି ଘୋଷାରି ରହୁଥିବା ଘରର ପାହାଚ ଦେଇ ଛାତ ଉପରକୁ ନେଇଯାଇଥିଲେ। ଘର ପଛପଟେ ଥିବା ଉଦ୍ୟାନ ବିଭାଗ କ୍ୟାମ୍ପସରେ ଥିବା ବଣୁଆ ସ୍ଥାନରେ ଦିଲୀପଙ୍କ ମୃତଦେହକୁ ଫିଙ୍ଗି ଦେଇଥିଲେ ଚିଣ୍ଟୁ।

## ଷ୍ଟୁଡେଣ୍ଟ ଅର୍ଗାନାଇଜେଶନର ବୈଠକ
# ପାରାଦୀପ ଶିଳ୍ପାଞ୍ଚଳରେ ନିଯୁକ୍ତି ଉପରେ ଗୁରୁତ୍ୱ

**ପାରାଦୀପ,୨।୬(ସ୍ୱ.ପ୍ର.)**

ବିଜୁ ପଟ୍ଟନାୟକ ୟୁନିଭରସିଟି ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ପକ୍ଷରୁ ରବିବାର ପାରାଦୀପ ନୂଆ ବଜାରଠାରେ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପାରାଦୀପରେ ଏକ ଶାଖା ଖୋଲାଯାଇଛି। ସମ୍ପ୍ରତି ରାଜ୍ୟରେ ବେକାରୀ ସଂଖ୍ୟା ବଢ଼ି ଚାଲିଛି। ଏହାର ପ୍ରତିକାର ପାଇଁ ରାଜ୍ୟରେ ଥିବା ଶିଳ୍ପାଞ୍ଚଳରେ ନିଯୁକ୍ତିକୁ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ ପ୍ରତ୍ୟକ୍ଷ ଭାବେ ତଦାରଖ କରିବ ବୋଲି କୁହାଯାଇଛି। ଉକ୍ତ ବୈଠକରେ ସଂଗଠନର ପ୍ରମୁଖ ଭାବେ ପ୍ରତାପ ନାୟକ, ବିଧାନଚନ୍ଦ୍ର ପରିଡ଼ା, ମିଟୁ ସ୍ୱାଇଁ, ଶାରଦା ପ୍ରସନ୍ନ ବେହେରା, ବୈଦ୍ୟନାଥ ବେହେରା, ଜିତେନ ସାମଲ ଉପସ୍ଥିତ ଥିଲେ।



ଷ୍ଟୁଡେଣ୍ଟ ଅର୍ଗାନାଇଜେଶନର ବୈଠକରେ ଉପସ୍ଥିତ ଛାତ୍ର।

# ଫଳ ବଜାର ଉଚ୍ଚା, ପରିବା ଦର ଖସୁନି

**ଜଗତ୍‌ସିଂହପୁର ଅଫିସ,୨।୬**

### ଆଜି ସାବିତ୍ରୀ

ସୋମବାର ପବିତ୍ର ସାବିତ୍ରୀ ବ୍ରତ। ଏନେଇ ଫଳ ବଜାର ଉଚ୍ଚା ହୋଇଛି। କେବଳ ଫଳ ନୁହେଁ ପରିବା ଦର ମଧ୍ୟ ଖସୁନି। ବାତ୍ୟା ଫନୀ ପ୍ରଭାବ ଓ ଚାହିଦାକୁ ଦେଖି ଏଭଳି ହୋଇଥିବା କୁହାଯାଉଛି। ତେବେ ଦରକୁ ଦେଖି ଲୋକେ କାଣ୍ଟଛାଣ୍ଟ କରି ଫଳ ଓ ପରିବା ଆଦି କିଣୁଥିବା ଜଣାଯାଇଛି। ବାତ୍ୟା ଫନୀ ପ୍ରଭାବରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏବେ ଆମ୍ବ ସିଜନ୍ ହୋଇଥିବାରୁ ଜିଲାରେ ବହୁ ପରିମାଣର ଦେଶୀ ଆମ୍ବ ହୋଇଥିଲା। ପ୍ରତିବର୍ଷ ଏହି ସମୟରେ ଦେଶୀ ଆମ୍ବ, ପଣସ, ସପୁରୀ କମ ଦାମରେ ବିକ୍ରି ହୋଇଥାଏ। ଚଳିତବର୍ଷ କିନ୍ତୁ ବାତ୍ୟା ଯୋଗୁ ଶହସ୍ରାଧିକ ଗଛ ପ୍ରଭାବିତ ହୋଇଛି। ଯେଉଁ କାରଣରୁ ଆମ୍ବ ଗଛରେ ଆଉ ଏହା ଦେଖିବାକୁ ମିଳୁନି। ବାହାର ଆମ୍ବ ଉପରେ ନିର୍ଭର କରିବାକୁ ପଡୁଛି। ଯେହେତୁ ବାହାରୁ ଆସୁଥିବା ଆମ୍ବ ଉପରେ ନିର୍ଭର କରିବାକୁ ପଡୁଛି ତେଣୁ ଦର ଉଚ୍ଚା ରହୁଛି। ଆମ୍ବ କିଲୋ ପ୍ରତି ଦର ଏବେ ୮୦ ଟଙ୍କାରେ ପହଞ୍ଚିଲାଣି। ସେହିପରି ଯେଉଁ ପଣସ ଗୋଟା ୨୦/୩୦ ଟଙ୍କାରେ ମିଳୁଥିଲା ଏବେ ତାହା ୭୦/୮୦ ଟଙ୍କାରେ ବିକ୍ରି ହେଉଛି। ସପୁରୀ ଗୋଟା ମଧ୍ୟ ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ହେଲାଣି। ବାହାରୁ ଆସୁଥିବା ଫଳ ଦର ଦେଖିଲେ ଜଣାଯାଏ ସେଓ କିଲୋପ୍ରତି ଦର ୧୮୦ ଟଙ୍କାରେ ପହଞ୍ଚିଲାଣି। ଡାଳ ଓ ପତ୍ର ସହ ଲିଚୁ କୋଳି ବିକ୍ରି ହେଉଛି କିଲୋପ୍ରତି ଦର ୧୨୦ ଟଙ୍କା। ଅଙ୍ଗୁର ୧୦୦, କମଳା କିଲୋପ୍ରତି ଦର ୧୦୦ ଓ କଦଳୀ ଡର୍ଜନ ୭୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ଅନୁରୂପ ଭାବେ ପରିବା ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ପୋଟଳ କିଲୋପ୍ରତି ଦର ୪୦, ଭେଣ୍ଡି ୪୦, ବାଇଗଣ ୪୦, ସାରୁ ୪୦, କାକୁଡି ୪୦, କଖାରୁ ୩୦, ଟମାଟୋ ୫୦, କାଙ୍କଡ ୮୦ ଓ କଲରା ୮୦ ଟଙ୍କାରେ ବିକ୍ରି ହେଉଥିବା ଜଣାଯାଇଛି। ଧନିଆ ୧ ଶହ ଗ୍ରାମକୁ ୨୦, ପୋଇ ଖଣ୍ଡ ୫, ଖଡା ଗଛ ଗୋଟା ୧୫/୨୦ ଟଙ୍କାରେ ବିକ୍ରି ଚାଲିଛି। ଏହିଭଳି ଫଳ ଓ ପରିବା ଦର ବୃଦ୍ଧି ଚିନ୍ତାର କାରଣ ହୋଇଛି। ଯେଉଁ କାରଣରୁ କେହି ବାହାର ବଜାର କଥା ଛାଡନ୍ତୁ ହାଟକୁ ପରିବା କିଣିବାକୁ ଗଲେ ମନ ପସନ୍ଦର ପରିବା କିଣି ପାରୁନାହାନ୍ତି। ବରଂ ନିହାତି ଆବଶ୍ୟକ ମନେ କରୁଥିବା ପରିବା କମ ପରିମାଣର କିଣି ସନ୍ତୁଷ୍ଟ ହେବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଫଳ ଓ ପରିବା ଦର ବୃଦ୍ଧି ଏହିଭଳି ଲାଗି ରହିଲେ ଆଗକୁ ଅସୁବିଧା ହେବାର ସମ୍ଭାବନା ରହିଛି। ଏପରି କି ଆଗାମୀ ଦିନରେ ଏହି ଦର ମଧ୍ୟ ଆହୁରି ବୃଦ୍ଧି ପାଇପାରେ। ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀଙ୍କ କହିବା କଥା ହେଲା ଅମଳ ସମୟରେ ଚାଷ ଉଜୁଡିଗଲା। ଯାହା କିଛି ଅମଳ ହେଉଛି ତାହା ବର୍ଦ୍ଧିତ ଦରରେ ବିକ୍ରି କଲେ ମଧ୍ୟ ମୂଳଧନ ବାହାରିବା କଷ୍ଟକର। କେତେଜଣ ବ୍ୟବସାୟୀ କହିଛନ୍ତି, ସ୍ଥାନୀୟ ଅଞ୍ଚଳରୁ ଯେଉଁ ପରିବା, ଫଳ ଆଦି ବଜାରକୁ ଆସିବା କଥା ତାହା ନ ଆସିବାରୁ ବାହାରୁ ସବୁକିଛି କିଣିବାକୁ ପଡୁଛି। ତେଣୁ ଦର ଅଧିକ ରହୁଛି।



ଜଗତସିଂହପୁର ବଜାରର ଏକ ଦୋକାନରେ ବିକ୍ରି ହେଉଥିବା ଫଳ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-JAJ-0007-2019/ 7236 R&DM, Dated 28.02.2019**

**No. XXIV-08:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମପାର୍ଶ୍ୱ କେନାଲର ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ତୁରା, ଥାନା- ଟମକା ନଂ.-୮୦, ତହସିଲ- ଦାନଗଦି, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୮.୯୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲୀ ବାମପାର୍ଶ୍ୱ କେନାଲର ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ-୩, ତୁଡୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍ ନାମ |
|---|---|---|---|---|---|---|---|---|
| ଯାଜପୁର | ଦାନଗଦି | ତୁରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨୨.୫୩୫ | ଏ.୧୮.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁକିନ୍ଦା ଜିଲ୍ଲା ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./- (ଅଭୟ କୁମାର ନାୟକ) ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

**ଗ୍ରାମର ନାମ: ତୁରା, ଥାନାର ନାମ: ଟମକା ନଂ. ୮୦, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ୩୫୧ | ୦.୦୪୦ | ୦.୦୩୦ | ଅମୂଲ୍ୟ ସାହୁ, ପିତା: କାଙ୍ଗାଳି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨ | ୯ | ୨୫୨ | ୦.୦୫୦ | ୦.୦୧୦ | ଅଲେଖ ସାହୁ, ପିତା: ହରି ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୩ | | ୧୦୭୧ | ୦.୧୦୦ | ୦.୧୦୦ | ଅଲେଖ ସାହୁ, ପିତା: ହରି ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୪ | ୧୦ | ୧୦୫୭ | ୦.୦୩୦ | ୦.୦୩୦ | ଅଲେଖ ସାହୁ, ପିତା: ହରି ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫ | ୧୧ | ୩୫୦ | ୦.୦୨୦ | ୦.୦୨୦ | ଆତୁଳ ଚକ୍ର, ପିତା: ବଂଶୀଧର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୬ | ୧୨ | ୧୨୩୫ | ୦.୪୫୦ | ୦.୦୨୦ | ଈଶ୍ୱର ଚନ୍ଦ୍ର ସାହୁ, ପିତା: ସୂର୍ଯ୍ୟମଣି ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୭ | ୧୪ | ୧୨୦୭ | ୦.୦୧୦ | ୦.୦୧୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୮ | | ୧୨୦୯ | ୦.୦୨୦ | ୦.୦୨୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୯ | | ୧୨୧୦ | ୦.୦୨୦ | ୦.୦୧୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୧୦ | | ୧୨୧୭ | ୦.୦୭୦ | ୦.୦୭୦ | କସ୍ତୁରୀ ନାୟକ, ପିତା: ଗଙ୍ଗା ନାୟକ ଓଗେର, ଜା: ତେଲି, ବା: ଉଛବାଲି | |
| ୧୧ | ୧୬ | ୪୪ | ୦.୧୨୦ | ୦.୦୭୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୨ | | ୭୦ | ୦.୨୫୦ | ୦.୨୫୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୩ | | ୧୦୮ | ୦.୦୭୦ | ୦.୦୨୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୪ | | ୧୩୭ | ୦.୦୯୦ | ୦.୦୯୦ | କପିଳ ସାହୁ, ପିତା: ମଧୁ ସାହୁ, ଜା: ତେଲି, ବା: ଅରଡ଼ାପାଳ | |
| ୧୫ | ୧୯ | ୨୫୦ | ୦.୧୬୦ | ୦.୧୬୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୬ | ୧୯ | ୨୫୧ | ୦.୦୯୦ | ୦.୦୬୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭ | | ୩୪୯ | ୦.୦୨୦ | ୦.୦୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୮ | | ୩୫୩ | ୦.୨୦୦ | ୦.୧୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୯ | | ୧୦୪୮ | ୦.୧୦୦ | ୦.୧୦୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୦ | | ୧୦୭୨ | ୦.୦୮୦ | ୦.୦୮୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୧ | | ୧୧୫୯ | ୦.୦୪୦ | ୦.୦୨୦ | କାଙ୍ଗାଳି ଚରଣ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨ | ୨୨ | ୧୨୦ | ୦.୩୯୦ | ୦.୨୯୦ | ମିନକେତନ ସାହୁ, ପିତା: ଚିନ୍ତାମଣୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୨୩ | ୨୩ | ୨୬୪ | ୦.୦୭୦ | ୦.୦୫୦ | କାର୍ତ୍ତିକ ସାହୁ, ପିତା: ନେତ୍ରବାସି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୪ | | ୨୮୨ | ୦.୦୩୦ | ୦.୦୩୦ | କାର୍ତ୍ତିକ ସାହୁ, ପିତା: ନେତ୍ରବାସି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୫ | ୨୯ | ୧୦୯୬ | ୦.୫୮୦ | ୦.୫୮୦ | କୀର୍ତ୍ତନ ଚକ୍ର, ପିତା: ଗୋବିନ୍ଦ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୬ | | ୧୦୯୮ | ୦.୩୬୦ | ୦.୩୬୦ | କୀର୍ତ୍ତନ ଚକ୍ର, ପିତା: ଗୋବିନ୍ଦ ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୭ | ୩୪ | ୧୦୯୨ | ୦.୦୬୦ | ୦.୦୫୦ | କୃଷ୍ଣଚନ୍ଦ୍ର ସାହୁ, ପିତା: ଦିନବନ୍ଧୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୮ | ୩୬ | ୨୮୦ | ୦.୦୪୦ | ୦.୦୪୦ | କୃଷ୍ଣ ବେହେରା, ପିତା: ତୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୨୯ | | ୨୯୫ | ୦.୦୭୦ | ୦.୦୧୦ | କୃଷ୍ଣ ବେହେରା, ପିତା: ତୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୩୦ | | ୩୬୭ | ୦.୦୮୦ | ୦.୦୮୦ | କୃଷ୍ଣ ବେହେରା, ପିତା: ତୁଇଁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୩୧ | ୩୯ | ୩୬ | ୦.୧୧୦ | ୦.୦୯୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୨ | | ୫୩ | ୦.୦୫୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୩ | | ୨୬୫ | ୦.୧୦୦ | ୦.୧୦୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୪ | ୩୯ | ୨୭୧ | ୦.୧୬୦ | ୦.୧୬୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୫ | | ୨୭୪ | ୦.୧୪୦ | ୦.୧୪୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୬ | | ୨୭୭ | ୦.୦୬୦ | ୦.୦୬୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୭ | | ୧୦୧୦ | ୦.୧୫୦ | ୦.୧୧୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୮ | | ୧୦୧୨ | ୦.୨୬୦ | ୦.୧୦୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୩୯ | | ୧୦୧୭ | ୦.୦୮୦ | ୦.୦୮୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୦ | | ୧୦୧୯ | ୦.୧୩୦ | ୦.୧୩୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୧ | | ୧୦୯୫ | ୦.୨୪୦ | ୦.୨୪୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୨ | ୪୦ | ୧୦୪୫ | ୦.୧୩୦ | ୦.୦୭୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୩ | | ୧୦୪୬ | ୦.୦୯୦ | ୦.୦୯୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୪ | | ୧୦୯୩ | ୦.୦୭୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୫ | | ୧୧୦୦ | ୦.୦୩୦ | ୦.୦୧୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୬ | | ୧୧୭୯ | ୦.୧୯୦ | ୦.୧୯୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୭ | | ୧୧୮୦ | ୦.୦୫୦ | ୦.୦୫୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୮ | | ୧୧୮୨ | ୦.୦୬୦ | ୦.୦୩୦ | ଗଙ୍ଗାଧର ସାହୁ, ପିତା: ଦୈତାରୀ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୪୯ | ୫୪ | ୧୩୩୦ | ୦.୧୨୦ | ୦.୧୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୦ | ୫୪ | ୧୩୩୩ | ୦.୦୬୦ | ୦.୦୬୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୧ | | ୧୩୩୬ | ୦.୦୩୦ | ୦.୦୩୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୨ | | ୧୨୧୧ | ୦.୦୩୦ | ୦.୦୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୩ | | ୧୨୧୫ | ୦.୦୧୦ | ୦.୦୧୦ | ଗୋପୀନାଥ ସାହୁ, ପିତା: ରଙ୍କ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୫୪ | ୬୧ | ୧୩୫ | ୦.୪୮୦ | ୦.୪୮୦ | ଗୌରାଙ୍ଗ ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୫ | | ୧୧୧ | ୦.୦୬୦ | ୦.୦୧୦ | ଗୌରାଙ୍ଗ ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୬ | ୬୨ | ୩୮ | ୦.୦୪୦ | ୦.୦୪୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୫୭ | | ୫୨ | ୦.୧୧୦ | ୦.୧୧୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୫୮ | ୬୩ | ୫୬୬ | ୦.୧୦୦ | ୦.୦୧୦ | ଚକ୍ରଧର ସାହୁ, ପିତା: ବାସୁ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୫୯ | ୬୫ | ୧୧୭୮ | ୦.୦୫୦ | ୦.୦୫୦ | ଚନ୍ଦ୍ର ସାହୁ, ପିତା: ଦାମୋଦର ସାହୁ ଓଗେର, ଜା: ତେଲି, ବା: ଢେଙ୍କିଆ, ଜି: କେନ୍ଦୁଝର | |
| ୬୦ | ୬୬ | ୧୩୬ | ୦.୧୯୦ | ୦.୧୯୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୧ | | ୧୦୨୦ | ୦.୧୯୦ | ୦.୦୪୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୨ | | ୧୦୫୪ | ୦.୦୫୦ | ୦.୦୫୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୩ | | ୧୦୫୬ | ୦.୦୨୦ | ୦.୦୨୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୪ | | ୧୦୫୮ | ୦.୦୩୦ | ୦.୦୧୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୫ | | ୧୦୭ | ୦.୬୨୦ | ୦.୧୯୦ | ଚାନ୍ଦ ସାହୁ, ପିତା: ପାଣୁ ସାହୁ, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୬୬ | ୬୭ | ୮୯ | ୦.୦୯୦ | ୦.୦୫୦ | ଚିନ୍ତାମଣି ସାହୁ, ପିତା: କ୍ଷେତ୍ର ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୬୭ | | ୧୨୪ | ୦.୦୨୦ | ୦.୦୨୦ | ଚିନ୍ତାମଣି ସାହୁ, ପିତା: କ୍ଷେତ୍ର ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୬୮ | ୭୫ | ୧୦୪୭ | ୦.୦୯୦ | ୦.୦୯୦ | ଜଡ଼ା ଚକ୍ର, ପିତା: ନାକଫୋଡ଼ି ଚକ୍ର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୬୯ | | ୧୦୫୫ | ୦.୦୩୦ | ୦.୦୩୦ | ଜଡ଼ା ଚକ୍ର, ପିତା: ନାକଫୋଡ଼ି ଚକ୍ର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୭୦ | ୭୬ | ୧୦୫୦ | ୦.୨୩୦ | ୦.୧୧୦ | ଜାହାଜି ସାହୁ, ପିତା: ହରି ସାହୁ, ଜା: ଗୁଡ଼ିଆ, ବା: ବାଦବିଲ | |
| ୭୧ | ୭୭ | ୩୫ | ୦.୨୧୦ | ୦.୨୧୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବାଦବିଲ | |
| ୭୨ | | ୫୧ | ୦.୧୬୦ | ୦.୧୬୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବାଦବିଲ | |
| ୭୩ | | ୫୯ | ୦.୦୩୦ | ୦.୦୩୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବାଦବିଲ | |
| ୭୪ | | ୨୭୦ | ୦.୨୦୦ | ୦.୨୦୦ | ଯୋଗେନ୍ଦ୍ର ନାଥ ବେହେରା, ପିତା: ମହି ବେହେରା ଓଗେର, ଜା: ଗୁଡ଼ିଆ, ବାଦବିଲ | |
| ୭୫ | ୮୫ | ୧୩୮ | ୦.୦୮୦ | ୦.୦୮୦ | ଦୈତାରୀ ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୬ | | ୧୧୯ | ୦.୧୬୦ | ୦.୦୧୦ | ଦୈତାରୀ ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୭ | | ୧୪୧ | ୦.୦୪୦ | ୦.୦୧୦ | ଦୈତାରୀ ସାହୁ, ପିତା: ବାସୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୭୮ | ୮୭ | ୧୧୮୧ | ୦.୦୨୦ | ୦.୦୨୦ | ଧନି ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: ଢେଙ୍କିଆ ସାହି, ଜି: କେନ୍ଦୁଝର | |
| ୭୯ | | ୧୨୧୬ | ୦.୦୨୦ | ୦.୦୨୦ | ଧନି ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: ଢେଙ୍କିଆ ସାହି, ଜି: କେନ୍ଦୁଝର | |
| ୮୦ | ୮୯ | ୧୩୪୨ | ୦.୦୨୦ | ୦.୦୨୦ | ଧରଣୀ ଜେନା, ପିତା: ଜଗବନ୍ଧୁ ଜେନା, ଜା: ଖଣ୍ଡାୟତ, ବା: ବାଦବିଲ | |
| ୮୧ | | ୮୫ | ୦.୩୯୦ | ୦.୦୧୦ | ଧରଣୀ ଜେନା, ପିତା: ଜଗବନ୍ଧୁ ଜେନା, ଜା: ଖଣ୍ଡାୟତ, ବା: ବାଦବିଲ | |
| ୮୨ | ୯୨ | ୧୩୪ | ୦.୩୪୦ | ୦.୩୪୦ | ନକୁଳ ଚରଣ ସାହୁ, ପିତା: ଧରଣୀଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୮୩ | ୯୮ | ୩୯ | ୦.୦୩୦ | ୦.୦୩୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୪ | | ୪୦ | ୦.୦୩୦ | ୦.୦୩୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୫ | | ୪୨ | ୦.୧୭୦ | ୦.୦୭୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୬ | | ୨୭୫ | ୦.୦୫୦ | ୦.୦୫୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୭ | | ୨୭୬ | ୦.୦୪୦ | ୦.୦୪୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୮ | | ୨୮୧ | ୦.୦୩୦ | ୦.୦୩୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୮୯ | | ୨୮୫ | ୦.୧୩୦ | ୦.୧୧୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୦ | | ୨୮୮ | ୦.୦୩୦ | ୦.୦୩୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୧ | ୯୮ | ୨୯୩ | ୦.୦୧୦ | ୦.୦୧୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୨ | | ୩୬୫ | ୦.୦୪୦ | ୦.୦୪୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୩ | | ୧୦୭୩ | ୦.୨୩୦ | ୦.୦୮୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୪ | | ୧୦୭୪ | ୦.୨୮୦ | ୦.୧୧୦ | ନନ୍ଦକିଶୋର ସାହୁ, ପିତା: ଦୈତାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୯୫ | ୧୦୦ | ୧୦୯୭ | ୦.୧୪୦ | ୦.୧୪୦ | ନବକିଶୋର ସାହୁ, ପିତା: ପ୍ରଭାକର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୬ | | ୧୩୪/୧୯୦୯ | ୦.୧୫୦ | ୦.୧୫୦ | ନବକିଶୋର ସାହୁ, ପିତା: ପ୍ରଭାକର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୭ | ୧୦୫ | ୧୦୫୨ | ୦.୧୮୦ | ୦.୦୭୦ | ନୀଳମଣି ସାହୁ, ପିତା: କୀର୍ତ୍ତନ ବିହାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୯୮ | ୧୧୫ | ୧୦୪୯ | ୦.୫୯୦ | ୦.୪୪୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୯୯ | ୧୧୬ | ୧୩୪୮ | ୦.୦୬୦ | ୦.୦୧୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୦ | ୧୧୭ | ୧୩୩୮ | ୦.୦୬୦ | ୦.୦୬୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୧ | ୧୧୭ | ୧୩୪୬ | ୦.୦୨୦ | ୦.୦୨୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୨ | | ୧୩୪୭ | ୦.୧୭୦ | ୦.୧୩୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୩ | | ୧୩୪୯ | ୦.୧୦୦ | ୦.୦୧୦ | ପୀତାମ୍ବର ଜେନା, ପିତା: ବନମାଳୀ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୦୪ | ୧୨୦ | ୧୪୬ | ୦.୦୫୦ | ୦.୦୧୦ | ପୀତାମ୍ବର ସାହୁ, ପିତା: ଆର୍ତ୍ତ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୦୫ | ୧୨୧ | ୩୪୨ | ୦.୧୫୦ | ୦.୦୧୦ | ପୀତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୬ | | ୩୪୩ | ୦.୦୩୦ | ୦.୦୩୦ | ପୀତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୭ | | ୧୦୬୩ | ୦.୦୭୦ | ୦.୦୭୦ | ପୀତାମ୍ବର ସାହୁ, ପିତା: ଶିବ ସାହୁ ଓଗେର | |
| ୧୦୮ | ୧୨୪ | ୫୬୭ | ୦.୦୫୦ | ୦.୦୩୦ | ପୁରସ୍ତମ ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୦୯ | | ୧୫୩ | ୦.୦୬୦ | ୦.୦୧୦ | ପୁରସ୍ତମ ସାହୁ, ପିତା: ପାଣୁ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୧୦ | ୧୩୯ | ୧୦୧୨/୧୮୪୫ | ୦.୦୬୦ | ୦.୦୬୦ | ବୀରଭଦ୍ର ବାରିକ, ପିତା: ଶୁକଦେବ ବାରିକ, ଜା: ଭଣ୍ଡାରି, ବା: ଢିଙ୍କିଆ, ଥା: ଘସିପୁରା, ଜି: କେନ୍ଦୁଝର | |
| ୧୧୧ | ୧୪୨ | ୩୪୭ | ୦.୦୬୦ | ୦.୦୫୦ | ବାଞ୍ଛାନିଧି ପାଗଡ଼, ପିତା: ନିଶା ପାଗଡ଼ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୨ | ୧୪୩ | ୩୭୦ | ୦.୧୨୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: ଶୁକଦେବ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୧୩ | ୧୪୪ | ୧୩୩୪ | ୦.୦୬୦ | ୦.୦୬୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୪ | | ୧୨୧୪ | ୦.୦୧୦ | ୦.୦୧୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୫ | | ୧୩୩୫ | ୦.୦୨୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୬ | | ୧୩୩୭ | ୦.୦୬୦ | ୦.୦୬୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୭ | | ୧୩୪୦ | ୦.୧୭୦ | ୦.୧୭୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୮ | | ୧୩୫୨ | ୦.୧୪୦ | ୦.୧୧୦ | ବାଞ୍ଛାନିଧି ସାହୁ, ପିତା: କପିଳ ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୧୯ | ୧୪୫ | ୧୧୮୪ | ୦.୦୫୦ | ୦.୦୨୦ | ବାଞ୍ଛାନିଧି ସାହୁ, ପିତା: ଗୁଞ୍ଜାର ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୧୨୦ | | ୧୨୦୮ | ୦.୦୩୦ | ୦.୦୩୦ | ବାଞ୍ଛାନିଧି ସାହୁ, ପିତା: ଗୁଞ୍ଜାର ସାହୁ ଓଗେର, ଜା: ତେଲି, ବା: ଉଛବାଲି | |
| ୧୨୧ | ୧୪୭ | ୧୨୪୦ | ୦.୨୭୫ | ୦.୨୭୫ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୨ | ୧୪୭ | ୧୨୪୧ | ୦.୧୫୫ | ୦.୦୩୦ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୩ | | ୧୨୪୩ | ୦.୧୬୦ | ୦.୦୨୦ | ବାବାଜି ଚକ୍ର, ପିତା: କ୍ଷେତ୍ର ଚକ୍ର ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୨୪ | ୧୪୯ | ୧୦୫୩ | ୦.୦୫୦ | ୦.୦୫୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୫ | ୧୫୦ | ୧୨୩ | ୦.୦୨୦ | ୦.୦୨୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୬ | | ୧୨୭ | ୦.୦୫୦ | ୦.୦୫୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୭ | | ୧୨୯ | ୦.୦୪୦ | ୦.୦୪୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୮ | | ୧୩୧ | ୦.୧୬୦ | ୦.୧୬୦ | ବିକଳି ଚରଣ ସାହୁ, ପିତା: ପୁନେଇ ସାହୁ ଓଗେର, ଜା: ଗୁଡ଼ିଆ, ବା: କରଡ଼ାପାଳ | |
| ୧୨୯ | ୧୫୪ | ୩୪୬ | ୦.୦୬୦ | ୦.୦୫୦ | ବେନୁ ସାହୁ, ପିତା: ନରସିଂହ ସାହୁ ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୩୦ | ୧୬୭ | ୧୧୬୩ | ୦.୧୧୦ | ୦.୦୭୦ | ମଣିନାଥ ସାହୁ, ପିତା: ଭୀମ ସାହୁ, ଜା: କୁମ୍ଭାର, ବା: କରଡ଼ାପାଳ | |
| ୧୩୧ | ୧୭୩ | ୧୩୯ | ୦.୦୩୦ | ୦.୦୨୦ | ଶ୍ରୀ ରାଧାକାନ୍ତ ଜୀଉ ଠାକୁର ବିଜେ କରଡ଼ାପାଳ ମାର୍ଫତ ସମସ୍ତ ଗ୍ରାମବାସୀ ତରଫ ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ, ଜା: ତେଲି, ବା: କରଡ଼ାପାଳ | |

SEE NEXT PAGE

# ଶିକ୍ଷକ ସ୍ୱାମୀଙ୍କୁ ଲଣ୍ଡା, ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ଉଲଗ୍ନ କରି ବୁଲାଇଲେ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ଜଣେ ଶିକ୍ଷକଙ୍କୁ ଲୋକେ ଲଣ୍ଡା କରିବା ସହ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ଉଲଗ୍ନ କରି ବୁଲାଇଛନ୍ତି। ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକିଟି ବସ୍ତିରେ କିଛିଦିନ ତଳେ ଘଟିଥିବା ଏହି ସ୍ପର୍ଶକାତର ଘଟଣାର ଭିଡିଓ ଏବେ ଭାଇରାଲ ହୋଇଛି। ବସ୍ତିର କେତେଜଣ ଲୋକ ଏପରି କାଣ୍ଡ ଘଟାଇଛନ୍ତି। ଅନ୍ୟପକ୍ଷରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଉକ୍ତ ଶିକ୍ଷକଙ୍କୁ ଗିରଫ କରି ଜେଲ୍ ପଠାଇଦେଇଥିବାବେଳେ ଭିଡିଓ ଭାଇରାଲ ଯୋଗୁ ଶିକ୍ଷୟିତ୍ରୀ ଜଣକ ଲୋକଲଜ୍ଜାରେ ମାନସିକ ଭାରସାମ୍ୟ ହରାଇଛନ୍ତି। ଏପରି କି ସେ ଶନିବାର ମଧ୍ୟାହ୍ନରେ ବସ୍ତି ନିକଟ ଟ୍ରେନ୍ ଲାଇନ ଉପରେ ଠିଆ ହୋଇ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି।

ଶିକ୍ଷୟିତ୍ରୀ ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଛି। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ସ୍ୱାମୀ ଧିରୁକୁଟି ସାହିରେ ଏକ କୋଚିଂ ସେଣ୍ଟର ଖୋଲି ପିଲାଙ୍କୁ ପାଠ ପଢାନ୍ତି। ଗତ ୨୮ ତାରିଖରେ ତାଙ୍କ ସ୍ୱାମୀ ବାକିଥିବା ୭ ହଜାର ଟଙ୍କା ଆଣିବାକୁ ଜଣେ ଛାତ୍ରୀଙ୍କ ଘରକୁ ଯାଇଥିଲେ। ବାକି ଟଙ୍କାକୁ ନେଇ ଛାତ୍ରୀଙ୍କ ପରିବାର ଲୋକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ଛାତ୍ରୀଙ୍କୁ ଶିକ୍ଷକ ଜଣକ ଅସଦାଚରଣ କରିଥିବା ନେଇ ତାଙ୍କ ପରିବାର ଲୋକେ ବାହାରେ ହାଲ୍ଲା କରିଥିଲେ। ଫଳରେ ବସ୍ତିର କେତେଜଣ ଲୋକେ ଉତ୍ତ୍ୟକ୍ତ ହୋଇ ଶିକ୍ଷକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଲଣ୍ଡା କରି ବୁଲାଇଥିଲେ। ଏକଥା ଶୁଣି ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ମଧ୍ୟ ଉଲଗ୍ନ କରାଯାଇ ମାଡ଼ ମରାଯାଇଥିଲା। ପୋଲିସ ସେଠାରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। କିନ୍ତୁ ଛାତ୍ରୀଙ୍କ ପରିବାର ଲୋକେ ଶିକ୍ଷକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିବାରୁ ତାଙ୍କୁ ପୋଲିସ ୨୯ ତାରିଖରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ଉଲଗ୍ନ କରି ଅସଦାରଚଣ କରାଯିବାର ଭିଡିଓ ପ୍ରଘଟ ହୋଇଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ର ନାଥ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ପ୍ରାଥମିକ ତଦନ୍ତରୁ ଆମେ ଶିକ୍ଷକଙ୍କୁ ଗିରଫ କରିଛୁ। ଶିକ୍ଷକଙ୍କୁ ଲଣ୍ଡା କରିବା ନେଇ ଆଉ ଏକ ମାମଲା ହୋଇଛି। କିନ୍ତୁ ଭାଇରାଲ ଭିଡିଓ ବିଷୟରେ ଆମ ପାଖରେ କୌଣସି ତଥ୍ୟ ନାହିଁ। ଅଭିଯୋଗର ତଦନ୍ତ କରାଯାଉଛି।

# ଆଜି ଦେବ ଦମ୍ପତିଙ୍କ ପତରପେଁଡି

- ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା
- ପ୍ରସ୍ତୁତି ଶେଷ କରି ଅପେକ୍ଷାରେ କନ୍ୟା ମାତାପିତା
- ସୌଭାଗ୍ୟ ଥିଲେ ମାତା ପାର୍ବତୀ ଝିଅ ହୁଅନ୍ତି

ସମ୍ବଲପୁର, ୨।୬ (ବ୍ୟୁରୋ)

ସୋମବାର ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ପତରପେଁଡି ବା ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେବ ଦେବ ମହାଦେବ ମା' ପାର୍ବତୀଙ୍କ ହାତ ଧରିବେ। ଲୋକାଚାର ବା ପରମ୍ପରା ଅନୁସାରେ ଏହି ପତରପେଁଡି ତଥା ନିର୍ବନ୍ଧ ଉତ୍ସବ ଆୟୋଜିତ ହେବ। ଏଥିପାଇଁ କନ୍ୟାପକ୍ଷ ପ୍ରସ୍ତୁତି ଶେଷ କରି ଅପେକ୍ଷାରେ ବସିଛନ୍ତି। ସମଗ୍ର ସମ୍ବଲପୁରବାସୀଙ୍କ ମନରେ ଉତ୍ସାହ ଉଦ୍ଦୀପନା ଭରି ଯାଇଛି। ଦେବଦମ୍ପତିଙ୍କ ଏହି ପବିତ୍ର ଉତ୍ସବକୁ ସମାପନ ପାଇଁ ଶ୍ରଦ୍ଧା ଓ ଭକ୍ତିର ସହ ଉଭୟ ବର ଓ କନ୍ୟା ପକ୍ଷ ଚାହିଁ ବସିଛନ୍ତି।

୧୯୬୯ ମସିହାରୁ ସମ୍ବଲପୁରର ଏହି ଶୀତଳଷଷ୍ଠୀ ଯାତ୍ରା ମୂଳଦୁଆ ପଡିଥିଲା । ସେହି ବର୍ଷ ବାଲିବନ୍ଧା ସୋମେଶ୍ୱର ମନ୍ଦିର (ସୋମନାଥ ମନ୍ଦିର)ରେ ଶୀତଳଷଷ୍ଠୀ ଯାତ୍ରା ତଥା ଶିବପାର୍ବତୀଙ୍କ ବିବାହ ହୋଇଥିଲା । ସେହି ଦିନଠାରୁ ନିରବଚ୍ଛିନ୍ନ ଭାବେ ଏହି ପର୍ବ ପାଳିତ ହୋଇଆସୁଛି । ପରବର୍ତ୍ତୀ ସମୟରେ ନନ୍ଦପଡା, ଝାଡୁଆପଡା, ମୁଦିପଡାରେ ଯାତ୍ରା ଆରମ୍ଭ ହୋଇଥିଲା । ୨୦୦୦ ମସିହା ପରେ ସହରର ବିଭିନ୍ନ ଶୈବପୀଠ ଗୁଡିକରେ ଶିବପାର୍ବତୀଙ୍କ ବିବାହ ପର୍ବ ଅନୁଷ୍ଠିତ ହେଉଛି । ପ୍ରକୃତ ପକ୍ଷେ ଏହା ଏକ ଗଣପର୍ବ ଭାବେ ପାଳନ କରାଯାଉଛି । ଶିବପାର୍ବତୀ ବିବାହର ମୁଖ୍ୟ ପର୍ବ ହେଉଛି କନ୍ୟାଦାନ । ତେଣୁ ଜଗତଜନନୀ ମାତା ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ଯାତ୍ରା କମିଟିଠାରେ ଦରଖାସ୍ତ କରିବାକୁ ପଡିଥାଏ। କ୍ରମାନ୍ୱୟରେ ଯାତ୍ରା କମିଟି କନ୍ୟାମାତା ପିତା ଚୟନ କରିଥାନ୍ତି। ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ସୌଭାଗ୍ୟ ଥିଲେ ମାତା ପାର୍ବତୀ ଝିଅ ଭାବେ ମିଳିଥାନ୍ତି । ତେଣୁ ଚଳିତ ବର୍ଷ ମାତା ପାର୍ବତୀଙ୍କୁ ଝିଅ ଭାବେ ପାଇଥିବା କନ୍ୟାମାତା ପିତା ଭାବ ବିହ୍ୱଳ ହୋଇ ଉଠିଛନ୍ତି।


## STATE POLLUTION CONTROL BOARD, ODISHA

(DEPARTMENT OF FOREST & ENVIRONMENT, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA

No. 5330/ IND-IV-PCP-BMW-40 Dt. 31.05.19

### PUBLIC NOTICE

**KIND ATTENTION : ALL HEALTH CARE ESTABLISHMENTS (HCEs) OF THE STATE OF ODISHA**

Attention of all the Occupiers of Bedded Health Care Establishments (HCEs) in the State of Odisha is drawn to the provision under Section-10 of the Bio-Medical Waste Management Rules, 2016 and amended thereafter which stipulates that "Every occupier or operator handling bio-medical waste, irrespective of the quantity shall make an application in Form-II to the prescribed authority i.e. State Pollution Control Board and Pollution Control Committee, as the case may be, for grant of authorization and the prescribed authority shall grant the provisional authorization in Form-III and the validity of such authorization for bedded health care facility and operator of a common facility shall be synchronized with the validity of the consents".

Hence all the bedded HCEs are required to apply to the State Pollution Control Board, Odisha for grant of consent to operate under Section-25/26 of Water (Prevention and Control of Pollution) Act, 1974 through online system within one month time from the date of publication of the notice. The application for consent to operate online can be made by accessing to Board's website (www.odocmms.nic.in).

It may be noted that failure to comply with the above shall amount to violation of the provisions under Water (PCP) Act, 1974 and punishable under the said Act.

*Sd./- MEMBER SECRETARY*

## ODISHA HYDRO POWER CORPORATION LIMITED

OHPC
ISO 9001, 14001 & OHSAS 18001

(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building
Vanivihar Chouk, Janpath, Bhoinagar, Bhubaneswar-751022
Tel: 91-0674-2542983, 2542802, 2545526, Fax-2542102
CIN : U40101OR1995SGC003963

No. OHPC/HQ/IT/003/2019/4550 Date: 01.06.2019

### TENDER CALL NOTICE

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the OEM authorized vendors for supply of the following materials/ providing services as mentioned below.

| TCN NO. | SCHEDULE | Description of Materials/ Services | Cost of tender paper (Non-refundable) in ₹ | EMD in shape of DD/ Banker's Cheque only (Refundable) in ₹ |
|---|---|---|---|---|
| IT/01/ 2019-20 | (A) | Computers / Desktops, Printers & UPSs. | 11,800.00 (10,000.00 + GST @18%) | 1,15,000/- |
| | (B) | Laptops | 4,720.00 (4,000.00+GST @18%) | 10,000/- |
| | (C) | Network Printer – A3 MFD with accessories | 7,080/- (6,000.00 + GST @18%) | 21,000/- |
| | (D) | MS-Windows Professional 10 SNGL OLP license (MOLP) & Microsoft Office 2019 standard (MOLP) | 11,800.00 (10,000.00 + GST @18%) | 1,35,000/- |
| | (E) | Quick Heal Total Shield Antivirus Software | 2,360.00 (2000.00 + GST @18%) | 2,100/- |

**For details of the tender documents, terms and conditions please visit our website www.ohpcltd.com from dt.03.06.2019.**

**AGM (IT)**


| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୩୨ | ୧୭୫ | ୭୧ | ୦.୧୯୦ | ୦.୧୯୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୩ | | ୧୪୩ | ୦.୨୯୦ | ୦.୦୮୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୪ | | ୮୬ | ୦.୩୫୦ | ୦.୩୩୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୫ | | ୮୭ | ୦.୦୬୦ | ୦.୦୧୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୬ | ୧୭୬ | ୧୨୧ | ୦.୦୩୦ | ୦.୦୩୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୭ | | ୧୨୨ | ୦.୦୪୦ | ୦.୦୪୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୮ | | ୧୨୬ | ୦.୦୫୦ | ୦.୦୫୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୩୯ | ୧୭୬ | ୧୨୮ | ୦.୦୪୦ | ୦.୦୪୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୦ | | ୧୩୦ | ୦.୨୨୦ | ୦.୨୨୦ | ମାୟାଧର ସାହୁ, ପିତା: ଡମ୍ବରୁଧର ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୧ | ୧୭୭ | ୬୩ | ୦.୦୧୦ | ୦.୦୧୦ | ମାଗୁଣି ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୨ | | ୬୬ | ୦.୦୮୦ | ୦.୦୮୦ | ମାଗୁଣି ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୩ | | ୭୩ | ୦.୨୨୦ | ୦.୦୩୦ | ମାଗୁଣି ପାଗଡ଼, ପିତା: କ୍ଷେତ୍ର ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୧୪୪ | ୧୮୦ | ୧୪୦ | ୦.୦୬୦ | ୦.୦୩୦ | ମାଧବାନନ୍ଦ ସାହୁ, ପିତା: ଭିକାରି ସାହୁ ଓଗେର, ଜା: ତେଲି, ବା: କରଡ଼ାପାଳ | |
| ୧୪୫ | ୧୮୨ | ୧୧୮୩ | ୦.୦୨୦ | ୦.୦୧୦ | ମାନ ସାହୁ, ପିତା: ନାଣ୍ଟୁ ସାହୁ, ଜା: ତେଲି, ବା: ଉଜ୍ଜବାଲି | |
| ୧୪୬ | ୧୮୫ | ୩୭ | ୦.୨୦୦ | ୦.୦୯୦ | ମୁନୀ ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଜ୍ଜବାଲି | |
| ୧୪୭ | | ୧୮ | ୦.୩୬୦ | ୦.୦୪୦ | ମୁନୀ ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଜ୍ଜବାଲି | |
| ୧୪୮ | | ୨୮୬ | ୦.୦୯୦ | ୦.୦୧୦ | ମୁନୀ ଓଝା, ପିତା: ନିଧି ଓଝା ଓଗେର, ଜା: ତନ୍ତି, ବା: ଉଜ୍ଜବାଲି | |
| ୧୪୯ | ୧୯୦ | ୧୧୭୬ | ୦.୩୨୦ | ୦.୩୨୦ | ରଘୁ ବେହେରା, ପିତା: ରାମ ବେହେରା ଓଗେର, ଜା: ରାଢ଼ି, ବା: ଉଜ୍ଜବାଲି | |
| ୧୫୦ | ୧୯୦ | ୧୧୭୭ | ୦.୦୫୦ | ୦.୦୫୦ | ରଘୁ ବେହେରା, ପିତା: ରାମ ବେହେରା ଓଗେର, ଜା: ରାଢ଼ି, ବା: ଉଜ୍ଜବାଲି | |
| ୧୫୧ | ୧୯୬ | ୩୪୦ | ୦.୧୫୦ | ୦.୦୪୦ | ରମେଶ ବେହେରା, ପିତା: ଗଙ୍ଗାଧର ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୨ | | ୧୦୫୧ | ୦.୦୧୦ | ୦.୦୧୦ | ରମେଶ ବେହେରା, ପିତା: ଗଙ୍ଗାଧର ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୩ | ୧୯୯ | ୨୬୬ | ୦.୦୨୦ | ୦.୦୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୪ | | ୨୬୭ | ୦.୦୬୦ | ୦.୦୬୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୫ | | ୨୮୩ | ୦.୦୨୦ | ୦.୦୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୬ | | ୨୮୪ | ୦.୦୬୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୭ | | ୩୪୧ | ୦.୧୪୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୮ | | ୩୪୪ | ୦.୦୪୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୫୯ | | ୩୬୬ | ୦.୦୪୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୦ | | ୨୬୩ | ୦.୦୬୦ | ୦.୦୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୧ | ୧୯୯ | ୧୦୬୯ | ୦.୦୭୦ | ୦.୦୪୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୨ | | ୧୧୦୨ | ୦.୧୯୦ | ୦.୦୮୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୩ | ୨୦୦ | ୧୨୨୦ | ୦.୩୬୦ | ୦.୩୬୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୪ | | ୧୨୨୪ | ୦.୩୮୦ | ୦.୨୧୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୫ | | ୧୨୨୩ | ୦.୩୨୦ | ୦.୩୨୦ | ରାହାସ ବେହେରା, ପିତା: ବୁରୁନ୍ଧୁ ବେହେରା ଓଗେର, ଜା: ଗୁଡ଼ିଆ, ବା: ବାଦବିଲ | |
| ୧୬୬ | ୨୦୬ | ୧୦୧୧ | ୦.୧୨୦ | ୦.୦୨୦ | ସର ସାହୁ, ସ୍ୱାମୀ: ଆତୁଳ ସାହୁ, ଜା: ତେଲି, ବା: ଢିଙ୍କିଆସାହି, ଜି: କେନ୍ଦୁଝର | |
| ୧୬୭ | | ୧୦୧୬ | ୦.୦୯୦ | ୦.୦୯୦ | ସର ସାହୁ, ସ୍ୱାମୀ: ଆତୁଳ ସାହୁ, ଜା: ତେଲି, ବା: ଢିଙ୍କିଆସାହି, ଜି: କେନ୍ଦୁଝର | |
| ୧୬୮ | ୨୦୯ | ୧୩୩୧ | ୦.୦୪୦ | ୦.୦୪୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୬୯ | | ୧୩୩୯ | ୦.୧୩୦ | ୦.୧୩୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୦ | | ୧୩୫୧ | ୦.୨୩୦ | ୦.୦୧୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୧ | ୨୦୯ | ୧୩୩୨ | ୦.୦୬୦ | ୦.୦୬୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୨ | | ୧୨୧୨ | ୦.୦୩୦ | ୦.୦୧୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୩ | | ୧୨୧୩ | ୦.୦୧୦ | ୦.୦୧୦ | ସାର୍ତ୍ତ୍ୱକୀ ସାହୁ, ପିତା: କପିଳ ଚରଣ ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୧୭୪ | ୨୧୦ | ୧୨୧୮ | ୦.୨୧୦ | ୦.୨୧୦ | ଶୁକ ସାହୁ, ପିତା: କାଳି ସାହୁ ଓଗେର, ଜା: ତେଲି, ବା: ଉଜ୍ଜବାଲି | |
| ୧୭୫ | ୨୧୩ | ୪୧ | ୦.୦୩୦ | ୦.୦୩୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୭୬ | | ୪୩ | ୦.୦୨୦ | ୦.୦୨୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୭୭ | | ୨୬୯ | ୦.୦୩୦ | ୦.୦୩୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୭୮ | | ୨୭୮ | ୦.୦୬୦ | ୦.୦୬୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୭୯ | | ୨୮୭ | ୦.୦୩୦ | ୦.୦୨୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୦ | | ୩୫୭ | ୦.୦୫୦ | ୦.୦୫୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୧ | | ୩୫୮ | ୦.୦୪୦ | ୦.୦୪୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୨ | | ୩୫୯ | ୦.୧୧୦ | ୦.୧୧୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୩ | | ୩୬୧ | ୦.୦୬୦ | ୦.୦୬୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୪ | ୨୧୩ | ୩୬୨ | ୦.୧୫୦ | ୦.୦୩୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୫ | | ୩୬୩ | ୦.୧୦୦ | ୦.୦୭୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୬ | | ୩୬୪ | ୦.୨୮୦ | ୦.୧୭୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୭ | | ୩୬୮ | ୦.୨୦୦ | ୦.୦୩୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୮ | | ୪୯୩ | ୦.୨୩୦ | ୦.୧୪୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୮୯ | | ୧୦୯୪ | ୦.୧୦୦ | ୦.୧୦୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୯୦ | | ୧୧୦୧ | ୦.୧୦୦ | ୦.୧୦୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୯୧ | | ୧୩୫୩ | ୦.୧୪୦ | ୦.୦୨୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୯୨ | | ୧୩୫୪ | ୦.୬୧୦ | ୦.୦୧୦ | ଶୁକ ସାହୁ, ପିତା: ନନ୍ଦ ସାହୁ ଓଗେର, ଜା: ଗୁଡ଼ିଆ, ବା: ଉଜ୍ଜବାଲି | |
| ୧୯୩ | ୨୧୬ | ୭୨ | ୦.୨୮୦ | ୦.୧୬୦ | ସୂର୍ଯ୍ୟମଣି ପୃଷ୍ଟି, ପିତା: ରତ୍ନ ପୃଷ୍ଟି ଓଗେର, ଜା: ତେଲି, ବା: ଗୌଡ଼ବାହାଳି | |
| ୧୯୪ | ୨୧୮ | ୧୦୭୫ | ୦.୦୫୦ | ୦.୦୫୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୫ | ୨୧୮ | ୧୩୪୩ | ୦.୦୪୦ | ୦.୦୪୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୬ | | ୧୦୭୬ | ୦.୦୯୦ | ୦.୦୯୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୭ | | ୧୦୭୭ | ୦.୦୭୦ | ୦.୦୬୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୮ | | ୧୩୪୧ | ୦.୦୬୦ | ୦.୦୬୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୧୯୯ | ୨୧୯ | ୪୯୪ | ୦.୩୯୦ | ୦.୧୮୦ | ସୁଦର୍ଶନ ଜେନା, ପିତା: ମହି ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୦ | ୨୨୩ | ୨୪୯ | ୦.୨୬୦ | ୦.୨୦୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୧ | | ୧୧୬୨ | ୦.୬୬୦ | ୦.୬୬୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୨ | | ୨୭୨ | ୦.୧୧୦ | ୦.୦୨୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୩ | | ୩୪୮ | ୦.୦୭୦ | ୦.୦୭୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୪ | | ୧୧୬୦ | ୦.୦୩୦ | ୦.୦୩୦ | ଶୋଶୀଳା ନାଥ, ପିତା: ନବଘନ ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୦୫ | ୨୨୬ | ୨୯୦ | ୦.୦୫୦ | ୦.୦୫୦ | ହରି ଓଝା, ପିତା: କାଳି ଓଝା ଓଗେର, ଜା: କମାର, ବା: ଉଜ୍ଜବାଲି | |
| ୨୦୬ | | ୩୪୫ | ୦.୨୬୦ | ୦.୨୬୦ | ହରି ଓଝା, ପିତା: କାଳି ଓଝା ଓଗେର, ଜା: କମାର, ବା: ଉଜ୍ଜବାଲି | |
| ୨୦୭ | ୨୨୭ | ୫୦ | ୦.୦୪୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୮ | | ୨୬୮ | ୦.୦୧୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୦୯ | | ୨୯୧ | ୦.୦୧୦ | ୦.୦୧୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୦ | | ୩୩୯ | ୦.୧୪୦ | ୦.୦୪୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୧ | | ୧୦୭୦ | ୦.୧୦୦ | ୦.୦୨୦ | ହରି ଜେନା, ପିତା: ଗୋବିନ୍ଦ ଜେନା ଓଗେର, ଜା: ଖଣ୍ଡାୟତ, ବା: ବାଦବିଲ | |
| ୨୧୨ | ୨୨୮ | ୩୫୪ | ୦.୦୪୦ | ୦.୦୪୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଜ୍ଜବାଲି | |
| ୨୧୩ | | ୩୫୫ | ୦.୦୬୦ | ୦.୦୬୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଜ୍ଜବାଲି | |
| ୨୧୪ | | ୩୫୬ | ୦.୦୬୦ | ୦.୦୬୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଜ୍ଜବାଲି | |
| ୨୧୫ | ୨୨୮ | ୧୦୧୫ | ୦.୨୭୦ | ୦.୧୮୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଜ୍ଜବାଲି | |
| ୨୧୬ | | ୧୦୧୮ | ୦.୧୪୦ | ୦.୧୪୦ | ହାଇଲା ଦେହୁରୀ, ପିତା: ଗୌର ଦେହୁରୀ, ଜା: ଶବର, ବା: ଉଜ୍ଜବାଲି | |
| ୨୧୭ | ୨୩୦ | ୩୩୬ | ୦.୦୮୦ | ୦.୦୧୦ | ହାଡ଼ିବନ୍ଧୁ ପାଗଡ଼, ପିତା: ମଣି ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୧୮ | | ୧୧୬୧ | ୦.୨୪୦ | ୦.୨୧୦ | ହାଡ଼ିବନ୍ଧୁ ପାଗଡ଼, ପିତା: ମଣି ପାଗଡ଼, ଜା: ତନ୍ତି, ବା: ବାଦବିଲ | |
| ୨୧୯ | ୨୩୫ | ୧୦୯୯ | ୦.୨୦୦ | ୦.୧୫୦ | ହୃଷୀକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଜ୍ଜବାଲି | |
| ୨୨୦ | | ୧୨୩୬ | ୦.୧୪୦ | ୦.୧୨୦ | ହୃଷୀକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଜ୍ଜବାଲି | |
| ୨୨୧ | | ୧୨୩୭ | ୦.୦୭୦ | ୦.୦୭୦ | ହୃଷୀକେଶ ସାହୁ, ପିତା: ପୋକ ସାହୁ, ଜା: ତେଲି, ବା: ଉଜ୍ଜବାଲି | |
| ୨୨୨ | ୨୩୫ /୧୦ | ୩୬୦ | ୦.୦୯୦ | ୦.୦୯୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୩ | | ୩୫୭/୧୯୫୦ | ୦.୦୧୦ | ୦.୦୧୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୪ | | ୩୫୮/୧୯୫୧ | ୦.୦୭୦ | ୦.୦୭୦ | ବୋଧିରାମ ସାହୁ, ପିତା: ଭିକାରି ସାହୁ, ଜା: ତେଲି, ବା: କରଡ଼ାପାଳ | |
| ୨୨୫ | ୨୩୫ /୧୧ | ୨୭୩ | ୦.୦୪୦ | ୦.୦୪୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୬ | ୨୩୫ /୧୧ | ୨୭୯ | ୦.୧୧୦ | ୦.୧୧୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୭ | ୨୩୫ /୧୧ | ୨୮୯ | ୦.୦୧୦ | ୦.୦୧୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୮ | | ୨୯୨ | ୦.୦୩୦ | ୦.୦୩୦ | କାଳନ୍ଦି ସାହୁ, ପିତା: ବୋଧିରାମ ସାହୁ, ଜା: ତେଲି, ବା: କରଡ଼ାପାଳ, ଥା: ଟମକା | |
| ୨୨୯ | ୨୩୫ /୪୩ | ୧୦୬୩/୧୯୬୭ | ୦.୧୫୦ | ୦.୦୩୦ | ତରଣୀସେନ ସାହୁ, ପିତା: ମଣିନାଥ ସାହୁ, ଜା: କୁମ୍ଭାର, ବା: କରଡ଼ାପାଳ | |
| ୨୩୦ | ୨୩୫ /୪୪ | ୧୨୪୦/୧୯୬୮ | ୦.୨୭୫ | ୦.୨୭୫ | ସୁରେନ୍ଦ୍ର କୁମାର ଚକ୍ର, ପିତା: ନିତ୍ୟାନନ୍ଦ ଚକ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | |
| | | | ମୋଟ | ୧୮.୯୨୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୨୩୦ (ଦୁଇ ଶହ ତିରିଶ), ମୋଟ ଅଧିଗୃହୀତ ଜମି: ୧୮.୯୨୦ ଏକର

24001/14/0030/1920

## ସ୍ୱାସ୍ଥ୍ୟ ସୂଚନା

❖ଆମେ କେତେକ ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ ପ୍ରାୟ ଅବଗତ। ଅପରପକ୍ଷରେ କିଛି ଜଟିଳ ରୋଗ ସମ୍ପର୍କରେ ମଧ୍ୟ ଜନସଚେତନତା ସୃଷ୍ଟି କରାଯାଉଛି। ଯଦି ଆପଣ କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ସୂଚନା ପାଇଲେ, ତେବେ ବିଳମ୍ବ ନ କରି ତୁରନ୍ତ ତାହାର ଚିକିତ୍ସା କରାଇ ନିଅନ୍ତୁ। କାରଣ ସାମାନ୍ୟ ଅବହେଳା ଆପଣଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି।

❖ଏପରି କେତେକ ଖାଦ୍ୟ ଅଛି, ଯାହାକୁ ଦେଖିବା ମାତ୍ରେ ଆମ ପାଟିରୁ ଲାଳ ଗଡ଼ିଥାଏ। ଲୋଭ ସମ୍ବରଣ କରି ନ ପାରି ଅନେକ ସେପରି ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ହେଲେ ତାହା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ତେଣୁ ଖାଦ୍ୟପେୟ ପ୍ରତି ଆମେ ଯଥେଷ୍ଟ ସଚେତନ ରହିବା ବିଧେୟ।

❖ସବୁବେଳେ ଭିଟାମିନ୍‌ଯୁକ୍ତ ତଥା ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ। ଖାଦ୍ୟ ତାଲିକାରେ ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ।

❖କେତେକେ ଅସୁସ୍ଥତା ଅନୁଭବ କରୁଥିଲେ ମଧ୍ୟ ବ୍ୟାୟାମ କରିଥାଆନ୍ତି। ହେଲେ ଏହି ସମୟରେ ବ୍ୟାୟାମରୁ ବିରତ ରହିଲେ କିଛି କ୍ଷତି ନାହିଁ। ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଲାଗିଲା ପରେ ହିଁ ବ୍ୟାୟାମ କରନ୍ତୁ।

❖ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିଥାଏ।

❖ଆଜିକାଲି ଅଧିକାଂଶ ଯୁବପିଢ଼ି ଜିମ୍ ଯାଇ ବ୍ୟାୟାମ କରିବାକୁ ପସନ୍ଦ କରୁଛନ୍ତି। ହେଲେ ସେଠାରେ ଆପଣ କି କି ବ୍ୟାୟାମ କରିବେ ତାହା ବ୍ୟାୟାମ ଏକ୍ସପର୍ଟଙ୍କଠାରୁ ବୁଝିନିଅନ୍ତୁ।

❖ଯଦି ଆପଣ କଠିନ ବ୍ୟାୟାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ସମୟ ବିଶ୍ରାମ ନିଅନ୍ତୁ। ଯଦି ଶୋଷ ଲାଗୁଛି ତେବେ ଅଳ୍ପ ପାଣି ପିଇପାରନ୍ତି।



# ଧାତୁ ଦୌର୍ବଲ୍ୟ



ଡା. ଆଶିଷ ବାନାର୍ଜୀ

"ଶୈଶବାବସ୍ଥାରେ ସପ୍ତମଧାତୁ ଶୁକ୍ର ଶରୀରରେ ଗୁପ୍ତାବସ୍ଥାରେ ରହିଥାଏ। ଯୌବନ ପ୍ରାରମ୍ଭାବସ୍ଥାରେ ଏହା ପ୍ରକଟ ହେବା ସହ ବୟସ ବଢ଼ିବା ସଙ୍ଗେସଙ୍ଗେ ଉତ୍ପାଦନ ବଢ଼େ ଏବଂ ଚାଳିଶ ବର୍ଷ ବୟସ ପରେ ଧୀରେ ଧୀରେ ଏହାର ଉତ୍ପାଦନ ହାର କମେ। ତେଣୁ ଏହି ସମୟରେ ମଝିରେ ମଝିରେ ରସାୟନ ଓ ବାଜୀକରଣ ଔଷଧ ସେବନ କଲେ ଏହାର ମାତ୍ରା ଅପରିବର୍ତ୍ତିତ ରହେ।"

ଧାତବଃ ଦେହ ଧାରଣାତ୍ "ଅର୍ଥାତ୍ ଯିଏ ଏହି ଶରୀରକୁ ଧାରଣ କରି ରଖିଥାଏ, ତାହାକୁ ଧାତୁ କୁହାଯାଏ। ସେଗୁଡ଼ିକ ଯଥା: ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର (ସିମେନ୍) ଏବଂ ଏହାର ସାରାଂଶ ଅଷ୍ଟବିନ୍ଦୁ ପରିମାଣକୁ ଅଷ୍ଟମ ଧାତୁ 'ଓଜ' ବୋଲି କୁହାଯାଏ, ଯାହାକି ହୃଦୟରେ ଅବସ୍ଥାନ କରିଥାଏ। ସନ୍ତାନ ଜନ୍ମ ହେବା ପୂର୍ବରୁ ମା'ଠାରୁ ଶିଶୁ ହୃଦୟକୁ ଆସିଥାଏ। ଏହା ଶରୀରକୁ ଧାରଣ ଓ ଶୋଷଣ କରିବା ସହ ମେଧା, ବଳ, ଆୟୁ ଓ ସ୍ଥିର ଯୌବନ ପ୍ରଦାନ କରିଥାଏ। ଏଗୁଡ଼ିକ ପ୍ରାପ୍ତିର ମୁଖ୍ୟ ଉତ୍ସ ହେଉଛି ପ୍ରାକୃତିକ ଖାଦ୍ୟ, ଉଦ୍ଭିଦଜ ପନିପରିବା, ଶସ୍ୟ, ଡାଲିଜାତୀୟ ଖାଦ୍ୟ, ପ୍ରାଣୀଜ ଖାଦ୍ୟ- ମାଛ, ମାଂସ, ଅଣ୍ଡା, ଛେନା, କ୍ଷୀର। ଏହା ଅଭାବ ବା ବୈଷମ୍ୟ କାରଣରୁ ଧାତୁକ୍ଷୟ ଜନିତ ରୋଗ ହୋଇଥାଏ। ତେଣୁ ତାହାକୁ ପୁଣି ସମାନ ଅବସ୍ଥାକୁ ଆଣିବାକୁ ହେଲେ ପ୍ରାକୃତିକ ଭେଷଜ ଯଥା ବନୌଷଧି ବା ହର୍ବାଲ ଡ୍ରଗ୍‌ସ, ଖଣିଜ ଓ ପ୍ରାଣୀଜ ରସ, ରତ୍ନାଦି ଧାତୁ, ସୁଧାବର୍ଗୀୟ ଦ୍ରବ୍ୟ (ଶାମୁକା, ଶଙ୍ଖ, ପ୍ରବାଳ ଶୁକ୍ତି ଇତ୍ୟାଦି) ଉପଧାତୁର ଘଟିତ ଯୌଗିକ ଔଷଧର ଆବଶ୍ୟକତା ପଡ଼ିଥାଏ।

ଆମ୍ଭେ ଯେଉଁ ଆହାର ଗ୍ରହଣ କରୁ ତା'ର ସାରାଂଶ ରସ ଅନ୍ତ୍ରନଳୀରେ ଅବଶୋଷିତ ହୋଇ ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ଏହିପରି ସାତଟି ଧାତୁ ପରିପାକ ହୋଇ ଉତ୍ତରୋତ୍ତର ଧାତୁ ନିର୍ମାଣ ହେବାକୁ ପ୍ରାୟ ଏକ ମାସ ସମୟ ଲାଗିଥାଏ। ଶୁକ୍ର ବା ସିମେନ୍‌କୁ ସମସ୍ତ ଧାତୁର ସାରାଂଶ ବୋଲି ବିବେଚନା କରାଯାଇଛି। ଏହାର ପରିପକ୍ୱତାରୁ ଓଜ ସୃଷ୍ଟି ହୁଏ। ଏହାକୁ ଶରୀରର "ତେଜ" ମଧ୍ୟ କୁହାଯାଏ।

ଶୈଶବାବସ୍ଥାରେ ସପ୍ତମଧାତୁ ଶୁକ୍ର ଶରୀରରେ ସୁପ୍ତାବସ୍ଥାରେ ରହିଥାଏ। ଯୌବନ ପ୍ରାରମ୍ଭାବସ୍ଥାରେ ଏହା ପ୍ରକଟ ହେବା ସହ ବୟସ ବଢ଼ିବା ସଙ୍ଗେସଙ୍ଗେ ଉତ୍ପାଦନ ବଢ଼େ ଏବଂ ଚାଳିଶ ବର୍ଷ ବୟସ ପରେ ଧୀର ଧୀରେ ଏହାର ଉତ୍ପାଦନ ହାର କମେ, ତେଣୁ ଏହି ସମୟରେ ମଝିରେ ମଝିରେ ରସାୟନ ଓ ବାଜୀକରଣ ଔଷଧ ସେବନ କଲେ ଏହାର ମାତ୍ରା ଅପରିବର୍ତ୍ତିତ ରହେ।

ଏହା ଦେଖିବାକୁ ବହଳ, ମଧୁର ଗନ୍ଧଯୁକ୍ତ, ସ୍ନିଗ୍ଧ, ଗୁରୁ, ପିଚ୍ଛିଳ ଏବଂ ସ୍ଫଟିକ ବର୍ଣ୍ଣଯୁକ୍ତ। ମହିଳାମାନଙ୍କର ଯୋନିରେ ଥିବା ବାର୍ଥୋଲିନ୍ ଗ୍ଲାଣ୍ଡରୁ କ୍ଷରଣ ହେଉଥିବା ପିଚ୍ଛିଳ ପଦାର୍ଥକୁ ସ୍ତ୍ରୀ-ଶୁକ୍ର କୁହାଯାଏ। ମାତ୍ର ଏଥିରେ ଶୁକ୍ରାଣୁ ନ ଥିବାରୁ ସନ୍ତାନ ଉତ୍ପତ୍ତି ହୋଇପାରେନାହିଁ। ମାତ୍ର ଏହା ସହବାସ ବେଳେ ଜନନେନ୍ଦ୍ରୀୟର ପିଚ୍ଛିଳତା ଉତ୍ପନ୍ନରେ ସହାୟକ ହୋଇଥାଏ। ପୁରୁଷର ୧ ମିଲି ଶୁକ୍ରରେ ୪୦ରୁ ୬୦ଲକ୍ଷ ଶୁକ୍ରାଣୁ ରହିଥାଏ। ଏମାନଙ୍କ ମଧ୍ୟରୁ କେତେକ ବଳଶାଳୀ ଶୁକ୍ରାଣୁ ଗର୍ଭଧାରଣରେ ସହାୟକ ହୋଇଥାନ୍ତି। ମହର୍ଷିମାନେ ଶୁକ୍ର ଧାରଣରେ ଜୀବନ ଓ କ୍ଷୟରେ ମୃତ୍ୟୁ ବୋଲି କହିଛନ୍ତି। ମାତ୍ର ବର୍ତ୍ତମାନ ମୋବାଇଲ ଓ ଇଣ୍ଟରନେଟ୍ ଯୁଗରେ ପାଶ୍ଚାତ୍ୟ ସଭ୍ୟତା ଅନୁକରଣ ସହ ଗରିଷ୍ଠ ଭୋଜନ ସେବନ, ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ପ୍ୟାକେଟ ଖାଦ୍ୟର ବହୁଳ ବ୍ୟବହାର, ନରମ ଶଯ୍ୟାରେ ଉପବେଶନ, ନାରୀ ରୂପଲାବଣ୍ୟ ଦର୍ଶନ ଓ ନଗ୍ନଚିତ୍ର ଦର୍ଶନ ଦ୍ୱାରା ମନ ଉତ୍ତେଜିତ ହେବା ଯୋଗୁ ଯୌନାଙ୍ଗ ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇ ସର୍ବଦା ଉତ୍ତେଜିତ ହୋଇ ହସ୍ତମୈଥୁନ ଆଦି ଦ୍ୱାରା ଶୁକ୍ର ସ୍ଖଳନ ହେବା ସହ ସ୍ନାୟୁ ଦୌର୍ବଲ୍ୟରୁ ଧ୍ୱଜଭଙ୍ଗ ଦେଖାଯାଏ।



ଏତଦ୍ ବ୍ୟତୀତ ଏଭଳି ବାରମ୍ବାର କୁଅଭ୍ୟାସ ଦ୍ୱାରା ମୂତ୍ର ମାର୍ଗ ଦେଇ ତରଳ ବହଳିଆ ପଦାର୍ଥ (ଶୁକ୍ର) ସର୍ବଦା ସ୍ରାବ ହୋଇଥାଏ। ଏହାକୁ ଚିକିତ୍ସା ବିଜ୍ଞାନରେ ଶୁକ୍ରମେହ, ସାନ୍ଦ୍ରମେହ, ଲାଳମେହ କୁହାଯାଏ। ପରିସ୍ରାନଳୀ ଦେଇ ଏଭଳି କିଛିଦିନ ନିର୍ଗତ ହେବା ଦ୍ୱାରା ଶରୀର-ଶୁଷ୍କତା, ଅଗ୍ନିମାନ୍ଦ୍ୟ, ଅରୁଚି, ଆଳସ୍ୟ, ଅତ୍ୟଧିକ ନିଦ୍ରା, ମୁଖ ଶୁଷ୍କତା, ଗୋଡ଼ ଘୋଳାବିନ୍ଧା, କୋଷ୍ଠକାଠିନ୍ୟ ଦେଖାଯାଏ। ଶେଷରେ ସ୍ମରଣଶକ୍ତି କମେ ଓ ସ୍ୱପ୍ନଦୋଷ ଦେଖାଯାଏ। ଏହା ବଳବତ୍ତର ରହିଲେ ଲିଙ୍ଗ ଶିଥିଳତା ବା ଧ୍ୱଜଭଙ୍ଗ ହୋଇଥାଏ।

ଏତଦ୍ ବ୍ୟତୀତ ବହୁ ରମଣୀଙ୍କ ସହ ରମଣ କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତିମାନେ ରାଜଯକ୍ଷ୍ମା ଓ ଏଡ୍‌ସ ରୋଗର ଶିକାର ହୋଇ ଅକାଳ ମୃତ୍ୟୁବରଣ କରିଥାନ୍ତି। ତେଣୁ ଯୌବନ ପ୍ରାରମ୍ଭାବସ୍ଥାରେ ସାତ୍ତ୍ୱିକ ଆହାର ସେବନ, ବ୍ରହ୍ମଚର୍ଯ୍ୟ ପାଳନ, ଯୋଗ, ଧ୍ୟାନ, ଈଶ୍ୱର ପୂଜନ, ଶାରୀରିକ ବ୍ୟାୟାମ କରିବା ସହ ନାନାଦି ଧର୍ମଗ୍ରନ୍ଥ ଓ ପୌରାଣିକ ବିଷୟବସ୍ତୁ ଆଧାରିତ ପୁସ୍ତକ ପଠନ କରିବା ଉଚିତ।



ଏହି ରୋଗର ଚିକିତ୍ସା ପାଇଁ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶାନୁଯାୟୀ ଶୁକ୍ର ଧାତୁ ସ୍ତମ୍ଭକ ଓ ବର୍ଦ୍ଧକ ପାଇଁ ରସାୟନ ଔଷଧ ସେବନ କରିବା ଉଚିତ।

-ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ,ମୋ: ୯୮୬୧୩୭୪୩୮୫

# ତମାଖୁ ସେବନ ଓ ଫୁସ୍‌ଫୁସ୍





"ଦୁଇ ତୃତୀୟାଂଶ ଫୁସ୍‌ଫୁସ୍ କ୍ୟାନ୍‌ସରର ସମସ୍ତ କାରଣ ମଧ୍ୟରେ ତମାଖୁ ଅର୍ଥାତ୍ ଧୂମପାନ ହେଉଛି ଏକ ନମ୍ବର କାରଣ। ଦ୍ୱିତୀୟ ପ୍ରକାରର ଧୂଆଁ ମଧ୍ୟ ଯେଉଁମାନେ ଧୂମପାନ କରନ୍ତି, ସେମାନଙ୍କର ଫୁସ୍‌ଫୁସ୍ କ୍ୟାନ୍‌ସରର କାରଣ। ଆମ ରାଜ୍ୟରେ ଦିନକୁ ଦିନ ଏହି ରୋଗ ବୃଦ୍ଧି ପାଇବାରେ ଲାଗିଛି। ଯଦି ଆମେ ଧୂମପାନ ଓ ତମାଖୁ ବ୍ୟବହାର ବନ୍ଦ କରିଦେବା, ତା'ହେଲେ କ୍ୟାନ୍‌ସର ହେବାର ପଚାଶ ପ୍ରତିଶତ ଆଶଙ୍କା କମିଯିବ ଓ ଦଶବର୍ଷ ମଧ୍ୟରେ କ୍ୟାନ୍‌ସର ହେବାର ଆଶଙ୍କା ଆଉ ରହିବ ନାହିଁ"





ଡା. ରାମଚନ୍ଦ୍ର ରାଉତ

ଆମ ଶରୀରରେ ଫୁସ୍‌ଫୁସ୍ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଏହା ରକ୍ତରେ ଥିବା ହିମୋଗ୍ଲୋବିନ୍‌କୁ ଅମ୍ଳଜାନ ସଂଯୁକ୍ତ କରିଥାଏ- ଅର୍ଥାତ୍ ହୃଦ୍‌ଯନ୍ତ୍ରରୁ ଆସୁଥିବା ଅପରିଷ୍କାର ରକ୍ତ (ଯାହାକି ବିଭିନ୍ନ ଶିରା ଦ୍ୱାରା ସଂଗୃହୀତ ହୋଇଥାଏ), ଏହିଠାରେ ଅମ୍ଳଜାନ ସଂଯୁକ୍ତ ହୋଇ ପରିଷ୍କାର ହୋଇଥାଏ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ଅଣସଂଯୁକ୍ତ ହୋଇ ପ୍ରଶ୍ୱାସରେ ବାହାରିଯାଏ। ଅମ୍ଳଜାନ ବ୍ୟତୀରେକେ ଶରୀରର ଅନେକ ରାସାୟନିକ ପ୍ରକ୍ରିୟା ଓ ମୁଖ୍ୟତଃ 'ଶକ୍ତି' ଉତ୍ପନ୍ନକାରୀ 'କ୍ରେବ୍‌ସ ସାଇକେଲ' ସଂଗଠିତ ହୋଇପାରିବ ନାହିଁ। ଆମେ ସାଧାରଣତଃ ଜନ୍ମ ହେବା ମୁହୂର୍ତ୍ତରୁ ଶେଷନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସମୟକୁ ଜୀବନ କହିଥାଉଁ ଓ 'ଶେଷନିଃଶ୍ୱାସ'କୁ ମୃତ୍ୟୁ ବୋଲି ମାନିଥାଉ।

ତମାଖୁ ହେଉଛି ଏପରି ଏକ ପଦାର୍ଥ, ଯାହା ସାଧାରଣତଃ ଲୋକମାନେ ଅଭ୍ୟାସଗତ ଭାବେ ବ୍ୟବହାର କରିଥାଆନ୍ତି କିଛି ଉତ୍ତେଜନା, କିଛି ଭଲ ଲାଗିବା ଓ କିଛି ଅଭ୍ୟାସରେ ପଡ଼ି। ସାଧାରଣତଃ ଧୂଆଁଯୁକ୍ତ ଓ ଧୂଆଁବିହୀନ ଏପରି ଦୁଇ ପ୍ରକାରର ତମାଖୁ ଥାଏ। ଧୂଆଁଯୁକ୍ତ ତମାଖୁ ଯଥା- ବିଡ଼ି, ସିଗାରେଟ୍, ହୁକା, ପିକା ଇତ୍ୟାଦି ନିଆଁ ଧରାଇ ଟଣାଯାଏ ଓ ଧୂଆଁକୁ ଦେହ ଭିତରକୁ (ଅର୍ଥାତ ଫୁସ୍‌ଫୁସ୍ ମଧ୍ୟକୁ) ନେଇ ପୁଣି ଛଡ଼ାଯାଇଥାଏ। ଧୂଆଁହୀନ ତମାଖୁ- ଗୁଟ୍‌କା, ଖଇନି, ଦୋକତା, ଧୂଆଁପତ୍ର ଇତ୍ୟାଦିକୁ ପାଟିରେ ଦୀର୍ଘ ସମୟ ଧରି ରଖାଯାଇଥାଏ ଓ ବେଳେବେଳେ ମଧ୍ୟ ରାତିସାରା ତାହା ପାଟିରେ ଥାଏ। ଦ୍ୱିତୀୟ ପ୍ରକାର ତମାଖୁଟି ପ୍ରଥମ ଅପେକ୍ଷା ଅଧିକ କ୍ଷତିକାରକ। ଧୂଆଁଯୁକ୍ତ ତମାଖୁର ଧୂଆଁ ପ୍ରଥମ ପ୍ରକାରର ହେଉଛି ଯାହା ବ୍ୟବହାର ସମୟରେ ଦେହକୁ ଯାଇଥାଏ। ଦ୍ୱିତୀୟ ପ୍ରକାରର ଯାହା ପାଟି ଓ ନାକରୁ ବାହାରିଥାଏ ଓ ଅଧାଜଳା ସିଗାରେଟ୍ ଓ ବିଡ଼ିରୁ ବାହାରିଥାଏ ଓ ଏହା ଯେଉଁମାନେ ପାଖରେ ଥାଆନ୍ତି ନିଃଶ୍ୱାସରେ ସେମାନଙ୍କ ଶରୀରକୁ ପ୍ରବେଶ କରେ। ଯଦିଓ ସେମାନେ ଧୂମପାନ କରି ନ ଥାନ୍ତି। ତୃତୀୟ ପ୍ରକାରର ଧୂଆଁ ହେଉଛି ଗର୍ଭବତୀ ମା' ଖାଉଥିବା ସିଗାରେଟ୍ ବା ବିଡ଼ିର ଧୂଆଁ ଓ ଦ୍ୱିତୀୟ ପ୍ରକାରର ଧୂଆଁ ଯାହା ତା' ଶରୀରରେ ପ୍ରବେଶ କରି ଗର୍ଭସ୍ଥ ଶିଶୁର ରକ୍ତକୁ ଯାଇଥାଏ। ଫଳରେ ବଢ଼ନ୍ତା ଶିଶୁଟିରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇଥାଏ। ପ୍ରଥମଠାରୁ ଦ୍ୱିତୀୟ ଓ ଦ୍ୱିତୀୟଠାରୁ ତୃତୀୟ ଅଧିକ କ୍ଷତିକାରକ ମନେହୁଏ। ତମାଖୁ ହେଉଛି କ୍ୟାନ୍‌ସରର ପ୍ରମୁଖ କାରଣ।

ଚଳିତ ବର୍ଷର 'ବିଶ୍ୱ ତମାଖୁ ବର୍ଜନ ଦିବସ'ର ସ୍ଲୋଗାନ ହେଉଛି "ତମାଖୁ ଓ ଫୁସ୍‌ଫୁସ୍‌ର ସ୍ୱାସ୍ଥ୍ୟ"। ସମଗ୍ର ବିଶ୍ୱର ମାନବ ଜାତି ଦୃଷ୍ଟି ଆକର୍ଷଣ ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ୧୯୮୭ ମସିହାରେ ପ୍ରଥମେ ଏହି ଦିବସ ପାଳନ କରିଥିଲା। ତମାଖୁ ବ୍ୟବହାର ଦ୍ୱାରା ଅନେକ ସ୍ଥାନରେ କ୍ୟାନ୍‌ସର ହୋଇଥାଏ- ଧୂମବିହୀନ ତମାଖୁର ପ୍ରବଳ ବ୍ୟବହାର ଦ୍ୱାରା 'ମୁଖଗହ୍ୱର କର୍କଟ' ହୋଇଥାଏ। କେବଳ ତମାଖୁ ବ୍ୟବହାର ବନ୍ଦ ଦ୍ୱାରା ଏହି ରୋଗକୁ ୭୦% କମାଇ ଦିଆଯାଇପାରିବ। ପାଟି ପରିଷ୍କାର ରଖିଲେ ଆଉ ୩୦% ହେବନାହିଁ।

ଦୁଇତୃତୀୟାଂଶ ଫୁସ୍‌ଫୁସ୍ କ୍ୟାନ୍‌ସରର ସମସ୍ତ କାରଣ ମଧ୍ୟରେ ତମାଖୁ ଅର୍ଥାତ୍ ଧୂମପାନ ହେଉଛି ଏକ ନମ୍ବର। ଦ୍ୱିତୀୟ ପ୍ରକାରର ଧୂଆଁ ମଧ୍ୟ ଯେଉଁମାନେ ଧୂମପାନ କରନ୍ତି ନାହିଁ ସେମାନଙ୍କର ଫୁସ୍‌ଫୁସ୍ କ୍ୟାନ୍‌ସରର କାରଣ। ଆମ ରାଜ୍ୟରେ ଦିନକୁ ଦିନ ଏହି ରୋଗ ବୃଦ୍ଧି ପାଇବାରେ ଲାଗିଛି। ଯଦି ଆମେ ଧୂମପାନ ଓ ତମାଖୁ ବ୍ୟବହାର ବନ୍ଦ କରିଦେବା ତା'ହେଲେ କ୍ୟାନ୍‌ସର ହେବାର ପଚାଶ ପ୍ରତିଶତ ଆଶଙ୍କା କମିଯିବ ଓ ଦଶବର୍ଷ ମଧ୍ୟରେ କ୍ୟାନ୍‌ସର ହେବାର ଆଶଙ୍କା ଆଉ ରହିବ ନାହିଁ।

ସିଓପିଡି ପରି ଆଉ ଏକ ଶ୍ୱାସକାଶଯୁକ୍ତ ରୋଗ, ଯାହା ଧୂମପାନ ବା ତମାଖୁ ଦ୍ୱାରା ହୋଇଥାଏ। ତାହାକୁ ମଧ୍ୟ ତମାଖୁ ବନ୍ଦ ଦ୍ୱାରା ନିୟନ୍ତ୍ରଣକୁ ଆଣିହେବ। ସିଓପିଡିରେ କାଶ, କଫ ସହିତ ଶ୍ୱାସ ମଧ୍ୟ ଥାଏ ଓ ରୋଗୀକୁ ନିଃଶ୍ୱାସ ନେବାରେ କଷ୍ଟ ହୋଇଥାଏ। ଏହି ରୋଗ ବାରମ୍ବାର ହୋଇଥାଏ ଓ ଧୂଆଁ ସଂକ୍ରମଣକୁ ଅଧିକ ବଢ଼ାଇଥାଏ।

କ୍ରନିକ୍ ବ୍ରୋଙ୍କାଇଟିସ୍ ବା ଫୁସ୍‌ଫୁସ୍ ସଂକ୍ରମଣ ମଧ୍ୟ ଧୂମପାନ ଯୋଗୁ ହୋଇଥାଏ। ଏମ୍ଫାଇସିମା, ଲଙ୍ଗସ୍ ଆବ୍‌ସେସ୍ ମଧ୍ୟ ଏହାର କାରଣ।

ଛୋଟ ପିଲାମାନଙ୍କର ଦ୍ୱିତୀୟ ପ୍ରକାର ଧୂଆଁ ଯୋଗୁ ଫୁସ୍‌ଫୁସ୍ ସଂକ୍ରମଣ, ବ୍ରୋଙ୍କାଇଟିସ୍, ଶ୍ୱାସ ଓ ନିମୋନିଆ ମଧ୍ୟ ହୋଇଥାଏ। ଯକ୍ଷ୍ମା ରୋଗର ମଧ୍ୟ ଧୂମପାନ ସହିତ ନିବିଡ଼ ସମ୍ପର୍କ ରହିଛି। ଧୂମପାନ ଯୋଗୁ ଉଚ୍ଚ ରକ୍ତଚାପ ଓ ହାର୍ଟଆଟାକ୍ ମଧ୍ୟ ହୋଇଥାଏ। ସାରା ପୃଥିବୀରେ ୧,୬୫,୦୦୦ ଶିଶୁ ଫୁସ୍‌ଫୁସ୍ ସଂକ୍ରମଣ ଓ ତଜ୍ଜନିତ ରୋଗରେ ମୃତ୍ୟୁମୁଖରେ ପଡ଼ିଥାଆନ୍ତି।

ଫୁସ୍‌ଫୁସ୍‌ର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ତମାଖୁର ବ୍ୟବହାର କମ୍ କିମ୍ବା ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। ଏଥିସହିତ ଦ୍ୱିତୀୟ ପ୍ରକାର ଧୂଆଁଠାରୁ ଦୂରରେ ରହିବା ଆବଶ୍ୟକ। କିନ୍ତୁ ପରିତାପର ବିଷୟ ଅଧିକାଂଶ ଜନସାଧାରଣ ଓ ଧୂମପାନକାରୀଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚିପାରୁନାହିଁ। ତମାଖୁ ଯେ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟର ଅଶେଷ କ୍ଷତି ସାଧନ କରେ ତାହାର ବଳିଷ୍ଠ ପ୍ରମାଣ ରହିଛି।

ଚଳିତ ବର୍ଷ ଏହି ଦିବସ ପାଳନ ଅବସରରେ ନିମ୍ନୋକ୍ତ ବିଷୟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଧିକ ଗୁରୁତ୍ୱ ଦେବାକୁ ସ୍ଥିର କରିଛି।

- ଧୂମପାନ ଓ ଦ୍ୱିତୀୟ ପ୍ରକାର ଧୂଆଁର ବିପଦ।
- ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତମାଖୁ ବ୍ୟବହାର ନ କରିବା ପାଇଁ ସଚେତନତା।
- ସାରା ବିଶ୍ୱରେ ଏହାଦ୍ୱାରା ମୃତ୍ୟୁମୁଖରେ ପଡ଼ୁଥିବା ବହୁ ସଂଖ୍ୟକ ବ୍ୟକ୍ତିବିଶେଷଙ୍କର ଜୀବନ ରକ୍ଷା।
- ଯକ୍ଷ୍ମା ଓ ଧୂମପାନ ମଧ୍ୟରେ ଥିବା ସମ୍ପର୍କ।
- ଦ୍ୱିତୀୟ ପ୍ରକାର ଧୂଆଁ ଦ୍ୱାରା ଫୁସ୍‌ଫୁସୀୟ ରୋଗର ଅଧିକ ଆଶଙ୍କା।
- ସୁସ୍ଥ ରହିବା ପାଇଁ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ଅପରିହାର୍ଯ୍ୟ ଓ ଏହିସବୁ କାର୍ଯ୍ୟ ପାଇଁ ସରକାରଙ୍କ ଉପରେ ଚାପ ଓ ଜନସାଧାରଣଙ୍କୁ ସଚେତନ କରାଇବା ଅପରିହାର୍ଯ୍ୟ।

-ଅତିରିକ୍ତ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଭୁବନେଶ୍ୱର
ମୋ: ୯୪୩୭୭୪୨୪୯୯

# ଅଧିକ ସମୟ ଇ-ରିଡିଂ କରୁଥିଲେ..



ଆଜିକାଲି ଡିଜିଟାଲ ଯୁଗ। କମ୍ପ୍ୟୁଟର ଏବଂ ସ୍ମାର୍ଟଫୋନ୍ ପାଠପଢ଼ାରେ କେତେ ସାହାଯ୍ୟ କରୁଛି ତାହା କହିବା ସହଜ ନୁହେଁ। କେବଳ ସେତିକି ନୁହେଁ, ବିଭିନ୍ନ ବିଷୟରେ ଜାଣିବାକୁ ଏହାର ସହାୟତା ନିଆଯାଇଥାଏ। ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଇ-ରିଡିଂ ସହ ଜଡ଼ିତ। ପାଠ୍ୟପୁସ୍ତକ ବ୍ୟତୀତ ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍‌ର ସହାୟତା ସେମାନେ ନେଉଛନ୍ତି। ହେଲେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଦରକାର ବୋଲି ୟୁନିଭର୍ସିଟି ଅଫ୍ ଟୋକିଓର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଧିକାଂଶ ସମୟ ଇ-ରିଡିଂରେ ବ୍ୟସ୍ତ ରହନ୍ତି ତେବେ ସେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ବିଶେଷଭାବରେ ଅନିଦ୍ରା ପରି ଗୁରୁତର ସମସ୍ୟାର ସାମ୍ନା କରିପାରନ୍ତି। ତେଣୁ ଏହା ସହ ଆବଶ୍ୟକ ମୁତାବକ ବିଶ୍ରାମର ଆବଶ୍ୟକତା ରହିଛି। ଅପରପକ୍ଷରେ ଇ-ରିଡିଂ ସମୟରେ ଆଖିକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବିଶ୍ରାମଦେବା ଆବଶ୍ୟକ।



# ବ୍ଲଡ୍‌ପ୍ରେସର

ଆମ ଶରୀରରେ ରକ୍ତ ସଂଚାଳନ ସକ୍ରିୟ ରହିବା ଦରକାର। ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଅସନ୍ତୁଳିତ ରକ୍ତ ସଂଚାଳନକୁ ବ୍ଲଡପ୍ରେସର ବା ରକ୍ତଚାପ ବୋଲି କୁହାଯାଏ। ଏପରି ସମସ୍ୟା ଦେଖାଦେଲେ ସେଥିପ୍ରତି ସତର୍କ ରହିବା ନିହାତି ଜରୁରୀ। ବ୍ଲଡପ୍ରେସରକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି-ହାଇ ବ୍ଲଡପ୍ରେସର ଏବଂ ଲୋ ବ୍ଲଡପ୍ରେସର। ଏପରି ସମସ୍ୟା ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ବ୍ଲଡପ୍ରେସର କେତେ ରହୁଛି ତାହା ମାପିନିଅନ୍ତୁ। ଜଣେ ସାଧାରଣ ବ୍ୟକ୍ତିର ରକ୍ତଚାପ ହେଉଛି '୧୨୦/୮୦'। ଏଥିରେ ତାରତମ୍ୟ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର। ତା'ସହ ଖାଦ୍ୟପେୟ ପ୍ରତି ଧ୍ୟାନଦିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଓଜନ ବୃଦ୍ଧି। ବ୍ଲଡପ୍ରେସରକୁ ନିୟନ୍ତ୍ରଣରେ ରଖିବାକୁ ନଜର ଦିଅନ୍ତୁ। ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୩୦ ମିନିଟ୍ ଚାଲନ୍ତୁ। ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ଅଧିକ ଲବଣଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ। ଖାସ୍ କଥା ହେଲା, ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ନିଶାଦ୍ରବ୍ୟ ବର୍ଜନ କରନ୍ତୁ।

## ସଂକ୍ଷେପରେ

### ୮୪ ଏୟାରପୋର୍ଟରେ ଲାଗିବ ବଡି ସ୍କାନର



ନୂଆଦିଲ୍ଲୀ,୨-୬: ସିଭିଲ ଏଭିଏଶନ ସିକ୍ୟୁରିଟି ବ୍ୟୁରୋ ପକ୍ଷରୁ ଦେଶର ସମସ୍ତ ଏୟାରପୋର୍ଟକୁ ଏପ୍ରିଲରେ ଏକ ସର୍କୁଲାର ପଠାଯାଇଛି। ସାରା ଦେଶର ୮୪ ଏୟାରପୋର୍ଟରେ ୨୦୨୦ ମାର୍ଚ୍ଚ ସୁଦ୍ଧା ବଡ଼ି ସ୍କାନର ଲଗାଇବାକୁ ଏଥିରେ କୁହାଯାଇଛି। ଏହାପରେ ଯାଞ୍ଚ ଲାଗି ଲଗାଯାଇଥିବା ମେଟାଲ ଡିଟେକ୍ଟରକୁ ହଟାଇ ନିଆଯିବ। ସୁରକ୍ଷା କର୍ମଚାରୀମାନେ ବଡ଼ି ସ୍କାନର ଲାଗି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା(ଏସ୍‌ଓପି) ପାଳନ କରିବାକୁ ବାଧ ରହିବେ। ସ୍କାନର ମେଶିନ ଯାଞ୍ଚ ବେଳେ ଶରୀରର ଏକ ଗ୍ରାଫିକ୍ସ ଇମେଜ ଜେନେରେଟ କରିବ। ଶରୀରରେ ସନ୍ଦେହଜନକ ବସ୍ତୁ ଥିବାର ଦେଖାଗଲେ ଏହା ହଳଦିଆ ରଙ୍ଗରେ ଦୃଷ୍ଟିଗୋଚର ହେବ। ସ୍କାନରରେ ଯାଞ୍ଚ ପୂର୍ବରୁ ଯାତ୍ରୀଙ୍କୁ ମୋଜା,ଜ୍ୟାକେଟ୍, ମୋଟା କପଡ଼ା, ବେଲ୍ଟ ଆଦି ସାମଗ୍ରୀ କାଢ଼ିବାକୁ ହେବ। ଏକ ରିପୋର୍ଟ ମୁତାବକ ଦେଶରେ ଏବେ ୧୦୫ ଅପରେଶନାଲ ଏୟାରପୋର୍ଟ ରହିଛି। ତନ୍ମଧ୍ୟରୁ ୨୮ ଅତି ସମ୍ବେଦନଶୀଳ। ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ ବ୍ୟତୀତ ଜମ୍ମୁ-କଶ୍ମୀର ଓ ଉତ୍ତର-ପୂର୍ବ ଭାରତର ବିମାନବନ୍ଦରଗୁଡ଼ିକ ରହିଛି। ଏହାଛଡ଼ା ୫୨ ଏୟାରପୋର୍ଟକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି।

### ଓଏନ୍‌ଜିସି ସବୁଠୁ ଅଧିକ ଲାଭ ହାସଲକାରୀ ରାଷ୍ଟ୍ରାୟତ୍ତ କମ୍ପାନୀ




ନୂଆଦିଲ୍ଲୀ,୨-୬: ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍)କୁ ପଛରେ ପକାଇ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ(ଓଏନ୍‌ଜିସି) ଲାଭ ହାସଲ କରିବାରେ ସର୍ବବୃହତ ରାଷ୍ଟ୍ରାୟତ୍ତ କମ୍ପାନୀ ହୋଇଛି। ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ କମ୍ପାନୀଙ୍କ ଫଳାଫଳ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଓଏନ୍‌ଜିସିର ନିଟ୍ ଲାଭ ୩୪% ବୃଦ୍ଧି ପାଇ ୨୬,୭୧୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧିରେ ଆଇଓସିଏଲ୍‌ର ନିଟ୍ ଲାଭ ୧୭,୨୭୪ କୋଟି ଟଙ୍କା ହୋଇଛି। ଏଥିପୂର୍ବରୁ କ୍ରମାଗତ ୨ ଆର୍ଥିକ ବର୍ଷରେ ଓଏନ୍‌ଜିସିଠାରୁ ଆଇଓସିଏଲ୍ ଅଧିକ ଲାଭ ହାସଲ କରୁଥିଲା। ତେଲ ଦର ହ୍ରାସ ପାଇବା କାରଣରୁ ଆଇଓସିଏଲ୍‌ର ଲାଭ ପରିମାଣ ହ୍ରାସ ପାଇଛି। ଏହି କାରଣରୁ ଏହା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ନିକଟରେ ସର୍ବବୃହତ କାରବାର କରୁଥିବା କମ୍ପାନୀ ମାନ୍ୟତା ହରାଇଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ଇଣ୍ଡିଆନ ଅଏଲର ନିଟ୍ ଲାଭ ୨୧,୩୪୬ କୋଟି ଟଙ୍କା ଥିଲା। ଏହି ସମୟରେ ଓଏନ୍‌ଜିସିର ଲାଭ ୧୯,୯୪୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ଲାଭ ହାସଲ କରିବାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କ୍ରମାଗତ ଚତୁର୍ଥ ବର୍ଷ ଶୀର୍ଷ କର୍ପୋରେଟ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୩୯,୫୮୮ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିପାରିଛି।

### ୟୁଏସ୍ ଭିଜା ପାଇଁ ଦେବାକୁ ହେବ ସୋସିଆଲ ମିଡିଆ ରେକର୍ଡ




ୱାଶିଂଟନ,୨-୬: ଆମେରିକାର ଟ୍ରମ୍ପ ସରକାର ଭିଜା ନିୟମରେ ସଂଶୋଧନ କରିଛନ୍ତି। ନୂଆ ନିୟମ ଅନୁଯାୟୀ, ଏଣିକି ଭିଜା ଆବେଦନ କରିବା ବେଳେ ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆରେ ଥିବା ଆକାଉଣ୍ଟ ନାମ ଏବଂ ଗତ ୫ ବର୍ଷର ସମସ୍ତ ତଥ୍ୟ ଦେବାକୁ ହେବ। ନିୟମାନୁସାରେ ଟ୍ରମ୍ପ ସରକାର ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଯେକୌଣସି ମୁହୂର୍ତ୍ତରେ ଯାଞ୍ଚ କରିପାରିବେ। ଏହାଛଡ଼ା ଭିଜା ଆବେଦନକାରୀଙ୍କୁ ଗତ ୧୫ ବର୍ଷ ଧରି ତାଙ୍କର ଜୀବନ ଏବଂ ଶରୀରରେ ଦେଖାଦେଇଥିବା ପରିବର୍ତ୍ତନ ସମ୍ପର୍କରେ ପ୍ରଶ୍ନ ପଚରାଯାଇପାରେ। ଆମେରିକା ନାଗରିକଙ୍କ ସୁରକ୍ଷାକୁ ଧ୍ୟାନ ରଖି ଭିଜା ନିୟମରେ ଏଭଳି ସଂଶୋଧନ କରାଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ତେବେ ଏହାକୁ ଶିକ୍ଷା ସହ ଜଡ଼ିତ ଅଫିସରସମୂହ ଏବଂ ଆକାଡେମିକ ଗ୍ରୁପ୍ ବିରୋଧ କରିଛନ୍ତି। ସଂଶୋଧିତ ନିୟମ ଅନୁଯାୟୀ, ୫ବର୍ଷର ସୋସିଆଲ ମିଡିଆ ରେକର୍ଡ, ପୁରୁଣା ପାସପୋର୍ଟର ନମ୍ବର ଏବଂ ତଥ୍ୟ, ଇ-ମେଲ ଆଡ୍ରେସ୍, ୫ ବର୍ଷ ଧରି ବ୍ୟବହାର କରିଥିବା ଫୋନ ନମ୍ବର, ୧୫ ବର୍ଷର ବାୟୋଲଜିକାଲ ସୂଚନା ଅର୍ଥାତ୍ କେଉଁ କେଉଁ ସ୍ଥାନରେ ରହିଥିଲେ, କେଉଁଠି ପାଠ ପଢ଼ିଥିଲେ, କେଉଁ ସ୍ଥାନକୁ ଯାତ୍ରା କରିଛନ୍ତି ଇତ୍ୟାଦି।

---

> “ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ଧାରାକୁ ତ୍ୱରାନ୍ୱିତ କରିବା ଲାଗି ଆର୍‌ବିଆଇ ସୁଧହାର ହ୍ରାସ କରିବାର ଆବଶ୍ୟକତା ରହିଛି।
> – ଚନ୍ଦ୍ରଜୀତ ବାନାର୍ଜୀ, ସିଆଇଆଇ ମହାନିର୍ଦ୍ଦେଶକ



> “ଭାରତ ବଜାରକୁ ନଜରରେ ରଖି ଆସନ୍ତା ବର୍ଷ ନୂଆ ମଡେଲ ଯାନ ବଜାରକୁ ଆଣିବାକୁ ଯୋଜନା ରହିଛି।
> – ଡିଏଗୋ ଗ୍ରାଫି, ସିଇଓ, ପିଆଜିଓ ଇଣ୍ଡିଆ



# ଗୋଷ୍ଠୀ କରି ଲୁଟିଛନ୍ତି ଆଇଏଫ୍‌ଆଇଏନ୍

ନୂଆଦିଲ୍ଲୀ,୨-୬

ପ୍ରାୟ ୯୦ ହଜାର କୋଟି ଟଙ୍କା ଋଣରେ ବୁଡ଼ି ଯାଇଥିବା ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ମୂଳ ତଥା ଏକାଧିକ ସହଯୋଗୀ କମ୍ପାନୀରେ ଅନିୟମିତତା ହୋଇଛି। ଏହାର ତଦନ୍ତ କରୁଥିବା ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍ (ଏସ୍‌ଏଫ୍‌ଆଇଓ) ଏକ ସହଯୋଗୀ କମ୍ପାନୀ ଆଇଏଫ୍‌ଆଇଏନ୍‌ର ଯାଞ୍ଚ କରିଥିଲା। ଯାଞ୍ଚରୁ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଟପ୍ ମ୍ୟାନେଜମେଣ୍ଟ, ଅଡିଟର ଏବଂ ସ୍ୱାଧୀନ ନିର୍ଦ୍ଦେଶକମାନେ ଏକ ଗୋଷ୍ଠୀ ଗଠନ କରି କମ୍ପାନୀକୁ ଲୁଟିଥିଲେ ବୋଲି ଦାଖଲ ଚାର୍ଜସିଟ୍‌ରେ ଦର୍ଶାଯାଇଛି।

ଏସ୍‌ଏଫ୍‌ଆଇଓର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ଗୋଷ୍ଠୀ ମିଳିମିଶି କମ୍ପାନୀକୁ ନିଜର ଘରୋଇ ବ୍ୟବସାୟ ମନେକରି ପରିଚାଳନା କରୁଥିଲେ ଏବଂ ଅନିୟମିତତାରେ ସହଭାଗୀ ଥିଲେ ବୋଲି ଯାଞ୍ଚରୁ ଜଣାପଡ଼ିଛି। ସେ କହିଛନ୍ତି ଯେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ ମାମଲା ମହାଦୁର୍ନୀତିର କେବଳ ଏକ ନମୁନା ମାତ୍ର। ଆଇଏଲଆଣ୍ଡଏଫ୍‌ଏସ୍ ଗ୍ରୁପ୍ ଏବେ ୯୦ ହଜାର କୋଟି ଟଙ୍କାର ବକେୟା ଋଣ ଫେରସ୍ତ କରିବାକୁ ବାଧ। ଏସ୍‌ଏଫ୍‌ଆଇଓର ପ୍ରଥମ ଚାର୍ଜଶିଟ୍‌ରେ କେବଳ ଏକ ସହଯୋଗୀ କମ୍ପାନୀ ଆଇଏଫ୍‌ଆଇଏନ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଗ୍ରୁପ୍‌ର ମୂଳ କମ୍ପାନୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଲିମିଟେଡ ଓ ଅନ୍ୟ ସହଯୋଗୀ କମ୍ପାନୀରେ ହୋଇଥିବା ଦୁର୍ନୀତିର ତଦନ୍ତ ଚାଲିଛି। ଅଧିକାରୀ ଜଣକ କହିଛନ୍ତି ଯେ, ଆଇଏଫ୍‌ଆଇଏନ୍‌ର ପୂର୍ବତନ ଏକ୍‌ଜିକ୍ୟୁଟିଭ ଏବଂ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ଅପରାଧୀ ଭାବେ ଦର୍ଶାଇ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଅନ୍ତରୀଣ ଭାବେ ବାଜ୍ୟାପ୍ତ କରିବାକୁ ଏସ୍‌ଏଫ୍‌ଆଇଓ ପ୍ରସ୍ତୁତି ଚଳାଇଛି। ଏଥିରେ ବ୍ୟାଙ୍କ ଲକର, ଆକାଉଣ୍ଟ ଆଦିକୁ ସାମିଲ କରାଯାଇଛି। ଏହାଛଡ଼ା ଆଇଏଫ୍‌ଆଇଏନ୍ ଦ୍ୱାରା ବ୍ୟାଙ୍କଠାରୁ ନିଆଯାଇଥିବା ସମସ୍ତ ପ୍ରକାର ଋଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି ଏସ୍‌ଏଫ୍‌ଆଇଓ। ଏହାବାଦ୍ ବ୍ୟାଙ୍କ ଅଧିକାରୀ, କ୍ରେଡିଟ ରେଟିଂ ଏଜେନ୍ସିର ଭୂମିକା ମଧ୍ୟ ଯାଞ୍ଚ ଘେରରେ ରହିଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ଏସ୍‌ଏଫ୍‌ଆଇଓର ପ୍ରଥମ ଚାର୍ଜଶିଟ୍‌ରେ ୪୦୦ରୁ ଅଧିକ ସଂସ୍ଥାର ଆକାଉଣ୍ଟର ଯାଞ୍ଚ ସହ ଫରେନ୍ସିକ୍ ଅଡିଟ କରାଯାଇଥିବା ରିପୋର୍ଟ, ଆଇଏଲ୍‌ଆଣ୍ଡଏଫ୍‌ଏସ୍ କାର୍ଯ୍ୟାଳୟର କମ୍ପ୍ୟୁଟରରୁ ପ୍ରାପ୍ତ ତଥ୍ୟକୁ ସାମିଲ କରାଯାଇଛି। ଏଥିସହିତ ଗ୍ରୁପ୍ କମ୍ପାନୀର ସର୍ଭରରୁ ବାହାର କରାଯାଇଥିବା ଇ-ମେଲ୍, ଆର୍‌ବିଆଇର ଯାଞ୍ଚ ରିପୋର୍ଟ, ବୈଠକ ସମ୍ପର୍କିତ ତଥ୍ୟ ଓ ଅନ୍ୟ ଦସ୍ତାବିଜକୁ ଏଥିରେ ଯୋଡାଯାଇଛି। ନଗଦ ସଙ୍କଟ କାରଣରୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗତବର୍ଷ ଋଣ ପରିଶୋଧ କରିପାରିବାରୁ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଥିଲା। ଏସ୍‌ଏଫ୍‌ଆଇଓ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛି ଯେ, ଟପ୍ ମ୍ୟାନେଜମେଣ୍ଟ, ସ୍ୱାଧୀନ ନିର୍ଦ୍ଦେଶକ ଓ ଅଡିଟର ମିଳିମିଶି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକୁ ଅଣଦେଖା କରି ବେନିୟମ କାର୍ଯ୍ୟରେ ଲିପ୍ତ ଥିଲେ। ରବି ପାର୍ଥସାରଥି, ହରିଶଙ୍କରନ, ଅରୁଣ ସାହା, ରମେଶ ବାବା, ବିଭବ କପୁର ଓ କେ.ରାମଚନ୍ଦ୍ର ଏହି ଦୁର୍ନୀତିରେ ସାମିଲ ଥିଲେ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ଏନ୍‌ବିଏଫ୍‌ସି କମ୍ପାନୀ ରୂପରେ ଆଇଏଫ୍‌ଆଇଏନ୍ ଶିବା, ଏବିଜି, ଏ୨ଜେଡ୍, ପାର୍ଶ୍ୱନାଥ ଡେଭଲପର୍ସ ତଥା ଅନ୍ୟ କେତେକ କମ୍ପାନୀଙ୍କୁ ଋଣ ଦେଇଥିଲା। ଯେଉଁମାନେ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ।

### ଏସ୍‌ଏଫ୍‌ଆଇଓର ଚାର୍ଜଶିଟ୍ ଦାଖଲ

- ଟପ୍ ମ୍ୟାନେଜମେଣ୍ଟ, ସ୍ୱାଧୀନ ନିର୍ଦ୍ଦେଶକ, ଅଡିଟର ମିଶି ଯାଇଥିଲେ
- ସମ୍ପତ୍ତି ବାଜ୍ୟାପ୍ତ ପାଇଁ ଏସ୍‌ଏଫ୍‌ଆଇଓର ପ୍ରସ୍ତୁତି
- ୪୦୦ ସଂସ୍ଥା, ମ୍ୟାନେଜମେଣ୍ଟ ଅଧିକାରୀଙ୍କ ନାମରେ ଅଭିଯୋଗ



# ଏଲ୍‌ଜିର ଏକ୍ସବୁମ୍ କାରାଓକି ଫେଷ୍ଟିଭାଲ




ଭୁବନେଶ୍ୱର,୨-୬

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଏକ୍ସବୁମ୍ କାରାଓକି ଫେଷ୍ଟିଭାଲର ଫିନାଲେ ସ୍ଥାନୀୟ ମାର୍କେଟ ବିଲଡିଂଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା ପ୍ରତ୍ୟୁଷା ପ୍ରିୟଦର୍ଶନୀ ପ୍ରଥମସ୍ଥାନ ହାସଲ କରିଥିବା ବେଳେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯଥାକ୍ରମେ ଜିତେନ୍ଦ୍ର ସେଠୀ ଏବଂ ଦିବ୍ୟାଶା ପଟ୍ଟନାୟକ ରହିଛନ୍ତି। ଶେଷ ପର୍ଯ୍ୟାୟକୁ ୨୦ ଜଣ ପ୍ରବେଶ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଶୀର୍ଷ ୩ ଏବଂ ଶ୍ରେଷ୍ଠ ୫ ପ୍ରତିଯୋଗୀଙ୍କୁ ବଛା ଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପ୍ରଥମ ୩ ବିଜେତାଙ୍କ ବାଦ ଅନ୍ୟ ୭ ବିଜେତାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର,ରିହାତି କୁପନ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉକ୍ତ ପ୍ରତିଯୋଗିତା ପାଇଁ ସ୍କୁଲ,କଲେଜ ଏବଂ ଫୁଡ ପଏଣ୍ଟ ସମେତ ଅନ୍‌ଲାଇନରେ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ପ୍ରବଲ ସକ୍ସେନା, କମ୍ପାନୀର ଆଞ୍ଚଳିକ ମାର୍କେଟିଂ ପ୍ରବନ୍ଧକ ଦେବାଶିଷ ମିଶ୍ର, ଶାଖା ମାର୍କେଟିଂ ପ୍ରବନ୍ଧକ ବିଭୁ ପ୍ରସାଦ ମହାପାତ୍ର, ଆଞ୍ଚଳିକ ମାର୍କେଟିଂ ସଂଯୋଜକ ସୁଜିତ ଦାସ, ଏକ୍ସବୁମ ଆମ୍ବାସାଡର ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଟ୍‌ର ୨୦୦୦ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦେବ ସ୍ପାଇସ୍‌ଜେଟ୍

ନୂଆଦିଲ୍ଲୀ,୨-୬




ଘରୋଇ ଏୟାରଲାଇନ୍ସ କମ୍ପାନୀ ସ୍ପାଇସ୍‌ଜେଟ୍ ଆର୍ଥିକ ସଙ୍କଟ କାରଣରୁ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍‌ର ୨୦୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେବ। ସ୍ପାଇସ୍‌ଜେଟ୍ ସିଏମ୍‌ଡି ଅଜୟ ସିଂ ଏ ସମ୍ପର୍କରେ ଘୋଷଣା କରି କହିଛନ୍ତି ଯେ, ଜେଟ୍ ଏୟାରୱେଜ୍‌ର କର୍ମଚାରୀଙ୍କୁ କମ୍ପାନୀ ଯୋଡ଼ିବା ଲାଗି ଯୋଜନା ପ୍ରସ୍ତୁତ କରିଛି। ଇତିମଧ୍ୟରେ ୧୧୦୦ କର୍ମଚାରୀଙ୍କୁ ଚାକିରି ଦିଆଯାଇଛି। ଆଗାମୀ ଦିନରେ ଏହା ୨୦୦୦ ସଂଖ୍ୟା ଟପିଯିବ। ପାଇଲଟ, ଚାଳକ ଦଳ ସଦସ୍ୟ ଏବଂ ବିମାନ ବନ୍ଦର ସେବା, ସୁରକ୍ଷା ସହ ଜଡ଼ିତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସେ କହିଛନ୍ତି। ସ୍ପାଇସ୍‌ଜେଟ୍ ନିକଟରେ ବୋଇଂ ୭୩୭, ବୋମ୍ବାର୍ଡିୟର କ୍ୟୁ ୪୦୦ ଏବଂ ବି୭୩୭ ଫ୍ରାଇଟର ବିମାନ ରହିଛି। ଏହି ଏୟାରଲାଇନ୍ସ ୬୨ ରୁଟ୍‌ରେ ଦୈନିକ ୫୭୫ ଉଡ଼ାଣ ଭରିଥାଏ। ଏଥିରେ ଅନ୍ତର୍ଜାତୀୟ ରୁଟ୍ ମଧ୍ୟ ସାମିଲ ହୋଇଛି। ବର୍ତ୍ତମାନ ସ୍ପାଇସ୍‌ଜେଟ୍‌ର କର୍ମଚାରୀଙ୍କ ସଂଖ୍ୟା ୧୪ ହଜାର ରହିଥିବା ବେଳେ ଏହା ନିକଟରେ ୧୦୦ ବିମାନ ରହିଛି। ଏହି ସଂଖ୍ୟକ ବିମାନ ରଖିବାରେ ଏୟାର ଇଣ୍ଡିଆ, ଜେଟ୍ ଏୟାରୱେଜ ଓ ଇଣ୍ଡିଗୋ ପରେ ସ୍ପାଇସ୍‌ଜେଟ୍ ଚତୁର୍ଥ ଭାରତୀୟ ବିମାନ କମ୍ପାନୀ ହୋଇଛି।

### ଜୁଲାଇରୁ ଗୁଆହାଟୀ-ଢାକା ଉଡାଣ

କେନ୍ଦ୍ର ସରକାରଙ୍କ ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ଯୋଜନା ଅଧୀନରେ ସ୍ପାଇସ୍‌ଜେଟ୍ ଆସନ୍ତା ଜୁଲାଇ ପହିଲାରୁ ଢାକା-ଗୁଆହାଟୀ ମାର୍ଗରେ ଉଡାଣ ଆରମ୍ଭ କରିବ ବୋଲି କମ୍ପାନୀ ରବିବାର ଘୋଷଣା କରିଛି। ଏହାଦ୍ୱାରା ସରକାରୀ ସବ୍‌ସିଡି ସହାୟତାରେ ରାଜ୍ୟଗୁଡ଼ିକ ଏବଂ ମନୋନୀତ ଅନ୍ତଃରାଷ୍ଟ୍ରୀୟ ଗନ୍ତବ୍ୟସ୍ଥଳ ମଧ୍ୟରେ ବିମାନ ସମ୍ପର୍କ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅରୁନ୍ଧତୀ ଜୁଏଲର୍ସର ରଜ ଅଫର

ଭୁବନେଶ୍ୱର,୨-୬

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରଜ ଅଫର ୨୦୧୯ ସମ୍ପର୍କରେ ଘୋଷଣା କରାଯାଇଛି। ରଜ ଏବଂ ଶୀତଳ ଷଷ୍ଠୀ ଅବସରରେ ଗ୍ରାହକଙ୍କ ଗହଣା କ୍ରୟରେ ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଏହି ସମୟରେ ସୁନା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ ୩୦% ରିହାତି ଦିଆଯାଉଛି। ସେହିଭଳି ୩୦ ଗ୍ରାମ ସୁନା ଗହଣା କ୍ରୟରେ ଗୋଲ୍ଡ କଏନ ଲାଭର ସୁଯୋଗ ମଧ୍ୟ ରହିଛି। ଜୁନ ପହିଲାଠାରୁ ଏହି ଅଫର ଅରୁନ୍ଧତୀର ୫ ଶାଖାରେ ଉପଲବ୍ଧ ହେବ। ଏହାବାଦ ଗ୍ରାହକ ଡାଇମଣ୍ଡ ଅଳଙ୍କାର ମୂଲ୍ୟ ଉପରେ ଫ୍ଲାଟ ୧୫% ରିହାତି, ରୁପା ବାସନ କ୍ରୟରେ ଗଢା ମୂଲ୍ୟରେ ରିହାତି ଏବଂ ୫ ହଜାର ଟଙ୍କାର କ୍ରୟ ଉପରେ ଲକ୍ଷପତି ହେବାର ସୁଯୋଗ ରହିଛି। ପାରମ୍ପରିକ ଏବଂ ବିବାହ ସୁନା ଗହଣାର ବିସ୍ତୃତ କଲେକ୍ସନ ଶୋ'ରୁମରେ ଉପଲବ୍ଧ ରହିଛି। ସେହିଭଳି ଗହଣା କ୍ରୟ ଉପରେ ମାଗଣା ବୀମା, ମାଗଣା ରିପ୍ୟାରିଂ ସେବା, ପୁରୁଣା ଗହଣାର ଉଚିତ ମୂଲ୍ୟ,ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ସହ ଲୟାଲଟି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଣ ଧାରା ଜାରି ରହିଥିବା ଏମ୍‌ଡି ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।

Arundhati
JEWELLERS

# ଅଣକ୍ୟାପ୍ଟିଭ ଖଣି ଲିଜ ଅବଧି ବଢାଯାଉ: ଫିମି

ନୂଆଦିଲ୍ଲୀ,୨-୬

- ନୀତି ଆୟୋଗକୁ ଚିଠି ଲେଖାଗଲା
- ଅବଧି ୧୦ ବର୍ଷ ବୃଦ୍ଧି ଲାଗି ନିବେଦନ

ଅଣକ୍ୟାପ୍ଟିଭ ବା ମର୍ଚ୍ଚାଣ୍ଟ ଖଣିଗୁଡିକର ଲିଜ ଅବଧି ଆସନ୍ତା ବର୍ଷ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ବେଳେ ଏହା ଇସ୍ପାତ ଶିଳ୍ପ ଏବଂ ଏଣ୍ଡୟୁଜରଙ୍କ ଚିନ୍ତା ବଢାଇଛି। ଲିଜ ଅବଧି ବଢାଇବା ଲାଗି ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ସରକାରଙ୍କ ସହ ଆଲୋଚନାରେ ସାମିଲ ହୋଇଛି। ଲିଜ ଅବଧି ଶେଷ ହେବା ଦ୍ୱାରା ଶିଳ୍ପ ସଂସ୍ଥାଗୁଡିକ କଞ୍ଚାମାଲ ନେଇ ବିଭିନ୍ନ ସମସ୍ୟାର ସାମ୍ନା କରିବା ନେଇ ଆଶଙ୍କା ଉପୁଜିଛି। ଏହି ଅସୁବିଧାକୁ ଧ୍ୟାନରେ ରଖି ଫିମି ପକ୍ଷରୁ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗକୁ ଏକ ଚିଠି ଲେଖାଯାଇଛି। ଖଣିଗୁଡିକର ଅପରେଶନ ଅବଧି ୨୦୩୦ ଯାଏ ବଢାଇବା ପାଇଁ ସଂଘ ପକ୍ଷରୁ ଚିଠିରେ ନିବେଦନ କରାଯାଇଛି। ୨୦୨୦ ପରେ ଲୁହା ପଥର ଯୋଗାଣ ଧାରା ବାଧା ପ୍ରାପ୍ତ ହେବ ବୋଲି ପେଲେଟ ମାନୁଫାକଚରର ଆସୋସିଏଶନ ଅଫ ଇଣ୍ଡିଆ (ପିଏମ୍‌ଏଆଇ) ନୀତି ଆୟୋଗକୁ ସ୍ପଷ୍ଟ କରିଛି।

୨୦୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖଣିଗୁଡିକରୁ ୨୦୧ ନିୟୁତ ଟନ କଞ୍ଚାମାଲ ଉତ୍ତୋଳନ ହେବା ନେଇ ଆକଳନ କରାଯାଇଛି। ଏହା ବଜାରର ଚାହିଦାଠାରୁ ୪.୩% ନିମ୍ନରେ ରହିଛି। ଖଣି ଲିଜ ଶେଷ ହେଲେ ମଧ୍ୟ ଉତ୍ପାଦନର ଏହି ଧାରା ବଜାୟ ରହିବା ନେଇ ଶିଳ୍ପ ପକ୍ଷରୁ ପ୍ରୟାସ ଜାରି ରହିଛି। ଏପରି ସ୍ଥିତିରେ ଖଣିଗୁଡ଼ିକର ଲିଜ ଅବଧି ବଢାଇବା ଯୁକ୍ତିଯୁକ୍ତ ହୋଇପଡିଛି ବୋଲି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପିଏମ୍‌ଏଆଇ ସଭାପତି ମନୀଷ ଖର୍ବାଣ୍ଡା କହିଛନ୍ତି। ଲିଜ ଅବଧି ୧୦ ବର୍ଷ ବଢାଇବା ଦ୍ୱାରା ଶିଳ୍ପଗୁଡିକ ଭାଲ୍ୟୁ ସଂଯୋଗ କରିବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି।

# ଇରାନରେ ରପ୍ତାନି ସୁଯୋଗ ପରଖିବେ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ

ଭୁବନେଶ୍ୱର,୨-୬

ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡିକର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ଇରାନରେ ରହିଥିବା ସୁଯୋଗ ଉପରେ ଏକ ପ୍ରତିନିଧି ମଣ୍ଡଳୀ ସେଠାକୁ ଗସ୍ତ କରି ସ୍ଥିତି ପରଖିବ। ୨୦୧୯ ଏମ୍‌ଏସ୍‌ଏମ୍‌ଇ ମିଟ୍‌ରେ ଇରାନର କାଜାର ଇଲେକ୍ଟ୍ରିକ କମ୍ପାନୀ ଓ ରାଜ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସଂଘ ଓସମେ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ମୁତାବକ ପ୍ରାଥମିକ ପର୍ଯ୍ୟାୟରେ ଇରାନ ଶିଳ୍ପ ପ୍ରତିନିଧି ମେସର୍ସ ଇରାନ ପ୍ୟାକର ଶ୍ରୀ ରେଜା ନଉରେଇ ଏବଂ ନ୍ୟାଶନାଲ ଏସ୍‌ସି ଏସ୍‌ଟି ହବର ଶାଖା ପରିଚାଳକ ଶୁଭାଶିଷ ଦାସ କଟକ ଗସ୍ତ କରିଛନ୍ତି। ଏହି ଅବସରରେ କ୍ଷୁଦ୍ର ଶିଳ୍ପ ସଂଘ ଓସମେ ସଦସ୍ୟଙ୍କ ସହ ପ୍ରତିନିଧି ମଣ୍ଡଳୀର ଆଲୋଚନା ହୋଇଥିଲା। ଏଥିରେ ଓସମେ ଅଧ୍ୟକ୍ଷ ଗୌରୀଶଙ୍କର ଦାସ ଅଧ୍ୟକ୍ଷତା କରିଥିଲେ।




ଇରାନ ଶିଳ୍ପ ପ୍ରତିନିଧିଙ୍କ ସହ ଓସମେ ସଦସ୍ୟଙ୍କ ଆଲୋଚନା

ରାଜ୍ୟରେ ଫୁଡ ପ୍ୟାକେଜିଂ ଶିଳ୍ପରେ ବ୍ୟବହାର ହେଉଥିବା ଜ୍ଞାନକୌଶଳ ଉପରେ ପ୍ରତିନିଧି ଦଳ ବିଚାର କରିବା ସହ ଓଡ଼ିଶା ବଜାରରେ ଇରାନ ଜ୍ଞାନ କୌଶଳ ବ୍ୟବହାର ନେଇ ତର୍ଜମା କରିଥିଲେ। ଉତ୍ପାଦନ ପଦ୍ଧତିରେ ରହିଥିବା ସମସ୍ୟା ଉପରେ ରେଜା ନଉରେଇ ସଦସ୍ୟଙ୍କୁ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ଓସମେ ଉପାଧ୍ୟକ୍ଷ ସୁକାନ୍ତ କୁମାର ମଲ୍ଲିକ, ଅତିରିକ୍ତ ମହାସଚିବ ଅଭିଳାଷ ଦାସ, ଯୁଗ୍ମ ମହାସଚିବ ରଞ୍ଜିତ ସାହୁ, ବିପନ୍ନ ନାରାୟଣ ମହାନ୍ତି, ମାନସ ରଞ୍ଜନ ବେହେରା, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


## Directorate of Higher Secondary Education, Odisha

03-N

**e-Admission for Higher Secondary Schools (Erstwhile Junior Colleges) for the Session 2019-20**

Online applications are invited for Admission into Higher Secondary Schools (erstwhile Junior Colleges) including Self Financing, Upashastri and Vocational Higher Secondary Schools.

**Eligibility:** Applicants must have passed in High School Certificate (HSC) Examination of the Board of Secondary Education (BSE), Odisha or its equivalent board.

**Procedure**
- Applicants can apply online through the website **www.samsodisha.gov.in**.
- Online Application Fee Payment is the only application fee payment mode.
- The List of the SRCs are available in the website **www.samsodisha.gov.in**.
- Students are advised to read the Common Prospectus before filling the **C**ommon **A**pplication **F**orm(CAF).
- The applicant shall retain the print-out of Application form and Payment receipt for future reference.
- Application fees for General Category is Rs. 300/-, for ST & SC Category is Rs. 200/-.

**Important Dates**

| Sl# | Items | Timeline |
|---|---|---|
| a) | Availability of Online Common Application Form (CAF) in the website. www.samsodisha.gov.in | 06-Jun-2019 (11:00 am) |
| b) | Last date of applying online CAF through www.samsodisha.gov.in | 20-Jun-2019 (11:45 pm) |
| c) | Last date for submission of print copy of online applied CAF at any **SAMS Resource Center** (Higher Secondary School) along with supporting documents. | 21-Jun-2019 (05:00 pm) |
| d) | Last date for submitting manually filled in (offline) CAF at any **SAMS Resource Center** (Higher Secondary School) along with supporting documents. | 21-Jun-2019 (05:00 pm) |
| e) | Last date for digitization of manually filled in CAF and validation in e-Space by any **SAMS Resource Center** (Higher Secondary School) | 22-Jun-2019 (05:00 pm) |
| f) | Publication of merit list of **First Selection** | 26-Jun-2019 (11:00 am) |
| g) | Admission of the Students selected in First Selection | 28-Jun-2019 to 2-Jul-2019 (05:00 pm) |
| h) | Updation of **Annexure – 7** online by students taken admission in **First Selection** | 28-Jun-2019 to 3-Jul-2019 (05:00 pm) |
| i) | Admission data updation of students who took admission in the First Selection by Higher Secondary Schools in the e-Space | 3-Jul-2019 (05:00 pm) |
| j) | Publication of the merit list of **Second Selection** | 8-Jul-2019 (11:00 am) |
| k) | Admission of the Students selected in Second Selection | 9-Jul-2019 to 11-Jul-2019 (05:00 pm) |
| l) | Updation of **Annexure – 7** online by students taken admission in **Second Selection** | 9-Jul-2019 to 12-Jul-2019 (05:00 pm) |
| m) | Admission data updation of students who took admission in the Second Selection by Higher Secondary Schools in the e-Space | 12-Jul-2019 (05:00 pm) |
| n) | Publication of the **Spot Selection** merit list three time to the balance seat after second merit list admission | 16-Jul-2019 (11:00 am) |
| o) | Registration of students for Spot Admission in the respective Higher Secondary School | 18-Jul-2019 (02:00 pm) |
| p) | Publication of final list of Spot Admission out of the list of students registered at respective Higher Secondary Schools | 18-Jul-2019 (05:00 pm) |
| q) | Admission of students selected in Spot Selection | 20-Jul-2019 to 22-Jul-2019 |
| r) | Admission data updation of the students who took admission in the Spot Selection by the Higher Secondary Schools in the e-Space | 23-Jul-2019 (05:00 pm) |
| s) | Classes start for Class XI (1st year) students | 24-July-2019 |

**For more details, please contact Sanjog Helpline (Toll Free) Number 155335, 1800-345-6770.**
**Changes to the dateline (if occurs) will be notified n newspapers and website.**

11033/11/0002/1920

Sd/-
Director





## ୫ ଶ୍ରେଷ୍ଠ ଉଇକେଟ୍-କିପର

ବହୁପ୍ରତୀକ୍ଷିତ ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଯାଇଛି। ତେଣୁ ବିଶ୍ୱକପ୍‌କୁ ନେଇ ଏବେ ଚାରିଆଡ଼େ କ୍ରିକେଟପ୍ରେମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। କ୍ରିକେଟରେ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ଭଳି ଉଇକେଟ୍‌କିପରଙ୍କ ଭୂମିକା ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏମିତି ବହୁ ମ୍ୟାଚ୍ ଅତୀତରେ ଦେଖିବାକୁ ମିଳିଛି, ଯେଉଁଠିକି ଜଣେ ଉଇକେଟ୍‌କିପର ମ୍ୟାଚ୍ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେହିଭଳି ସର୍ବାଧିକ ବ୍ୟାଟ୍ସମ୍ୟାନଙ୍କୁ ଶିକାର (କ୍ୟାଚ୍ + ଷ୍ଟମ୍ପିଂ)କରିଥିବା ପାଞ୍ଚ ଶ୍ରେଷ୍ଠ ଉଇକେଟ୍ ପଛର ନାୟକଙ୍କ ସମ୍ପର୍କରେ...

### ୧ କୁମାର ସଙ୍ଗକାରା-୫୪ (୪୧ କ୍ୟାଚ୍ + ୧୩ ଷ୍ଟମ୍ପିଂ)

ଆଇସିସି ବିଶ୍ୱକପ୍‌ରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ରହିଥିବା ଶ୍ରୀଲଙ୍କାର କୁମାର ସଙ୍ଗକାରା ମଧ ଉଇକେଟ୍‌ପଛରେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ୨୦୦୩ରୁ ୨୦୧୫ ମଧ୍ୟରେ ସେ ୪ଟି ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ସଙ୍ଗକାରା ୩୭ ମ୍ୟାଚ୍‌ରୁ ଷ୍ଟମ୍ପ ପଛରେ ମୋଟ୍ ୫୪ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସଫଳ ହୋଇଛନ୍ତି। ଯେଉଁଥିରେ ୪୧ କ୍ୟାଚ୍ ଓ ୧୩ଟି ଷ୍ଟମ୍ପିଂ ରହିଛି। ବିଶ୍ୱକପ୍‌ରେ ବ୍ୟାଟ୍ସମ୍ୟାନଙ୍କୁ ଡିସ୍‌ମିସ୍ କରିବା ହାର୍ ମ୍ୟାଚ୍ ପିଛା ୧.୫୦ ରହିଛି। ଗୋଟିଏ ମ୍ୟାଚ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୪ଟି (୩ କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ) ରହିଛି। କ୍ୟାରିୟରରେ ସଙ୍ଗକାରା ଥରେ ମାତ୍ର ୨୦୧୧ରେ ଫାଇନାଲ ଖେଳିବାର ସୌଭାଗ୍ୟ ପାଇଥିଲେ।



କୁମାର ସଙ୍ଗକାରା

### ୨ ଆଡାମ ଗିଲଖ୍ରୀଷ୍ଟ: ୫୨ (୪୫+୭)

ସର୍ବାଧିକ କ୍ୟାଚ୍ ନେଇଥିବା ଉଇକେଟ୍ କିପରଙ୍କ ତାଲିକାରେ କିମ୍ବଦନ୍ତୀ ଅଷ୍ଟ୍ରେଲିଆ କ୍ରିକେଟର ଆଡାମ ଗିଲଖ୍ରୀଷ୍ଟ ଶୀର୍ଷରେ ରହିଛନ୍ତି। ସେ ମୋଟ୍ ୪୫ କ୍ୟାଚ୍ ନେଇଥିବାବେଳେ ୭ ଜଣ ବ୍ୟାଟ୍ସମ୍ୟାନଙ୍କୁ ଷ୍ଟମ୍ପିଂ କରିଛନ୍ତି। ବିଶ୍ୱକପ୍‌ରେ ଷ୍ଟମ୍ପ ପଛରେ ସର୍ବାଧିକ ଶିକାର କରିଥିବା ଉଇକେଟ୍‌କିପର ତାଲିକାରେ ସଙ୍ଗକାରାଙ୍କ ପଛକୁ ସେ ୨ୟ ସ୍ଥାନରେ ରହିଛନ୍ତି। ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନଭାବେ ଖ୍ୟାତି ଅର୍ଜନ କରିଥିବା ଗିଲଖ୍ରୀଷ୍ଟ କ୍ୟାରିୟରରେ ୩ଟି (୧୯୯୯, ୨୦୦୩ ଓ ୨୦୦୭) ବିଶ୍ୱକପ୍ ଖେଳିଛନ୍ତି। ବିଶ୍ୱକପ୍‌ରେ ୩୧ ମ୍ୟାଚ୍ ଖେଳିଥିବା ଗିଲଖ୍ରୀଷ୍ଟଙ୍କ ମ୍ୟାଚ୍ ପିଛା ଡିସ୍‌ମିସ୍ ହାର ୧.୬୭ ରହିଛି। ଗୋଟିଏ ମ୍ୟାଚ୍‌ରେ ୬ କ୍ୟାଚ୍ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି।



ଆଡାମ ଗିଲଖ୍ରୀଷ୍ଟ

### ୩ ମହେନ୍ଦ୍ର ସିଂ ଧୋନୀ: ୩୨ (୨୭+୫)

ଏହି ତାଲିକାରେ ସ୍ଥାନ ପାଇଥିବା ଶ୍ରେଷ୍ଠ ୫ ଉଇକେଟ୍‌କିପରଙ୍କ ମଧ୍ୟରେ ଭାରତର ମହେନ୍ଦ୍ର ସିଂ ଧୋନୀ ଏକମାତ୍ର ଖେଳାଳିଭାବେ ସକ୍ରିୟ ରହିଛନ୍ତି। ତାଲିକାର ଶୀର୍ଷ ୨ ସ୍ଥାନରେ ରହିଥିବା ସଙ୍ଗକାରା ଓ ଗ୍ରୀଲଖ୍ରୀଷ୍ଟଙ୍କ ନିକଟତର ହେବାପାଇଁ ଧୋନୀ ବହୁ ପଛରେ ରହିଛନ୍ତି। ୨୦୦୭ରେ ବିଶ୍ୱକପ୍ କ୍ୟାରିୟର ଆରମ୍ଭ କରିଥିବା ଧୋନୀ ସମ୍ଭବତଃ ଅନ୍ତିମ ତଥା ୪ର୍ଥ ଥର ପାଇଁ ଉଇକେଟ୍ ପଛରେ ଦାୟିତ୍ୱ ନେବାକୁ ଯାଉଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୨୦ ବିଶ୍ୱକପ୍ ମ୍ୟାଚ୍‌ରୁ ୩୨ ଜଣ ବ୍ୟାଟ୍ସମ୍ୟାନଙ୍କୁ ଶିକାର କରିସାରିଛନ୍ତି, ଯେଉଁଥିରେ ୨୭ କ୍ୟାଚ୍ ଓ ୫ ଷ୍ଟମ୍ପିଂ ରହିଛି। ମ୍ୟାଚ୍ ପିଛା ତାଙ୍କର ଡିସ୍‌ମିସ୍ ହାର ୧.୬ ରହିଛି। ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୧୧ରେ ୨ୟଥର ପାଇଁ ବିଶ୍ୱବିଜେତା ହୋଇପାରିଥିଲା।



ମହେନ୍ଦ୍ର ସିଂ ଧୋନୀ

### ୪ ବ୍ରେଣ୍ଡନ୍ ମ୍ୟାକ୍‌କୁଲମ: ୩୨ (୩୦+୨)

କ୍ରିକେଟରୁ ସନ୍ନ୍ୟାସ ନେଇସାରିଥିବା ନ୍ୟୁଜିଲାଣ୍ଡ ଉଇକେଟ୍‌କିପର ବ୍ରେଣ୍ଡନ ମ୍ୟାକ୍‌କୁଲମ ଡିସ୍‌ମିସ୍ ସଂଖ୍ୟାରେ ଧୋନୀଙ୍କ ସହ ସମାନ ଥିଲେ ମଧ ବିଶ୍ୱକପ୍ ମ୍ୟାଚ୍ ଖେଳିବା ସଂଖ୍ୟାରୁ ୪ର୍ଥ ସ୍ଥାନରେ ରହିଛନ୍ତି। ମ୍ୟାକ୍‌କୁଲମ ୩୪ ମ୍ୟାଚ୍ ଖେଳିଥିଲେ ମଧ ୨୫ରେ କିପିଂ ଦାୟିତ୍ୱ ସମ୍ଭାଳିଥିଲେ। ଉଇକେଟ୍ ପଛରେ ସେ ୩୦ କ୍ୟାଚ୍ ଓ ୨ଟି ଷ୍ଟମ୍ପିଂ ସହ ମୋଟ୍ ୩୨ ଜଣ ବ୍ୟାଟ୍ସମ୍ୟାନଙ୍କୁ ନିଜ ଶିକାର ବନେଇଛନ୍ତି। ମ୍ୟାଚ୍ ପିଛା ତାଙ୍କ ଡିସ୍‌ମିସ୍ ହାର ୧.୨୮ ରହିଛି। ୨୦୦୩ରୁ ୨୦୧୫ ପର୍ଯ୍ୟନ୍ତ ୪ ବିଶ୍ୱକପ୍‌ରେ ମ୍ୟାକ୍‌କୁଲମ ଖେଳିବାର ସୌଭାଗ୍ୟ ପାଇଥିଲେ। ତାଙ୍କ ଅଧିନାୟକତ୍ୱରେ କିୱି ଦଳ ୨୦୧୫ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ହୋଇଥିଲା।



ବ୍ରେଣ୍ଡନ୍ ମ୍ୟାକ୍‌କୁଲମ

### ୫ ମାର୍କ ବାଉଚର: ୩୧ (୩୧+୦)

ଶ୍ରେଷ୍ଠ ୫ ତାଲିକାରେ ସ୍ଥାନ ପାଇଥିବା ଉଇକେଟ୍‌କିପରଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ମାର୍କ ବାଉଚର ଅନ୍ୟତମ। ସେ ବିଶ୍ୱକପ୍‌ରେ ମୋଟ୍ ୩୧ ଜଣ ବ୍ୟାଟ୍ସମ୍ୟାନଙ୍କୁ ଶିକାର କରିଛନ୍ତି। ଯେଉଁଥିରେ ସମସ୍ତ ବ୍ୟାଟ୍ସମ୍ୟାନ କ୍ୟାଚ୍ ଆଉଟ୍ ହୋଇଛନ୍ତି। ବାଉଚର ୩ଟି (୧୯୯୯, ୨୦୦୩, ୨୦୦୭) ବିଶ୍ୱକପ୍‌ରେ ୨୫ ମ୍ୟାଚ୍ ଖେଳିଛନ୍ତି। ମ୍ୟାଚ୍ ପିଛା ତାଙ୍କର ଡିସ୍‌ମିସ୍ ହାର ୧.୨୪ ରହିଛି। ଇଂଲଣ୍ଡରେ ଖେଳୁଥିବାବେଳେ ଆଖିରେ ବଲ୍ ବାଜି ଗୁରୁତର ଆଘାତ ପାଇବା ପରେ ବାଧ୍ୟ ହୋଇ ୨୦୧୨ରେ ସେ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।



ମାର୍କ ବାଉଚର

# ଇଂଲଣ୍ଡ– ପାକିସ୍ତାନ ମୁକାବିଲା ଆଜି

**ଲଣ୍ଡନ,୨।୬(ଏଏଫପି)**

ଆଇସିସି ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡ ସୋମବାର ୧୯୯୨ ଚାମ୍ପିୟନ ପାକିସ୍ତାନକୁ ଭେଟିବ। ନିର୍ଭୀକ କ୍ରିକେଟ ଖେଳୁଥିବା ବିଶ୍ୱର ୧ ନମ୍ବର ଦଳ ଇଂଲଣ୍ଡ ପାକିସ୍ତାନ ବିପକ୍ଷରେ ଫେଭରାଇଟ ବିବେଚିତ ହେଉଛି। ଏହି ଗ୍ରାଉଣ୍ଡ ବ୍ୟାଟ୍ସମ୍ୟାନଙ୍କ ସ୍ୱର୍ଗ ରୂପେ ଜଣାଶୁଣା। ଏଠାରେ ଇଂଲଣ୍ଡ ଦୁଇଥର ଦିନିକିଆ କ୍ରିକେଟରେ ସର୍ବାଧିକ ସ୍କୋର ହାସଲ କରି ରେକର୍ଡ ସୃଷ୍ଟି କରିଥିଲା। ୨୦୧୬ରେ ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ଏଠାରେ ୩ ଉଇକେଟ ହରାଇ ୪୪୪ ରନ ସଂଗ୍ରହ କରିଥିଲା। ସେହିପରି ଗତବର୍ଷ ଏଠାରେ ଇଂଲଣ୍ଡ ୬ ଉଇକେଟ ହରାଇ ଦିନିକିଆ ଇତିହାସର ସର୍ବାଧିକ ରନ ୪୮୧ ରନ ସଂଗ୍ରହ କରିଥିଲା। ଏହି ପିଚ୍ ଉପରେ ହିଁ ମ୍ୟାଚ୍ ଖେଳାଯିବ। ଏହାପୂର୍ବରୁ ପାକିସ୍ତାନ ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍‌ଠାରୁ ଶୁକ୍ରବାର ପରାସ୍ତ ହୋଇ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରଙ୍କ ବାଉନସରର ସମ୍ମୁଖୀନ ହୋଇ ନ ପାରି ପାକିସ୍ତାନ ବ୍ୟାଟ୍ସମ୍ୟାନମାନେ ମାମୁଲି ପ୍ରଦର୍ଶନ କରିଥିଲେ। ଫଳରେ ଦଳମାତ୍ର ୧୦୫ ରନରେ ଅଲଆଉଟ ହୋଇଥିଲା। ଅନ୍ୟପଟେ ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ

**ଆଇସିସି ବିଶ୍ୱକପ୍**

ଆଫ୍ରିକାକୁ ଓଭାଲରେ ୧୦୪ ରନରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଜବରଦସ୍ତ ପ୍ରଦର୍ଶନ କରି ଇଂଲଣ୍ଡ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

୨୦୧୫ ବିଶ୍ୱକପ୍‌ରେ ପ୍ରଥମ ରାଉଣ୍ଡରେ ବିଦାୟ ନେଇଥିବା ଇଂଲଣ୍ଡ ଦିନିକିଆ ର୍‍ୟାଙ୍କିଂର ଶୀର୍ଷ ସ୍ଥାନ ଅକ୍ତିଆର କରିଛି। ଦଳର ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ଓଭାଲରେ ପ୍ରତିକୂଳ ପରିସ୍ଥିତି ଓ ଏକ ଭିନ୍ନ ପ୍ରକାର ପିଚ୍‌ରେ ଇଂଲଣ୍ଡ ୩୧୧ ରନ ସଂଗ୍ରହ କରିପାରିଥିଲେ। ଦିନିକିଆରେ ଏକଦା ୫୦୦ ରନ ସଂଗ୍ରହ କରିବା ଅସମ୍ଭବ ମନେହେଉଥିଲା। ତେବେ ଇଂଲଣ୍ଡ ଯଦି ପାକିସ୍ତାନ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରେ ତାହାଲେ ଏହି ସ୍କୋରର ପାଖାପାଖି ପହଞ୍ଚିବ କିମ୍ବା ତାହାକୁ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଟ୍ରେଣ୍ଟ ବ୍ରିଜ୍‌ରେ ବ୍ୟାଟିଂ କରିବା ବେଶ୍ ସୁବିଧାଜନକ ହୋଇଥିବାରୁ ଏ ଭଳି ଆଶା କରିବା ଅମୂଳକ ନୁହଁ ବୋଲି ଥୋର୍ପ କହିଛନ୍ତି। ଯଦି ସୁବିଧା ହୁଏ ଓ ବ୍ୟାଟିଂ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୁଏ ଓ ନିୟମିତ ବ୍ୟବଧାନରେ ଉଇକେଟ ନ ପଡିଲେ ଇଂଲଣ୍ଡ ଅଧିକରୁ ଅଧିକ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିବ। ତେବେ ଯଦି ଏପରି ନ ହୁଏ ଇଂଲଣ୍ଡ ଅତିକମ୍‌ରେ ଏକ ଲଢୁଆ ସ୍କୋର ଛିଡା କରିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ପାକିସ୍ତାନ ତା'ର ଶେଷ ୧୧ଟି ଦିନିକିଆରେ ପରାସ୍ତ ହୋଇଛି। ଗତ ଦିନିକିଆ ସିରିଜରେ ଘରୋଇ ଇଂଲଣ୍ଡଠାରୁ ୪–୦ରେ ପରାସ୍ତ ହୋଇଛି। ତେଣୁ ପାକିସ୍ତାନ ଏବେ ସଂଘର୍ଷ କରୁଛି। ଭଲ ପ୍ରଦର୍ଶନ କରିବାକୁ ହେଲ ପାକିସ୍ତାନକୁ ବୋଲିଂ, ବ୍ୟାଟିଂରେ ସୁଧାର ଆଣିବାକୁ ହେବ। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଆମିର ଅବଶ୍ୟ ପ୍ରଥମ ମ୍ୟାଚ୍‌ରେ ୩ଟି ଉଇକେଟ ଅକ୍ତିଆର କରି ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବାରୁ ପାକିସ୍ତାନ ଚାପରେ ରହିଛି। ତେଣୁ ପାକିସ୍ତାନ ପାଇଁ ଏହି ମ୍ୟାଚ ପରୀକ୍ଷା ସୃଷ୍ଟି କରିଛି।



ହାସନ ଅଲି

**ପାକିସ୍ତାନ ଦଳ**

ସର୍ଫରାଜ ଅହମ୍ମଦ (ଅଧିନାୟକ), ଆସିଫ ଅଲି, ବାବର ଆଜମ, ଫକର ଜମାନ, ହାରିସ ସୋହେଲ, ହାସନ ଅଲି, ଇମାଦ ୱାସମ୍, ଇମାମ- ଉଲ- ହକ, ମହମ୍ମଦ ଆମିର, ମହମ୍ମଦ ହାଫିଜ୍, ମହମ୍ମଦ ହାସନେନ, ଶଦାବ ଖାଁ, ଶାହିନ ଆଫ୍ରିଦି, ସୋଏବ ମଲିକ ଓ ୱାହାବ ରିୟାଜ।

**ଇଂଲଣ୍ଡ ଦଳ**

ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନୀ ବେୟାରଷ୍ଟୋ, ଜୋସ ବଟଲର, ଟମ କୁରାନ, ଲିଅମ ଡସନ, ଲିଆମ ପ୍ଲଙ୍କେଟ, ଆଡିଲ ରସିଦ, ଜୋ ରୁଟ, ଜାସନ ରଏ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ୍ସ।



“ ଚଳିତ ଆଇସିସି ବିଶ୍ୱକପ୍‌ରେ ଆଉ କେତୋଟି ବିପର୍ଯ୍ୟୟ ଘଟାଇବାର ସାମର୍ଥ୍ୟ ବର୍ତ୍ତମାନର ୱେଷ୍ଟଇଣ୍ଡିଜ ଦଳ ନିକଟରେ ଅଛି।–**କ୍ଲାଇଭ୍ ଲୟର୍ଡ, କିମ୍ବଦନ୍ତୀ କ୍ରିକେଟର**



“ ବିଶ୍ୱକପ୍ ୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ ପରେ ଚଳିତ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ମୁଁ ୧୦୦ ତମ ମ୍ୟାଚ ଖେଳିବା ଅନୁଭବ ଅବର୍ଣ୍ଣନୀୟ।–**ଇମ୍ରାନ ତାହିର, ଦକ୍ଷିଣ ଆଫ୍ରିକା ବୋଲର**

## ସଂକ୍ଷେପରେ

### କୋହଲିଙ୍କ ସମସ୍ୟା ଚିନ୍ତାଜନକ ନୁହେଁ

**ସାଉଥାମ୍ପଟନ, ୨।୬(ପିଟି):** ନେଟ୍ସରେ ଅଭ୍ୟାସ କରୁଥିବାବେଳେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ହେଲେ ତାଙ୍କ ସମସ୍ୟା ଚିନ୍ତାଜନକ ବିଷୟ ନୁହେଁ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ଆଙ୍ଗୁଠିରେ ବଲ ବାଜିବା ପରେ ଫିଜିଓଥେରାପିଷ୍ଟ ପାଟ୍ରିକ ଫର୍ହାଟ ତୁରନ୍ତ ମ୍ୟାଜିକ ସ୍ପ୍ରେ ବ୍ୟବହାର କରିଥିଲେ। ଅଧିନାୟକଙ୍କ ଆଙ୍ଗୁଠିରେ ଟେପ ବାନ୍ଧିବା ପରେ ବରଫ ଲଗାଇଥିଲେ। ଆଉ ଅଭ୍ୟାସରେ ଯୋଗଦେଇ ନ ଥିଲେ ସେ। ଅଲରାଉଣ୍ଡର ବିଜୟ ଶଙ୍କର କହୁଣି ଆହତ ସମସ୍ୟା ଯୋଗୁ ଦୁଇଟି ୱାର୍ମଅପ୍ ମ୍ୟାଚ୍ ଖେଳି ନ ଥିଲେ। କେଦାର ଯାଦବ ଏବେ ମଧ ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ କରିପାରି ନାହାନ୍ତି। ଭାରତୀୟ ଦଳ ତା’ର ପ୍ରଥମ ବିଶ୍ୱକପ୍ ମ୍ୟାଚ୍‌ରେ ବୁଧବାର ଦକ୍ଷିଣ ଆଫ୍ରିକାକୁ ଭେଟିବ।

### ଲିଭରପୁଲ୍‌କୁ ୬ଷ୍ଠ ଟାଇଟଲ

**ମାଡ୍ରିଡ୍, ୨।୬:** ମହମ୍ମଦ ସାଲ୍‌ହା ଚାମ୍ପିୟନ୍ସ ଲିଗ୍ ଫାଇନାଲର ଅନ୍ୟତମ ଦ୍ରୁତତମ ଗୋଲ ଓ ଡିଭୋକ ଓରିଗିଙ୍କ ଗୋଲ ବଳରେ ଲିଭରପୁଲ ଦଳ ୨-୦ ଗୋଲରେ ଟୋଟେନହାମକୁ ପରାସ୍ତ କରିଛି। ଫଳରେ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ୬ଷ୍ଠ ଥର ପାଇଁ ଏହି ସମ୍ମାନଜନକ ଟ୍ରଫି ହାତେଇଛି। ମ୍ୟାଚ୍‌ର ପ୍ରଥମ ଦୁଇ ମିନିଟ୍ ମଧରେ ଟୋଟେନହାମ ଖେଳାଳି ମୌସା ସିସୋକୋଙ୍କ ହାତରେ ସାଲାଙ୍କ ଏକ ଶଟ୍ ବାଜିଥିଲା। ଫଳରେ ଲିଭରପୁଲକୁ ପେନାଲ୍ଟି ମିଳିଥିଲା, ଯାହାକୁ ସାଲା ଗୋଲରେ ପରିଣତ କରିଥିଲେ। ମ୍ୟାଚ୍‌ର ୮୭ତମ ମିନିଟ୍‌ରେ ଓରିଗିଙ୍କ ଗୋଲ ପରେ ଟୋଟେନହାମର ମ୍ୟାଚ୍‌କୁ ଫେରିବା ଆଶା ମଉଳି ଯାଇଥିଲା। ଏହି ବିଜୟ ସହ ଗତ ବର୍ଷ ଅଧୁରା କାର୍ଯ୍ୟକୁ ପୂରା କରିଛି ମ୍ୟାନେଜର ଜୁର୍ଗନ କ୍ଲପଙ୍କ ଦଳ। ଗତବର୍ଷ ରିଅଲ ମାଡ୍ରିଡ୍‌ଠାରୁ ଲିଭରପୁଲ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପରାସ୍ତ ହୋଇଥିଲା। ଏହା ଲିଭରପୁଲ ମ୍ୟାନେଜର ଭାବେ ଜୁର୍ଗନଙ୍କ ପ୍ରଥମ ଟାଇଟଲ। ସାଢ଼େ ୩ ବର୍ଷ କାର୍ଯ୍ୟକାଳ ପରେ ସେ ୬ଟି ଫାଇନାଲରେ ପରାଜୟ ଧାରା ଭଙ୍ଗ କରିଛନ୍ତି। ପୂର୍ବରୁ ୧୯୭୭, ୧୯୭୮, ୧୯୮୧, ୧୯୮୪ ଓ ୨୦୦୫ରେ ଲିଭରପୁଲ ଚାମ୍ପିୟନ୍ସ ଟ୍ରଫି ହାତେଇଥିଲା।

### ବଳାତ୍କାର ଅଭିଯୋଗକୁ ନେମାରଙ୍କ ଖଣ୍ଡନ

**ରିଓ ଡି ଜେନିରୋ, ୨।୬:** ବ୍ରାଜିଲ ପୋଲିସ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଜଣେ ଅଜଣା ମହିଳା ଫୁଟ୍‌ବଲ ଷ୍ଟାର ନେମାରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗକୁ ନେମାର ଇନଷ୍ଟାଗ୍ରାମରେ ଏକ ୭ ମିନିଟ ଲମ୍ବା ଭିଡିଓ ଦ୍ୱାରା ଖଣ୍ଡନ କରିଛନ୍ତି। ଉକ୍ତ ଭିଡିଓରେ ନେମାର କିଛି ହ୍ୱାଟସଆପ ମେସେଜ ଦେଖାଇଛନ୍ତି। ଏହା ତାଙ୍କଠାରୁ ଅର୍ଥ ହଡ଼ପ କରିବାର ପ୍ରୟାସ। ଗତ ୧୫ ତାରିଖରେ ପ୍ୟାରିସର ଏକ ହୋଟେଲରେ ନେମାର ମଦ୍ୟପାନ ଅବସ୍ଥାରେ ଅଜଣା ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଶୁକ୍ରବାର ସାଓ ପାଓଲୋ ପୋଲିସରେ ରିପୋର୍ଟ ଲେଖାଇଛନ୍ତି। ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇସାରିଛି। ହେଲେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନାହିଁ। ଏ ସମ୍ପର୍କରେ ନେମାରଙ୍କ ବାପା ତଥା ମ୍ୟାନେଜର ନେମାର ଡା ସିଲଭା ସାଣ୍ଟୋସ କହିଛନ୍ତି, ଅଭିଯୋଗକାରୀ ମହିଳା ଓ ବ୍ରାଜିଲିଆନ ଷ୍ଟାରଙ୍କ ମଧରେ ସହମତି କ୍ରମେ ସମ୍ପର୍କ ସ୍ଥାପନ ହୋଇଥିଲା। ଉଭୟ ବିଚ୍ଛିନ୍ନ ହେବା ପରେ ମହିଳାଙ୍କ ଓକିଲ ବ୍ଲାକମେଲ କରିଥିଲେ। ଏହାର ଦେଖଣାହାରି, ଫଟୋ ଓ ପ୍ରମାଣ ରହିଛି।

# ଦକ୍ଷିଣ ଆଫ୍ରିକାକୁ ହରାଇଲା ବାଂଲାଦେଶ

**ଲଣ୍ଡନ, ୨।୬(ଏଏଫପି)**

ଚଳିତ ବିଶ୍ୱକପ୍‌ରେ ବାଂଲାଦେଶ ପ୍ରଥମ ବିପର୍ଯ୍ୟୟ ଘଟାଇଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍‌ରେ ବାଂଲାଦେଶ ୨୧ ରନରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ହରାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୬ ଉଇକେଟ ହରାଇ ୩୩୦ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ଉଇକେଟ ହରାଇ ୩୦୯ ରନକରି ପରାସ୍ତ ହୋଇଛି। ଏଥିସହିତ ଦକ୍ଷିଣ ଆଫ୍ରିକା ଟୁର୍ନାମେଣ୍ଟରେ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡଠାରୁ ୧୦୪ ରନରେ ହାରିଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଥିଲା। ଦକ୍ଷିଣ ଆଫ୍ରିକା ଭଳି ଏକ ଦୃଢ ଦଳ ତଥା ଶକ୍ତିଶାଳୀ ବୋଲିଂ ଲାଇନ୍‌ଅପ୍ ବିପକ୍ଷରେ ବାଂଲାଦେଶ ୬ ଉଇକେଟ ହରାଇ ୩୩୦ ରନ ସଂଗ୍ରହ କରିଛି। ବିଶ୍ୱକପ୍ ତଥା ଦିନିକିଆ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ବାଂଲାଦେଶ ପାଇଁ ସର୍ବାଧିକ ସ୍କୋର ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ୨୦୧୫ରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶ ୬ ଉଇକେଟ ହରାଇ ସର୍ବାଧିକ ୩୨୯ ରନ ସଂଗ୍ରହ କରିଥିଲା।

ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ, ସାକିବ ଅଲ ହାସନ, ମହମୁଦୁଲ୍ଲା, ସୌମ୍ୟ ସରକାର ଦମ୍‌ଦାର ବ୍ୟାଟିଂ କରିବା ସହ ଦକ୍ଷିଣ ଆଫ୍ରିକା ବୋଲରଙ୍କ ଉଚିତ୍ ମୁକାବିଲା କରିଥିଲେ। ତାରକା ଓପନର ତାମିମ ଇକବାଲ ୧୬ ରନ କରି ପ୍ରଥମେ ଆଉଟ ହୋଇଥିଲେ। ୮୦ବଲର ସମ୍ମୁଖୀନ ହୋଇ ମୁସ୍‌ଫିକର ୮ଟି ଚୌକା ସହ ସର୍ବାଧିକ ୭୮ ରନ ସଂଗ୍ରହ କରିଥିଲେ। ସେହିପରି ୮ ଚୌକା, ୧ ଛକା ସହ ୮୪ଟି ବଲ ଖେଳି ସାକିବ ୭୫, ୩୦ ବଲରୁ ୯ ଚୌକା ସହ ସୌମ୍ୟ ୪୨ ରନ କରି ଆଉଟ ହୋଇଥିଲେ। ମହମୁଦୁଲ୍ଲା ୩୩ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୪୬ ରନ କରି ଅପରାଜିତ ରହି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ମହମ୍ମଦ ମିଥୁନ ୨୧ ରନ କରି ଆଉଟ ହୋଇଥିବା ବେଳେ ମେହିଦି ହାସନ ମିର୍ଜା ୫ ରନ କରି ଅପରଜିତ ରହିଥିଲେ। ତୃତୀୟ ଉଇକେଟ ଯୋଡିରେ ମୁସ୍‌ଫିକର ଓ ସାକିବ ୧୪୧ ବଲରୁ ୧୪୨ ରନ ସଂଗ୍ରହ କରି ଦଳକୁ ମଜଭୁତ ସ୍ଥିତି ପ୍ରଦାନ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଅଭିଜ୍ଞ ସ୍ପିନର ଇମ୍ରାନ ତାହିର, କ୍ରିସ ମୋରିସ ଓ ଆଣ୍ଡିଲ ଫେଲୁକ୍ୱାୟୋ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମୁଶଫିକର ରହିମ୍।

**ସଂକ୍ଷିପ୍ତ ସ୍କୋର**

■ ବାଂଲାଦେଶ ୫୦ ଓଭରରେ ୩୩୦/୬, (ମୁସ୍‌ଫିକର- ୭୮, ସାକିବ- ୭୫, ମହମୁଦୁଲ୍ଲା- ୪୬*, ସୌମ୍ୟ- ୪୨, ମୋସାଡେକ- ୨୬, ଫେଲୁକ୍ୱାୟୋ- ୨/୫୨, ମୋରିସ- ୨/୭୩, ତାହିର- ୨/ ୫୭)

■ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୦୯/୮ (ଡୁପ୍ଲେସି- ୬୨, ମାରକ୍ରାମ- ୪୫, ଡୁମିନି- ୪୫, ଡୁସେନ- ୪୧, ମିଲର- ୩୮, ଡିକକ- ୨୩, ମୁସ୍ତାଫିଜୁର- ୩/୬୭, ସୈଫୁଦ୍ଦିନ- ୨/୫୭ )

**ଆଜିର ମ୍ୟାଚ୍**

ଇଂଲଣ୍ଡ ବନାମ ପାକିସ୍ତାନ

ସ୍ଥାନ: ଲଣ୍ଡନ

ସମୟ: ଅପରାହ୍ଣ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଅଷ୍ଟ୍ରେଲିଆର ବିଜୟ ଅଭିଯାନ





ଅପରାଜିତ ୮୯ ରନ୍‌ର ଇନିଂସ୍ ଖେଳିଥିବା ଡେଭିଡ୍ ୱାର୍ନର।

**ବ୍ରିଷ୍ଟଲ, ୨।୬:** ଆଇସିସି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଏଠାରେ ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଏକପାଖିଆ ଭାବେ ୭ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୩୮.୨ ଓଭରରେ ୨୦୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନର ଦୁଇ ଓପନର ମହମ୍ମଦ ଶେହଜାଦ ଓ ହଜରତୁଲ୍ଲା ଜାଜାଇ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ତେବେ ମଧ୍ୟକ୍ରମରେ ରହମତ୍ ଶାହ (୪୩), ଅଧିନାୟକ ଗୁଲାବଦିନ ନାଇବ (୩୧), ନଜିବୁଲ୍ଲା ଜର୍ଡାନ (୫୧) ଓ ରଶିଦ୍ ଖାଁ (୨୭ ରନ, ୧୧ ବଲ)ଙ୍କ ଦ୍ରୁତ ଇନିଂସ ଯୋଗୁ ଏକ ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା। ସଫଳ ବୋଲରଭାବେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କୁମିନ୍ସ ଓ ଆଡାମ ଜାମ୍ପା ୩ଟି ଲେଖାଏ, ମାର୍କସ ଷ୍ଟୋଇନିସ ୨ ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩୪.୫ ଓଭରରେ ୩ଟି ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଡେଭିଡ୍ ୱାର୍ନର ୮୯ ରନ (୧୧୪ ବଲ୍, ୮ ଚୌକା) ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ଆରୋନ୍ ଫିଞ୍ଚ୍ ୬୬, ଉସମାନ ଖ୍ୱାଜା ୧୫, ଷ୍ଟିଭ ସ୍ମିଥ୍ ୧୮ ଓ ଗ୍ଲେନ ମ୍ୟାକ୍ସୱେଲ ୪* ରନ କରିଥିଲେ। ବିଜୟ ସହ ଅଷ୍ଟ୍ରେଲିଆ ୨ ପଏଣ୍ଟ ପାଇଛି।

# ବିଶ୍ୱ ହେଭିୱେଟ୍ ଟାଇଟଲ ଜିତିଲେ ରୁଇଜ୍

**ନ୍ୟୁୟର୍କ, ୨।୬(ଏଏଫପି)**

ହେଭିୱେଟ୍ ବକ୍ସିଂ ଇତିହାସରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି ଆମେରିକାର ଆଣ୍ଡି ରୁଇଜ୍ ଜୁନିୟର। ସ୍ଥାନୀୟ ମାଡିସନ ସ୍କୋୟାର ଗାର୍ଡେନରେ ଅନୁଷ୍ଠିତ ଏକ ଲଢେଇରେ ଆଣ୍ଟୋନୀ ଜୋଶୁଆଙ୍କୁ ପରାସ୍ତ କରି ତାଙ୍କଠାରୁ ଆଇବିଏଫ୍, ଡବ୍ଲୁବିଓ ଏବଂ ଡବ୍ଲୁବିଏ ୱାର୍ଲ୍ଡ ହେଭିୱେଟ୍ ଟାଇଟଲ ଛଡ଼ାଇନେଇଛନ୍ତି। ପ୍ରଫେସନାଲ କ୍ୟାରିୟରରେ ବ୍ରିଟେନ ବକ୍ସର ଜୋଶୁଆଙ୍କ ଏହା ଥିଲା ପ୍ରଥମ ପରାଜୟ। ୭ ରାଉଣ୍ଡରେ ଶେଷ ହୋଇଥିବା ଏହି ମୁକାବିଲାରେ ଜୋଶୁଆଙ୍କୁ ଅଣ୍ଡର ଡଗ୍ ରୁଇଜ ୪ଥର ତଳେ ପକାଇଦେଇଥିଲେ। ଫାଇଟ୍ ପୂର୍ବରୁ ବୁକ୍‌ମେକରଙ୍କ ଦୃଷ୍ଟିରେ ଜୋଶୁଆ ୨୧ ନକ୍ ଆଉଟ ସମେତ ୨୨ ବିଜୟ ସହ ୧–୨୫ ଫେଭରାଇଟ୍ ଥିଲେ। ଏହି ପରାଜୟ ଦ୍ୱାରା ସେ ଅତୀତର ପ୍ରଭାବଶାଳୀ ଚାମ୍ପିୟନ ଲେନକ୍ସ ଲିୱିସ ଓ ମାଇକ୍ ଟାଇସନଙ୍କ ସହିତ ଯୋଗ ଦେଇଛନ୍ତି। ଯେଉଁମାନଙ୍କ ପରାଜୟ ବକ୍ସିଂପ୍ରେମୀମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ଫାଇଟ୍ ପରେ ନିଜ ପ୍ରତିକ୍ରିୟାରେ ୨୯ବର୍ଷୀୟ ଯୋଶୁଆ କହିଛନ୍ତି, ଜଣେ ଭଲ ଫାଇଟରଙ୍କ ଦ୍ୱାରା ମୁଁ ପରାସ୍ତ ହୋଇଛି। କ୍ୟାରିୟରରେ ହାରିବା ଜିତିବା ରହିଛି। ରୁଇଜ୍ କେତେବାଟ ଯାଉଛନ୍ତି ତାହା ଦେଖିବାକୁ ରହିଲା। କିନ୍ତୁ ବର୍ତ୍ତମାନ ସେ ଚାମ୍ପିୟନ। ମୁଁ ଦିନେ ପ୍ରତ୍ୟାବର୍ତ୍ତନ କରିବି।

# ଡ୍ର’ ରଖିଲେ ଦେବାଶିଷ



କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ: ୨ୟ ଦିବସ ଅବସରରେ ପ୍ରତିଯୋଗୀମାନେ ।

**ଭୁବନେଶ୍ୱର, ୨।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତୀୟ ୧୬ ବର୍ଷରୁ କମ୍ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ତଥା ଦେଶର ପ୍ରଥମ ସ୍କୋରର ଏକ୍ସପର୍ଟ ଶୁଭେନ୍ଦୁ ପଣ୍ଡା କ୍ରୋଏସିଆର ପ୍ରତିଷ୍ଠିତ ହାଜଡକ୍ କ୍ଲବରେ ଅନୁଷ୍ଠିତ ଫୁଟ୍‌ବଲ ଏକ୍ସପର୍ଟ ବୈଠକରେ ସଫଳତାର ସହ ଅଂଶଗ୍ରହଣ କରିଛନ୍ତି। ବିଶ୍ୱ ଫୁଟ୍‌ବଲ ଏକାଡେମୀର ପ୍ରତିଷ୍ଠାତା ରେମଣ୍ଡ୍ ଭେରହେଇଜେନଙ୍କ ପକ୍ଷରୁ ଶୁଭେନ୍ଦୁଙ୍କୁ ଏହି ଫୁଟ୍‌ବଲ ଏକ୍ସପର୍ଟ ବୈଠକ ଲାଗି ମନୋନୀତ କରାଯାଇଥିଲା। କ୍ରୋଏସିଆ ଲିଗ୍‌ର ଶ୍ରେଷ୍ଠ କ୍ଲବ ହାଜ୍‌ଡକ୍‌ଠାରେ ଗତ ମେ ୨୭ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏକମାତ୍ର ତଥା ପ୍ରଥମ ଭାରତୀୟ କୋଚ୍ ଭାବେ ଶୁଭେନ୍ଦୁ ଏହି କଣ୍ଡିଶନିଂ ଓ ପିରିଓଡାଇଜେଶନ ପ୍ରୋଗ୍ରାମ ପାଇଁ ମନୋନୀତ ହୋଇଥିଲେ। ବିଶ୍ୱର ୪୦ ଜଣ ଫୁଟ୍‌ବଲ ଏକ୍ସପର୍ଟ ଏହି ବୈଠକରେ ଯୋଗଦେଇ ସେମାନଙ୍କ ଜ୍ଞାନ ଆଦାନପ୍ରଦାନ କରିଥିଲେ। ହାଜ୍‌ଡକ୍‌ରେ ସପ୍ତାହବ୍ୟାପୀ ହୋଇଥିବା ଏକ୍ସପର୍ଟ ବୈଠକରେ ବିଶ୍ୱସ୍ତରୀୟ କୋଚ୍‌ଙ୍କ ନିକଟରୁ ବିଭିନ୍ନ ଜ୍ଞାନ ଆହରଣ କରିବାର ସୁଯୋଗ ମିଳିଲା, ଯାହା ବହୁତ ଭଲ ରହିଥିଲା। କ୍ରୋଏସିଆ ଜାତୀୟ ଯୁବ ଦଳ ସହ ହୋଇଥିବା ଟ୍ରେନିଂ ସେସନ ବିଷୟରେ କହିବାକୁ ମୋ ପାଖରେ ଭାଷା ନାହିଁ। ପ୍ରତ୍ୟେକ ଦିନ ମୋ ଲାଗି ନୂଆ ନୂଆ ଅଭିଜ୍ଞତା ଆଣିଥିଲା ବୋଲି ଶୁଭେନ୍ଦୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବୋପାନ୍ନା ଆଉଟ୍

**ପ୍ୟାରିସ, ୨।୬ (ପି.ଟି.)**

ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ ରୋମାନିଆନ ପାର୍ଟନର ମାରିଅସ୍ କୋପିଲ୍ ଫ୍ରେଞ୍ଚ ଓପନ୍ ଟେନିସ୍‌ରୁ ବିଦାୟ ନେଇଛନ୍ତି। ରବିବାର ପୁରୁଷ ଡବଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ସର୍ବୀୟ ଯୋଡ଼ି ଡୁସାନ ଲାଜୋଭିକ୍ ଏବଂ ଜାଙ୍କୋ ଟିପ୍‌ସେରାଭିକ୍‌ଙ୍କ ଠାରୁ ୬–୧, ୫–୭, ୬–୭ (୮–୧୦) ସେଟ୍‌ରେ ପରାଜିତ ହୋଇଯାଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୨ଘଣ୍ଟା ୫ ମିନିଟ ଧରି ଚାଲିଥିଲା। ଶନିବାର ଭାରତର ଭେଟେରାନ ଖେଳାଳି ଲିଆଣ୍ଡର ପେସ୍ ଏବଂ ତାଙ୍କ ଫ୍ରେଞ୍ଚ ପାର୍ଟନର ବେନଏଟ୍ ପାଇରେ ଅନ୍ୟ ଏକ ପୁରୁଷ ଡବଲ୍ସ ମ୍ୟାଚରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇ ସାରିଛନ୍ତି।

# ଫେଡରର, କୋଣ୍ଟା କ୍ୱାର୍ଟରରେ

**ପ୍ୟାରିସ, ୨।୬**

ରୋଜର ଫେଡେରର ଦ୍ୱାଦଶ ଥର ପାଇଁ ଫ୍ରେଞ୍ଚ ଓପନ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୩୭ ବର୍ଷୀୟ ଏହି ଭେଟରାନ ଖେଳାଳି ଆର୍ଜେଣ୍ଟିନାର ଲିଓନାର୍ଡୋ ମେୟରଙ୍କୁ ୬–୨, ୬–୩, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ଫଳରେ ୨୮ବର୍ଷ ବ୍ୟବଧାନରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିବା ଗୌରବ ଅର୍ଜନ କରିଛନ୍ତି। ବ୍ରିଟେନ୍‌ର ଜୋହାନା କୋଣ୍ଟା ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ସେ ୨୩ତମ ସିଡ୍ ଡୋନା ଭେକିକ୍‌ଙ୍କୁ ୬–୨, ୬–୪ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ୨୦୧୭ରେ ୱିମ୍ବଲଡନ ପରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲ ଖେଳିବାକୁ ଯାଉଛନ୍ତି। ୨୮ବର୍ଷୀୟ ୨୬ତମ ସିଡ୍ ଖେଳାଳି କୋଣ୍ଟା ତାଙ୍କ ପରବର୍ତ୍ତୀ ମ୍ୟାଚରେ ୨୦୧୬ ଚାମ୍ପିୟନ ଗାର୍ବିନ ମୁଗୁରୁଜା କିମ୍ବା ଗତବର୍ଷ ରନର୍ସଅପ୍ ସ୍ଲୋନ୍ ଷ୍ଟିଫେନ୍ସଙ୍କୁ ଭେଟିବେ। ଏଥିରେ ସେ ଯଦି ବିଜୟ ହାସଲ କରନ୍ତି ତେବେ ୧୯୮୩ ପରେ ବ୍ରିଟେନର ପ୍ରଥମ ମହିଳା ଖେଳାଳି ହିସାବରେ ସେମିଫାଇନାଲରେ ପ୍ରବେଶ କରିବାର ଗୌରବ ଅର୍ଜନ କରିବେ। କୋଣ୍ଟାଙ୍କର ଏଥର କ୍ଲେ–କୋର୍ଟ ସିଜନ ଖୁବ୍ ଭଲ ରହିଛି। ମରକ୍କୋ ଏବଂ ରୋମ୍ ଡବ୍ଲ୍ୟୁଟିଏ ଫାଇନାଲ ଖେଳିସାରିଛନ୍ତି। ଏଠାରେ ମଧ୍ୟରେ ସେ ତାଙ୍କର ଫର୍ମର ନମୁନା ଦେଖାଇଛନ୍ତି।



ରୋଜର ଫେଡରର





କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ଖେଳିବା ଲାଗି ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଜାପାନ ଦଳର ଖେଳାଳିମାନେ।

# ପ୍ରତ୍ୟେକ ଦିନ ନୂଆ ଅଭିଜ୍ଞତା ରହିଥିଲା: ଶୁଭେନ୍ଦୁ

**ଭୁବନେଶ୍ୱର, ୨।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତୀୟ ୧୬ ବର୍ଷରୁ କମ୍ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ତଥା ଦେଶର ପ୍ରଥମ ସ୍କୋରର ଏକ୍ସପର୍ଟ ଶୁଭେନ୍ଦୁ ପଣ୍ଡା କ୍ରୋଏସିଆର ପ୍ରତିଷ୍ଠିତ ହାଜଡକ୍ କ୍ଲବରେ ଅନୁଷ୍ଠିତ ଫୁଟ୍‌ବଲ ଏକ୍ସପର୍ଟ ବୈଠକରେ ସଫଳତାର ସହ ଅଂଶଗ୍ରହଣ କରିଛନ୍ତି। ବିଶ୍ୱ ଫୁଟ୍‌ବଲ ଏକାଡେମୀର ପ୍ରତିଷ୍ଠାତା ରେମଣ୍ଡ୍ ଭେରହେଇଜେନଙ୍କ ପକ୍ଷରୁ ଶୁଭେନ୍ଦୁଙ୍କୁ ଏହି ଫୁଟ୍‌ବଲ ଏକ୍ସପର୍ଟ ବୈଠକ ଲାଗି ମନୋନୀତ କରାଯାଇଥିଲା। କ୍ରୋଏସିଆ ଲିଗ୍‌ର ଶ୍ରେଷ୍ଠ କ୍ଲବ ହାଜ୍‌ଡକ୍‌ଠାରେ ଗତ ମେ ୨୭ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏକମାତ୍ର ତଥା ପ୍ରଥମ ଭାରତୀୟ କୋଚ୍ ଭାବେ ଶୁଭେନ୍ଦୁ ଏହି କଣ୍ଡିଶନିଂ ଓ ପିରିଓଡାଇଜେଶନ ପ୍ରୋଗ୍ରାମ ପାଇଁ ମନୋନୀତ ହୋଇଥିଲେ। ବିଶ୍ୱର ୪୦ ଜଣ ଫୁଟ୍‌ବଲ ଏକ୍ସପର୍ଟ ଏହି ବୈଠକରେ ଯୋଗଦେଇ ସେମାନଙ୍କ ଜ୍ଞାନ ଆଦାନପ୍ରଦାନ କରିଥିଲେ। ହାଜ୍‌ଡକ୍‌ରେ ସପ୍ତାହବ୍ୟାପୀ ହୋଇଥିବା ଏକ୍ସପର୍ଟ ବୈଠକରେ ବିଶ୍ୱସ୍ତରୀୟ କୋଚ୍‌ଙ୍କ ନିକଟରୁ ବିଭିନ୍ନ ଜ୍ଞାନ ଆହରଣ କରିବାର ସୁଯୋଗ ମିଳିଲା, ଯାହା ବହୁତ ଭଲ ରହିଥିଲା। କ୍ରୋଏସିଆ ଜାତୀୟ ଯୁବ ଦଳ ସହ ହୋଇଥିବା ଟ୍ରେନିଂ ସେସନ ବିଷୟରେ କହିବାକୁ ମୋ ପାଖରେ ଭାଷା ନାହିଁ। ପ୍ରତ୍ୟେକ ଦିନ ମୋ ଲାଗି ନୂଆ ନୂଆ ଅଭିଜ୍ଞତା ଆଣିଥିଲା ବୋଲି ଶୁଭେନ୍ଦୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପୂର୍ବରୁ ୨୦୧୬ରେ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ଅନୁଷ୍ଠିତ ଫୁଟ୍‌ବଲ କଣ୍ଡିଶନିଂ ଓ ମେଣ୍ଟରଶିପ୍ ପ୍ରୋଗ୍ରାମରେ ଏବଂ ୨୦୧୮ରେ ପର୍ତ୍ତୁଗାଲରେ ହୋଇଥିବା ଏକ୍ସପର୍ଟ ବୈଠକରେ ସେ ଭାରତରୁ ଏକମାତ୍ର କୋଚ୍ ଭାବେ ଯୋଗଦେଇଥିଲେ।





ଶୁଭେନ୍ଦୁ ପଣ୍ଡା (ବାମ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁନ୍ ୩/୨୦୧୯ Bhubaneswar, Monday, June 3 / 2019




■ ରାଜଧାନୀରେ ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ,୨।୬**

ରାଜଧାନୀ ଭୁବନେଶ୍ୱରରେ ଏକ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ପିଟିଶନରେ ଦର୍ଶାଯାଇଛି ଯେ, ବଳାତ୍କାରର ଶିକାର ହୋଇଥିବା ଶିଶୁକନ୍ୟାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଥିଲା। ମାତ୍ର ଓଡ଼ିଶା ଗୃହ ବିଭାଗର ପୀଡ଼ିତା କ୍ଷତିପୂରଣ ଯୋଜନା ଅନୁଯାୟୀ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା କଥା। ହେଲେ ଅଦ୍ୟାବଧି ତାହା କରାଯାଇନାହିଁ। ଫଳରେ ପୀଡ଼ିତା ଶିଶୁକନ୍ୟା ଜଣକ ନିଜ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେବା ସହିତ ଏହା ମାନବାଧିକାରର ଉଲ୍ଲଂଘନ ବୋଲି ଦାସ ପିଟିଶନରେ ଉଲ୍ଲେଖ କରିଛନ୍ତି। ତେଣୁ ତୁରନ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ନିମନ୍ତେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଦାସ ପିଟିଶନରେ ନିବେଦନ କରିଛନ୍ତି। ସୂଚନାଥାଉ କି, ଉକ୍ତ ଘଟଣାଟି ଏପ୍ରିଲ ୧୯ ତାରିଖରେ ଶହୀଦନଗର ଥାନା ଅଞ୍ଚଳରେ ଘଟିଥିଲା। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ବୀରେନ୍ଦ୍ର ପ୍ରଧାନ (୪୧) ଓ ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ। ସେ ଶହୀଦନଗର ଥାନା ଅଞ୍ଚଳର ଏକ ବସ୍ତିରେ ରହି ମଜୁରିଆ ଭାବେ କାମ କରନ୍ତି। ଶିଶୁକନ୍ୟାଙ୍କ ପରିବାର ନିକଟସ୍ଥ ଅଞ୍ଚଳରେ ରୁହନ୍ତି। ଏପ୍ରିଲ ୧୯ ତାରିଖ ରାତିରେ ବୀରେନ୍ଦ୍ର ଶିଶୁକନ୍ୟାଙ୍କ ଘରକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ବୀରେନ୍ଦ୍ର ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଲୁଣାନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

ଡେରାବିଶ, ୨।୬(ସ୍ୱ.ପ୍ର.)

ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳସ୍ଥିତ ସାହେବଗୋଦାମ ନିକଟରୁ ରବବାର ଅପରାହ୍ନରେ ଜନୈକ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ବୟସ ପାଖାପାଖି ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବରପାଇ ଚାନ୍ଦୋଳ ଫାଣ୍ଡି ଏଏସ୍‌ଆଇ ସୁଦର୍ଶନ ସାମଲ, କର୍ମଚାରୀ ଅମିତ୍ କୁମାର ମହାନ୍ତି ଓ ଲଳିତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଛନ୍ତି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବିଜେଡି ସଂଖ୍ୟାଲଘୁ ସେଲର ଇଫ୍‌ତାର ପାର୍ଟି

**କେନ୍ଦ୍ରାପଡା ଅଫିସ, ୨।୬**


ଇଫ୍‌ତାର ପାର୍ଟିରେ ଅତିଥିମାନେ।

ସହରର ଗରାପୁରସ୍ଥିତ କଲ୍ୟାଣ ମଣ୍ଡପରେ କେନ୍ଦ୍ରାପଡ଼ା ଜିଲା ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଇଫ୍‌ତାର ପାର୍ଟି ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମହମ୍ମଦ ସେକ୍ ଇନାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପାର୍ଟିରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ଯୁବ ସଭାପତି ରାଜେଶ ପଣ୍ଡା, ଜିଲା ପ୍ରଭାରୀ ମହମ୍ମଦ ଆୟୁବ ଖାଁ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ସେକ୍ ନିଆଜ, ମୀର ଅହମ୍ମଦ ଅମୀର, ସେକ ଗୋଫ୍ରାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହା ମାଧ୍ୟମରେ ସାମ୍ପ୍ରଦାୟିକ ସଦ୍‌ଭାବ ବଢୁଥିବା ଦର୍ଶାଇଥିଲେ। ଏହି ଇଫତାର ପାର୍ଟିରେ ଉଭୟ ସମ୍ପ୍ରଦାୟର ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁନ୍, ୨୦୧୯



ରାମ ନାମ ପାପୀମାନଙ୍କ
ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



## ଆଜି କ'ଣ କେଉଁଠି

- ମା' ବିରଜାଙ୍କ ସାବିତ୍ରୀ ବ୍ରତ। ସ୍ଥାନ-ବିରଜା ମନ୍ଦିର ପ୍ରାଙ୍ଗଣ। ସମୟ-ସକାଳ ୬ଟା।
- ଭଜନ ସନ୍ଧ୍ୟା। ସ୍ଥାନ-ଜନସେବା କେନ୍ଦ୍ର। ସମୟ-ସନ୍ଧ୍ୟା ୬ଟା।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବରୀ,୨।୬(ସ୍ୱ.ପ୍ର.):** ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ଏ ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଛି। ରୁଦ୍ରପୁର ପଞ୍ଚାୟତର ବରିଷ୍ଠ ନାଗରିକ ପ୍ରଭାତ ପାଣି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଲିଖିତ ପତ୍ର ପଠାଇଥିବା କହିଛନ୍ତି। ଏଥିସହିତ ବିଧାୟକ ଦାସଙ୍କୁ ଧନ୍ୟବାଦ ମଧ ଜଣାଇଛନ୍ତି।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨।୬(ଡିଏନଏ):** ଧର୍ମଶାଳା ଥାନା ବାଜବାଟୀ ଗ୍ରାମର ଜଣେ ନାବାଳିକାଙ୍କୁ ସ୍ଥାନୀୟ ମୁରାରୀପୁର ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ୨୪୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ମୁରାରୀପୁର ଗ୍ରାମର ଚନ୍ଦ୍ରମଣି ସେଠୀଙ୍କୁ ପୋଲିସ ମାହାଙ୍ଗା ଥାନା ବାଜପୁର ଗ୍ରାମରୁ ରବିବାର ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ଘଟଣା ଉପରେ ପୋଲିସ ତଦନ୍ତ ଚଳାଇଛି।

## ରାଜସ୍ୱ ନିରୀକ୍ଷକଙ୍କୁ ଗାଳିଗୁଲଜ ଘଟଣା: ୨ କୋର୍ଟଚାଲାଣ

**କୋରେଇ,୨।୬(ସ୍ୱ.ପ୍ର.):** ରାଜସ୍ୱ ନିରୀକ୍ଷକଙ୍କୁ ଗାଳିଗୁଲଜ କରି ପଲିଥିନ ଛଡ଼ାଇନେବା ଘଟଣାରେ ପାଣିକୋଇଲି ପୋଲିସ ରବିବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖମଣ ଗ୍ରାମର କାଳିଆ ପାଢ଼ୀ ଓ ନାହାନ୍ଦା ଗ୍ରାମର ଯୋଗେନ୍ଦ୍ର ଗେଡ଼ି ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ରାଜସ୍ୱ ସର୍କଲର ଶଙ୍ଖଚିଲାସ୍ଥିତ କାର୍ଯ୍ୟାଳୟରେ ପଶି ଶନିବାର ୨ଜଣ ରାଜସ୍ୱ ନିରୀକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ଧମକ ଦେଇ ପଲିଥିନ ରୋଲ ଛଡ଼ାଇନେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୧୦୪/୧୯) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ରାଜସ୍ୱ ନିରୀକ୍ଷକ ସେବତୀ ବାନାରାଙ୍କ ଅଭିଯୋଗ ମୁତାବକ ଶନିବାର ତାଙ୍କ କାର୍ଯ୍ୟାଳୟରେ ଖମଣ, ନୂଆପାଟଣା, ତଣ୍ଡରା ଗ୍ରାମର ଗ୍ରାମବାସୀଙ୍କ ଉପସ୍ଥିତିରେ କାଳିଆ ଓ ଯୋଗେନ୍ଦ୍ର ପହଞ୍ଚି ଜୋର ଜବରଦସ୍ତ ପଲିଥିନ ନେବାକୁ କହିଥିଲେ। ରାଜସ୍ୱ ନିରୀକ୍ଷକ ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟରତ କର୍ମଚାରୀ ରମାକାନ୍ତ ମହାନ୍ତିଙ୍କୁ ଧକ୍କା ମାରି ଜବରଦସ୍ତ ପଲିଥିନ ରୋଲ ଛଡାଇ ନେଇଥଲେ।

## କାଗଜକଲମରେ ସୀମିତ ଡିଏମ୍ଏଫ

# ଫେଲ୍ ମାରିଛି ଗ୍ରାମାଞ୍ଚଳ ଶିକ୍ଷା ବିକାଶ ଲକ୍ଷ୍ୟ

- ଆଦର୍ଶ ବିଦ୍ୟାଳୟ ନିର୍ମାଣ ନୈରାଶ୍ୟଜନକ
- ବର୍ଷେ ପରେ ବି କୃଷ୍ଣପଡ଼ା, ବଡ଼ଚଣା ଓଏବିର ହୋଇନି ଅଗ୍ରଗତି
- କୃଷ୍ଣପଡ଼ା ପାଇଁ ମଞ୍ଜୁର ୫.୭୨ କୋଟିରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇନି

**ଯାଜପୁର ଅଫିସ,୨।୬**

ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରେ ପ୍ରସ୍ତାବିତ ଦୁଇଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏବି) ଗୃହ ନିର୍ମାଣର ଅଗ୍ରଗତି କାଗଜକଲମରେ ସୀମିତ ରହିଛି। ରସୁଲପୁର ବ୍ଲକ କୃଷ୍ଣପଡ଼ା ଓ ବଡ଼ଚଣା ବ୍ଲକ ବଡ଼ଚଣା ଆଦର୍ଶ ବିଦ୍ୟାଳୟକୁ ନେଇ ଗତ ୧ବର୍ଷ ମଧ୍ୟରେ ଏକାଧିକ ଥର ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କେବଳ ଅପ ଟୁ ଡେଟ ଇନ୍ଫରମେଶନ ଦାଖଲ ହୋଇଛି ସତ ହେଲେ ନିର୍ମାଣ କାର୍ଯ୍ୟ ସେହି ଅନୁସାରେ ହୋଇପାରିନି। କୃଷ୍ଣପଡ଼ା ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଆବଣ୍ଟିତ ଅର୍ଥରୁ ଗୋଟିଏ ଟଙ୍କା ବି ଏଯାବତ୍ ଖର୍ଚ୍ଚ ହୋଇ ନ ଥିବାବେଳେ ବଡ଼ଚଣା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କେବଳ ପ୍ଲିନ୍ଥ ଲେଭଲରେ ଅଟକି ଯାଇଛି। ଆଦର୍ଶ ବିଦ୍ୟାଳୟ ନିର୍ମାଣର ଏଭଳି ସ୍ଥିତିକୁ ଅନୁଧ୍ୟାନ କଲେ ଗ୍ରାମାଞ୍ଚଳର ଶିକ୍ଷା ବିକାଶ ଲକ୍ଷ୍ୟ ଫେଲ୍ ମାରିଥିବା ଜଣାପଡୁଛି। ବିଶେଷକରି ଯେଉଁ ଗରିବ ଓ ଆଦିବାସୀ ପିଲାଙ୍କ ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟ ନିର୍ମାଣ ହେଉଛି ସେମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଯାଜପୁର ଜିଲାର ସୁକିନ୍ଦା କ୍ରୋମ୍ ଜୋନ୍‌ରେ ଖଣି ଲିଜ୍ ପାଇଥିବା ଖଣି ମାଲିକମାନେ ସେମାନଙ୍କ ଲାଭର ୫ପ୍ରତିଶତ ଅଂଶରୁ ଡିଏମ୍ଏଫ୍ ପାଣ୍ଠି କାର୍ଯ୍ୟକାରୀ ହେଉଛି। ଗତ ୩ଟି ଆର୍ଥିକ ବର୍ଷରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଉଦ୍ୟମରେ ଏହି ପାଣ୍ଠି ୬୫୮.୮୩ କୋଟି ଟଙ୍କାକୁ ବୃଦ୍ଧି ଘଟିଛି । ହେଲେ ବିଡ଼ମ୍ବନା ଯେ, ଏଯାଏ ମାତ୍ର ୨୫ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇ ପାରିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ସିଂହଭାଗ ଅର୍ଥ ଖର୍ଚ୍ଚ ହୋଇ ନ ପାରି ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇ ପାରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ବିକାଶରେ ଅନ୍ତରାୟ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ଜୁନ ମାସରେ ଜିଲାର ରସୁଲପୁର ବ୍ଲକ ନଠୁଆବର ଗ୍ରାମପଞ୍ଚାୟତର କୃଷ୍ଣପଡ଼ାରେ ଏକ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୫ କୋଟି ୭୨ ଲକ୍ଷ ୮୪ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏପରିକି ୧କୋଟି ୫୮ ଲକ୍ଷ ୫୧ ହଜାର ଟଙ୍କା ଆବଣ୍ଟିତ ହୋଇସାରିଛି। ହେଲେ ଇତିମଧ୍ୟରେ ବର୍ଷେ ପୂରିବାକୁ ଯାଉଥିବାବେଳେ ଏଥିରୁ ଟଙ୍କାଟିଏ ବି ଅର୍ଥ ଖର୍ଚ୍ଚ ହୋଇ ପାରିନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଆଳ ଦେଖାଇ ମାସକୁ ମାସ ଦାଖଲ ହେଉଥିବା ଅଗ୍ରଗତି ରିପୋର୍ଟରେ କେବଳ ସମାନ ତଥ୍ୟ ପ୍ରଦାନ କରାଯାଉଛି। ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତରେ ପ୍ରାୟ ୯୦ପ୍ରତିଶତ ଚାଷୀ ଅଟନ୍ତି। ଆର୍ଥିକ ଅନଟନରେ ଗତି କରୁଥିବା ଏହି ଚାଷୀମାନେ ସେମାନଙ୍କ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାରେ ସମର୍ଥ ହୋଇପାରୁ ନାହାନ୍ତି। ଗ୍ରାମାଞ୍ଚଳର ଗରିବ, ମେଧାବୀ ପିଲାଙ୍କୁ ସିବିଏସ୍ଇ ପଦ୍ଧତିରେ ଶିକ୍ଷାଦାନ କରିବାକୁ ଆଦର୍ଶ ବିଦ୍ୟାଳୟର ପରିକଳ୍ପନା କରାଯାଇଛି। ହେଲେ ଗ୍ରାମ୍ୟ ନିର୍ମାଣ ବିଭାଗ କେବଳ ଠିକାଦାରି ନୀତିକୁ ଅବଲମ୍ବନ କରୁଥିବାରୁ ପିଲାମାନଙ୍କ ସ୍ୱାର୍ଥକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି । ଅନୁରୂପ ଭାବେ ବଡ଼ଚଣା ବ୍ଲକ ବଡ଼ଚଣା ମୌଜାରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୩କୋଟି ୯୭ଲକ୍ଷ ୯୧ହଜାର ଟଙ୍କା ଡିଏମ୍ଏଫ୍ ପାଣ୍ଠିରୁ ମଞ୍ଜୁର ହୋଇଛି। ଏଥିରୁ ୧କୋଟି ୫୯ ଲକ୍ଷ ୧୬ ହଜାର ଟଙ୍କା ଆବଣ୍ଟିତ ହୋଇ ସାରିଥିବାବେଳେ ମାତ୍ର ୮୪ ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହି ଖର୍ଚ୍ଚରେ ୪୩୦ ମିଟର କମ୍ପାଉଣ୍ଡ ୱାଲ ସହ ପ୍ଲିନ୍ଥ ଲେଭଲ ପର୍ଯ୍ୟନ୍ତ ଗୃହ ନିର୍ମାଣ ହୋଇଛି। ଏଭଳି ଭାବେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ସକାଶେ ମଞ୍ଜୁରପ୍ରାପ୍ତ ୯କୋଟି ୭୦ ଲକ୍ଷ ୭୫ ହଜାର ଟଙ୍କା ମଧ୍ୟରୁ ମାତ୍ର ୮୪ଲକ୍ଷ ୮୬ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହା ଉପରେ ଟଙ୍କାଟିଏର ବି ବିନିଯୋଗ ପତ୍ର ଦାଖଲ ହୋଇ ପାରିନାହିଁ । ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅବହେଳା ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ଡିଏମ୍ଏଫ୍ ପାଣ୍ଠିରେ କେବଳ ଆଦର୍ଶ ବିଦ୍ୟାଳୟ ନୁହେଁ ଖରା ମାସରେ ଜଳ କ୍ଲିଷ୍ଟତା ଦୂର କରିବାକୁ ଆବଣ୍ଟିତ ଅନୁଦାନ ମଧ୍ୟ ଠିକ ଭାବେ ବିନିଯୋଗ ହୋଇ ପାରୁନାହିଁ। ବ୍ରାହ୍ମଣୀ ନଦୀରୁ ସୁକିନ୍ଦା ଅଞ୍ଚଳକୁ ମେଗା ଜଳଯୋଗାଣର ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଲୋକେ ଆଶା କରିଥିଲେ। ଜିଲା ଖଣିଜ ପାଣ୍ଠି ଓ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପାଇଁ ୫୫.୧୭କୋଟି ଟଙ୍କା ମଞ୍ଜୁର ହୋଇଛି। ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଚଣ୍ଡିଖୋଲ ଡିଭିଜନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଖଣି ଅଞ୍ଚଳର ୭ଟି ପଞ୍ଚାୟତବାସୀ ଉପକୃତ ହୋଇ ପାରିବେ। ହେଲେ ଏହି ଯୋଜନାର ଅଗ୍ରଗତି ମଧ୍ୟ ନୈରାଶ୍ୟଜନକ ହୋଇଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଏହି ପାଣ୍ଠିରେ ଷ୍ଟାଫ୍ ନର୍ସ, ଡାକ୍ତର, କୋଚିଂ ଷ୍ଟାଫ୍ ଆଦି କର୍ମଚାରୀ ନିଯୁକ୍ତିରେ କୌଣସି ପ୍ରକାର ହେଳା କରୁ ନ ଥିବା ଜଣାପଡ଼ିଛି। ଏଥିରୁ ଡିଏମ୍ଏଫ ପାଣ୍ଠିର ବିନିଯୋଗ ଉପରେ ନାନା ପ୍ରକାର ସନ୍ଦେହ ସୃଷ୍ଟି କରିଛି । ଡିଏମ୍ଏଫ୍ ପାଣ୍ଠିର ପ୍ରକଳ୍ପ ନିର୍ଦ୍ଦେଶକ କୁହନ୍ତି ପ୍ରକଳ୍ପ ସମ୍ବନ୍ଧରେ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଏଥିପାଇଁ ସଂପୃକ୍ତ ବିଭାଗକୁ ତାଗିଦ୍ କରାଯାଉଛି ବୋଲି ସେ କହିଛନ୍ତି।

## ଚିକିତ୍ସିତ ହୋଇ ଫେରିବା ପରେ କର୍ମଚାରୀଙ୍କ ମୃତ୍ୟୁ

**ଢୁବୁରୀ,୨।୬(ଡିଏନଏ)**

ନିର୍ବାଚନ ଡ୍ୟୁଟି ସାରି ଗତ ୩୦ ତାରିଖ ସାନଭାଇଙ୍କ ଘରକୁ ଫେରୁଥିବାବେଳେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଆନନ୍ଦ ବେହେରା ନାମକ ଜଣେ ସରକାରୀ କର୍ମଚାରୀ। ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଶନିବାର ଘରକୁ ଫେରିବା ପରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଆନନ୍ଦ ସୁକିନ୍ଦା ବ୍ଲକ ଅତା ଓ ପିଙ୍ଗଲ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ନିର୍ବାଚନ

**ନିର୍ବାଚନ ଡ୍ୟୁଟିରୁ ଫେରିବା ବେଳେ ହୋଇଥିଲା ଦୁର୍ଘଟଣା**

ଡ୍ୟୁଟି ସାରି ଯାଜପୁର ଟାଉନରୁ ଏକ ସ୍କୁଟି ଯୋଗେ ତାଙ୍କ ସାନ ଭାଇଙ୍କ ସହ ଘରକୁ ଫେରିବାବେଳେ ତୁଳତୀଠାରେ ଏକ ଅଜଣା ଗାଡ଼ି ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଦୁଇଭାଇ ଆହତ ହୋଇଥିଲେ। କୋରେଇ ପୋଲିସ ଦୁଇଭାଇଙ୍କୁ ଉଦ୍ଧାର କରି ଯାଜପୁର ଟାଉନ ଓ ପରେ କଟକ ପଠାଇଥିଲା। ସେଠାରେ ଆନନ୍ଦ ଚିକିତ୍ସିତ ହୋଇ ଶନିବାର ଘରକୁ ଫେରିଥିଲେ। ରବିବାର ସକାଳେ ଆନନ୍ଦ ହଠାତ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୬ଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

# ଭଜନ, କୀର୍ତ୍ତନରେ କମ୍ପିଲା ପୀଠ

**ରସୁଲପୁର,୨।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ବେତଣ୍ଡା ଗ୍ରାମରେ ପ୍ରଭୁ ହନୁମାନଙ୍କ ୬ଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ଅବସରରେ ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ଧର୍ମୀୟ ଭାବନା ଦେଖାଦେଇଛି। ଯଜ୍ଞ ଆରମ୍ଭ ପୂର୍ବକ ବୁଧବାରଠାରୁ ଯଜ୍ଞ ମଣ୍ଡପ, କୁଣ୍ଡମଣ୍ଡଳ ସ୍ଥାପନ କରାଯାଇଥିଲା। ଗୁରୁବାର ପ୍ରାତଃରୁ କଳସ ଶୋଭାଯାତ୍ରା କରାଯାଇ ପବିତ୍ର ବ୍ରାହ୍ମଣୀ ନଦୀରୁ ଜଳ ଅଣାଯାଇଥିଲା। କଳସଧାରୀ ଏକ ବିରାଟ ଶୋଭାଯାତ୍ରାରେ ଆସି ଗ୍ରାମ ପରିକ୍ରମା କରିବା ସହ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଘଟ ସ୍ଥାପନ କରାଯାଇ ପାରମ୍ପରିକ ରୀତିନୀତିରେ ମହାବୀରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ପ୍ରଭୁଙ୍କ ନିକଟରେ ଉପଚାର ପୂଜା, ମଣ୍ଡଳାଦିପୂଜା, ଗୋପୂଜା, ସୂର୍ଯ୍ୟପୂଜା, ଷୋଡଶୋପଚାର ପୂଜା, ରୁଦ୍ରସୂକ୍ତେନ ହବନ ଆଦି କରାଯାଇଥିଲା। ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ ଓ ୧୦୦୮ ଘୃତ ଆହୂତି ପ୍ରଦାନ କରାଯାଇଥିଲା। ହନୁମାନ ଚାଳିଶା ପାଠ, ଗୀତାଯଜ୍ଞ, ଗାୟତ୍ରୀ ଯଜ୍ଞ ଆଦି ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଗ୍ରାମର ମୁରବୀ ପୀତାମ୍ବର ନାୟକ ଓ ମନୋରମା ନାୟକଙ୍କ ପୌରୋହିତ୍ୟରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞକାର୍ଯ୍ୟକୁ ୫ଜଣ ଯାଜ୍ଞିକ ପଣ୍ଡିତ ପରିଚାଳନା କରିଥିଲେ। ଯଜ୍ଞସ୍ଥଳରେ ଆଖପାଖ ଗାଁର ଭକ୍ତଙ୍କ ଭିଡ ଜମିଥିଲା। ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା। ଗ୍ରାମ୍ୟ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ପ୍ରଭୁଙ୍କ ନିକଟରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଅନ୍ତିମ ଦସିବସରେ ପୂର୍ଣ୍ଣାହୂତି ପ୍ରଦାନ କରାଯିବା ସହ ଯଜ୍ଞକାର୍ଯ୍ୟ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ୩ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ଏହାକୁ ପଞ୍ଚାୟତ ସମିତିସଭ୍ୟ ଚୈତନ୍ୟ ନାୟକ ଓ ଗ୍ରାମବାସୀଗଣ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଅବସରରେ ଭଜନ କୀର୍ତ୍ତନ ଚାଲିଛି।

## ସନ୍ଥନ ମଠ ନିକଟରୁ ହଟିବ ସରକାରୀ ମଦ ଦୋକାନ

**ବରୀ,୨।୬(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତ ସନ୍ଥନ ମଠ ନିକଟରେ ସରକାରୀ ବିଦେଶୀ ମଦ ଦୋକାନ ରହିଛି। ଏହି ମଦ ଦୋକାନ ପାଖରୁ ମାତ୍ର ୧୦୦ ମିଟର ଦୂରରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବିଧାନଚନ୍ଦ୍ର ଏକାଡେମୀ ଓ ସନ୍ଥନ ମହାବିଦ୍ୟାଳୟ ରହିଛି। ଖୁବଶୀଘ୍ର ଏହି ସ୍ଥାନରୁ ସରକାରୀ ବିଦେଶୀ ମଦ ଦୋକାନ ହଟିବାକୁ ଯାଉଛି ବୋଲି ସୂଚନା ମିଳିଛି। ଏ ନେଇ ପ୍ରଶାସନସ୍ତରରେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଏକ ରିପୋର୍ଟ ଜିଲା ଅବକାରୀ ବିଭାଗ ନିକଟରେ ଦାଖଲ କରାଯାଇଥିବା ଜଣାପଡ଼ିଛି। ଏହି ସ୍ଥାନରେ ମଦ ଦୋକାନ ରହିଥିବାରୁ ଛାତ୍ରୀଛାତ୍ର ଓ ପଥଚାରୀଙ୍କ ପାଇଁ ବିପଦ ପାଲଟିଛି। ଏ ନେଇ ବହୁବାର ଜିଲା ପ୍ରଶାସନ, ରାଜ୍ୟ ଅବକାରୀ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଏହି ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ଦୃଢ଼ ନିଷ୍ପତ୍ତି ନେବାକୁ ଯାଉଛି ବୋଲି ଶୁଣିବାକୁ ମିଳିଛି।

## ଫଳ ବଜାରରେ ମହଙ୍ଗା ମାଡ଼

**ସାବିତ୍ରୀ ଓଷା**

**ଧର୍ମଶାଳା,୨।୬(ଡିଏନଏ)**

ପବିତ୍ର ସାବିତ୍ରୀ ବ୍ରତ ପାଇଁ ପ୍ରତ୍ୟେକ ଫଳ ବଜାରରେ ମହଙ୍ଗା ମାଡ଼ ହୋଇଛି। ଏହି କ୍ରମରେ ଧର୍ମଶାଳା ଅଞ୍ଚଳରେ ଫଳମୂଳ ଦର ଆକାଶଛୁଆଁ ହୋଇଛି। ସୋମବାର ସାବିତ୍ରୀ ବ୍ରତ ଓଡ଼ିଶାର ପ୍ରତ୍ୟେକ ଘରର ସଧବା ସ୍ତ୍ରୀ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପାଳନ କରିଥାନ୍ତି। ଏଥିପାଇଁ ବଜାରରେ ପୂଜା ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ବିଭିନ୍ନ ଫଳମୂଳ ଓ ଲୁଗା ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ଶାଢ଼ୀରୁ ଆରମ୍ଭ କରି ଚୁଡ଼ି, ପାଚିଲା ଫଳମୂଳ ସବୁ ମହଙ୍ଗା। ତେବେ ଦର ଯେତେ ଅଧିକ ରହିଥିଲେ ମଧ ଗ୍ରାହକମାନେ ତାହା କିଣିବା ପାଇଁ ଏକ ପ୍ରକାର ବାଧ ହେଉଛନ୍ତି। ଏହି ବ୍ରତ ଲାଗି ଆମ୍ବ, ପଣସ, ନଡ଼ିଆ, ସପୁରି, କାକୁଡ଼ି, ତାଳସଜ, ସେଓ, କମଳା, କଦଳୀ, ଲିଚୁ ସମେତ ଅନ୍ୟାନ୍ୟ ଫଳମୂଳ ଦୋକାନରେ ଆକାଶଛୁଆଁ ଦର ହୋଇଥିବା ଦେଖାଯାଇଛି।



ସାବିତ୍ରୀ ବ୍ରତ ଉପଲକ୍ଷେ ଫଳ ଦୋକାନରେ ଭିଡ ଜମିଛି।

## ବଜ୍ରପାତରେ ଭାଇ, ଭଉଣୀଙ୍କ ମୃତ୍ୟୁ

**ଢୁବୁରୀ,୨।୬(ଡିଏନଏ)**

ଢୁବୁରୀ ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହି ସମୟରେ ବର୍ଷା ଓ ବଜ୍ରପାତ ହେବାରୁ କଳିଙ୍ଗନଗର ଥାନା ଅନ୍ତର୍ଗତ ଜାମୁପଶି ଗାଁର ଭାଇ ଭଉଣୀଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେମାନେ ହେଲେ ବିଷ୍ଣୁ ସିଧୁଙ୍କ ପୁଅ ଅଜୟ ସଧୁ (୧୯ ବର୍ଷ) ଓ ଝିଅ ସାନ ସିଧୁ(୧୧ବର୍ଷ)। ଉଭୟ ବର୍ଷା ହେଉଥିବା ସମୟରେ ଘର ବାରଣ୍ଡାରେ ବସିଥିବାବେଳେ ବଜ୍ରପାତ ହେବାରୁ ସେମାନେ ସଜ୍ଞାହୀନ ହୋଇ ଗୁରୁତର ହୋଇପଡିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଦାନଗଦୀ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫନୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ



ଏସପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ।

**ଧର୍ମଶାଳା,୨।୬(ଡିଏନଏ)**

ଧର୍ମଶାଳା ଆମ ପୋଲିସ ଆନୁକୂଲ୍ୟରେ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯାଜପୁର ଏସ୍‌ପିଙ୍କ ଜରିଆରେ ୧ଲକ୍ଷ ୨୫ହଜାର ୬ଶହ ଟଙ୍କାର ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଦିଆଯାଇଛି। ଆମ ପୋଲିସ, ଧର୍ମଶାଳା ମୁନ୍‌ସୀ ମେଲଣ ଜଗନ୍ନାଥ ମନ୍ଦିର କମିଟି, ଧର୍ମଶାଳା ମହୋତ୍ସବ କମିଟି, ଜାରକା ବଜାର କମିଟି ଓ କାଏମା ବଜାର କମିଟିର ମିଳିତ ଉଦ୍ୟମରେ ରବିବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ଜରିଆରେ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, ମୁନସୀ ମେଲଣ କମିଟି ସମ୍ପାଦକ ଜଳଧର ମହାନ୍ତି ପ୍ରମୁଖ ଏସ୍‌ପିଙ୍କ ଜରିଆରେ ଫନୀ ବାତ୍ୟା ପୀଡିତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ସହାୟତା ରାଶି ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରିଥିଲେ।

## ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନରେ ବିଚିତ୍ର ନୀତି

# ସୀମାନ୍ତରେ ଚଢ଼ାଉ, ଡଙ୍କାରିରେ ସହଯୋଗ

- ଢେଙ୍କାନାଳ ସୀମାନ୍ତରେ ଲାଗିବ ସିସିଟିଭି
- ମୁତୟନ ରହିବେ ସୁରକ୍ଷା କର୍ମୀ

**ଯାଜପୁର ଅଫିସ,୨।୬**

ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନରେ ସମସ୍ତ ନୀତିନିୟମ ଉଲ୍ଲଂଘନ ହୋଇ ଆସୁଛି। ଏହି ବେଆଇନ କାର୍ଯ୍ୟକୁ ଜିଲା ପ୍ରଶାସନର ରାଜସ୍ୱ, ଜଙ୍ଗଲ ଓ ପୋଲିସ ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରି ଆସୁଛନ୍ତି। ଏପରିକି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ପକ୍ଷରୁ ବେଆଇନ ଉତ୍ତୋଳନ ହୋଇଥିବା କ୍ଷୟକ୍ଷତି ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଏଥିରେ ସମ୍ପୃକ୍ତ ଅଧିକାରୀ ଓ ବ୍ୟବସାୟୀଙ୍କୁ ସୁରକ୍ଷା ଦେବାକୁ ଯାଇ ଜିଲା ପ୍ରଶାସନ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଛାଇ ନାହାନ୍ତି। ଅପରପକ୍ଷେ ଢେଙ୍କାନାଳ ପୋଲିସ ପ୍ରଶାସନ ଯାଜପୁର ଜିଲା ସୀମାନ୍ତ ଚଢ଼କମରା ଡଙ୍କାରୀ ପାହାଡ଼ରେ ହେଉଥିବା ବେଆଇନ କଳାପଥର ଉତ୍ତୋଳନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରୁ ଢେଙ୍କାନାଳ ଓ ଯାଜପୁର ଜିଲା ପ୍ରଶାସନର କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତା ଉପରେ କେତେ ପ୍ରଭେଦ ରହିଛି ସେ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଯାଜପୁର ଜିଲା ସୀମାନ୍ତ ଚଢ଼କମରା ଗ୍ରାମ ଡଙ୍କାରି ପାହାଡ଼ରେ ଶନିବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ଭୟଙ୍କର ୱାଗନ ବିସ୍ଫୋରଣ ହୋଇଥିଲା। ଏଥିରେ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇ ପଡିଥିଲେ। କେହି ଜଣେ ସଚେତନ ନାଗରିକ ଢେଙ୍କାନାଳ ପୋଲିସ ପ୍ରଶାସନକୁ ଏନେଇ ସୂଚିତ କରିଥିଲେ। ଏହାପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାତି ପ୍ରାୟ ୯ଟା ସମୟରେ ଢେଙ୍କାନାଳ ଏସ୍‌ପି ଓ ଜିଲାପାଳଙ୍କ ନେତୃତ୍ୱରେ ସଦଳବଳେ ଯାଜପୁର ଜିଲା ସୀମାନ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୨୦ଟି ପଥର ବୋଝେଇ ହାଇୱା, ଗୋଟିଏ ଜେସିବି ମେସିନ ସମେତ ଅନ୍ୟାନ୍ୟ ମୂଲ୍ୟବାନ ଉପକରଣ ଜବତ କରାଯାଇଥିଲା। ଏପରିକି ବେଆଇନ ଖାଦାନରେ ୧୪୪ ଧାରା ମଧ୍ୟ ଜାରି କରାଯାଇଥିଲା। ଏଥିସହିତ ଯାଜପୁର ସୀମାନ୍ତ ମଧ୍ୟରେ ୨୪ଘଣ୍ଟିଆ ଚେକ ପୋଷ୍ଟ ସ୍ଥାପନ, ସିସିଟିଭି କ୍ୟାମେରା, ଆବଶ୍ୟକ ସୁରକ୍ଷା କର୍ମୀ ନିୟୋଜନ ଆଦି ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଯାଜପୁର ଜିଲାରେ ବିଭିନ୍ନ ଉନ୍ନୟନ ନାମରେ ଏହାର ଓଲଟା ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲାର କେତେକ ପ୍ରଭାବଶାଳୀ ରାଜନେତା ଓ ସେମାନଙ୍କ କର୍ମକର୍ତ୍ତା ଏହି ବେଆଇନ ପଥର ଉତ୍ତୋଳନ କାର୍ଯ୍ୟରେ ଲିପ୍ତ ଥିବାରୁ ସେମାନଙ୍କୁ ସବୁପ୍ରକାର ସହଯୋଗ କରିବାକୁ ଜିଲା ପ୍ରଶାସନ ପଛାଉ ନାହିଁ। ଦେଶରେ ଲଘୁ ଖଣିଜ ଚୋରା କାରବାରକୁ ରୋକ ଲଗାଇବା ଏବଂ ଲଘୁ ଖଣିଜ ଉତ୍ତୋଳନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ହେଉଥିବା ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାର ମହତ୍ ଆଭିମୁଖ୍ୟ ନେଇ ୨୦୧୨ରେ ସୁପ୍ରିମକୋର୍ଟ ଦୀପକ କୁମାରଙ୍କ ମାମଲାରେ ଏକ ଐତିହାସିକ ରାୟ ଶୁଣାଇଥିଲେ। ଏହି ରାୟ ଆଧାରରେ ବିଭିନ୍ନ ରାଜ୍ୟ ସରକାରଙ୍କ ସମେତ ଓଡ଼ିଶା ସରକାର ପୂର୍ବରୁ ପ୍ରଚଳିତ ଓଡ଼ିଶା ଲଘୁ ଖଣିଜ ସ୍ୱୀକୃତି ଆଇନ ୨୦୦୪ର ତର୍ଜମା କରି ୨୦୧୪ ମସିହାରେ ଏହାକୁ ସଂଶୋଧିତ କରିଥିଲେ। ୨୦୦୪ ଆଇନରେ ବର୍ଷିକିଆ ନିଲାମ, ସ୍ୱଳ୍ପମିଆଦୀ ପରିମିଟ ଓ ଲିଜ୍‌ରେ ଯେଉଁ ସବୁ ବ୍ୟବସ୍ଥା ଥିଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ବ୍ୟାପକ ପରିବର୍ତ୍ତନ ହେଲା। ଲିଜ୍ ନିୟମରେ ମଧ ପରିବର୍ତ୍ତନ କରାଯାଇ ଏହାକୁ ୫ବର୍ଷିଆ ଦୀର୍ଘମିଆଦି ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ଲଘୁ ଖଣିଜ ଉତ୍ତୋଳନ ନିମନ୍ତେ ଲିଜ୍‌ଧାରୀଙ୍କ ପାଇଁ ପରିବେଶ ମଞ୍ଜୁରୀ ଓ ମାଇନିଂ ପ୍ଲାନକୁ ବାଧ୍ୟତାମୂଳକ କରାଯାଇଛି। ମାତ୍ର ସ୍ୱଳ୍ପମିଆଦୀ ପରିମିଟ ଉପରେ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟ ଏବେବି କାର୍ଯ୍ୟକାରୀ ହେଉନାହିଁ। ସମ୍ପୃକ୍ତ ଅଧିକାରୀମାନେ ବିଭିନ୍ନ ଜାତୀୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଆଇନରେ ଥିବା କଠୋର ଧାରାକୁ ଏଡ଼େଇ ଚାଲିଛନ୍ତି। ଜିଲାର ଡଙ୍କାରି ସମେତ ରାହାଡପୁର, ଆରୁହା, ବାଜବାଟି, ବିଛାଖଣ୍ଡି, ଲୁଣିବର, ବାଘୁଆ, ଚାରିଗୋଠ ଆଦି କଳାପଥର ପାହାଡ଼ରେ ବେଆଇନ ଉତ୍ତୋଳନ ଚାଲିଛି। ବାଧ୍ୟବାଧକତାରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଖନନ ଉପରେ ୧୪୪ଧାରା ଲାଗୁ ହେଉଥିଲେ ହେଁ ପ୍ରଭାବଶାଳୀ ପଥର ବ୍ୟବସାୟୀମାନେ କାହାକୁ ମାନୁ ନାହାନ୍ତି। ଏବେବି ଦୈନିକ ଶହଶହ ଟ୍ରିପ ମୂଲ୍ୟବାନ କଳାପଥର ଉତ୍ତୋଳନ ହୋଇ ଏକ ଅନ୍ତଃରାଷ୍ଟ୍ରୀୟ କ୍ରଶର ସଂସ୍ଥାକୁ ଚୋରାଚାଲାଣ ହେଉଛି। ଏହି କାରଣରୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ତେଣୁ ଢେଙ୍କନାଳ ପୋଲିସ ପ୍ରଶାସନର ଏହି ପଦକ୍ଷେପକୁ ସବୁବର୍ଗରେ ସ୍ୱାଗତ କରାଯାଇଥିବାବେଳେ ଯାଜପୁର ପ୍ରଶାସନର ନୀରବତାକୁ ନେଇ ବିଭିନ୍ନ ମହଲରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି । ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁନ, ୨୦୧୯



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ହାଇୱା ଓଲଟି ଚାଳକ ମୃତ



**ଦଶପଲ୍ଲା,୨।୬ (ଡି.ଏନ.ଏ.):** ଦଶପଲ୍ଲା-ଭଞ୍ଜନଗର ରାସ୍ତାର ସ୍ଥାନୀୟ ଅଭୟପୁର ନିକଟରେ ରବିବାର ଏକ ପଥରଗୁଣ୍ଡ (ଡଷ୍ଟ) ବୋଝେଇ ହାଇୱା ଓଲଟିବା ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ ରୋହିସାହି ଗ୍ରାମର ମନୋଜ ବିଶୋଇ (୨୬)। ମନୋଜ ଅପରାହ୍ନ ପ୍ରାୟ ସାଢେ ୩ଟାରେ ସ୍ଥାନୀୟ ଏକ କ୍ରଶରରୁ ଓଡି୦୨ଏଏମ୍-୩୭୬୬ନଂ. ବିଶିଷ୍ଟ ହାଇୱାରେ ଡଷ୍ଟ ବୋଝେଇ କରି ଭଞ୍ଜନଗର ଯାଉଥିଲେ। ମାତ୍ର ଭାରସାମ୍ୟ ହରାଇ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା। ଖବରପାଇ ଦଶପଲ୍ଲା ଦମକଳକେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

**ଦଶପଲ୍ଲା,୨।୬ (ଡି.ଏନ.ଏ.):** ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିସ୍ଥଳେ ଦଶପଲ୍ଲା ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋଭୋଲଟେଜ୍ ମଧ ଅନ୍ୟ ଏକ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଦଶପଲ୍ଲା ସବ୍‌ଡିଭିଜନ ଅଧୀନସ୍ଥ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ ୪୦ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ସେହିପରି କେବଳ ଦଶପଲ୍ଲା ସେକ୍ସନରେ ୧୫ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଅଛନ୍ତି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ରେଳ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨।୬:** ବ୍ରହ୍ମପୁର ରେଳବାଇ ପୋଲିସ ରବିବାର ସକାଳେ ହଳଦିଆପଦର ରେଳ ଧାରଣ କଡରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଯୁବକ ଜଣକ ସଦର ଥାନା ଅନ୍ତର୍ଗତ ସାତକୁଟଣି ଗ୍ରାମର ବନମାଳୀ ସାହୁଙ୍କ ପୁଅ ଅଭିରାମ (୨୩) ବୋଲି ପୋଲିସ କହିଛି । ରେଳ ଆଗକୁ ଡେଇଁ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତଦେହ ଜବତ କରି ପୋଲିସ ନଂ.୧୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଜଣେ ଯୁବକ ହଳଦିଆପଦର ରେଳ ଧାରଣାରେ ମରିପଡିଥିବା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକଙ୍କ ପକେଟରୁ ଏକ ଆଧାର କାର୍ଡ ମିଳିଥିଲା। ତାକୁ ଯାଞ୍ଚ କରି ପୋଲିସ ମୃତ ଯୁବକଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା । ଗାଁ ଲୋକଙ୍କ ସହ ତାଙ୍କ ଦାଦା ମୃତଦେହ ବ୍ୟବଚ୍ଛେଦ ଗୃହକୁ ଯାଇ ଅଭିରାମଙ୍କୁ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି । ଯୁବକ ଜଣଙ୍କ ଟ୍ରେନ ଆଗକୁ ଡେଇଁ କାହିଁକି ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ ବୋଲି ପୋଲିସ କହିଛି ।

# ବଦଳିଯାଉଛି ସାବିତ୍ରୀ ବ୍ରତର ଆଭିମୁଖ୍ୟ

**ଅଜୟ କୁମାର ମହାରଣା**
**ଖଣ୍ଡପଡା,୨।୬**

ସାବିତ୍ରୀ ବ୍ରତ ଏକ ନିଷ୍ଠା ଓ ସାଧନାର ବ୍ରତ । ଏହି ବ୍ରତକୁ ରାଜ୍ୟର ପ୍ରାୟ ପ୍ରତ୍ୟେକ ସଧବା ନାରୀ ନିଜ ସ୍ୱାମୀଙ୍କର ନିରାମୟ ଜୀବନ ଧାରଣ ତଥା ମଙ୍ଗଳ କାମନା କରି ପାଳନ କରିଥାନ୍ତି। ସ୍ୱାମୀ ସତ୍ୟବାନଙ୍କ ଜୀବନ ପାଇଁ ସାବିତ୍ରୀ ଯେପରି ଭାବେ କଠୋର ଭକ୍ତି , ସାଧନା ଓ ନିଷ୍ଠା ସହକାରେ ଏହି କଷ୍ଟପ୍ରଦ ବ୍ରତ ଧାରଣ କରିଥିଲେ, ସେପରି ନିଷ୍ଠା ଏବେ ଦେଖିବାକୁ ମିଳୁନି । ଆଧୁନିକତା ଛାପରେ ଏହି ବ୍ରତ ନିଜର ଆଭିମୁଖ୍ୟ ତଥା ମୌଳିକତା ହରାଇବାକୁ ବସିଛି । ଭକ୍ତି ନିଷ୍ଠା ପରିବର୍ତ୍ତେ ନିଜକୁ ଦେଖାଇ ହେବାର ମାନସିକତା ଅଧିକ ରହୁଛି । ଆଜିକାଲିର ସାବିତ୍ରୀ ବ୍ରତ ସ୍ୱାମୀମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ଫଳ ଓ ଲୁଗା ଦୋକାନୀଙ୍କ ଭଲ ରୋଜଗାରର ମାଧ୍ୟମ ହୋଇଛି। ଫଳରେ ପ୍ରାଚୀନ ପରମ୍ପରା ଫିକା ପଡୁଥିବା ବେଳେ ପ୍ରାଚୀନ ସଂସ୍କୃତି ଏବେ ହଜିବାକୁ ବସିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ପୂର୍ବରୁ ସଧବା ମହିଳାମାନେ ଶିଳ ଶିଳପୁଆକୁ ପଞ୍ଚାମୃତରେ ସ୍ନାନ କରାଇ ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜାଇ ସାବିତ୍ରୀ ରୂପେ ସ୍ଥାପନ କରି ଧୂପ, ଦୀପ, ପୁଷ୍ପ ଦେଇ ପୂଜା କରୁଥିବା ପରିଲକ୍ଷିତ ହେଉଥିଲା । ତେବେ ସମୟ ବଦଳିବା ସହିତ ଏଭଳି ପୂଜା କରିବାର ଶୈଳୀରେ ମଧ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏବେ ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜା କରାଯାଉଛି। ସେହିପରି ସାବିତ୍ରୀ ବ୍ରତ ଏବେ ଶାଢି ଗହଣା ପିନ୍ଧିବାର ମାଧ୍ୟମ ପାଲଟି ଥିବା କୁହାଯାଉଛି।

## ସେମାନେ କୁହନ୍ତି...



■ ସାମାଜିକ ଜୀବନକୁ ଅଧିକ ଶୃଙ୍ଖଳିତ ଓ ରୁଚିସମ୍ପନ୍ନ କରିବା ଲାଗି ପୁରାଣ ଶାସ୍ତ୍ରରେ ଅନେକପର୍ବପର୍ବାଣି ରହିଛି। ଏଥି ମଧ୍ୟରୁ ସାବିତ୍ରୀ ବ୍ରତ ଅନ୍ୟତମ । ସତୀ ସାବିତ୍ରୀଙ୍କ ସ୍ୱାମୀ ଅନୁରକ୍ତି ତଥା ସମର୍ପିତ ଭାବନା ହିଁ ଏହି ବ୍ରତର ଭିତ୍ତିଭୂମି ଓ ମୂଳ ଉତ୍ସ । । ଆଜି କାଲିର ମହିଳାମାନେ ଆଧୁନିକତାରୁ ଦୂରେଇଯାଇ ପରମ୍ପରା ପ୍ରତି ନିଷ୍ଠା, ଆନ୍ତରିକତା ଓ ସମ୍ମାନ ପ୍ରଦର୍ଶନ ନ କଲେ ଧର୍ମ,ପର୍ବ ପର୍ବାଣି ଓ ଓଷାବ୍ରତ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ।

**– ପ୍ରଦୀପ କୁମାର ଖଟେଇ, ଶିକ୍ଷକ, ବାଙ୍କୋଇ ସିଟି ସ୍କୁଲ ବୋଲଗଡ଼**



■ ପ୍ରାଚୀନ କାଳର ନାରୀମାନଙ୍କଠାରୁ ବର୍ତ୍ତମାନର ନାରୀ ସମାଜ ଖୁବ ପରିବର୍ତ୍ତନଶୀଳ । ବାହ୍ୟ ଆଡମ୍ବର ହିଁ ବର୍ତ୍ତମାନର ମୁଖ୍ୟ ଉପାଦାନ ପାଲଟିଛି। ତେବେ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ମାନବୀୟ ମୂଲ୍ୟବୋଧର ଆହ୍ୱାନରେ ନିଷ୍ଠା ଓ ଶ୍ରଦ୍ଧାର ସହ ଏହି ବ୍ରତ ପାଳିବା ବିଧେୟ । ଯାହା ଫଳରେ ସାମାଜିକ ଜୀବନରେ ନାରୀ ଓ ପୁରୁଷର ସଂପର୍କ ଦୃଢ ହେବା ସହ ପାରିବାରିକ ଜୀବନ ମଧ ସମୃଦ୍ଧ ହୋଇ ପାରିବ ।

**– ଲିଜା ରାଣୀ ସାହୁ, ଦୁରୁଦୁରା, ନୂଆଗାଁ, ଗୃହିଣୀ**



■ ସାବିତ୍ରୀ ବ୍ରତର ବେଳ ଆସିଲେ ବୋଉ କଥା ମନେପଡେ।୨/୪ ଦିନ ପୂର୍ବରୁ ଏକ ପବିତ୍ର ବାତାବରଣ ଖେଳିଯାଏ ଘରେ । ଶିଳ ଓ ଶିଳପୁଆ ସାଙ୍ଗକୁ ମେଞ୍ଚାମେଞ୍ଚା ହଳଦୀ ବଟାରେ ସତ୍ୟବାନ ଓ ସାବିତ୍ରୀଙ୍କ ରୂପଦେଇ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଦ୍ୱାରା ନାରୀମାନେ ହୁଳହୁଳି ଓ ଶଙ୍ଖ ନାଦ ପରିବେଶରେ ଏମିତି ପୂଜା କରନ୍ତି ଯାହାର ତୁଳନା ନାହିଁ। ଶେଷରେ ପୂଜକମାନେ ସାବିତ୍ରୀ ବ୍ରତର କଥା ବୋଲିବା ବେଳେ ସବୁ ସଧବା ନାରୀମାନେ ଆଖି ବନ୍ଦ କରି ନୀରବରହିବାର ଦୃଶ୍ୟ ଏକଦମ୍ ନିଆରା। କଥା ସରିବା ପରେ ବାପାଙ୍କ ଦୀର୍ଘ ଜୀବନ କାମନା କରି ବୋଉ ଭକ୍ତିର ସହ ଆଦ୍ର ଚକ୍ଷୁରେ ପାଦ ପୂଜା କରିବା ବେଳେ ଯେଉଁ ଗଦଗଦ ଭାବ ଉଦ୍ରେର୍ଗ ହୁଏ ତାହା ହୃଦୟରେ ଗଭୀର ଛାପ ଛାଡିଦିଏ । ଆଜିକାଲିର ନାରୀଙ୍କ ପାଖରେ ସେ ସବୁ ଦେଖିବାକୁ ମିଳେ ନାହିଁ।

**– ଶ୍ରୀନିବାସ ମିଶ୍ର, ଅବସରପ୍ରାପ୍ତ ଭାରତୀୟ ସୂଚନାସେବା ଅଧିକାରୀ,ଭୁବନେଶ୍ୱର**



■ ପ୍ରତ୍ୟେକ ହିନ୍ଦୁ ନାରୀ ବର୍ଷକୁ ଥରେ ଏହି ଦିନକୁ ଅପେକ୍ଷା କରିଥାନ୍ତି । ବିଶ୍ୱାସ ରହିଛି ସାବିତ୍ରୀ ବ୍ରତ ଦିନ ଉପାସ ରହି ଶିବଙ୍କୁ ପ୍ରାର୍ଥନା କଲେ ସ୍ୱାମୀମାନଙ୍କର ମଙ୍ଗଳ ହୁଏ। କିନ୍ତୁ ବର୍ଷକୁ ଗୋଟିଏ ଦିନ ଅପେକ୍ଷା, ସବୁଦିନ ପ୍ରାର୍ଥନା କଲେ ପ୍ରକୃତ ମଙ୍ଗଳ ହୋଇଥାଏ। କିନ୍ତୁ ଆଧୁନିକ ସଭ୍ୟତାକୁ ଦ୍ୱାହିଦେଇ ପରମ୍ପରା ଏବେ ଫେଶନରେ ପରିଣତ ହୋଇଛି । ପ୍ରକୃତ ଉପାସ, ସେବା ଓ ଭକ୍ତି ଆଉ ନାହିଁ। ମୁଁ ପ୍ରଥମ ଥର ପାଇଁ ସାବିତ୍ରୀ ବ୍ରତ ପାଳନ କରୁଛି । ବହୁତ ଖୁସୀ ଓ ଆନନ୍ଦ ପାଉଛି।

**– ସୁପ୍ରଭା ସାହୁ, ଶିକ୍ଷୟିତ୍ରୀ, ଢୋଲମରା**



■ ଏହି ବ୍ରତର ତାତ୍ପର୍ଯ୍ୟ ହେଲା ଅସୀମ ତ୍ୟାଗ ଓ ସତିତ୍ୱ ବଳରେ ସାବିତ୍ରୀ ମୃତ୍ୟୁକୁ ଜୟ କରିପାରିଥିଲେ। ସେହିପରି ସାଧାରଣତଃ ମହିଳାମାନେ ଅନ୍ୟାୟ, ଅନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ମାତ୍ର ଏବେ ଅଧିକାଂଶ ମହିଳାଙ୍କ ମଧ୍ୟରେ ସେଭଳି ଆଚରଣ ଦେଖାଯାଉନାହିଁ । ଆଚରଣ ଓ ଉଚ୍ଚାରଣରେ ତଫାତ୍ ରହୁଥିବାରୁ ଆତ୍ମ ସମୀକ୍ଷାର ବେଳ ଆସିଛି। କାରଣ ଆଧୁନିକତାର ଦ୍ୱାହିଦେଇ ଆମେ ଆମ ପରମ୍ପରାଠାରୁ ଦୂରେଇ ଯିବା ଯଥାର୍ଥ ନୁହେଁ । ଏଥି ପ୍ରତି ଆଜିର ନାରୀ ଦୃଷ୍ଟି ଦେବା ଉଚିତ୍।

**– ପ୍ରଭାତ ନଳିନୀ ଗଣ୍ଡିଆ, ଖଳିସାହି, ଖଣ୍ଡପଡା**

### ସାବିତ୍ରୀ ବ୍ରତ ଲାଗି ବଜାରରେ ଭିଡ଼

**ପୁରୀ ଅଫିସ, ୨।୬**

ସ୍ୱାମୀଙ୍କ ମଙ୍ଗଳ କାମନା କରି ସ୍ତ୍ରୀମାନେ ସାବିତ୍ରୀ ବ୍ରତ କରନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ରହିଛି। ମନ ପସନ୍ଦର ଶଙ୍ଖା, ଚୁଡି, ଶାଢୀ କିଣିବା ଲାଗି ଷ୍ଟେସନାରୀ ଏବଂ ଲୁଗାପଟା ଦୋକାନରେ ମହିଳାଙ୍କ ଭିଡ ଲାଗିଛି। ଅନ୍ୟପଟେ ପରିବା ବଜାରେ ଅନୁରୂପ ଭାବେ ଭିଡ ଲାଗିଛି। ଆମ୍ବ, ସପୁରୀ, କଦଳୀ, ଆପେଲ, ଅଙ୍ଗୁର, ଲିଚୁ, ପଣସ, ଖଜୁରୀ, କମଳା ଆଦି ବିଭିନ୍ନ ପ୍ରକାର ବ୍ରତରେ ପୂଜା ହୋଇଥାଏ। ଏହାର ଦର ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ବଜାରରେ ଗ୍ରାହକଙ୍କ ଖଚାଖଚ ଭିଡ ଜମିଛି। ବଡଶଙ୍ଖ ପରିବା ବଜାର, ମାର୍କେଟ ଛକ, ଜଗନ୍ନାଥ ବଲ୍ଲଭପାର୍କିଂ ସ୍ଥାନ ଫଳ ଉଠା ଦୋକାନୀରେ ଗ୍ରାହକ ମାନଙ୍କ ଭିଡ ଜମିଛି। ଜନୈକ ଗ୍ରାହକ ଉର୍ମିଳା ଦାଶ କୁହନ୍ତି ଦର ଆକାଶଛୁଆଁ ରହିଛି। ସାବିତ୍ରୀ ବ୍ରତ ଲାଗି ବାଧ ହୋଇ କିଣିବାକୁ ପଡୁଛି। ମାର୍କେଟ ଛକର ଜଣେ ବେପାରୀ କୁହନ୍ତି ଫନୀ ଯୋଗୁ ବଜାରକୁ ଫଳ ପ୍ରର୍ଯ୍ୟାପ୍ତ ମାତ୍ରାରେ ଆସିପାରିନାହିଁ। ଗ୍ରାହକ ଲକ୍ଷ୍ମୀଧର ପଣ୍ଡା କୁହନ୍ତି ଆମ୍ବ, ପଣସ ଆଦି କିଣିବାକୁ ଆସିଥିଲି। ତେବେ ଦର ଅଧିକା ରହିଛି। ବ୍ରତ ଲାଗି ଅଳ୍ପ ମାତ୍ରାରେ କିଣିଛି।

■ ଗ୍ୟାସ୍ ଟାଙ୍କି ଫାଟି ୪ ଗୁରୁତର ଘଟଣା: ନାବାଳକ ମୃତ

## ଆହତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଦାବି

**ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୨।୬**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଡିପିସାହିରେ ଗତ ୨୫ ତାରିଖରେ ଗ୍ୟାସ୍‌ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ୪ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ରବିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଲୁ ଘଟୁଆଳ (୧୧)। ବୁଲୁଙ୍କ ବାପା ଜିତେନ୍ଦ୍ର ଓ ଭାଇ ବିଜୟ କଟକ ବଡ଼ ମେଡ଼ିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ୨୫ ତାରିଖରେ ଜିତେନ୍ଦ୍ରଙ୍କ ଘରେ ଥିବା ଗ୍ୟାସ୍ ଲଗାଇବାରୁ ଏହା ଲାଗି ନ ଥିଲା। ଖରାପ ହୋଇଥିବ ଭାବି ଜିତେନ୍ଦ୍ର ସିଙ୍ଗାରପଲ୍ଲୀ ଗ୍ରାମରେ ଗ୍ୟାରେଜ କରିଥିବା ତାଙ୍କ ସମ୍ପର୍କୀୟ ଜଗନ୍ନାଥ ସେନାପତିଙ୍କୁ ଡାକିଥିଲେ। ଜଗନ୍ନାଥ ରାତ୍ର ୯ଟା ସମୟରେ ଗ୍ୟାସ୍ ସଜାଡି ଲାଇଟର ମାରୁଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ପରେ ଟାଙ୍କି ଫାଟିଯିବାରୁ ନିଆଁ ଘରସାରା ବ୍ୟାପିଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜିତେନ୍ଦ୍ର, ବିଜୟ, ବୁଲୁ ଓ ଜଗନ୍ନାଥ ନିଆଁ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଜଗନ୍ନାଥ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଜିତେନ୍ଦ୍ର ଓ ବିଜୟ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କୁ ବର୍ନ ୱାର୍ଡରେ ରଖିବା ପରିବର୍ତ୍ତେ ସାଧାରଣ ୱାର୍ଡରେ ରଖାଯାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସେହିଭଳି ଉପରେ ଫ୍ୟାନ ମଧ ବୁଲୁ ନ ଥିବା ଅଭିଯୋଗ କରିଛନ୍ତି। ଏମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପରିବାର ପକ୍ଷରୁ ଦାବି ହେଉଛି।



ଗୁରୁତର ହୋଇଥିବା ବ୍ୟକ୍ତି।



ସାବିତ୍ରୀ ପାଇଁ ନୟାଗଡ଼ ବଜାରର ଏକ ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼।

### ଛାତରୁ ଖସି ଜଣେ ମୃତ

**ପୁରୀ ଅଫିସ, ୨।୬**

ପୁରୀ ସଦର ଥାନା ଅନ୍ତର୍ଗତ ବାଲିପୁଟ ପଞ୍ଚାୟତ ବରଇଲେ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଛାତରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୂର୍ଯ୍ୟମଣି ବେହେରା। ରବିବାର ବାଲିଘାଇ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅସହ୍ୟ ଗୁଳଗୁଳିରୁ ତ୍ରାହି ପାଇବା ପାଇଁ ସୂର୍ଯ୍ୟମଣି ଶନିବାର ବିଳମ୍ବିତ ରାତିରେ ଛାତରେ ଶୋଇବାକୁ ଯାଇଥିଲେ। ଭୋର ସମୟରେ ଘନ ଅନ୍ଧକାରରେ ଅସବଧାନତା ବଶତଃ ସେ ଛାତରୁ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଉଦ୍‌ଘାଟନର ୩ ମାସ ବିତିଲା

## କାର୍ଯ୍ୟକ୍ଷମ ହେଲାନି ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ

**ଖଣ୍ଡପଡା,୨।୬(ସ୍ୱ.ପ୍ର.)**

ଖଣ୍ଡପଡା ସହରର ୧ ନଂ ୱାର୍ଡ ଅମଲାପଡାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସଦର ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ କାର୍ଯ୍ୟ ଖଣ୍ଡପଡା ପୂର୍ତ୍ତବିଭାଗ ପକ୍ଷରୁ କରାଯାଇଛି। ଖଣ୍ଡପଡାର ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଗତ ଫେବୃୟାରୀ ୨୮ ତାରିଖରେ ଏହି କାର୍ଯ୍ୟାଳୟଟି ଉଦ୍‌ଘାଟିତ ହୋଇଥିଲା। ମାତ୍ର ଉଦ୍‌ଘାଟନର ୩ ମାସ ପରେ ମଧ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନ ହୋଇ ସେଠାରେ ତାଲା ଝୁଲୁଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରସ୍ଥିତ ଏକ ଗୃହରେ ଅସ୍ଥାୟୀ ଭାବେ ସଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ପୂର୍ବପରି କାର୍ଯ୍ୟକରୁଛି। ତେବେ ସଦର ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟଟି କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂତନ କାର୍ଯ୍ୟାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ରାଜସ୍ୱ ନୀରିକ୍ଷକଙ୍କ ନୂତନ କାର୍ଯ୍ୟାଳୟ।

## ପୁରୀରେ ବ୍ୟାପିଲା ଝାଡାବାନ୍ତି: ଶତାଧିକ ଆକ୍ରାନ୍ତ, ନାବାଳକ ମୃତ

**ପୁରୀ ଅଫିସ, ୨।୬**

ଫନୀ ପରେ ପୁରୀ ଜିଲାରେ ପରିମଳ ବ୍ୟବସ୍ଥା ବିଗିଡ଼ିଯାଇଥିବାବେଳେ ଜିଲାର ଅନେକ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବଳିଆପଣ୍ଡା ବସ୍ତିରେ ଝାଡାବାନ୍ତିରେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମଙ୍ଗଳା ବସ୍ତିର ଆକାଶ ସ୍ୱାଇଁ(୧୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଗଣମାଧ୍ୟମ ଆଗରେ କହିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି ଏହାକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଝାଡାବାନ୍ତି ଖବରପାଇ ଜିଲା ଚିକିତ୍ସାଧିକାରୀ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକ ସ୍ୱାସ୍ଥ୍ୟ ଟିମ୍ ବସ୍ତିରେ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ସେ କହିଛନ୍ତି। ଗତ ଶୁକ୍ରବାର ମଙ୍ଗଳା ବସ୍ତିର ବଜ୍ରକିଶୋର ସ୍ୱାଇଁଙ୍କ ପୁଅ ରାକେଶଙ୍କୁ ଝାଡାବାନ୍ତି ହେବାରୁ ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଓପିଡିରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦେଇଥିଲେ। ପରବର୍ତ୍ତି ସମୟରେ ରାତି ୧୦ଟାରେ ରାକେଶଙ୍କ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ତାଙ୍କୁ ପୁଣି ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତୁର ଥିବାରୁ ଶିଶୁ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ବାସିନ୍ଦା ମୃତକଙ୍କ ପରିବାରଙ୍କୁ ଆର୍ଥୀକ ସହାୟତା ପ୍ରଦାନ ନେଇ ଦାବି କରିଛନ୍ତି। ବାତ୍ୟାରେ ବଳିଆପଣ୍ଡା ବସ୍ତି ଛାରଖାର ହୋଇଯାଇଥିଲା। ବାତ୍ୟା ପରେ ବସ୍ତିରେ ପାନୀୟଜଳ ଏବଂ ଖାଦ୍ୟ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିଲା। ଲୋକେ ରିଲିଫ ଏବଂ ବାହାରୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରଦତ୍ତ ରନ୍ଧାଖାଦ୍ୟ ଉପରେ ନିର୍ଭର କରୁଥିଲେ। ଗତ ୪ଦିନ ହେଲା ବସ୍ତିରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଥିଲା। ବସ୍ତି ବାସିନ୍ଦା ଏଣେତେଣେ ସ୍ଥାନରୁ ପାଣି ଆଣି ବ୍ୟବହାର କରୁଥିଲେ। ଫଳରେ ଏଭଳି ସ୍ଥିତି ଉପୁଜିଥିବା ଆଶଙ୍କା କରାଯାଇଛି।

## ବାଙ୍କୋଇ ରାମଲୀଳା ଯାତ୍ରାର ଅନ୍ତିମ ପର୍ବ ରାବଣପୋଡ଼ି

**ବୋଲଗଡ଼,୨।୬(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଠାରେ ଚାଲିଥିବା ରାମଲୀଳା ଯାତ୍ରାର ଅନ୍ତିମ ପର୍ବ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ରାମଲୀଳା ଯାତ୍ରା ପ୍ରାୟ ଏକମାସ ଧରି ଚାଲିଥିଲା। ଶନିବାର ରାତ୍ରିରେ ରାମଲୀଳା ସ୍ଥଳୀରେ ରାମରାବଣ ଯୁଦ୍ଧ ଦୃଶ୍ୟ ପରିବେଷିତ ହୋଇଥିଲା। ଗୋଟିଏ ପକ୍ଷରେ ରାମ, ଲକ୍ଷ୍ମଣଙ୍କ ସମେତ ତାଙ୍କ ସେନା ଓ ଅନ୍ୟପକ୍ଷରେ କାଷ୍ଠ ମୁଖାଧାରୀ ରାବଣ ଓ ଅନ୍ୟ କଳାକାର ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ। ମାତ୍ର ରାବଣ ନିହତ ଦୃଶ୍ୟ ନିଆରା ଭାବେ ଆୟୋଜିତ ହୋଇଥିଲା। ଏଥିପାଇଁ ଗ୍ରାମ ବାହାରେ ୪୦ ଫୁଟ ଉଚ୍ଚର ବାଉଁଶ ଓ କାଗଜରେ ନିର୍ମିତ ରାବଣର ପ୍ରତିକୃତି ରଖାଯାଇଥିଲା। ରାବଣର ସମସ୍ତ ୧୦ଟି ମୁଣ୍ଡରେ ୧୦ଟି ବାଣ ଖଞ୍ଜାଯାଇଥିଲା । ସେହିପରି ରାବଣ ପ୍ରତିକୃତିର ବକ୍ଷସ୍ଥଳରୁ ଏକ ତାର ଦ୍ୱାରା ପ୍ରାୟ ୫୦ ମିଟର ଦୂରତା ପର୍ଯ୍ୟନ୍ତ ବାଣ ସଂଯୋଗ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ରାମଲୀଳା ସ୍ଥଳୀରୁ ରାମ, ଲକ୍ଷ୍ମଣ ଓ ଅନ୍ୟ କଳାକାରମାନେ ରାବଣପୋଡି ସ୍ଥଳକୁ ଆସିଥିଲେ। ସେଠାରେ ରାମଲୀଳା ପୋଥି ସାଙ୍ଗକୁ ରାବଣ ନିହତ ପଠନ ସମୟରେ ରାମଚନ୍ଦ୍ରଙ୍କ ଅଭିନୟ କରୁଥିବା କଳାକାର ବ୍ରହ୍ମ ଶର ନିକ୍ଷେପ କରିଥିଲେ। ଅଗ୍ନି ସଂଯୋଗ କରାଯିବା କ୍ଷଣି ବାଣର ଗୁଳାଟି ଯାଇ ରାବଣ ପ୍ରତିକୃତିର ବକ୍ଷଭେଦ କରିଥିଲା। ଗୋଟିଏ ପରେ ଗୋଟିଏ ଏପରି ୧୦ଯାକ କାଗଜ ନିର୍ମିତ ମୁଣ୍ଡ ଛିଣ୍ଡିପଡିଥିଲା। ରାବଣ ନିହତର ଏହି ଦୃଶ୍ୟ ଆକର୍ଷଣୀୟ ହୋଇଥିଲା। ଏହାସହିତ ଆତସବାଜି ପ୍ରତିଯୋଗିତା ହୋଇଥିଲା। ଏହି ଦୃଶ୍ୟକୁ ଉପସ୍ଥିତ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ରବିବାର ପୂର୍ବାହ୍ନରେ ରାମଲୀଳା ସ୍ଥଳୀରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଛି।



ବାଉଁଶ ଓ କାଗଜରେ ନିର୍ମିତ ରାବଣ ପ୍ରତିକୃତି।

## ରାସ୍ତାପାର୍ଶ୍ୱରେ ଉଠା ଦୋକାନ ଯୋଗୁ ଟ୍ରାଫିକ ସମସ୍ୟା

**ଖଣ୍ଡପଡା,୨।୬(ସ୍ୱ.ପ୍ର.)**

ନୟାଗଡ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡା-କଣ୍ଟିଲୋ ରାସ୍ତା କଡରେ ଥିବା ଖଳିସାହି ବଜାର ଓ ଯାତ୍ରାପଡା ବଜାର ଛକରେ ଉଠା ଦୋକାନୀମାନେ ପସରା ମେଲାଇ ଥିବାରୁ ସଦାସର୍ବଦା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଭାରି ଯାନବାହନ ଓ ଯାତ୍ରୀବାହୀ ବସ୍‌ଗୁଡିକ ଉକ୍ତ ରାସ୍ତା ଦେଇ ଯାତାୟତ କଲାବେଳେ ଖଳିସାହି ଓ କଣ୍ଟିଲୋ ଛକ ବଜାର ମଧ୍ୟରେ ଦୀର୍ଘ ସମୟଧରି ଅଟକି ରହୁଛି। ଉଠା ଦୋକାନ ଯୋଗୁ ମୁଖ୍ୟ ରାସ୍ତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଯାହାକି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାରେ ମୁଖ୍ୟ କାରଣ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଣଓସାରିଆ ରାସ୍ତାରେ ଭାରି ଯାନବାହନ ଗୁଡିକ ଚଳାଚଳ ଯୋଗୁଁ ଅଧିକାଂଶ ସମୟରେ ଛୋଟବଡ ଦୁର୍ଘଟଣା/ଅଘଟଣ ଘଟି ଧନଜୀବନ ନଷ୍ଟ ହେଉଥିବାର ନଜିର ରହିଛି। ସେହିପରି ଖଳିସାହି ଲିଙ୍ଗରାଜ ନୋଡାଲ ୟୁ.ପି.ଏମଇ ବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଅନେକ କ୍ୟାବିନ ଥିବା ଯୋଗୁଁ ବିଦ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତ୍ୟହ କଣ୍ଟିଲୋ ବଜାର ଛକ ମନ୍ଦିରକୁ ଯିବା ରାସ୍ତାରେ ପନିପରିବା, ଫଳ ଦୋକାନ ବିଶେଷ କରି ସ୍ଥାନୀୟ ପୋଲିସ ପ୍ରଶାସନର ଉପସ୍ଥିତିରେ ରାସ୍ତାପାର୍ଶ୍ୱ ଜନ ଗହଳୀ ପୂର୍ଣ୍ଣ ରାସ୍ତା ଓ ମହାନଦୀକୁ ପ୍ରତ୍ୟହ ସ୍ନାନ ଶୌଚାଦି ପାଇଁ ଯାଉଥିବା ଶହ ଶହ ମହିଳା ଓ ଜନସାଧାରଣଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିଲେ ମଧ ସ୍ଥାନୀୟ ପୋଲିସ ଏହାର ପ୍ରତିକାର ଦିଗରେ ବିଫଳ ହେଉଛି। ଖଳିସାହି ବଜାର ମଧ୍ୟସ୍ଥ ମୁଖ୍ୟ ରାସ୍ତା ପାର୍ଶ୍ୱରୁ କ୍ୟାବିନ ଗୁଡିକୁ ତୁରନ୍ତ ଅନ୍ୟତ୍ର ହଟାଇଦେବା ସହ କଣ୍ଟିଲୋ ବଜାର ଛକ ମଧ୍ୟରେ ସମସ୍ୟା ସୃଷ୍ଟି କରୁଥିବା ଦୋକାନଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତରିତ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଓ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ରାସ୍ତା ପାର୍ଶ୍ୱରେ ଦୋକାନ ଯୋଗୁ ଯାତାୟତରେ ସମସ୍ୟା ଦେଖାଦେଇଛି।